
ବିଜୟ ସଲଗାଓଁକର ଚରିତ୍ରରେ ଅଜୟ | ୮


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar








RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୬୪ Vol. 22 No-64 4 JUNE 2025 WEDNESDAY, BHUBANESWAR ବୁଧବାର, ୪ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ବେଆଇନ୍ ବନ୍ଧୁକ କାରଖାନା ଠାବ, ୩ ଗିରଫ

ନୟାଗଡ ୩।୬ (ଭାସ୍କର ନ୍ୟୁଜ୍) : ନୟାଗଡ ଜିଲ୍ଲାର ଦଶପଲ୍ଲାଠାରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ଚଢ଼ାଉ କରି ଏକ ବେଆଇନ ବନ୍ଧୁକ କାରଖାନା ଠାବ କରିଛି। ଏହି ଘଟଣାରେ ତିନିଜଣଙ୍କୁ ଗିରଫ କରାଯାଇ ପଚରାଉଚରା ଜାରି କରାଯାଇଛି। ଗୋଟିଏ ଦେଶୀ ଡିବିବିଏଲ୍ ପିସ୍ତଲ ଏବଂ ଗୋଟିଏ ଦେଶୀ ଏସ୍‌ବିଏମ୍‌ଏଲ୍ ବନ୍ଧୁକ ସହ ବହୁ ପରିମାଣର ବନ୍ଧୁକ ପ୍ରସ୍ତୁତ ସାମଗ୍ରୀ ପ୍ରସ୍ତୁତ କରାଯାଇଛି। ଏନେଇ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି।

### ପତ୍ନୀଙ୍କୁ ପିଟିପିଟି ହତ୍ୟା

ଉଦଳା ୩।୬ (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ କୁଟିଲିଙ୍ଗ ବନ୍ଧ ସାହିରେ ଜଣେ ବ୍ୟକ୍ତି ପାରିବାରିକ କଳହକୁ କେନ୍ଦ୍ର କରି ନିଜ ପତ୍ନୀଙ୍କୁ ଚୁଲି ଫୁଙ୍କାରେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି ପଚରାଉଚରା ଚଳାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।


### ଶିଶୁ କନ୍ୟାକୁ କଚାଡି ମାରି ଦେଲା ବାପା

ପରଜଙ୍ଗ,୩।୬(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କଣ୍ଡାପାଳ ୪ନଂ କଲୋନୀ ଅନ୍ତର୍ଗତ ନୋଟାରୀପଶିରେ ବୀଭତ୍ସ ହତ୍ୟା। ୭ ମାସର ଶିଶୁ କନ୍ୟାକୁ କଚାଡି ମାରିଲା ପିଶାଚ ବାପା। ପାରିବାରିକ କଳହରୁ ଶିଶୁ କନ୍ୟାକୁ ହତ୍ୟା କରିଛି ଅଭିଯୁକ୍ତ ବାପା ସଞ୍ଜୟ ଚାତର। ତେବେ ଘଟଣାସ୍ଥଳରେ ଅଭିଯୁକ୍ତ ସଞ୍ଜୟକୁ ବହେ ଛେଚିଛନ୍ତି ସ୍ଥାନୀୟ ବାସିନ୍ଦା।

ସେନ୍‌ସେକ୍ସ: ୮୧,୪୫୧.୦୧
ସର୍ବାଧିକ: ୩୭.୪ ଡିଗ୍ରୀ
ସର୍ବନିମ୍ନ: ୨୮.୮ ଡିଗ୍ରୀ

**୩।୬ ।୨୦୨୫ ର ମତାମତ**

କରେନା ସଂକ୍ରମଣ ନେଇ ସମସ୍ତେ ସଚେତନ ହେବା ଉଚିତ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

ରାଜଧାନୀ ଭୁବନେଶ୍ୱରରେ ଡ୍ରେନେଜ୍ ସିଷ୍ଟମରେ ଉନ୍ନତି ହେବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଏପଟେ ଗରମ ମରମ ଜଳାଏ
ସେପଟେ ଡରାଏ କରୋନା,
ପନିପରିବା'ର ଦରଦାମ୍ କଥା
ମନରେ କାହାର ପଡ଼େନା ।
ସେପଟେ ଯୁଦ୍ଧର ଭାବନା,
ସବୁରି ମନକୁ କରେ ତନାଘନା
ହେଲ କିଛି କଥା ଛିଡ଼େନା !!

---

ପଞ୍ଜାବକୁ ୬ରନ୍‌ରେ ହରାଇଲା ଆରସିବି

# ବେଙ୍ଗାଲୁରୁ ଆଇପିଏଲ୍ ଚାମ୍ପିଅନ୍

**୧୮ବର୍ଷ ପ୍ରତୀକ୍ଷାର ଅନ୍ତ**
**ପଞ୍ଜାବର ସ୍ୱପ୍ନ ଧୂଳିସାତ୍**
**ସୁଯୋଗ ଛାଡି ନଥିଲା ଆର୍‌ସିବି**



ଅହମ୍ମଦାବାଦ ୩।୬: ଦୀର୍ଘ ୧୮ ବର୍ଷ ପ୍ରତୀକ୍ଷାର ଘଟିଲା ଅନ୍ତ। ଶେଷରେ ଆଇପିଏଲ୍ ଟ୍ରଫି ଜିତିବାରେ ସଫଳ ହେଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ। ଚତୁର୍ଥ ଥର ଫାଇନାଲ୍‌ରେ ବିଜୟ ମୁକୁଟ ପିନ୍ଧି ପାରିଛି ରଜତ ପାଟିଦାରଙ୍କ ଆରସିବି। ଏଥିସହ ଇଣ୍ଡିଆନ ପ୍ରିମିୟର ଲିଗ୍‌କୁ ମିଳିଛି ନୂଆ ବିଜେତା। ଅନ୍ୟପଟେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ୍ସର ପ୍ରଥମ ଟାଇଟଲ୍ ଜିତିବାର ସ୍ୱପ୍ନ ଧୂଳିସାତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ୯ ୱିକେଟ୍ ହରାଇ ୧୯୦ ରନ କରିଥିଲା। ଜବାବରେ ପଞ୍ଜାବ ୧୮୪ ରନ କରି ପାରିଛି। ଆରସିବି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି କୃଣାଲ ପାଣ୍ଡ୍ୟା। ସେ ୪ ଓଭର ବୋଲିଂ କରି ମାତ୍ର ୧୭ ରନ ଦେଇ ୨ଟି ମୁଖ୍ୟ ୱିକେଟ୍ ନେଇଛନ୍ତି। ଏହା ପୂର୍ବରୁ ଆରସିବି ୨୦୦୯, ୨୦୧୧ ଓ ୨୦୧୬ରେ ଫାଇନାଲ୍‌ରେ ପହଞ୍ଚି ନିରାଶ ହୋଇଥିଲା। ହେଲେ ଏଥର ମିଳିଥିବା ସୁଯୋଗକୁ ହାତଛଡ଼ା କରିନି ଆରସିବି। ୧୯୧ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ପଞ୍ଜାବକୁ ପ୍ରଭସିମରନ ଓ ପ୍ରିୟାଂଶ ଆର୍ଯ୍ୟ ଭଲ ଆରମ୍ଭ ଦେଇଥିଲେ। ଦୁହେଁ ଓପନିଂରେ ୪୩ ରନ ଯୋଡ଼ିଥିଲେ। ପ୍ରିୟାଂଶ ୨୪ ରନ କରି ଆଉଟ୍ ହୋଇଥିଲେ। ଏହା ପରେ କ୍ରିଜରେ ସେଟ୍ ହୋଇ ସାରିଥିବା ପ୍ରଭସିମରନ ସିଂ ୨୨ ବଲୁ ୨୬ ରନର ଧୀମା ଇନିଂସ ଖେଳି ଆଉଟ୍ ହୋଇଥିଲେ। ତେବେ ଶ୍ରେୟସ ଆୟର ୧ ରନ କରି ଆଉଟ୍ ହେବା ପଞ୍ଜାବ କିଙ୍ଗ୍ସର ବିଜୟ ଆଶାକୁ ବଡ଼ ଧକ୍କା ଦେଇଥିଲା। ଜୋଶ ଇଙ୍ଗ୍ଲିଶ ବିସ୍ଫୋରକ ବ୍ୟାଟିଂ କରି ୩୯ ରନ କରିଥିଲେ। ହେଲେ ସଠିକ ସମୟରେ ଆଉଟ୍ ହେବା ପଞ୍ଜାବର ବିଜୟ ଆଶା ମଉଳି ଯାଇଥିଲା। ମାର୍କସ ଷ୍ଟୋଇନିସ(୬) କିଛି ଖାସ୍ କରି ପାରି ନ ଥିଲେ। ଶେଷ ଆଡ଼କୁ ଶଶାଙ୍କ ସିଂ ଏକାକୀ ସଂଘର୍ଷ କରିଥିଲେ ହେଁ ତାହା ଦଳ ପାଇଁ ପର୍ଯ୍ୟାପ୍ତ ନ ଥିଲା। ଶଶାଙ୍କ ୩୦ ବଲରୁ ୩ ଚୌକା ଓ ୬ ଛକା ସହ ୬୧ ରନର ଅପରାଜିତ ଇନିଂସ ଖେଳିଥିଲେ। ଶେଷରେ ପଞ୍ଜାବ ୭ ୱିକେଟ୍ ହରାଇ ୧୮୪ ରନ କରି ପାରିଥିଲା।

---

ବିସ୍ଫୋରକ ଲୁଟ୍ ଘଟଣା ପରେ ତନାଘନା

# ସବୁ ବିସ୍ଫୋରକ ଗୋଦାମରେ ଯାଞ୍ଚ

ବଣେଇ, ୩।୬ (ଭାସ୍କର ନ୍ୟୁଜ୍) : ପଶ୍ଚିମାଞ୍ଚଳ ଡିଆଇଜିଙ୍କ ନିର୍ଦ୍ଦେଶରେ ତିନୋଟି ପୋଲିସ ଜିଲ୍ଲାରେ ଥିବା ସମସ୍ତ ବିସ୍ଫୋରକ ଗୋଦାମରେ ଯାଞ୍ଚ ଆରମ୍ଭ ହୋଇଛି। ରାଉରକେଲା, ସୁନ୍ଦରଗଡ ଓ କେନ୍ଦୁଝରରେ ଥିବା ସମସ୍ତ ଗୋଦାମର ଯାଞ୍ଚ କରାଯିବ ବୋଲି ପଶ୍ଚିମାଞ୍ଚଳ ଡିଆଇଜି ସୂଚନା ଦେଇଛନ୍ତି। ନିର୍ଦ୍ଦେଶ ମିଳିବା ପରେ ବଣାଇ ତଳିକା ନିକଟ ନୂଆପାଲିରେ ଥିବା ଏକ ବାରୁଦ ଗୋଦାମରେ କାଗଜପତ୍ର ଯାଞ୍ଚ କରାଯାଉଛି। ସେହିପରି ବିଭିନ୍ନ ଖଣିରେ ମଧ୍ୟ ସ୍ୱତନ୍ତ୍ର ଭାବେ ଚଢ଼ଉ ଆରମ୍ଭ କରିଛି। ଖଣିରେ କେତେ ପରିମାଣର ବିସ୍ଫୋରକ ଅଛି, କେତେ ପରିମାଣର ବିସ୍ଫୋରକ ରଖିବାର ଅନୁମତି ମିଳିଛି ସେ ନେଇ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରୁଥିବା ସୁନ୍ଦରଗଡ ଏସ୍‌ପି ପ୍ରତ୍ୟୁଷ ଦିବାକର ସୂଚନା ଦେଇଛନ୍ତି। କେନ୍ଦୁଝର ଜିଲ୍ଲାର ୧୦ଟି ଥାନା ଅଞ୍ଚଳରେ ୨୫ଟି ସ୍ଥାନରେ ଥିବା ୩୪ଟି ବିସ୍ଫୋରକ ଗୋଦାମରେ ପୋଲିସର ଯାଞ୍ଚ ଚାଲିଛି। ୪ଟି ଗୋଦାମ ବନ୍ଦ ଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏଥିସହ ଜିଲ୍ଲାର ସମସ୍ତ ବିସ୍ଫୋରକ ଗୋଦାମର ମାଲିକଙ୍କୁ ନେଇ ପୋଲିସ ପକ୍ଷରୁ ଏକ ସଚେତନତା ବୈଠକ କରାଯିବ ବୋଲି ଏସ୍‌ପି କହିଛନ୍ତି। ଯେଉଁମାନେ ନିୟମର ଖିଲାପ କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେଉଁଝରର ଏସ୍‌ପି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ନିକଟରେ ମାଓବାଦୀମାନେ ଗୋଟିଏ ବିସ୍ଫୋରକ ଭର୍ତ୍ତି ଟ୍ରକ୍‌କୁ ଲୁଟି ନେବା ପରେ ଏହାକୁ ଉଦ୍ଧାର କରିବା ପାଇଁ ଏବେ ବି ପ୍ରୟାସ ଜାରି ରହିଛି। ପୋଲିସ, ଏନ୍‌ଆଇଏ ଏବଂ ସିଆର୍‌ପିଏଫ୍ ମିଳିତଭାବେ ଅନୁସନ୍ଧାନ ଜାରି ରଖିଛନ୍ତି।



### ବିସ୍ଫୋରକ ଲୁଟ୍ ମାମଲାରେ ଗୋଦାମ ମାଲିକ ଗିରଫ

ରାଉରକେଲା, ୩।୬ (ଭାସ୍କର ନ୍ୟୁଜ୍) : ବହୁ ଚର୍ଚ୍ଚିତ ବିସ୍ଫୋରକ ସାମଗ୍ରୀ ଲୁଟ୍ ମାମଲାରେ ପୋଲିସ ଜଣେ ଗୋଦାମ ମାଲିକ ଶ୍ରବଣ କୁମାର ଅଗ୍ରୱାଲଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଗତ ସୋମବାର ସରଣ୍ଡାର ଘଞ୍ଚ ଜଙ୍ଗଲରୁ ୨.୫ଟନ୍ ବିସ୍ଫୋରକ ଜବତ କରାଯାଇଥିଲା। ଏନେଇ ରାଉରକେଲା ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପୂର୍ବରୁ ମେ ମାସ ୩୦ତାରିଖରେ ମଧ୍ୟ ଝାଡଖଣ୍ଡ ଚାଇଁବସା ପୋଲିସ ସରଣ୍ଡା ଜଙ୍ଗଲରୁ ୧୫୭କେଜି ଲୁଟ୍ ବିସ୍ଫୋରକ ଜବତ କରିଥିଲା। ମାଓବାଦୀମାନେ ତିରିଲିପୋଷିଠାରେ ଥିବା ଏକ ପାହାଡରେ ଏହି ବିସ୍ଫୋରକକୁ ଲୁଚାଇ ରଖିଥିଲେ। ● ପୃଷ୍ଠା ୫ ଦେଖନ୍ତୁ

---

ଅଦିନିଆ ବର୍ଷା କ୍ଷୟକ୍ଷତି ଆକଳନ

# ତିନି ଦିନରେ ଜିଲ୍ଲାପାଳଙ୍କ ରିପୋର୍ଟ



ଭୁବନେଶ୍ୱର ୩।୬ (ଭାସ୍କର ନ୍ୟୁଜ୍) : ଅଦିନିଆ ବର୍ଷାରେ ଓଡ଼ିଶାର ଅନେକ ସ୍ଥାନରେ ବ୍ୟାପକ କ୍ଷତି ଘଟିଛି। ଅଦିନିଆ ବର୍ଷାରେ ଧାନ ନଷ୍ଟ ପାଇଁ ଇନ୍‌ପୁଟ ସବ୍‌ସିଡ୍ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଜିଲ୍ଲାପାଳଙ୍କୁ ତିନି ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଫସଲ ନଷ୍ଟ ରିପୋର୍ଟ ଆସିବା ମଧ୍ୟ ଆରମ୍ଭ ହୋଇଯାଇଛି। ଖୁବ୍ ଶୀଘ୍ର ସହାୟତା ପ୍ରଦାନ କରାଯିବ। ତେବେ ଆଗାମୀ ମୌସୁମୀ ବର୍ଷାକୁ ନଜରରେ ରଖି ସରକାର ସଂପୂର୍ଣ୍ଣ ପ୍ରସ୍ତୁତ ବୋଲି ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ଦୁଇ ସପ୍ତାହ ହେବ ତାତିର ପ୍ରଭାବ ନଥିଲା। ମୌସୁମୀ ଆଗମନରେ ସାରା ରାଜ୍ୟରେ ବର୍ଷା ମଧ୍ୟ ହୋଇଥିଲା। ମୌସୁମୀର ସ୍ପର୍ଶରେ ପୁରା ଓଡ଼ିଶାରେ ଥଣ୍ଡା ପଡିଯାଇଥିଲା। ତେବେ ଦୁଇ ତିନିଦିନ ହେବ ମୌସୁମୀର ଆଉ ଦେଖା ନାହିଁ। ଫଳରେ ରବିବାରଠାରୁ ଭୀଷଣ ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇଛି। ଭାରତୀୟ ପାଣିପାଗ ବିଭାଗର ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଆଗାମୀ ୭ଦିନ ଯାଏଁ ମୌସୁମୀ ନିଷ୍କ୍ରିୟ ରହିବ। ଜଳବାୟୁ ସ୍ଥିତି ଅନୁକୂଳ ନଥିବାରୁ ମୌସୁମୀ ଆଗକୁ ଅଗ୍ରସର ହେବ ନାହିଁ। ତେବେ ମୌସୁମୀ ଏବେ ଅଗ୍ରସର ନହେଲେ ବି ଏହାକୁ ଆଗୁଆ ବୋଲି ଧରାଯିବ। ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ, ଏବେ ମୌସୁମୀ ଆଗକୁ ବଢୁନଥିବାରୁ ବର୍ଷାର ସମ୍ଭାବନା ନାହିଁ। କାହାଭାଁ ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହୋଇପାରେ। କିନ୍ତୁ ଅଧିକାଂଶ ସ୍ଥାନରେ ବର୍ଷା ହେବ ନାହିଁ ବୋଲି ବିଭାଗ ପୂର୍ବାନୁମାନ କରିଥିବା ସେ ସୂଚନା ଦେଇଥିଲେ।

---

■ ଦେବଗଡକୁ ୨୦୫କୋଟିର ପ୍ରକଳ୍ପ ଭେଟିଦେଲେ ମୁଖ୍ୟମନ୍ତ୍ରୀ ■

# ଅଗ୍ରଣୀ ଜିଲ୍ଲା ଭାବେ ଗଢ଼ି ତୋଳିବା ଲକ୍ଷ୍ୟ

- ବିକାଶର ମୁଖ୍ୟସ୍ରୋତରେ ସାମିଲ ହେବ ଦେବଗଡ
- ୧୫ଟି ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ
- କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ସହାୟତା ଘୋଷଣା



ଦେବଗଡ/ଭୁବନେଶ୍ୱର ୩।୬ (ଭାସ୍କର ନ୍ୟୁଜ) : ଦେବଗଡକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଙ୍ଗଳବାର ଦେବଗଡ ଜିଲ୍ଲା ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨୦୫କୋଟି ଟଙ୍କା ମୂଲ୍ୟର ୧୫ଟି ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ଦେବଗଡ ଜିଲ୍ଲାର ୩୦୦ ଶଯ୍ୟା ବିଶିଷ୍ଟ ନବ ନିର୍ମିତ ଡାକ୍ତରଖାନାକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ପ୍ରକଳ୍ପ ଗୁଡିକ ମଧ୍ୟରେ ସ୍ୱାସ୍ଥ୍ୟ ସେବା ପ୍ରକଳ୍ପ ଓ ୪ଟି ଶିକ୍ଷା ଭିତ୍ତିଭୂମି ଉନ୍ନତିକରଣ ପ୍ରକଳ୍ପ ରହିଛି। ସେହିପରି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କ ପାଇଁ ୪୧.୧୭କୋଟିର ସହାୟତା ରାଶି ଘୋଷଣା କରିଥିଲେ। କେନ୍ଦୁପତ୍ର ତୋଳାଳିଙ୍କ ଚପଲ ପାଇଁ ୧୬୦ ଟଙ୍କା, କେରି ସଂଗ୍ରହ କପଡା ପାଇଁ ୨୦୦ଟଙ୍କା, ତୋଳାଳି ଓ ସିଜିନାଲ ଷ୍ଟାଫ୍‌ଙ୍କ ଟୋପି ପାଇଁ ୧୦୦ଟଙ୍କା ଏବଂ ବନ୍ଧାଳିଙ୍କ ପାଇଁ ମଶାରୀ ଓ କମ୍ବଳ ପାଇଁ ୭୦୦ଟଙ୍କା ଜଣ ପିଛା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ● ପୃଷ୍ଠା ୫ ଦେଖନ୍ତୁ

---

### ଛାତ ଭୁଶୁଡି ଜଣେ ମୃତ ୨ ଗୁରୁତର

ଭୁବନେଶ୍ୱର ୩।୬ (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ପୋଖରୀପୁଟର ଲିଙ୍ଗରାଜ ବିହାରଠାରେ ଏକ ପୁରୁଣା କୋଠାର ଛାତ ଭାଙ୍ଗିବା ବେଳେ ଏହା ହଠାତ୍ ଭୁଶୁଡି ପଡିବାରୁ ୩ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣଙ୍କର ମୃତ୍ୟୁ ଘଟିଛି। ଏପରିକି ସେମାନେ ଭଙ୍ଗା ଛାତ ତଳେ ବେଶ୍ କିଛି ସମୟ ଚାପି ହୋଇ ରହିଯାଇଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ତେବେ ଗୁରୁତର ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ଅନ୍ୟ ଜଣେ ଶ୍ରମିକ ଚାପି ହୋଇ ରହିଯାଇଥିବା ନେଇ କୁହାଯାଉଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କେନ୍ଦ୍ରୀୟ ଡେପୁଟେସନ୍‌ରେ ଯିବେ ଆଶିଷ ଠାକ୍‌ରେ

ଭୁବନେଶ୍ୱର ୩।୬ (ଭାସ୍କର ନ୍ୟୁଜ୍) : ଓଡ଼ିଶା କ୍ୟାଡରର ଆଉ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନରେ ଯିବେ। ରାଜସ୍ୱ ବୋର୍ଡର ସଚିବଭାବେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ଆଶିଷ ଠାକରେଙ୍କୁ କେନ୍ଦ୍ର ସାମାଜିକ ଭିନ୍ନକ୍ଷମ ଓ ସଶକ୍ତିକରଣର ନିର୍ଦ୍ଦେଶକଭାବେ ଦାୟିତ୍ୱ ଦିଆଯାଇଛି। ୨୦୧୧ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀ ଦିଲ୍ଲୀରେ ୫ବର୍ଷ ପର୍ଯ୍ୟନ୍ତ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ରହିବେ। ଏନେଇ କେନ୍ଦ୍ର କାର୍ମିକ ଓ ତାଲିମ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତିନି ସପ୍ତାହ ମଧ୍ୟରେ କାର୍ଯ୍ୟରେ ଯୋଗ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏନେଇ ମୁଖ୍ୟ ସଚିବଙ୍କୁ ନେଇ ମଧ୍ୟ ଅବଗତ କରାଯାଇଥିବା ସୂଚନା ଦିଆଯାଇଛି।

---

ଶ୍ରୀମନ୍ଦିର ପ୍ରଶାସନ ସହ ସେବାୟତଙ୍କ ବୈଠକ

# ଶୃଙ୍ଖଳିତ ହେବ ସ୍ନାନଯାତ୍ରା ଓ ରଥଯାତ୍ରା



ପୁରୀ ୩।୬ (ଭାସ୍କର ନ୍ୟୁଜ) : ଚଳିତ ବର୍ଷ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ସ୍ନାନ ଯାତ୍ରା ଏବଂ ରଥଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ସହ ସେବାୟତଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳ ଅଧକ୍ଷତା କରି ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ବିଭିନ୍ନ ନିଯୋଗର ସେବାୟତଙ୍କ ଆଲୋଚନା କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ସଠିକ ସମୟରେ ନୀତିକାନ୍ତି କରିବା ନେଇ ଆଲୋଚନା ହୋଇଛି। ମହାପ୍ରଭୁଙ୍କ ପହଣ୍ଡି ସମୟରେ ସୀମିତ ଏବଂ ଦକ୍ଷ ସେବାୟତ ରହିବା ସହ ମହାପ୍ରଭୁଙ୍କ ସାମ୍ନାରେ ଅଧିକାଂଶ ସେବାୟତ ଠିଆ ହୋଇ ନରହିବା ଲାଗି ଗୁରୁତ୍ୱ ଦିଆଯାଇଛି। ସେହିପରି ମହାପ୍ରଭୁଙ୍କ ଜଳ ଲାଗି ସମୟରେ ପାଳିଆ ସେବାୟତଙ୍କ ସମେତ ନିର୍ଦ୍ଦିଷ୍ଟ ସେବାୟତ ଗୋଷ୍ଠି ଉପସ୍ଥିତ ରହି ନୀତି ସମ୍ପାଦନ କରିବା ଏବଂ ମହାପ୍ରଭୁଙ୍କ ହାତୀ ବେଶକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ବୈଠକରେ ଆଲୋଚନା କରାଯାଇଛି। ସ୍ନାନଯାତ୍ରା ଓ ରଥଯାତ୍ରାର ବ୍ୟବସ୍ଥାବଳି ଉପରେ ମଧ୍ୟ ଆଲୋଚନା କରାଯିବା ସହ ଶୃଙ୍ଖଳିତ ନୀତିକାନ୍ତି ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ମହାପ୍ରଭୁଙ୍କ ଆଗାମୀ ସ୍ନାନଯାତ୍ରା ଓ ରଥଯାତ୍ରା ଲାଗି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ପୁରୀଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶୃଙ୍ଖଳିତ ସ୍ନାନ ଯାତ୍ରା ଲାଗି ସମସ୍ତ ସେବାୟତଙ୍କ ସହ ଉତ୍ତମ ସମନ୍ୱୟରେ କିଭଳି ନୀତିକାନ୍ତି ସମ୍ପାଦନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ବିଗତବର୍ଷର ତ୍ରୁଟି ସୁଧାରିବା ଲାଗି ପ୍ରଶାସନ ସହ ସେବାୟତମାନେ ଆଲୋଚନା କରିଥିଲେ। ଆସନ୍ତା ୧୧ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ସ୍ନାନ ବେଦୀକୁ ଶୃଙ୍ଖଳିତ ପହଣ୍ଡି ଏବଂ ଜଳ ଲାଗି ସହ ହାତୀ ବେଶକୁ ଶୃଙ୍ଖଳିତ ଭାବେ କରିବା ନେଇ ଆଜିର ବୈଠକରେ ବିଶେଷ ଆଲୋଚନା କରାଯାଇଥିଲା। ଅନ୍ୟପଟେ ଗତବର୍ଷ ମହାପ୍ରଭୁଙ୍କ ପହଣ୍ଡି ସମୟରେ ଘଟିଥିବା ଅଘଟଣକୁ ରୋକିବା ଲାଗି ବିଶେଷ ଗୁରୁତ୍ୱ ଦିଆଯାଇଛି। ପହଣ୍ଡି ସମୟରେ ବରିଷ୍ଠ ସେବାୟତଙ୍କ ସହ ଯୁବ ସେବାୟତମାନେ ରହି କାର୍ଯ୍ୟ ସମ୍ପାଦନ କରିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟବସ୍ଥାବଳୀକୁ ସଠିକ ଭାବେ ଅନୁପାଳନ କରିବା ଏବଂ ସ୍ନାନଯାତ୍ରା ଠାରୁ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତିକୁ ସଠିକ ଭାବେ ପରିଚାଳନା କରିବା ନେଇ ଗୁରୁତ୍ୱ ଦିଆଯାଇଛି। ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ବ୍ୟାପକ ବ୍ୟବସ୍ଥା କରିବା ନେଇ ଆଜିର ବୈଠକରେ ଆଲୋଚନା କରାଯାଇଥିଲା। ସ୍ନାନଯାତ୍ରା ପ୍ରଥମେ ଅନୁଷ୍ଠିତ ହେବାକୁ ଥିବା ବେଳେ ବିଭିନ୍ନ ନିଯୋଗର ସେବାୟତଙ୍କ ସହ ଆଲୋଚନା କରାଯାଇ ତ୍ରୁଟି ଶୂନ୍ୟ ସ୍ନାନ ଯାତ୍ରା ଏବଂ ରଥଯାତ୍ରା ● ପୃଷ୍ଠା ୫ ଦେଖନ୍ତୁ

---

■ ଅଭାବନୀୟ ■

# ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୪ ମୃତ



**ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ, ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା**

ନନ୍ଦାହାଣ୍ଡି/ନବରଙ୍ଗପୁର/ଭୁବନେଶ୍ୱର ୩।୬ (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ନିର୍ମାଣାଧିନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୪ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ପଡାଲଗୁଡା ଗ୍ରାମର ଏକ ଘରୋଇ ନିର୍ମାଣାଧିନ ପାଇଖାନା ଟାଙ୍କି କାମ ଚାଲିଥିବା ବେଳେ ହଠାତ୍ ଫ୍ଲସ ଖସି ଯିବାରୁ ୨ଜଣ ଶ୍ରମିକ ଗୁରୁତର ହୋଇଥିଲେ। ତେବେ ସେଠାରେ କାର୍ଯ୍ୟରତ ଥିବା ଅନ୍ୟ ୨ଜଣ ଶ୍ରମିକ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିବା ବେଳେ ପୁଣି ଥରେ ଫ୍ଲସ ଖସିବାରୁ ସେମାନେ ମଧ୍ୟ ଶ୍ୱାସରୁଦ୍ଧ ହୋଇଯାଇଥିଲେ। ତୁରନ୍ତ ସେମାନଙ୍କୁ ନିକଟସ୍ଥ ● ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
# ମହାନଗର



କଟକ(ଭାସ୍କର ନ୍ୟୁଜ): ଜିଲ୍ଲାବ୍ୟାପୀ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧୀ ଜନସଚେତନା ସୃଷ୍ଟି ଉଦ୍ଦେଶ୍ୟରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଭାରପ୍ରାପ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରୟଦର୍ଶିନୀ ମିଶ୍ର, ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ ପ୍ରମୁଖ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ବିଭିନ୍ନ ମାଦକ ତଥା ଅପମିଶ୍ରିତ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଜନସାଧାରଣଙ୍କୁ ଅବଗତ କରିବା ସହ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାର ରୋକିବା ଲାଗି ଜିଲ୍ଲାବ୍ୟାପୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ରଥ ଓ କଟକ ମହାନଗର ନିଗମ ଅଞ୍ଚଳରେ ଦୁଇଟି ରଥ ପରିକ୍ରମା କରିବ । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨୬ ପର୍ଯ୍ୟନ୍ତ ଏହି ରଥ ବିଭିନ୍ନ ସ୍ଥାନ ପରିକ୍ରମା କରି ସଚେତନତା ସୃଷ୍ଟି କରିବ । ଏହା ବ୍ୟତୀତ ବିଭାଗ ପକ୍ଷରୁ ପାଲା, ଦାସକାଠିଆ, ପଥପ୍ରାନ୍ତ ନାଟକ, ସଚେତନତା ସଭା କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।



### 'ଶୂନ ଦୁର୍ଘଟଣା ଦିବସ' ଆରମ୍ଭ

# ସଡ଼କର ସମସ୍ତ ନିୟମ ପାଳନ କରନ୍ତୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୁର୍ଘଟଣା କେବଳ ପରିବାର କି ରାଜ୍ୟ ନୁହେଁ ସମଗ୍ର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଥାଏ । ଏହା କୌଣସି ବ୍ୟକ୍ତିଗତ କ୍ଷତି ନୁହେଁ ବରଂ ସାମଗ୍ରୀକ କ୍ଷତି । ତେଣୁ ମୋର ସମସ୍ତଙ୍କୁ ଅନୁରୋଧ, ଘରୁ ବାହରିବା ଠାରୁ ନେଇ ଫେରିବା ପର୍ଯ୍ୟନ୍ତ ସଡ଼କର ସମସ୍ତ ନିୟମ ସଠିକ୍ ଭାବେ ପାଳନ କରନ୍ତୁ ଓ ସୁରକ୍ଷିତ ଭାବେ ଘରକୁ ଫେରିବାକୁ ନିଶ୍ଚିତ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୂନ ଦୁର୍ଘଟଣା ଦିବସର ଶୁଭାରମ୍ଭ ଅବସରରେ ଉଦବୋଧନ ଦେଇ କହିଛନ୍ତି । ସୂଚନାଯୋଗ୍ୟ ଯେ, ସଡ଼କରେ ଯାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସୁରକ୍ଷିତ ଜୀବନ ପାଇଁ ଏକ ସାମୂହିକ ପ୍ରତିବଦ୍ଧତାର ସଂକଳ୍ପ ସ୍ୱରୂପ ଓଓଙ୍ଗ ମାଡ୍ରାସ୍‌ର ସହଯୋଗରେ ଆଜିଠୁ ଆରମ୍ଭ ହୋଇଛି ଜୁନ ୨୮ ତାରିଖ ପର୍ଯ୍ୟନ୍ତ 'ଶୂନ ଦୁର୍ଘଟଣା ଦିବସ'। ଲୋକସେବା ଭବନ କନଭେନ୍‌ସନ୍ ସେଣ୍ଟର ଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଶୂନ ଦୁର୍ଘଟଣା ଦିବସ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ସାରା ଭାରତରେ ଦୁର୍ଘଟଣା ଜନିତ ମୃତ୍ୟୁ ବହୁତ ବଡ଼ ସମସ୍ୟା ଭାବେ ଦେଖାଦେଇଛି । ଆମ ଦେଶରେ ଦୁର୍ଘଟଣା ବଶତଃ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ୭୫.୨ ପ୍ରତିଶତ କାରଣ ହେଉଛି ଦ୍ରୁତ ଗତିରେ ଗାଡ଼ି ଚାଳନା । ଗାଡ଼ି ଚାଳନାର ଗୋଲଡେନ୍ ରୁଲ ସ୍ପିଡ଼ ଥ୍ରିଲ୍ସ, ବଟ୍ ଇଟ୍ ଅଲସୋ କିଲ୍ସକୁ ଚାଳକମାନେ ଭୁଲି ଯାଉଛନ୍ତି । ଏଥି ସହିତ ଭୁଲ ପାର୍ଶ୍ୱରେ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚାଳନା ଓ ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ଯୋଗୁଁ ଦୁର୍ଘଟଣା ଜନିତ ମୃତ୍ୟୁ ମଧ୍ୟ ଘଟୁଛି । ଏ ସବୁ ବିଷୟରେ ସତର୍କ ରହିବା ଏବଂ ଏସବୁ ଭୁଲରୁ ଦୂରେଇ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୪ କୋଟି ଟଙ୍କା ବିନିଯୋଗରେ ସୋନପୁର, ଚଣ୍ଡୀଖୋଲ, ଭଞ୍ଜନଗର, ମୟୁରଭଞ୍ଜ, ରାଇରଙ୍ଗପୁର, ବଲାଙ୍ଗୀର, ତାଳଚେର, ମାଲକାନଗିରି, ନୟାଗଡ଼, ନବରଙ୍ଗପୁର ଓ ଦେବଗଡ଼ରେ ୧୧ ଟି ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷଣ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ପ୍ରାୟ ୫୭୫.୭୭ କୋଟି ଟଙ୍କା ମୂଲ୍ୟର ସଡ଼କ ସୁରକ୍ଷା ସମ୍ପର୍କିତ ୫୫ଟି କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଆଜି ଶୁଭାରମ୍ଭ ହୋଇଛି । ଶେଷରେ ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ପାଇଁ ଆହ୍ୱାନ ଦେଇ ସୁରକ୍ଷିତ ଭାବେ ଗାଡ଼ି ଚାଳନା କରିବା ପାଇଁ କହିଥିଲେ । ସଡକ ସୁରକ୍ଷା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ, ଆମେ ଯେତେବେଳେ ଓଡ଼ିଶା ବିକଶିତ କଥା କହୁଛୁ ସେତେବେଳେ କେବଳ ସୁଦୃଢ଼ ପରିବହନ ନୁହେଁ, ସୁରକ୍ଷିତ ପରିବହନ କେତେ ଗୁରୁତ୍ୱପୂର୍ଣ୍ଣ ତାଙ୍କୁ ଆମେ ଅନୁଭବ କରୁଛୁ । ମୁଖ୍ୟମନ୍ତ୍ରୀ ସଡକ ସୁରକ୍ଷାକୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି । ଶୂନ ଦୁର୍ଘଟଣା ଦିବସ ପାଳନର ବ୍ରାଣ୍ଡ ଆମ୍ବାସଡର ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏବଂ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସଡ଼କ ସୁରକ୍ଷା ସମ୍ବନ୍ଧିତ ସଚେତନତା ବାର୍ତ୍ତା ଦେଇଥିଲେ । ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚାଇ ଜୀବନ ରକ୍ଷା କରିଥିବାରୁ ଅବିନାଶ ପାଣିଗ୍ରାହୀ, ବିଶ୍ୱରଞ୍ଜନ ପାତ୍ରୀ, ପଞ୍ଚାନନ ଦାସ, ଶ୍ରୀନିବାସ ବେହେରା ଓ ସବିତା ରାଣୀ ପରିଡ଼ାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ବାଣିଜ୍ୟ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପରିବହନ କମିଶନର ଅମିତାଭ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ ।






ଅଦିନିଆ ବର୍ଷାରେ ରାଜଧାନୀରେ ବର୍ଷାଜଳର ସୁଅ...

### ନୃତ୍ୟଶିଖା ପକ୍ଷରୁ ନୃତ୍ୟ ମହୋତ୍ସବ

# ଓଡିଶୀ ନୃତ୍ୟରେ ଦର୍ଶକ ବିମୋହିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନୃତ୍ୟଶିଖା ଫାଉଣ୍ଡେସନ୍ ଦ୍ୱାରା ନୃତ୍ୟଶିଖା ନୃତ୍ୟ ମହୋତ୍ସବ ରବିନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ନୃତ୍ୟ ଶିଖା ଫାଉଣ୍ଡେସନ ତରଫରୁ ହୋଇଥିବା ସକାଳ, ଅପରାହ୍ନ, ସନ୍ଧ୍ୟା ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ନୃତ୍ୟ ଉତ୍ସବରେ ପ୍ରାୟ ୬୦ରୁ ୭୦ ଜଣ ନବୀନ ଓ ପ୍ରବୀନ ଓଡିଶୀ ନୃତ୍ୟଶିଳ୍ପୀ ଭାଗନେଇ ନୃତ୍ୟ ପରିବେଷଣ କରିଥିଲେ । ଏହି ବର୍ଷ ନୃତ୍ୟଶିଖା ଫାଉଣ୍ଡେସନ ଦ୍ୱାରା ସୃଷ୍ଟିହେବାକୁ ଥିବା ଭବିଷ୍ୟତ ଓଡିଶୀ ନୃତ୍ୟଶିଳ୍ପୀ ସେମାନଙ୍କର ଲୁକାୟିତ ଓଡିଶୀ ନୃତ୍ୟ ପ୍ରତିଭାକୁ ଦର୍ଶକଙ୍କ ସମ୍ମୁଖରେ ପରିବେଶଣ କରି ପ୍ରସଂଶାର ପାତ୍ର ହୋଇ ପାରିଥିଲେ । ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଆନ୍ତଜାତିୟ ଖ୍ୟାତି ସମ୍ପନ୍ନ ନୃତ୍ୟଗୁରୁ ଶାଶ୍ୱତ ଜୋଶୀ ଓ ସମ୍ମାନୀତ ଅତିଥି ଭାବରେ ଗାୟିକା ଗିତା ଦାଶ, ସିନେମା ନାୟିକା ପୁନମ ମିଶ୍ର, ପ୍ରାର୍ଥନା ଚ୍ୟାନେଲର ମୁଖ୍ୟ ପତିତ ପାବନ ସ୍ୱାଇଁ, ନାଲକୋର ନିର୍ଦ୍ଦେଶକ ଅଶୁତୋଶ ରାଥ,ଗୁରୁ ପଙ୍କଜ ଚରଣ ଫାଉଣ୍ଡେସନର ନିର୍ଦ୍ଦେଶକ ଶରତ କୁମାର ଦାସ ମହୋତ୍ସବରେ ଯୋଗ ଦେଇ ନୃତ୍ୟଶିଖା ଫାଉଣ୍ଡେସନର ଏହି ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ଅତିଥି ମାନଙ୍କୁ ମଞ୍ଚକୁ ଆବାହନ କରାଯାଇ ସେମାନଙ୍କ ଦ୍ୱାରା ନୃତ୍ୟଶିଖା ନୃତ୍ୟ ମହୋତ୍ସବ-୨୦୨୫ ଉଦ୍‌ଘାଟନ କରାଯାଇ ଅତିଥି ମାନଙ୍କୁ ସମ୍ମାନିତ କରାଯାଇଥିଲା । ପରେ ଅତିଥି କଳାକାରମାନଙ୍କୁ ଅନୁଷ୍ଠାନର ପ୍ରତିଷ୍ଠାତା ସୁଶାନ୍ତ କୁମାର ବେହେରା ସମ୍ମାନିତ କରିଥିଲେ । ସାଂସ୍କୃତିକ କାର୍ଯକ୍ରମ ଆରମ୍ଭରେ ନୃତ୍ୟ ଶିଖା ଫାଉଣ୍ଡେସନର କଳାକାର ମାନଙ୍କ ଦ୍ୱାରା ଦେବୀ ଅପରାଧ କ୍ଷମା ଓଡିଶୀ ନୃତ୍ୟ ପରିବେଶଣ, ପରେ ଲାସ୍ୟକଳାର ସାଗରିକା ମହାନ୍ତି ଓ ସୋନାଲ ଆଚାର୍ଯ୍ୟ ଙ୍କ ଆଗବୀ ପଲ୍ଲବୀ ଓ ତା ପରେ ନୃତ୍ୟଶିଖା ଫାଉଣ୍ଡେସନର କଳାକାରଙ୍କ ଦ୍ୱାରା ଦେଖୋଗ ରାଧା ମାଧବ ଚାଲି, ଧାଇ ସୁବର୍ଣାବନ୍ନା ଜୁଗେଜୁଗେ ଜଗନ୍ନାଥ, ଦଶଅବତାର, ଶାଗେନ୍ଦ୍ରହାରାୟ, ଗଣେଶ ତାଣ୍ଡବ୍ ରାଧେକୃଷ୍ଣ ଓ ପରେ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ଶିଷ୍ୟା ଚିରଶ୍ରୋତା ଖୁଣ୍ଟିଆ ଓ ମିରା ଦାଶଙ୍କ ଯୁଗ୍ମ ନୃତ୍ୟ ପରିବେଶଣ ବହୁତ ଆକର୍ଷଣହୋଇଥିଲା । ସର୍ବଶେଷରେ ନୃତ୍ୟଶିଖା ଫାଉଣ୍ଡେସନର କଳାକାରଙ୍କ ଦ୍ୱାରା ସମ୍ବଲ ଲପୁରୀ ନୃତ୍ୟବେଶ୍ ଚମତ୍କାର ଭାବରେ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମ ନୃତ୍ୟଶିଖା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ସମ୍ପାଦକ ନୃତ୍ୟ ଗୁରୁ ସୁଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅୟୋଜିତ ହୋଇଥିବା ବେଳେ ଏହାର ସଂଯୋଜନା କରିଥିଲେ ଡଃ. ଇ. ଶ୍ରୀନିବାସ ଘଟୁଆରୀ ।

## ରାଜଧାନୀରୁ ନିଖୋଜ ନାବାଳକ ଓ ନାବାଳିକା ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରୁ ନିଖୋଜ ଜଣେ ନାବାଳକ ଓ ନାବାଳିକାକୁ ଉଦ୍ଧାର କଲା କମିଶନରେଟ ପୋଲିସ । ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସେମେଇଗଡିଆ ଅଞ୍ଚଳରୁ ନିଖୋଜ ନାବାଳିକାକୁ ପଟିଆ ରେଳ ଷ୍ଟେସନରୁ ଉଦ୍ଧାର କରାଯାଇଛି । ପଥରବନ୍ଧ ବସ୍ତିରୁ ନିଖୋଜ ନାବାଳକକୁ ପୁରୀ କେନାଲ ରୋଡରୁ ଉଦ୍ଧାର କରିଛି କମିସନରେଟ ପୋଲିସ । ଉଦ୍ଧାର ନାବାଳକ ନାବାଳିକାକୁ ସେମାନଙ୍କ ପରିବା ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## 'ଦୁର୍ନୀତି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୁର୍ନୀତି ବିରୋଧରେ ରାଜ୍ୟ ସରକାରଙ୍କ କଡ଼ା ଆଭିମୁଖ୍ୟ । ପଞ୍ଚାୟତିରାଜ ବିଭାଗ ସ୍କାନରରେ ମୂଷା ପୁରୁଣା ମୂଷା ହେଉ କି ନୂଆ ମୂଷା, ଦଣ୍ଡ ନିଶ୍ଚିତ ପାଇବେ । ମୂଷା ହୁଅନ୍ତୁ କି ବିରାଡ଼ି ସମସ୍ତେ ଆଇନ ଆଗରେ ସମାନ । ଆମେ ଏଭଳି ମୂଷାଙ୍କୁ ଖୋଜୁଛୁ । ଏବେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଦୁର୍ନୀତି ପାଇଁ ମୁଁ ନିଜେ ୯ ଜଣ ଜେଇ ଓ ବିଡିଓଙ୍କୁ ନିଲମ୍ବନ କରିଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତ । ଆମକୁ କିଛି ଅଭିଯୋଗ ଆସିଥିଲା । ତଦନ୍ତ ନିର୍ଦ୍ଦେଶ ଦେଇଛୁ । ଯିଏ ଦୁର୍ନୀତି କରିବ ତା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ରାଜ୍ୟରେ ଅନାଥଙ୍କ ସର୍ଭେ କରିବେ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଅନାଥଙ୍କ ସର୍ଭେ କରିବେ ସରକାର । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏନେଇ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ଅଙ୍ଗନୱାଡିକର୍ମୀଙ୍କ ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାର ଅନାଥ ଏବଂ ଏକକ ପିତାମାତା ପିଲା ଏବଂ ସେମାନଙ୍କ ପରିବାରର ସର୍ଭେ କରାଯିବ । ଜିଲ୍ଲା କାର୍ଯ୍ୟକର୍ତ୍ତା ଯେପରିକି ଡିଏସଡବ୍ଲୁଏସ, ଆଇସିଡିଏସ ସୁପରଭାଇଜର, ସିଡିପିଓଏସ ଏବଂ ଡିସିପିଓଙ୍କୁ ସର୍ଭେ ପ୍ରକ୍ରିୟା ତଦାରଖ କରିବାକୁ ଦାୟିତ୍ୱ ଦିଆଯାଇଛି । ଅଙ୍ଗନୱାଡି କର୍ମୀମାନେ ସଠିକ୍ ଏବଂ ପ୍ରକୃତ ସୂଚନା ସଂଗ୍ରହ କରିବା ନେଇ ନିର୍ଦ୍ଦେଶ ରହିଛି ।

## ସବୁ ପିଭିଟିଜି ଗାଁକୁ ହେବ ରାସ୍ତା ସଂଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସବୁ ପିଭିଟିଜି ଗାଁକୁ ରାସ୍ତା ସଂଯୋଗ କରିବା ପାଇଁ ରାଜ୍ୟ ସରକାର ବଡ଼ ଧରଣର ପ୍ଲାନ କରିଛନ୍ତି । ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ ପିଏମ୍ ଜନମନ ଯୋଜନାରେ ସବୁ ପିଭିଟିଜି ଗାଁକୁ ରାସ୍ତା ହେବ । ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁ ଗୁଡ଼ିକୁ ମଧ୍ୟ ରାସ୍ତା ଯିବ । ଏଥିପାଇଁ ଡିପିଆର ପ୍ରସ୍ତୁତ ହୋଇ କାମ ଆରମ୍ଭ ହୋଇଗଲାଣି । ଆସନ୍ତା ବର୍ଷ ସୁଦ୍ଧା ରାସ୍ତା କାମ ସରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର ।

### ଭୁବନେଶ୍ୱରରେ ଜଳ ନିଷ୍କାସନ ପ୍ରସ୍ତୁତି ସମୀକ୍ଷା

# ମୌସୁମୀ ପୂର୍ବରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ମଙ୍ଗଳବାର ଭୁବନେଶ୍ୱରରେ ଜଳ ନିଷ୍କାସନ ପରିସ୍ଥିତିର ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କ ସହିତ, ଡକ୍ଟର ମହାପାତ୍ର ବ୍ୟକ୍ତିଗତ ଭାବରେ କୃଷ୍ଣା ଟାୱାର ନିକଟରେ ଇସ୍କନ୍ ମନ୍ଦିର ସ୍ଥଳ, ଆୟୁର୍ବେଦିକ ହସ୍ପିଟାଲ ନିକଟ କଳିଙ୍ଗ ଷ୍ଟୁଡିଓ ସ୍କୋୟାର, ରାଜୀବ ନଗର, ଭୋଇ ନଗରରେ ଡ୍ରେନ୍ ନମ୍ବର ୯, ଡ୍ରେନ୍ ନମ୍ବର ୪ ଏବଂ ଏସ୍ପ୍ଲାନେଡ୍ ମଲ୍ ଏବଂ ଦୁର୍ଗା ମଣ୍ଡପ ନିକଟ ବମିଖାଲ ସମେତ ଅନେକ ଜଳବନ୍ଦୀ ଅଞ୍ଚଳ ଯାଞ୍ଚ କରିଛନ୍ତି । ମନ୍ତ୍ରୀ ପ୍ରମୁଖ ଏବଂ ଶାଖା ଡ୍ରେନେଜ୍ ଚ୍ୟାନେଲଗୁଡ଼ିକ ସମୀକ୍ଷା କରିଛନ୍ତି ଏବଂ ସଫେଇ କାର୍ଯ୍ୟରେ ଅବରୋଧ ଏବଂ ବିଳମ୍ବ ଉପରେ ଚିନ୍ତା ପ୍ରକାଶ କରିଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍‌ରୁ ପଙ୍କ ଉଦ୍ଧାର ଏବଂ ସଫା କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ମାନବସମ୍ବଳ ଏବଂ ଯନ୍ତ୍ରପାତି ନିୟୋଜିତ କରିବା ପାଇଁ ସେ ତୁରନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି । ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ପୌରସଂସ୍ଥାଗୁଡିକୁ ବିଭାଗ ଦ୍ୱାରା ଜାରି ମାନକ ମାର୍ଗ ଦର୍ଶିକା କଠୋର ଭାବରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଆବଶ୍ୟକ ସ୍ଥଳେ ପୂର୍ଣ୍ଣ ସମର୍ଥନ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ । 'ଅଧିକାରୀମାନେ ସକ୍ରିୟ ରହିବା ସହିତ ଯେକୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ, ବୋଲି ସେ କହିଥିଲେ । ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଓଡ଼ିଶାର ସମସ୍ତ ସହରାଞ୍ଚଳ ବାସିନ୍ଦାଙ୍କ ଜୀବନଧାରଣର ଗୁଣବତ୍ତା ଉନ୍ନତ କରିବା ଏବଂ ସହରାଞ୍ଚଳ ବନ୍ୟା ବିପଦକୁ କମ କରିବା ପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମୟୋଚିତ ପଦକ୍ଷେପ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଉଛି । ବୈଠକରେ ପୌର ନିର୍ଦ୍ଦେଶକ ଦେବାଶିଷ ସିଂହ, ଅତରିକ୍ତ ସଚିବ ରବୀନ୍ଦ୍ର ସାହୁ, ସୌରେନ୍ଦ୍ର ରାଉତରାୟ ଓ ଦୁର୍ଗେଶ ନନ୍ଦିନୀ ସାହୁଙ୍କ ସମେତ ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପିଏମ୍ ଆବାସ ଯୋଜନାରେ ୩୭.୮୮ ଲକ୍ଷ ଆବେଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୩୭ ଲକ୍ଷ ୮୮ ହଜାର ୯୫ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ପାଇଁ ଆବେଦନ କରିଛନ୍ତି । ବିଭାଗ ପକ୍ଷରୁ ସର୍ଭେରେ ୩୪ ଲକ୍ଷ ୩୪ ହଜାର ୨୨୯ ହିତାଧିକାରୀ ଆବେଦନ କରିଛନ୍ତି । ସେହିପରି ନିଜେ ମୋବାଇଲରେ ୩ ଲକ୍ଷ ୫୩ ହଜାର ୮୬୬ ହିତାଧିକାରୀ ଆବେଦନ କରିଛନ୍ତି । ନିଜେ ଆବେଦନ କରିଥିବା ହିତାଧିକାରୀଙ୍କ ସର୍ଭେ କାମ ମାସେ ଭିତରେ ସରିବ । ଆବେଦନ କରିଥିବା ହିତାଧିକାରୀଙ୍କ ତାଲିକା ରାଜ୍ୟ ସରକାର କେନ୍ଦ୍ରକୁ ପଠାଇବେ । ମେ ୩୧ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବେଦନ ତାରିଖ ଶେଷ ହୋଇଛି । ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି ।

## ଡିଜିଟାଲ୍ ଆରେଷ୍ଟ ନାଁରେ କଲ୍ ଆସିଲେ ଅଭିଯୋଗ କରିବାକୁ ପରାମର୍ଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତୀୟ ଆଇନରେ ଡିଜିଟାଲ୍ ଆରେଷ୍ଟ ଭଳି କୌଣସି ଶବ୍ଦ ନାହିଁ । ତେଣୁ ସତର୍କ ରହିବାକୁ ପରାମର୍ଶ ଦେଇଛି ଓଡ଼ିଶା ପୋଲିସ । ଓଡ଼ିଶା ପୋଲିସ ପକ୍ଷରୁ 'ଏକ୍ସ' ଯୋଗେ ସତର୍କ ରହିବାକୁ ସୂଚନା ଦେଇ କୁହାଯାଇଛି ଯେ ଆଜିକା ଦିନରେ ସାଇବର ଅପରାଧିମାନେ ବିଭିନ୍ନ ଉପାୟରେ ଠକୁଛନ୍ତି । ନ୍ୟାୟିକ ଅଧିକାରୀ, ପୋଲିସ, ସିବିଆଇ, କଷ୍ଟମ୍ସ ଅଧିକାରୀ କହି ଠକୁଛନ୍ତି । ଏଭଳି ଫୋନ୍ କଲ୍ ଆସିବା ମାତ୍ରେ ନିକଟସ୍ଥ ଥାନା ବା ୧୯୩୦କୁ ଜଣାଇ ଅଭିଯୋଗ କରିବାକୁ ଓଡ଼ିଶା ପୋଲିସ ନିବେଦନ କରିଛି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ(ଭାସ୍କର ନ୍ୟୁଜ): ନରସିଂହପୁର ବ୍ଲକଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଜିଲ୍ଲାପାଳ ଶିବ ଟପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୦ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୨୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୧୨ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି ।

## ମୋ ୱାର୍ଡ କାର୍ଯ୍ୟକ୍ରମରେ ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା

କଟକ(ଭାସ୍କର ନ୍ୟୁଜ): ପୌର ନିରମର 'ମୋ ୱାର୍ଡ ପରିକ୍ରମା କାର୍ଯ୍ୟକ୍ରମ ଅବସରରେ ମେୟର ସୁବାସ ସିଂହ ବିଭିନ୍ନ ନିର୍ମାଣଧିନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ଗୁଡିକ ଶେଷ କରିବାକୁ କର୍ତ୍ତୃପକ୍ଷ ଓ ନିଗମର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ମେୟର ଶ୍ରୀ ସିଂହ ନଗର ସ୍ୱାସ୍ଥ ଅଧିକାରୀ, ସ୍ଥାନୀୟ କର୍ପୋରେଟର, ୱାର୍ଡ ଅଫିସର, ସାନିଟାରୀ ଇନ୍ସପେକ୍ଟର, ସ୍ୱଚ୍ଛ ସାଥିଙ୍କୁ ଧରି ୱାର୍ଡର ବିଭିନ୍ନ ଅଂଚଳରେ ଥିବା ଡ୍ରେନ, ରାସ୍ତା ଘାଟ, ପରିମଳ, ସ୍ୱଚ୍ଛତା, ଆଲୋକ ଆଦି ବିଷୟକୁ ବୁଲି ଦେଖିଥିଲେ । ସେହିପରି ୱାର୍ଡରେ ଥିବା ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ସ୍ୱସ୍ଥ କେନ୍ଦ୍ର , ଖେଳପଡିଆ ବୁଲି ଦେଖିବା ସହ ଡ୍ରେନ ସଫେଇ, ପରିମଳ, ସମୀକ୍ଷା କରିବା ସହିତ ଅନେକ ଉନ୍ନତି ମୂଳକ ଯୋଜନା ବିଷୟରେ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ସହ କମିଶନର ଶ୍ୱେତି ମିଶ୍ର, ୱାର୍ଡ ଅଫିସର ଚିତ ରନ ପରିଡା, ସିଓ ସୁନିତା ସାହୁ, ବିନୋଦ ପଣ୍ଡା, ସୁକାନ୍ତ ପ୍ରଧାନ, କୌଶିକ ଜେନା, ପ୍ରମୋଦ ମହାପାତ୍ର, ନଟବର କର, ଜିତନ ବାବୁ, ପ୍ରମୋଦ କୁମାର ବେହେରା, ପ୍ରମୋଦ ବାବୁ ଅନାମ ନାୟକ, ଦୀପ୍ତି ରନ ଶତପଥୀ, ରବିନ୍ଦ୍ରନାଥ ସ୍ୱାଇଁ, ସୁକାନ୍ତ ଜେନା, ସ୍ୱଚ୍ଛ ସାଥି ସୁଚିତ୍ରା ପତି, ଲୋପିତ ନାୟକ, ସୁମିତ୍ରା ସାହୁ, ଝରଣା ରାଉତ, ମିଶନ ଶକ୍ତି ବିଭାଗର ବିପିସି ମଳୟ ସାସମଲ, ଘୁଙ୍ଗୁର ପ୍ରିୟଦର୍ଶନୀ ବାରିକ, ବିନତି ମହାରଣା, ରାନୀସ୍ମିତା ବେହରା, ସଂଯୁକ୍ତ ବେହରା, କନକଲତା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ଶ୍ରାଦ୍ଧ ଦିବସ ଅବସରରେ...

# 'ଓଡ଼ିଶାର ସମୃଦ୍ଧ ଇତିହାସ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ଭଳି କାର୍ଯ୍ୟ କରୁ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ଇତିହାସ ହେଉଛି ସମୃଦ୍ଧ । ଏହି ସମୃଦ୍ଧ ଇତିହାସ ଯୁବବର୍ଗଙ୍କୁ ପ୍ରେରିତ କରୁ । ଯୁବପିଢ଼ିଙ୍କ ମଧ୍ୟରେ ଏକ ନୂତନ ଚିନ୍ତା ଚେତନାର ଉନ୍ମେଷ ନିମନ୍ତେ ଆମ ଇତିହାସ ଏକ ମାର୍ଗଦର୍ଶକ ଭଳି କାର୍ଯ୍ୟ କରୁ । ଓଡ଼ିଆ ଜାତୀୟତାବାଦ କେବେ ହେଲେ ମଧ ଆଞ୍ଚଳିକତାବାଦ ମଧ୍ୟରେ ସୀମିତ ନୁହେଁ । ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିବା, ବିଚାର ଓ ବିତର୍କ କରି ନିଷ୍କର୍ଷରେ ଉପନୀତ ହେବା ହେଉଛି ଆମ ଗଣତାନ୍ତ୍ରିକ ରାଷ୍ଟ୍ରର ସୌନ୍ଦର୍ଯ୍ୟ । ତେଣୁ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଆଜି ଅନୁଷ୍ଠିତ ହେଉଥିବା କଳିଙ୍ଗ ଯୁଦ୍ଧ କର୍ମଶାଳାରେ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋଚନା କରାଯାଇ ଏହି ଆଲୋଚନା ଚକ୍ରର ନିଷ୍କର୍ଷକୁ ଦସ୍ତାବିଜ ଆକାରରେ ପ୍ରସ୍ତୁତ କରାଯିବ ଯାହାକି ଆମ ଉତ୍ତରପିଢ଼ିଙ୍କୁ ଆମ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବ । ଆଗାମୀ ଦିନରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଆମ ଯୁବପିଢ଼ି ଏକ ବଳିଷ୍ଠ ନେତୃତ୍ୱ ନେବେ ଏବଂ କଳିଙ୍ଗର ଦାୟାଦ ଭାବରେ ସେମାନେ ଗର୍ବର ସହ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ମଙ୍ଗଳବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ସ୍ଥିତ ପାନ୍ଥ ନିବାସ ଠାରେ କଳିଙ୍ଗ ଯୁଦ୍ଧ କର୍ମଶାଳାର ଆୟୋଜନ କରାଯାଇଥିଲା । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି କର୍ମଶାଳାରେ ଯୋଗଦେଇ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏଥିସହିତ ଓଡ଼ିଶାର ନୌବାଣିଜ୍ୟ ଇତିହାସ, ଓଡ଼ିଶାର ନୌସେନାର ଇତିହାସ, ବିଭିନ୍ନ ବୌଦ୍ଧ କୀର୍ତ୍ତିରାଜି ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ । ଏହା ସହିତ ଆଲୋଚନା ଚକ୍ରର ନିଷ୍କର୍ଷକୁ ଦସ୍ତାବିଜ ଭାବେ ପ୍ରସ୍ତୁତ କରି ଏହାର ଯେପରି ସଠିକ ଭାବେ ଚିନ୍ତନ, ମନନ ଏବଂ ଅନୁଶୀଳନ କରାଯାଇପାରିବ ସେ ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ଗୁରୁତ୍ୱାରୋପ କରିବା ନିମନ୍ତେ ମନ୍ତ୍ରୀ ମତପ୍ରକାଶ କରିଥିଲେ । ଏହି କର୍ମଶାଳାରେ କଳିଙ୍ଗ ଯୁଦ୍ଧ ପୂର୍ବ କଳିଙ୍ଗ ରାଜ୍ୟର ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାମରିକ ସ୍ଥିତି, କଳିଙ୍ଗ ଯୁଦ୍ଧ କାଳ ଖଣ୍ଡରେ କଳିଙ୍ଗ ରାଜ୍ୟର ସ୍ଥିତି, କଳିଙ୍ଗ ଯୁଦ୍ଧ ପରର କଳିଙ୍ଗର ସ୍ଥିତି ଆଦି ଶୀର୍ଷକକୁ ନେଇ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା । ବିଶିଷ୍ଟ ସାହିତ୍ୟିକ, କଥାକାର, ସ୍ତମ୍ଭକାର ଓ ଇତିହାସ ବିଶେଷଜ୍ଞ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବେ ଦେବ ପ୍ରସାଦ ଦାଶ, ସୁସାହିତ୍ୟିକ ତଥା ସ୍ତମ୍ଭକାର ଅଭୟ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ALLEN

ALLEN's result validated by
Official result validator
EY
Shape the future with confidence

# THE CLEAR LEADER

JEE ADVANCED 2025

4 Students in Top 10 AIR

46 Students in Top 100 AIR



AIR 1 Rajit Gupta Classroom course

AIR 2 Saksham Jindal Classroom course

AIR 8 Devesh Pankaj Bhaiya Classroom course

AIR 6 Akshat Kumar Chaurasia Classroom course

## ALLEN BHUBANESWAR RESULT

AIR 39 Hans Daruka Classroom course

AIR 97 Nabaneet Priyadarshi Classroom course

AIR 711 Samman Poddar Classroom course

AIR 1000 Shreyas Samantray Classroom course

As per result compiled till 03 June 2025 (03:00 PM)

AIR 1074 Swayam K. Manohari Classroom course
AIR 1116 Sanket Nayak Classroom course
AIR 1137 Ayush Patnaik Classroom course
AIR 1299 Aditya Nayak Classroom course
AIR 1926 Swastik Mohapatra Classroom course
AIR 2032 Krishnansu Mohanty Classroom course
AIR 2078 Abhisek Mohapatra Classroom course
AIR 2107 Sai Amrit Sagar Classroom course
AIR 2438 Amit Kumar Jena Classroom course
AIR 2565 Rashmi R. Bastia Classroom course
AIR 2662 Rishabh Misra Classroom course
AIR 2668 Aarohan Dutta Classroom course
AIR 2999 Amrutanshu Dash Classroom course
AIR 3098 Abhijeet Das Classroom course
AIR 3229 Adyasha Patnaik Classroom course
AIR 3296 Ashutosh Sethi Classroom course
AIR 3393 Nikhil N. Sahoo Classroom course
AIR 3448 Debasis Pradhan Classroom course
AIR 3618 J Aryan Classroom course
AIR 3837 Rishit Dash Classroom course
AIR 3857 Samarth P. Das Classroom course
AIR 3914 Animesh Mahasuar Classroom course
AIR 4123 Shlok Bothra Classroom course
AIR 4397 Brijesh Pullakesh Classroom course
AIR 4434 Krishnans Mishra Classroom course
AIR 4628 Yatimohan Sahoo Classroom course
AIR 4665 A. Pal Chowdhury Classroom course

04 Students in Top 1000 AIR
17 Students in Top3000 AIR
32 Students in Top 5000 AIR
50 Students in Top 10000 AIR

## ADMISSIONS OPEN

NEET (UG) | JEE (Main+Adv.) | JEE (Main) | Olympiads | Class 6th to 12th & 12th Pass

NEW BATCHES FROM 05 JUNE ONWARDS

For test dates, course start dates & direct admission visit website or nearest center.

Scan to register

TALLENTEX 2026
For Class 5th to 10th Students
Register now & avail early registration fee benefit, visit tallentex.com
*Subject to the scholarship rules and the T&Cs.

Scholarships worth* ₹250 Crore

Cash Prizes ₹2.5 Crore Online & Offline

Scan to register

ALLEN BHUBANESWAR
95137 31588
allen.ac.in/bhubaneswar

ALLEN KOTA
0744-3556677
allen.ac.in

ALLEN ONLINE
95137 36499
allen.in

Disclaimer: We provide an academic ecosystem and environment to prepare students for their target examinations. Studying at a coaching institute does not guarantee selection in the examination. Selection depends on preparation, available admission seats in the competitive exam, and the number of applicants appearing. All classroom and online students are part of full-time courses. All students mentioned are enrolled in paid programs.



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"

- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"

- ଉତ୍କଳମଣି ଗୋପବନ୍ଧୁ ଦାସ



## ଆଗେଇନି ଶାନ୍ତି କଥାବାର୍ତ୍ତା

# ଭୀଷଣ ରୂପ ନେଉଛି ରୁଷ୍-ୟୁକ୍ରେନ୍ ଯୁଦ୍ଧ

ଗୋଟିଏ ପଟେ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଦିନକୁ ଦିନ ଭୟଙ୍କର ରୂପ ନେଉଥିବା ବେଳେ ଅନ୍ୟପଟେ ତୁର୍କୀର ଇସ୍ତାନ୍‌ବୁଲ୍ ସହରରେ ଏହି ଯୁଦ୍ଧ ବନ୍ଦ କରିବାକୁ ଦୁଇଦେଶ ମଧ୍ୟରେ ଚାଲିଥିବା ଆଲୋଚନା ବିଶେଷ ଫଳପ୍ରଦ ହୋଇନାହିଁ। ତୁର୍କୀ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟସ୍ଥତାରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି କଥାବର୍ତ୍ତାର ବ୍ୟବସ୍ଥା ହୋଇଥିଲା, ଯାହା ମାତ୍ର ଘଣ୍ଟାଏରୁ କମ୍ ସମୟ ଭିତରେ ଶେଷ ହୋଇଯାଇଥିଲା। ଦୀର୍ଘ ତିନି ବର୍ଷରୁ ଅଧିକ କାଳ ଧରି ଲାଗି ରହିଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧରେ ଉଭୟ ଦେଶର ନାହିଁନଥିବା କ୍ଷୟକ୍ଷତି ଘଟିବା ସଙ୍ଗେ ସଙ୍ଗେ ହଜାର ହଜାର ନରନାରୀ ଓ ସୈନିକ ପ୍ରାଣ ହରାଇ ସାରିଲେଣି। ଏହା ସତ୍ତ୍ୱେ ଦୁଇପକ୍ଷ ନିଜ ନିଜର ଜିଦ୍‌ରେ ଅଟଳ ରହି ସମାଧାନର ପନ୍ଥା ବାହାର କରିବାକୁ ଆଗ୍ରହୀ ହେଉନାହାନ୍ତି। ଏପରିକି ସୋମବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି କଥାବାର୍ତ୍ତାରେ ମଧ୍ୟ ଅସ୍ତ୍ର ବିରତି ନେଇ କୌଣସି ସୁଫଳ ନମିଳିବା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହେଉଛି। ମିଳିଥିବା ସୂଚନା ଅନୁଯାୟୀ ସାମୟିକ ଅସ୍ତ୍ର ବିରତି ପରିବର୍ତ୍ତେ ରୁଷ୍ ଦୀର୍ଘମିଆଦୀ ସମାଧାନ ଚାହୁଁଥିବା ସ୍ଥଳେ ୟୁକ୍ରେନ୍ କେବଳ ରୁଷ୍ ନେତା ପୁଟିନ୍‌ଙ୍କ ଉପରେ ଦୋଷ ଲଦିବାରେ ବ୍ୟସ୍ତ ରହୁଛି। ଇସ୍ତାନବୁଲ୍‌ରେ ଏହି ଶାନ୍ତି ଆଲୋଚନାର ଠିକ୍ ଦିନକ ପୂର୍ବରୁ ରୁଷ୍‌ର ବାୟୁସେନା ଘାଟି ଉପରେ ୟୁକ୍ରେନ୍ ଭୟଙ୍କର ଡ୍ରୋନ୍ ଆକ୍ରମଣ କରି ବିପୁଳ କ୍ଷତି ଘଟାଇବା ଫଳରେ ସ୍ଥିତି ଅଧିକ ଜଟିଳ ହୋଇଥିଲା ଏବଂ ଆଲୋଚନାରେ ଅଗ୍ରଗତି ଘଟିବ ନାହିଁ ବୋଲି ଅନୁମାନ କରାଯାଉଥିଲା। ୟୁକ୍ରେନ୍‌ର ସ୍ୱତନ୍ତ୍ର ବାହିନୀ ରବିବାର ଚାରିଟି ଟ୍ରକ୍‌ରେ ଡ୍ରୋନ୍ ଭରପୂର କରି ରୁଷ୍‌ରେ ପହଞ୍ଚାଇଥିଲେ ଏବଂ ପରେ ପରେ ସେହି ଟ୍ରକ୍‌ରୁ ଡ୍ରୋନ୍ ଆକ୍ରମଣ ଆରମ୍ଭ ହୋଇଯାଇଥିଲା। ରୁଷ୍‌ର ୪ ହଜାରରୁ ସାଢ଼େ ୪ହଜାର କିଲୋମିଟର ଭିତରେ ପଶି ଏହି ଆକ୍ରମଣ ହେବା ଯୋଗୁଁ ଏହାର ୪୧ଟି ଯୁଦ୍ଧ ବିମାନ ନଷ୍ଟ ହୋଇଯାଇଛି ଏବଂ ରାଷ୍ଟ୍ରପତି ପୁଟିନ୍ ଖୁବ୍ ପ୍ରତିଶୋଧ ପରାୟଣ ହୋଇ ଉଠିଛନ୍ତି। ୟୁକ୍ରେନ୍‌ର ଏହି ବଡ଼ ଆକ୍ରମଣ ପରେ ପରେ ପୁଟିନ୍ ନିଜର ଷ୍ଟ୍ରାଟେଜିକ୍ ମିସାଇଲ୍ ବାହିନୀର ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ ଏବଂ ଖୁବ୍‌ଶୀଘ୍ର ୟୁକ୍ରେନ୍ ବିରୋଧରେ ରୁଷ୍ ଏକ ବଡ଼ଯୁଦ୍ଧ ଘୋଷଣା କରିପାରେ ବୋଲି ସାମରିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଗତ ୨୦୨୨ ମସିହା ଫେବ୍ରୁଆରୀ ୨୪ ତାରିଖରେ ୟୁକ୍ରେନ୍ ବିରୋଧରେ ରୁଷ୍ ସାମରିକ ଅଭିଯାନ ଆରମ୍ଭ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ଯୁଦ୍ଧ କରିନାହିଁ। ମାତ୍ର ଆଗକୁ ଏହା ଯେ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇସାରିଛି, ତାହାର ସୂଚନା ମିଳି ସାରିଲାଣି। ବର୍ତ୍ତମାନ ସୁଦ୍ଧା ଅଘୋଷିତ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଯଦି ପୂର୍ଣ୍ଣାଙ୍ଗ ଯୁଦ୍ଧରେ ପରିଣତ ହୁଏ ଏବଂ ଅଧିକରୁ ଅଧିକ ୟୁରୋପୀୟ ରାଷ୍ଟ୍ର ଏଥିରେ ସଂପୃକ୍ତ ହୁଅନ୍ତି, ତେବେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ। ଗତ ୧୯୩୯ରୁ ୧୯୪୫ ମସିହା ମଧ୍ୟରେ ସମଗ୍ର ବିଶ୍ୱରେ ଅବର୍ଣ୍ଣନୀୟ ଧ୍ୱଂସଲୀଳା ଘଟାଇଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ୮୦ବର୍ଷ ଧରି ବିଶ୍ୱବାସୀ ଶାନ୍ତିରେ ସମୟ କଟାଉଛନ୍ତି। ମାତ୍ର ବର୍ତ୍ତମାନ ରୁଷ୍-ୟୁକ୍ରେନ୍ ଯୁଦ୍ଧ ହେଉ କିମ୍ବା ହମାସ୍-ଇସ୍ରାଏଲ୍ ଯୁଦ୍ଧ ହେଉ କୌଣସିଟିରେ ସମାଧାନର ରାସ୍ତା ବାହାରିପାରୁ ନାହିଁ ବରଂ ବୃହତ୍ ଦେଶଗୁଡ଼ିକ ଏଥିରେ ସଂଶ୍ଳିଷ୍ଟ ହୋଇ ପଡୁଛନ୍ତି। ଏଭଳି ସ୍ଥିତିରେ ଯଦି ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ, ତେବେ ତାହା ଆଣବିକ ଯୁଦ୍ଧରେ ପରିଣତ ହେବା, ନିଶ୍ଚିତ ମନେ ହେଉଛି।

## ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଭାରତ ବିଶ୍ୱର ୪ର୍ଥ ବୃହତ୍ ଅର୍ଥବ୍ୟବସ୍ଥା



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଭାରତ ଏବେ ବିଶ୍ୱର ୪ର୍ଥ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି। ବସ୍ତୁତଃ ଏକ ଇତିହାସ ସୃଷ୍ଟି କରିଛି ଭାରତ। ନୀତି ଆୟୋଗର ସିଇଓ ବିବିଆର ସୁବ୍ରମଣ୍ୟମ ଏ ପ୍ରସଙ୍ଗରେ ସୂଚନା ଦେଇ କହିଛନ୍ତି ଯେ ଭାରତ ଜାପାନକୁ ପଛରେ ପକାଇ ଏହି ଉପଲବ୍ଧି ହାସଲ କରିଛି। ଏବେ ଭାରତର ଅର୍ଥବ୍ୟବସ୍ଥା ୪ବିଲିୟନ ଡ଼ଲାରରେ ପହଞ୍ଚି ଯାଇଛି। ଅର୍ଥବ୍ୟବସ୍ଥାର ଆକାର ମାମଲାରେ ଏବେ ଭାରତ ଆଗରେ ରହିଛନ୍ତି ଆମେରିକା, ଚୀନ ଏବଂ ଜର୍ମାନୀ। ଅନୁମାନ କରାଯାଉଛି ଆସନ୍ତା ୩ବର୍ଷ ମଧ୍ୟରେ ଭାରତ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ଅର୍ଥବ୍ୟବସ୍ଥାରେ ପରିଣତ ହେବ। ଭାରତର ଏହି ଉପଲବ୍ଧି ପଛରେ ନିର୍ମାଣ କ୍ଷେତ୍ରର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। କେନ୍ଦ୍ର ସରକାର ବିଗତ ୧୧ବର୍ଷ ହେବ ଏ କ୍ଷେତ୍ରରେ କ୍ରମାଗତ ଭାବେ ଅର୍ଥ ନିବେଶ କରୁଛନ୍ତି। ସଡ଼କ, ରେଳ ପରିବହନ, ବନ୍ଦର ନିର୍ମାଣ ଏବଂ ବାସଗୃହ ନିର୍ମାଣକୁ ଗୁରୁତ୍ୱ ଦେଉଛନ୍ତି। ଷ୍ଟିଲ, ସିମେଣ୍ଟ, ବିଦ୍ୟୁତ, ତୈଳ ସହିତ ଔଦ୍ୟୋଗିକ କ୍ଷେତ୍ର ଏଥିପାଇଁ ଲାଭବାନ ହୋଇଛନ୍ତି। ଦେଶରେ ପୁଞ୍ଜିନିବେଶ ପାଇଁ କେନ୍ଦ୍ର ସରକାର ଉତ୍ତମ ପରିବେଷ ସୃଷ୍ଟି କରିଛନ୍ତି। ଏହି କାରଣରୁ ବିଦେଶୀ ପୁଞ୍ଜିର ପ୍ରବାହ ବୃଦ୍ଧି ପାଉଛି। ଏବେ ବିଶ୍ୱସ୍ତରୀୟ ପରିବେଶ ଯେପରି ହୋଇଛି ସେ ଦୃଷ୍ଟିରୁ ବିଦେଶୀ ପୁଞ୍ଜିନିବେଶକ ମାନେ ଭାରତରେ ପୁଞ୍ଜି ନିବେଶ କରିବା ପାଇଁ ଅଧିକ ଆଗ୍ରହୀ ହେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଅସ୍ତ୍ରଶସ୍ତ୍ର ନିର୍ମାଣକୁ ମଧ୍ୟ ପ୍ରାଥମିକତା ଦେଇଛି। ଏହି କାରଣରୁ ଭାରତ ବିଶ୍ୱର ବୃହତ୍ ଅସ୍ତ୍ରଶସ୍ତ୍ର ଆମଦାନୀ କରୁଥିବା ରାଷ୍ଟ୍ରରେ ପରିଣତ ହେବା ସହିତ ଅସ୍ତ୍ରଶସ୍ତ୍ରର ରପ୍ତାନିକାରୀ ରାଷ୍ଟ୍ର ଭାବେ ଉଭା ହୋଇଛି। ଭାରତର ବ୍ରହ୍ମୋସ୍, ଆକାଶ ଏବଂ ଅନ୍ୟ ଅସ୍ତ୍ରଶସ୍ତ୍ର ବିଶ୍ୱ ସ୍ତରରେ ଆଦୃତ ହୋଇଛି ଏବଂ ଡ଼ଜନେରୁ ଅଧିକ ଦେଶ ଏବେ ଭାରତରୁ ଏସବୁ କ୍ରୟ କରୁଛନ୍ତି। ଏହି କାରଣରୁ ବିଶ୍ୱସ୍ତରରେ ଭାରତର ପତିଆର ବଢ଼ିଛି।

ବ୍ରହ୍ମୋସ୍ ଆକାଶ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ରପ୍ତାନୀ କାରଣରୁ ଭାରତକୁ ଅଧିକ ପରିମାଣର ବିଦେଶୀ ମୁଦ୍ରା ମିଳୁଛି। ଭାରତ ଏବେ ବିଶ୍ୱର ୨ୟ ବୃହତ୍ ମୋବାଇଲ୍ ଉତ୍ପାଦକ ଏବଂ ରପ୍ତାନିକାରୀ ରାଷ୍ଟ୍ର ଅଟେ। ସ୍ମାର୍ଟଚିପ୍‌ର ନିର୍ମାଣ ଏବଂ ସୋଲାର ପ୍ୟାନେଲ ନିର୍ମାଣ କ୍ଷେତ୍ରରେ ଭାରତ ଆଗୁଆ ରହିଛି। ଆସନ୍ତା କିଛି ବର୍ଷ ମଧ୍ୟରେ ଭାରତ ଚିପ୍ ନିର୍ମାଣ କ୍ଷେତ୍ରରେ ମଧ୍ୟ ଅଧିକ ଅଗ୍ରଗତି କରିବ। ଆର୍ଥିକ ବିଶେଷଜ୍ଞ ମାନଙ୍କ ମତରେ ନିର୍ମାଣ କ୍ଷେତ୍ର ଆଗାମୀ ଦିନରେ ଅଧିକ ବିକଶିତ ହେବ। ଭାରତକୁ ଔଦ୍ୟୋଗିକ ବିକାଶର ୪ର୍ଥ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ ହେବାକୁ ପଡିବ ଓ ଏଥିପାଇଁ ଅଟୋମେସନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆମେରିକା, ଚୀନ, ତାଇୱାନ୍ ଏବଂ ଅନ୍ୟ ୟୁରୋପୀୟ ଦେଶମାନଙ୍କ ଉତ୍ପାଦ ତୁଳନାରେ ଭାରତୀୟ ଉତ୍ପାଦର ଗୁଣବତ୍ତା ସୁନିଶ୍ଚିତ କରିବା ଦିଗରେ ପଦକ୍ଷେପ ନେବାକୁ ପଡ଼ିବ। ବର୍ତ୍ତମାନ ସମୟରେ ଭାରତ ସମ୍ମୁଖରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଅଟୋମେଶନ କାରଣରୁ ବେରୋଜଗାର ହୋଇଥିବା ଲୋକଙ୍କୁ ରୋଜଗାର ଉପଲବ୍ଧ କରାଇବା। ଏଥିପାଇଁ ଶ୍ରମଜୀବୀ ଲୋକମାନଙ୍କୁ ବୈଷୟିକ ଜ୍ଞାନ କୌଶଳରେ ଦକ୍ଷ କରିବାର ସୁଯୋଗ ସୃଷ୍ଟି କରିବାକୁ ପଡିବ। ଏହା ସଫଳ ହୋଇପାରିଲେ କୃଷି ଏବଂ ନିର୍ମାଣ କ୍ଷେତ୍ରରେ ପୁଞ୍ଜିନିବେଶ ବଢ଼ିବାର ସମ୍ଭାବନା ରହିଛି। ସୁବ୍ରମଣ୍ୟମ ନୀତି ଆୟୋଗର ୧୦ମ ପରିଚାଳନା ପରିଷଦର ବୈଠକ ପରେ ଏ ପ୍ରସଙ୍ଗରେ ସୂଚନା ଦେଇଛନ୍ତି। ସୁବ୍ରମଣ୍ୟମଙ୍କ ସୂଚନା ଅନୁସାରେ ଭାରତ ପାଇଁ ଏବେ ପରିବେଶ ଠିକ୍ ଅଛି ଓ ଦେଶର ଆର୍ଥିକ ସ୍ଥିତି ମଧ୍ୟ ମଜଭୁତ ଅଛି। ଗଣମାଧ୍ୟମ ସହ ଆଲୋଚନା ବେଳେ ସୁବ୍ରମଣ୍ୟମ କହିଛନ୍ତି ଯେ 'ଭାରତ ଏବେ ବିଶ୍ୱର ୪ର୍ଥ ବୃହତ୍ ଅର୍ଥବ୍ୟବସ୍ଥା ଓ ଆମ ଅର୍ଥ ବ୍ୟବସ୍ଥା ୪ ଟ୍ରିଲିୟନ ଡ଼ଲାରରେ ପହଞ୍ଚି ସାରିଛି। ଏ ପ୍ରସଙ୍ଗରେ ସେ ଅନ୍ତର୍ଜାତୀୟ ମୁଦ୍ର କୋଷ (ଆଇଏମ୍ଏଫ)ର ତଥ୍ୟ ମଧ୍ୟ ଉପସ୍ଥାପନ କରିଥିଲେ। ଆଇଏମ୍ଏଫ ତଥ୍ୟ ଅନୁସାରେ ଭାରତର ଅର୍ଥବ୍ୟବସ୍ଥା ଜାପାନର ଅର୍ଥବ୍ୟବସ୍ଥା ଠାରୁ ବଡ ହୋଇଯାଇଛି।'

କିଛିଦିନ ତଳେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ କହିଥିଲେ ଯେ ସେ ଚାହୁଁଛନ୍ତି ଆପଲ କମ୍ପାନୀ ଆମେରିକାରେ ଆଇଫୋନ ନିର୍ମାଣ କରୁ। ଏ ପ୍ରସଙ୍ଗରେ ସୁବ୍ରମଣ୍ୟମ କହିଥିଲେ ଯେ ଟାରିଫ କ'ଣ ହେବ ସେ କଥା କହିବା ମୁସ୍କିଲ କିନ୍ତୁ ଭାରତରେ ଏଭଳି ଜିନିଷ ନିର୍ମାଣ କଲେ ସେଇ ଜିନିଷ ଶସ୍ତା ରହିବ। ସରକାର ଏବେ ସରକାରୀ ସମ୍ପତ୍ତିକୁ ଲିଜ୍‌ରେ ଦେବେ ଅଥବା ବିକ୍ରୀ କରିବେ ସେ ବାବଦରେ ନିଷ୍ପତ୍ତି ନେବେ। ଏହାକୁ ଆସେଟ ମ୍ୟାନେଜମେଣ୍ଟ କୁହାଯାଏ। ଏ ବାବଦରେ ଆସନ୍ତା ଅଗଷ୍ଟ ମାସରୁ କାମ ଆରମ୍ଭ ହେବ। ସରକାରୀ ସମ୍ପତ୍ତିକୁ ଲିଜ୍‌ରେ ଦିଆଗଲେ ଅଥବା ବିକ୍ରୀ କରାଗଲେ ସରକାଙ୍କୁ ଅଧିକ ଅର୍ଥ ମିଳିବ ଯାହା ଦେଶର ବିକାଶ ଦିଗରେ ବ୍ୟୟ କରାଯାଇ ପାରିବ।

ଇତିମଧ୍ୟରେ ଫିଚ୍ ରେଟିଙ୍ଗ୍‌ସ ନାମକ ଏକ ସଂସ୍ଥା ୨୦୨୮ ସୁଦ୍ଧା ଭାରତର ବାର୍ଷିକ ବୃଦ୍ଧି କ୍ଷମତା ବାବଦରେ ଆକଳନ କରି ଏହା ୬.୪ ପ୍ରତିଶତ ହେବ ବୋଲି କହିଛି। ଏହି ସଂସ୍ଥା ୫ ବର୍ଷର ସମସ୍ତ ଘରୋଇ ଉତ୍ପାଦ (ଜିଡ଼ିପି) ବାବଦରେ ଆକଳନ କରି କହିଛନ୍ତି ଯେ ଭାରତୀୟ ଅର୍ଥବ୍ୟବସ୍ଥା ମଜଭୁତ ହେବାରେ ଲାଗିଛି। ଜାତିସଂଘ ଭାରତ ପ୍ରସଙ୍ଗରେ ସକାରାତ୍ମକ ସଙ୍କେତ ଦେଇଛି। ଜାତିସଂଘର ଏକ ରିପୋର୍ଟ ଅନୁସାରେ ଏବର୍ଷ ଭାରତୀୟ ଅର୍ଥବ୍ୟବସ୍ଥା ଆହୁରି ବିକଶିତ ହେବ। ରିପୋର୍ଟ ଅନୁସାରେ ଭାରତର ଅର୍ଥବ୍ୟବସ୍ଥା ଏବର୍ଷ ୬.୩ ପ୍ରତିଶତ ହାରରେ ବଢ଼ିବ। ଏହା ବିଶ୍ୱର ବୃହତ୍ ଅର୍ଥବ୍ୟବସ୍ଥା ମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ହେବାର ଆଶଙ୍କା ରହିଛି। ଚୀନର ଅର୍ଥବ୍ୟବସ୍ଥା ୪.୬ ପ୍ରତିଶତ ବଢ଼ିବାର ଅନୁମାନ କରିଛି ଜାତିସଂଘ। ସେହିପରି ଆମେରିକାର ଅର୍ଥବ୍ୟବସ୍ଥା ୧.୬ ପ୍ରତିଶତ, ଜାପାନର ୦.୭ ପ୍ରତିଶତ ଏବଂ ୟୁରୋପୀୟ ଅର୍ଥବ୍ୟବସ୍ଥା ୧ ପ୍ରତିଶତ ହାରରେ ବଢ଼ିବ ବୋଲି ଜାତିସଂଘ ଆକଳନ କରିଛି। ଜର୍ମାନୀର ଅର୍ଥବ୍ୟବସ୍ଥାରେ ୦.୧ ପ୍ରତିଶତ ହ୍ରାସ ଘଟିପାରେ ବୋଲି ମଧ୍ୟ ଆକଳନ କରିଛି ଜାତିସଂଘ।

# 'ସତ୍ୟ ପଥେ ଧର୍ମପଥେ, ଘେନିଯାଅ ମୋତେ'



ଦେବଦତ୍ତ ବିଶ୍ୱାଳ
ଚହଟା, କଟକ
ମୋ : ୯୮୬୧୯୪୪୫୯୪

ଧର୍ମ ଶବ୍ଦକୁ ବିଭିନ୍ନ ବ୍ୟକ୍ତି ବିଭିନ୍ନ ଅର୍ଥ ଅର୍ଥାନ୍ତର କରି ବ୍ୟବହାର କରିଥାନ୍ତି। ବୁଝାମଣା ଅଭାବରେ ମତାନ୍ତର ସୃଷ୍ଟି ହୁଏ। ଧର୍ମ ନାମରେ ନାନା ଅଘଟଣ ମଧ୍ୟ ଘଟିଥାଏ। 'ଧୃ' ଧାତୁରୁ ଧର୍ମ ଶବ୍ଦ ସୃଷ୍ଟ ହୋଇଛି। ଯାହା ଧରି ରଖିଛି ତାହା ହିଁ ଧର୍ମ। ମହାନାରାୟଣୋପନିଷଦ୍‌ରେ କୁହାଯାଇଛି, 'ଧର୍ମୋ ବିଶ୍ୱସ୍ୟ ଜଗତଃ ପ୍ରତିଷ୍ଠା' ଅର୍ଥାତ୍ ଧର୍ମ ହିଁ ସମସ୍ତ ସଂସାର ପ୍ରତିଷ୍ଠାର ମୂଳ କାରଣ। ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି ଯେ ପ୍ରାଣ ଉପରେ ସଂକଟ ଆସିଲେ ମଧ୍ୟ ଧର୍ମ ପଥରୁ ବିଚ୍ୟୁତ ହେବା ଉଚିତ୍ ନୁହେଁ। ମହାଭାରତ ଯୁଦ୍ଧ ସମୟରେ ଦୁର୍ଯ୍ୟୋଧନ ମାତା ଗାନ୍ଧାରୀଙ୍କ ପାଖକୁ ଯାଇ ବିଜୟୀ ହେବାର ଆଶୀର୍ବାଦ ମାଗିଲେ।

ଗାନ୍ଧାରୀ ଧର୍ମକୁ ବୁଝିବା ଭଳି ଜ୍ଞାନୀ ମହିଳା ଥିଲେ। ଦୁର୍ଯ୍ୟୋଧନ ବିଜୟ ପ୍ରାପ୍ତି ପାଇଁ ଆଶୀର୍ବାଦ ମାଗନ୍ତେ, ଗାନ୍ଧାରୀ କହିଲେ, 'ଯତୋ ଧର୍ମସ୍ତତୋ ଜୟଃ'। ଅର୍ଥାତ୍ ଯେଉଁଠି ଧର୍ମ, ସେଇଠି ହିଁ ବିଜୟ। ଯୁଦ୍ଧରେ ଗାନ୍ଧାରୀଙ୍କ ସବୁ ପୁତ୍ର ପ୍ରାଣ ହରାଇଲେ। ଧର୍ମଜ୍ଞ ହୋଇଥିଲେ ସୁଦ୍ଧା ସେ ଜଣେ ମା' ଥିଲେ। ପୁତ୍ର ଶୋକରେ ତାଙ୍କ ହୃଦୟ ସନ୍ତପ୍ତ ହୋଇଉଠିଲା। କୌରବଙ୍କ ବିନାଶ ପରେ ଯୁଧୀଷ୍ଠିର ଅନ୍ୟ ପାଣ୍ଡବଙ୍କ ସମେତ ମାତା ଗାନ୍ଧାରୀଙ୍କୁ ସମବେଦନା ଜଣାଇବାକୁ ଆସିଲେ। ସେଠାରେ ମହର୍ଷି ବ୍ୟାସ ମଧ୍ୟ ଉପସ୍ଥିତ ଥିଲେ। ଗାନ୍ଧାରୀ ପାଣ୍ଡବଙ୍କୁ ଦେଖିବା କ୍ଷଣି ନିଜ ପୁତ୍ରଙ୍କ କଥା ମନେ ପକାଇବା ସହ ଧୈର୍ଯ୍ୟ ହରାଇ କ୍ରୋଧିତ ହୋଇ ଉଠିଲେ।

ମହର୍ଷି ବ୍ୟାସ ଜାଣିପାରିଲେ ଯେ ଗାନ୍ଧାରୀ ପାଣ୍ଡବମାନଙ୍କୁ ଅଭିଶାପ ଦେବାକୁ ତତ୍ପର ହୋଇ ଉଠିଛନ୍ତି। ସେ କହିଲେ, ଗାନ୍ଧାରୀ, ଶାନ୍ତ ହୋଇଯାଅ। ତୁମେ ଧୈର୍ଯ୍ୟହରା ହୋଇ ପାଣ୍ଡବଙ୍କ ଉପରେ କ୍ରୋଧିତ ହୁଅନାହିଁ। ଆଶୀର୍ବାଦ ମାଗିବା ସମୟରେ ତୁମେ ଦୁର୍ଯ୍ୟୋଧନକୁ, ଧର୍ମର ହିଁ ଜୟ ହେବ ବୋଲି କହିଥିଲ। କ'ଣ ପାଣ୍ଡବଙ୍କ ବିଜୟ ପରେ ଧର୍ମର ବିଜୟ ନେଇ ତୁମ ମନରେ କୌଣସି ସନ୍ଦେହ ରହିଛି ? ଏହା ଶୁଣି ଗାନ୍ଧାରୀ ଶାନ୍ତ ହୋଇଗଲେ।

ତେଣୁ ପ୍ରକୃତ ଧର୍ମ ଶିକ୍ଷା ଦିଏ ଉତ୍ତମ ଆଚରଣ କରିବା ପାଇଁ, ଦୟାଶୀଳ ହେବା ପାଇଁ, ସହନଶୀଳ ହେବା ପାଇଁ। ଧର୍ମର ବିସ୍ତୀର୍ଣ୍ଣ ପ୍ରାଙ୍ଗଣରେ ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାର ଗୋଟିଏ ଗୋଟିଏ ଶାନ୍ତିପ୍ରଦ ସୁନ୍ଦର ଆଶ୍ରୟସ୍ଥଳ। ମଣିଷକୁ ସଦ୍‌ଭାବନା, ସତଶିକ୍ଷା ଦେବାର ଉତ୍କୃଷ୍ଟ କେନ୍ଦ୍ର। ସେ ପବିତ୍ର ପୀଠରେ ବସି ରହି ଆମକୁ ପ୍ରାର୍ଥନା କରିବାକୁ ହେବ -

'ସତ୍ୟ ପଥେ ଧର୍ମପଥେ, ଘେନିଯାଅ ମୋତେ,
ଭସାଅ ପରାଣ ମୋର, ତବ ପ୍ରେମ ସ୍ରୋତେ।
ପ୍ରଭୋ ! ପରମ ଶରଣ
ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ।'

# ଦୁର୍ନୀତି ନିବାରଣ ଏକ ପ୍ରହସନ ନହେଉ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭

ବିଶ୍ୱରେ ଦୁର୍ନୀତି ପ୍ରାୟ କୌଣସି ଦେଶକୁ ଛାଡ଼ି ନାହିଁ ଅଳ୍ପେ ବହୁତେ ସମସ୍ତେ ଦୁର୍ନୀତିଗ୍ରସ୍ତ, ୨୦୨୨ ମସିହାରେ ପୃଥିବୀର ୧୮୦ଟି ଦେଶ ମଧ୍ୟରେ ଦୁର୍ନୀତି ତାଲିକାରେ ଭାରତ ବର୍ଷର ସ୍ଥାନ ୮୫ ଥିବା ସମୟରେ ୨୦୨୪ ମସିହାରେ ଏହା ୯୬ତମ ସ୍ଥାନରେ ରହିଛି ଏବଂ ରାଜ୍ୟମାନଙ୍କ ମଧ୍ୟରୁ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ କମ୍ ଦୁର୍ନୀତିଗ୍ରସ୍ତ ରାଜ୍ୟ ବୋଲି ଉଲ୍ଲେଖି ଅଛି ଯଦିଓ ଏହା ସନ୍ଦେହ ଘେରରେ ବୋଲି ଅନୁମାନ କରାଯାଏ। ନୀତି ଏବଂ ଦୁର୍ନୀତି ଏହି ଦୁଇଟି ଶବ୍ଦ ଭିତରୁ ଶତ ପ୍ରତିଶତ ବ୍ୟକ୍ତି ନୀତିକୁ ଶ୍ରେୟ ଦେଉଥିବା ସମୟରେ ସ୍ୱଇଚ୍ଛାରେ ବା ପରିସ୍ଥିତିରେ ପଡି ଦୁର୍ନୀତିକୁ ଆପଣେଇ ନେଇଥାନ୍ତି। ଲାଞ୍ଚ, ଅନୈତିକ ଉପାୟରେ ଉପହାର ଗ୍ରହଣ, ଡରାଇ ଧମକାଇ ଅର୍ଥ ଉପାର୍ଜନ, ସରକାରୀ କଳର ଦୁରୁପଯୋଗ, ରାଜନୈତିକ ଉଦ୍ଦେଶ୍ୟ ରଖି ଉପାର୍ଜନ, ଅର୍ଥ/ସମ୍ପତ୍ତି/ପ୍ରତିପତ୍ତି ଲୋଭରେ ଦୁର୍ନୀତି ସହିତ ଦେଶର ପ୍ରାୟ ୯୫ ପ୍ରତିଶତ କ୍ଷମତାସୀନ ବ୍ୟକ୍ତି ଜଡିତ, ସେହି ବ୍ୟକ୍ତି ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ହୋଇପାରନ୍ତି ବା ଦେଶର ସାମ୍ବିଧାନିକ ପଦ ପଦବୀରେ ନିଯୁକ୍ତି ପାଇ ଥା'ନ୍ତି ବା ଲୋକ ପ୍ରତିନିଧି ହୋଇପାରନ୍ତି, ଏମାନଙ୍କ ପାଖରେ ଦୁର୍ନୀତି ଜନିତ ଆୟ ସମୟ ସମୟରେ ଜନତାଙ୍କୁ ଆଚମ୍ବିତ କରିଦେଇଥାଏ। ଏହି ଆୟ ବହିର୍ଭୁତ ସମ୍ପତ୍ତି ପ୍ରାୟତଃ ନିୟମ ତଥା ନୈତିକ ମାନଦଣ୍ଡର ଉଲ୍ଲଙ୍ଘନ କରିଥାଏ, ଦୁର୍ନୀତି ହେଉଛି ବ୍ୟକ୍ତିଗତ ଲାଭ ପାଇଁ ଶକ୍ତି କିମ୍ବା ଅଧିକାର ସାବ୍ୟସ୍ତ କରି ବେନିୟମ ଭାବେ ସମ୍ପତ୍ତି ବଢାଇବାର ଏକ ସୁଚିନ୍ତିତ ତଥା ଅଭିନବ କଳା କୌଶଳ। ଅତୀତରେ ଲୋକ ଲଜ୍ୟା ତଥା ଉପରିସ୍ଥ ହାକିମଙ୍କ ଭୟରେ ଲୁଚା ଛପାରେ ଚାଲିଥିଲା କିନ୍ତୁ ସମୟ ବଦଳିବା ସହିତ ଏହା ଖୁଲମ୍ ଖୁଲା ଚାଲିଛି, ନାମକୁ ମାତ୍ର କେତେଜଣ ଧରା ହୋଇ କାର୍ଯ୍ୟରୁ ନିଲମ୍ବିତ ହୋଇ ନ୍ୟାୟାଳୟରୁ ଜାମିନରେ ଆସି କାର୍ଯ୍ୟରେ ଯୋଗ ଦେଇ ପୁନଶ୍ଚ ନିଜର ଦୁର୍ନୀତି ସାମ୍ରାଜ୍ୟକୁ ଚଳାଇଥା'ନ୍ତି। ଦୁର୍ନୀତି ନିବାରଣ ବିଭାଗ ଏହି ଦୁର୍ନୀତିକୁ ମୂଳୋତ୍ପାଟନ ପାଇଁ ଗଢା ହୋଇଥିଲେ ମଧ୍ୟ ଏହାର ସୀମିତ କ୍ଷମତା, ଲୋକ ବଳ, ସରକାରୀ ଚାପ, ଅଦାଲତରେ ଅନେକ ଦିନ ଅପରାଧୀ ମାନଙ୍କର ଫଇସଲା ନ'ହେବା ତଥା ଆନ୍ତରିକତାର ଅଭାବରୁ ଦୁର୍ନୀତିକୁ ମାତ୍ର ୨୦ ପ୍ରତିଶତ ଲୋପ କରିବାରେ ସଫଳ ହେଉଥିବାର ହୃଦ୍‌ବୋଧ ହୁଏ। ନିକଟ ଅତୀତରେ ଭୁବନେଶ୍ୱର ଇ.ଡି ପରି ସରକାରୀ ସଂସ୍ଥାର ଦୁର୍ନୀତି ଖୋର ଅଧିକାରୀମାନେ ଦୁର୍ନୀତିକୁ ଅଟକାଇବାକୁ ଚେଷ୍ଟା କରିବା ବଦଳରେ ଅପରାଧୀକୁ ନିର୍ଦ୍ଦୋଷରେ ଛାଡି ଦେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ ନେବା ଏବଂ ସିବିଆଇ ଦ୍ୱାରା ଧାରା ପଡିବା ନିତ୍ୟାନ୍ତ ପରିତାପର ବିଷୟ। ଦୁର୍ନୀତି ଏବେ ସବୁଠାରୁ ସମ୍ମାନଜନକ ବିଚାର ବିଭାଗକୁ ମଧ୍ୟ ମାଡି ଗଲାଣି, ନିକଟ ଅତୀତରେ ଦିଲ୍ଲୀ ହାଇକୋର୍ଟ ବିଚାରପତିଙ୍କ ବିଷୟ ସର୍ବ ଭାରତୀୟ ସମ୍ବାଦ ପତ୍ର ତଥା ଟିଭିରେ ବହୁଳ ପ୍ରଚାରିତ ହୋଇ ଥିଲା। ବାଡ଼ ଯଦି ଫସଲ ଖାଇବ ତେବେ ଆମେ କାହାକୁ ବିଶ୍ୱାସ କରିବା କିଏ ଆମର ମାର୍ଗ ଦର୍ଶକ ହେବେ ? ଏଠାରେ ବିଭାଗକୁ ଦୋଷ ନ ଦେଇ ଦାୟିତ୍ୱରେ ଥିବା ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ମାନସିକତାକୁ ନିନ୍ଦା କରିବା ଉଚିତ୍।

ପ୍ରତିଦିନ ସମ୍ବାଦପତ୍ର ତଥା ଟିଭି ସମ୍ବାଦରୁ ଜାଣିବାକୁ ମିଳୁଛି ଯେ, କୌଣସି ନା କୌଣସି ସରକାରୀ କର୍ମଚାରୀଙ୍କ ଘରେ ଦୁର୍ନୀତି ନିବାରଣ ବିଭାଗ ଚଢ଼ାଉ କରିଛି, କିଲୋ କିଲୋ ସୁନା, ରୁପା, କୋଟି କୋଟି ଟଙ୍କା ନଗଦ, ଅମାପ ସମ୍ପତ୍ତି, କୋଠା ଘର, ଏକାଧିକ ଫ୍ଲାଟ, ଜମି, ବିଳାସପୂର୍ଣ୍ଣ ଏକାଧିକ ମଟର ଗାଡି, ଆସବାବପତ୍ର, ଅତ୍ୟାଧୁନିକ ଜୀବନଚର୍ଯ୍ୟା ର ସବୁ ସାଧନ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଜବତ ହେଉଛି। ଏଠାରେ ପ୍ରଶ୍ନ ଉଠେ, ଜାଲରେ ପଡିଥିବା ସରକାରୀ କର୍ମଚାରୀଙ୍କ ଦରମା କେତେ ? କେଉଁ ଅଫିସରେ/ଦପ୍ତରରେ କେଉଁ ଦାୟିତ୍ୱରେ କାମ କରନ୍ତି ?କେତେ ବର୍ଷ ଗୋଟିଏ ଜାଗାରେ ରହିଲେଣି ? କେଉଁ ବାଟରେ ଆୟବହିର୍ଭୁତ ସମ୍ପତ୍ତି ଠୁଳ କଲେ ? ଏହି ସବୁ ବିଷୟ ଦେଖି/ଶୁଣି ଆମ ସରକାରୀ କର୍ମଚାରୀ ମାନଙ୍କ ସଚ୍ଚୋଟ ପଣିଆର ଅସଲ ମୁଖା ଖୋଲି ଦେଉଛି, ତା'ମାନେ ନୁହେଁ ଯେ ସବୁ କର୍ମଚାରୀ ଦୁର୍ନୀତିଗ୍ରସ୍ତ। ତେବେ ଅଧିକାଂଶ କର୍ମଚାରୀ ଆଜି ଅଳ୍ପ ବା ସୀମିତ ସଚ୍ଚୋଟ ଉପାୟରେ ପାଉଥିବା ଦରମା / ଆୟରେ ଆଦୌ ସନ୍ତୁଷ୍ଟ ନୁହନ୍ତି। ସେମାନଙ୍କ ଲୋଭର ସୀମା ନାହିଁ ଆଉ ସରକାରଙ୍କ ଦୁର୍ନୀତିଖୋର କର୍ମଚାରୀଙ୍କ ବିରୁଦ୍ଧରେ ସମୟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନନେବାର ପରିଣତି ସାଧାରଣ ଜନତା ଭୋଗୁଛନ୍ତି। ପୁରୁଷମାନଙ୍କ ତୁଳନାରେ ବର୍ତ୍ତମାନ ମହିଳାମାନେ ମଧ୍ୟ ଦୁର୍ନୀତିଗ୍ରସ୍ତ ସାବ୍ୟସ୍ତ ହେଉଛନ୍ତି, ସେମାନଙ୍କ ହୃଦୟରେ ଦୟା, ମାୟା, ସ୍ନେହ, ମମତା ତଥା ମାନବିକତା ବଦଳରେ କେବଳ ଲୋଭ ଭରି ରହିଛି, ଯାହାକି ସମାଜର ପତନ ପାଇଁ ଦିନେ ପ୍ରମାଣିତ ହେବ। ଅନେକ ସ୍ଥାନରେ ଦେଖାଯାଉଛି ଯେ ଜଣେ ଜଣେ ମହିଳା/ପୁରୁଷ ଏକାଧିକ ବାର ଦୁର୍ନୀତି ଜନିତ ଅପରାଧ ପାଇଁ କାର୍ଯ୍ୟରୁ ନିଲମ୍ବିତ ହୋଇ ମଧ୍ୟ ଚେତୁ ନାହାନ୍ତି। ଏହିପରି ଦୁର୍ନୀତି ଖୋର କର୍ମଚାରୀଙ୍କ ପାଇଁ ଏତେ ସହାନୁଭୂତି କାହିଁକି ? ଏହା ପଛରେ କି ରହସ୍ୟ ଲୁକ୍କାୟିତ ? ଏହାର ଜବାବ କିଏ ଦେବେ ? ତାଙ୍କର ଉପରିସ୍ଥ ଅଧିକାରୀ ନା' ତାଙ୍କୁ ଘଣ୍ଟ ଘୋଡାଇ ରଖୁଥିବା ଧର୍ମ ଭାଇ/ବାପା ନା' ତାଙ୍କର ନିଯୁକ୍ତି ଦାତା ? ଏହି ପ୍ରଶ୍ନ ର ଉତ୍ତର ପାଇଁ ଆମେ ନିଶ୍ଚିତ ଭାବେ ପ୍ରଶାସନକୁ ଦାୟୀ କରିବା କାରଣ ପ୍ରଶାସନର ଛତ୍ରଛାୟା ଦ୍ୱାରା ଏହି ପ୍ରକ୍ରିୟା ସୁଚାରୁରୂପେ ଚାଲିଥାଏ, ଏଥରେ ସମସ୍ତେ ଭାଗିଦାର ଥା'ନ୍ତି, ତେଣୁ ସେମାନେ ବିଲେଇ ପରି ଆଖି ବୁଜି କ୍ଷୀର ପିଅନ୍ତି। ପରଦା ଆଢୁଆଳର ଏହି ଅପରାଧୀମାନଙ୍କୁ ମଧ୍ୟ ଦଣ୍ଡିତ କରିବା ଉଚିତ କିନ୍ତୁ ଆମ ଦେଶର ସମ୍ବିଧାନରେ ଏହି ବ୍ୟବସ୍ଥା ନାହିଁ କିମ୍ବା ନ୍ୟାୟ ପାଳିକା ଏହି ବ୍ୟବସ୍ଥାକୁ ନିଜ ତରଫରୁ ମଧ୍ୟ ଲାଗୁ କରି ପାରିବେ ନାହିଁ।

ଦୁର୍ନୀତିଗ୍ରସ୍ତ ବାବୁ, ବାବୁଆଣୀମାନଙ୍କ ଏହି ବିପୁଳ ସମ୍ପତ୍ତି ତ' ଗୋଟିଏ ଦିନରେ ଠୁଳ ହୋଇନାହିଁ, ଏଥିପାଇଁ ବର୍ଷ ବର୍ଷ ସମୟ ଲାଗିଛି। ନେଡ଼ିଗୁଡ଼ କହୁଣୀକୁ ବୋହିଲା ପରେ ଦୁର୍ନୀତି ନିବାରଣ ବିଭାଗ ନଜରକୁ ଆସିଲା ଆଉ ଧରପଗଡ଼ ହେଲା, କିନ୍ତୁ ତା' ଆଗରୁ କେହି କିଛି ଜାଣି ପାରିଲେ ନାହିଁ ? ଦୁର୍ନୀତିଖୋର କର୍ମଚାରୀଙ୍କ ଉପରିସ୍ଥ ଅଧିକାରୀ କ'ଣ ଧୃତରାଷ୍ଟ୍ର ଥିଲେ ନା' ବକାସୁର ପରି ନିଜ ଭାଗ ନେଇ କୁମ୍ଭକର୍ଣ୍ଣ ନିଦ୍ରା ଯାଇଥିଲେ ? ପ୍ରତି ସରକାରୀ ବିଭାଗରେ ଦୁର୍ନୀତି ନିବାରଣ ପାଇଁ କଛି ସଚ୍ଚୋଟ ଅଫିସର ଦାୟିତ୍ୱରେ ଥା'ନ୍ତି, ସେମାନଙ୍କ ନଜର ମଧ୍ୟ ପଡ଼ିଲା ନାହିଁ କାହିଁକି ? ନିଜସ୍ୱ ଅଡିଟ ଅଛି ସେମାନେ କ'ଣ କିଛି ଟେର ପାଇଲେ ନାହିଁ ? କର୍ମଚାରୀଙ୍କ ଦରମା ଆଉ କର୍ମଚାରୀଙ୍କ ଚାଲିଚଳନକୁ ଆଧାର କରି ତୁଳନାତ୍ମକ ଦିଗ ଦ୍ୱାରା ଯେକେହି ଜାଣି ଯିବେ ଯେ, ବ୍ୟକ୍ତିଟି କେତେ ଆୟ କରୁଛି ଏବଂ କେମିତି ରାଜକୀୟ ଢଙ୍ଗରେ ପରିବାର ପ୍ରତିପୋଷଣ କରୁଛି, ସେଥିରୁ ଅନୁମେୟ ବ୍ୟକ୍ତିଟି କେତେଦୂର ସଚ୍ଚୋଟ ଏବଂ ଦାୟିତ୍ୱବାନ କର୍ମଚାରୀ ଅଟନ୍ତି ? ତା'ଛଡ଼ା ବର୍ତ୍ତମାନ ଟେକ୍ନୋଲୋଜିର ଯୁଗ ମୁଖ୍ୟମନ୍ତ୍ରୀ ତଥା ତାଙ୍କର ଅନ୍ୟ ଦାୟିତ୍ୱବାନ ବିଭାଗର ମୁଖ୍ୟ ଚାହିଁଲେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ବିଷୟରେ ୱେବ ସାଇଟ୍ ଜରିଆରେ ଜାଣିପାରିବେ। ଏତତ୍ ବ୍ୟତୀତ ସବୁ ସରକାରୀ କର୍ମଚାରୀ ପ୍ରତିବର୍ଷ ସମ୍ପତ୍ତି ତାଲିକା ଦେବା କଥା। କେତେଜଣ ଦେଇଛନ୍ତି ପ୍ରତିବର୍ଷ ତାହାର କଣ ସମୀକ୍ଷା ହୁଏ ? ଆଜିକାଲି ଏ.ଆଇ ଟେକ୍ନୋଲୋଜି ଦ୍ୱାରା କ'ଣ ଅପରାଧ ନିୟନ୍ତ୍ରଣ କରି ହେବନାହିଁ ? ଦେଶରେ ଦୁହାଁଳିଆ ଗାଈ ସଦୃଶ ସରକାରୀ ବିଭାଗ ଗୁଡିକ କାର୍ଯ୍ୟରତ ଯେଉଁଠି କାର୍ଯ୍ୟ କଲେ ସରକାରୀ କର୍ମଚାରୀ, ଅଧିକାରୀ ସ୍ୱତଃପ୍ରବୃତ୍ତ କୋଟି ପତି ହୋଇ ଯାଇ ଥା'ନ୍ତି। ଅନ୍ୟାୟ ଅନୀତି, ମିଥ୍ୟା, ଛଳନା, ଜୋର ଜବରଦସ୍ତ ନିରୀହ ଜନସାଧାରଣଙ୍କୁ ଲୁଟ୍ କରୁଥିବା ପ୍ରାୟ ସବୁ ବର୍ଗର ଅପରାଧୀମାନେ ଆଜି ସଂଖ୍ୟା ଗରିଷ୍ଠ, ଅସହାୟ ବ୍ୟକ୍ତି ଆଜି ସଂଖ୍ୟା ଲଘୁ ଗୋଷ୍ଠିରେ ସାମିଲ ହୋଇଛନ୍ତି। ନିରୀହ ଜନତା ଆଜି କେବଳ ବଞ୍ଚିବା ପାଇଁ ସଂଗ୍ରାମରତ ବୋଲି ଅନୁମାନ କରାଯାଏ। କେତୋଟି ନିର୍ଦ୍ଦିଷ୍ଟ ବିଭାଗ ଅଛି ଯେଉଁଥିରେ କି ନିଜସ୍ୱ ଅଲିଖିତ ସାମ୍ବିଧାନିକ କ୍ଷମତା ବ୍ୟବହାର କରି ପି.ସି ର ଅନୁପାତ ଠିକ୍ ହୋଇଥାଏ, କିଏ କେତେ ପାଇବେ ତାହା ସେମାନଙ୍କର ଚୌକି ଅନୁପାତରେ ଧାର୍ଯ୍ୟ, ତେଣୁ ମାଗିବା ନ'ମାଗିବାର ପ୍ରଶ୍ନ କେଉଁଠି ରହିଲା କୁହନ୍ତୁ ? ଏସବୁ କ'ଣ ସରକାର ଜାଣୁ ନାହାନ୍ତି ? ଅନେକ ଦଳ ସରକାର ଗଢ଼ିଛନ୍ତି ଶାସନ କରିଛନ୍ତି କିନ୍ତୁ ଏହି ପ୍ରକ୍ରିୟାର ସମାପ୍ତି କରିବାରେ କାହାରି ଆଗ୍ରହ ନାହିଁ ବୋଲି ପ୍ରମାଣିତ ହୋଇଛି, ହୁଏତ ଏହି ପ୍ରକ୍ରିୟା ଦ୍ୱାରା ବିଭାଗୀୟ ମନ୍ତ୍ରୀ ମାନଙ୍କର ପାକେଟ ଗରମ ହେଉଥିବ ଯାହାକି ପ୍ରମାଣ କରିବା କଷ୍ଟସାଧ। ଠିକାଦାର ନିଜର ଦେୟ/ବିଲ୍ ନେବାବେଳେ ହିସାବ ରକ୍ଷକ/ଆକାଉଣ୍ଟାଣ୍ଟ ନିଜ ଦପ୍ତରର ପିସି ପାଉଥିବା ବ୍ୟକ୍ତିଙ୍କ ପାଇଁ ପିସି କାଟି ବଳକା ବିଲ୍ ବାବଦ ଟଙ୍କା ପୈଠ କରନ୍ତି। ଠିକାଦାର ମଧ୍ୟ ଏହି ସବୁ ବିଦ୍ୟାରେ ଅଭ୍ୟସ୍ତ ତେଣିକି କାର୍ଯ୍ୟର ମାନ ଯାହା ହେଉ ସେକଥା କିଏ ପଚାରେ ? ଜନତା ମରିବେ, ଜନତା ନିର୍ଯ୍ଯାତିତ ହେବେ, ଜନତା ଅସହ୍ୟକୁ ସହ୍ୟ କରିବାରେ କିଛି ମାତ୍ରାରେ ଅଭ୍ୟସ୍ତ ହୋଇ ଗଲେଣି ବୋଲି ଅନୁମେୟ। ବାବୁମାନେ କେଉଁ ପୂର୍ବଜନ୍ମର ସୁଫଳ ବା ଲାଞ୍ଚ ଦେଇ ଯୋଗ୍ୟତାଭିତ୍ତିକ ଚାକିରୀ ଖଣ୍ଡିଏ ଖଣ୍ଡିଏ ପାଇ ଆଜି ଲାଲେଲାଲ୍, ସାଧାରଣ ଜନତା ତା'ଙ୍କ ଆଖିରେ ସତେ ଯେମିତି ପୋକ ମାଛି ସଦୃଶ। ଲାଞ୍ଚୁଆ ଲାଞ୍ଚ ଖାଇବେ ଏବଂ ସାଧାରଣ ଜନତାକୁ ନାଲି ଆଖି ସହିତ ଦୁର୍ବ୍ୟବହାର ଦେଖାଇବାକୁ ମଧ୍ୟ ଭୁଲନ୍ତି ନାହିଁ, ପ୍ରତିଟି ସ୍ଥାନରେ ଲାଞ୍ଚ ନଦେଲେ ନହୁଏ। ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁଠି ଚାଲିଛି ଲାଞ୍ଚ। ଏହାହିଁ ଗଣତନ୍ତ୍ର ଶାସନର ନମୁନା...ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କର ଶାସନ ତଥା ଆମ ନିର୍ବାଚିତ ଶାସନ କର୍ତ୍ତାଙ୍କ ଦାୟିତ୍ୱହୀନତାର ଏକ ନିଚ୍ଛକ ଉଦାହରଣ।

ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥ ୭୫ % ପ୍ରତିଶତ ବାଟମାରଣା ହୋଇ ୨୫% ପ୍ରତିଶତ କାର୍ଯ୍ୟରେ ନିୟୋଜିତ ହେଉଛି। ସରକାରଙ୍କ ଜ୍ଞାତ ବା ଅଜ୍ଞାତରେ ଅନେକ ଦୁର୍ନୀତିଖୋର ବ୍ୟକ୍ତି ବିଶେଷଙ୍କ ଲାଗି ସାଧାରଣ ଜନତା ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି, ଏହାର ଫଳସ୍ୱରୂପ ସରକାର ପ୍ରତ୍ୟକ୍ଷ ବା ପରୋକ୍ଷରେ ବଦନାମ ହେଉଛନ୍ତି। ପଲ୍ଲୀରୁ ଦିଲ୍ଲୀ ଯାଏ ଦୁର୍ନୀତିର ଚେର ବ୍ୟାପିଛି। ଦୁର୍ନୀତି ନିବାରଣ ବିଭାଗ କ'ଣ ବା କରି ପାରିବ ? କମ୍ବଳ ଯାକ ତ' ବାଳ କାହାକୁ ବାଛିବ ? କାହାକୁ ଧୋଇବ ? ଦୁର୍ନୀତି ନିବାରଣ ବିଭାଗକୁ ଆହୁରି ସୁଦୃଢ଼ କରି ସିବିଆଇ ଢାଞ୍ଚାରେ କ୍ଷମତା ଦେବା ଦରକାର, ବିଭାଗୀୟ ମୁଖ୍ୟ ତଥା ଅଧିକାରୀ ମାନଙ୍କୁ ଚାପ ମୁକ୍ତ କରି ଅଧିକ କ୍ଷମତା ଦେବା ଫଳରେ ଦୁର୍ନୀତି ନିବାରଣ ବିଭାଗ ଅଧିକ ସକ୍ରିୟ ହୋଇ ଦେଶବାସୀଙ୍କ ଆସ୍ଥା ଭାଜନ ହେବା ସହିତ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ସକ୍ଷମ ହୋଇପାରିବ। ସରକାର ଯଦି ଅନ୍ତରରୁ ଚାହିଁବେ ହୁଏତ ଭବିଷ୍ୟତରେ ଏହି 'ଦୁର୍ନୀତି' ରାକ୍ଷସ କବଳରୁ ଆଂଶିକ ମୁକ୍ତି ମିଳିବ।

ଯେଉଁ ବ୍ୟକ୍ତି ବିଶେଷ ଏହି ଦୁର୍ନୀତି କରି ଅର୍ଥ ଉପାର୍ଜନ କରୁଛନ୍ତି ସେମାନଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ସହିତ ତା'ଙ୍କର ସବୁ ସମ୍ପତ୍ତି ବାର୍ଜ୍ୟାପ୍ତି କରିବାକୁ ଆଇନ କରାଯାଉ, ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନଙ୍କୁ ଇଣ୍ଟରନେଟ ଦ୍ୱାରା କଳା ତାଲିକାଭୁକ୍ତ କରି ସର୍ବସାଧାରଣରେ ତାଙ୍କର ମୁଖା ଖୋଲି ଅସଲ ପରିଚୟ ଦିଆଯାଉ, ସେମାନଙ୍କର ପରିବାରକୁ ମଧ୍ୟ କୌଣସି ସରକାରୀ ସହାୟତା ଦିଆ ନ'ଯାଉ, ଏପରି ବ୍ୟକ୍ତି ଦେଶ ପାଇଁ କଳଙ୍କ। ସରକାରଙ୍କ ହାତ, ଗୋଡ଼, ମୁଣ୍ଡ ସବୁ ଏହିପରି ଦୁର୍ନୀତିରେ ଲିପ୍ତ କର୍ମଚାରୀ ମାନଙ୍କ ଲାଗି ପକ୍ଷାଘାତ ହୋଇ ଗଲାଣି, ସାଧାରଣ ଜନତା ଲାଞ୍ଚ ଦେଇ ତ୍ରାହି ତ୍ରାହି ଡାକିଲେଣି ତଥାପି ଏମାନଙ୍କର ଜ୍ଞାନୋଦୟ ହେଉନାହିଁ, ଏମାନେ ମାନବିକତାକୁ ପୋଡ଼ିଜାଳି ଖାଇ ଦେଇଛନ୍ତି, ହୁଏତ ଆମ ମାନଙ୍କ ପାଇଁ ଭଲ ଦିନ ଦେଖିବା ଦିବା ସ୍ୱପ୍ନରେ ରହିଯିବା ପରି ପ୍ରତୀୟମାନ ହେଉଛି। ଖାଲି ଦୁର୍ନୀତିଖୋର କର୍ମଚାରୀ/ଅଧିକାରୀଙ୍କୁ ଧରିଲେ ହେବନାହିଁ ଏମାନଙ୍କ ଉପରିସ୍ଥ ଅଧିକାରୀ ମଧ୍ୟ ନିଜର ଦାୟିତ୍ୱହୀନତା ପାଇଁ ଦଣ୍ଡ ପାଇବା ଉଚିତ୍। କାରଣ ସେ ନିଜ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଛନ୍ତି। ନିଜ କାର୍ଯ୍ୟାଳୟର ଦୁର୍ନୀତିକୁ ଘଣ୍ଟ ଘୋଡାଇ ରଖିଛନ୍ତି। ବିଭାଗୀୟ ମୁଖ୍ୟ ନିର୍ଦ୍ଦିଷ୍ଟ ସମୟରେ ବଦଳି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନିହାତି ଜରୁରି। ଗୋଟିଏ ଜାଗାରେ ବର୍ଷ ବର୍ଷ ରହି କୋଳି ଖାଇ ମଞ୍ଜି ପୋତିଲା ପରି ଅବସ୍ଥା ହୋଇ ଯାଇଛି। ପ୍ରିୟାପ୍ରୀତି ତୋଷଣ, ସମସ୍ତଙ୍କୁ କିଛିକିଛି ଦେଇ ବା ରାଜନୈତିକ ଚାପରେ ବର୍ଷ ବର୍ଷ ଗୋଟିଏ ସ୍ଥାନରେ ରହିବା ଦ୍ୱାରା ଦୁର୍ନୀତି ବେଶୀ ବ୍ୟାପୁଛି ଏଥିରେ ସନ୍ଦେହ ନାହିଁ। ସରକାର ତ' ସବୁ ବାଟରେ ସରକାରୀ କର୍ମଚାରୀଙ୍କ ଲାଗି ସୁବିଧା ଖଞ୍ଜି ଦେଉଛନ୍ତି, ବର୍ଷକୁ ଦୁଇଥର ମାହାଙ୍ଗା ଭତ୍ତା ବଢୁଛି ତେବେ ଏହି ଅଧମମାନେ ଚୋରି କାହିଁକି କରୁଛନ୍ତି ? କାହା ପାଇଁ ଚୋରି କରୁଛ ଭାଇ/ଭଉଣୀମାନେ ? ଛୁଆ ପିଲା କେତୋଟି, ସେମାନେ କ'ଣ ଅଯୋଗ୍ୟ ? ଏତେ ଗୁଡିଏ ଫ୍ଲାଟ କିଣି କ'ଣ କରିବ ? ଏତେ ସମ୍ପତ୍ତି କ'ଣ ସତରେ ତୁମ ପରିବାରର କାମରେ ଆସିବ ? ଚିନ୍ତା କରନ୍ତୁ ତ' ଭାଇ ଭଉଣୀମାନେ ଯେତେବେଳେ ଜେଲ୍ ଯିବ ସେତେବେଳେ ସେହି ସମ୍ପତ୍ତି କିଏ ଭୋଗ କରିବ ? ଯଦି ପିଲାଙ୍କୁ ଠିକ୍ ସଂସ୍କାର ଶିଖାଇ ଥିବ ତେବେ ସେଇ ପିଲାମାନେ ତୁମକୁ ଘୃଣା କରିବେ, ଧିକ୍ ! ସେ ସମ୍ପତ୍ତି ଆଉ ଧିକ୍ ସେ ଲୋଭ। କଥାରେ ଅଛି 'ଅତି ଲୋଭେ ତନ୍ତୀ ମରେ' ଏହିପରି ଚରିତ୍ରହୀନ 'ନୀଳବର୍ଣ୍ଣ ଶୃଗାଳ'ମାନଙ୍କ ପରିବାରରେ କେହି ବିରୋଧ କରନ୍ତି ନାହିଁ କାରଣ ସେମାନେ ଚୋରି ପଇସାରେ ଆନନ୍ଦ କରୁଛନ୍ତି, ମସଗୁଲ୍ ହେଉଛନ୍ତି, ମିଥ୍ୟା ଆଭିଜାତ୍ୟ ଦେଖାଉଛନ୍ତି, ତେଣିକି ଯାହା ହେଉଛି ହେଉ। ତେଣୁ କେବଳ ନ୍ୟାୟାଳୟଙ୍କ ଦଣ୍ଡ ଅପେକ୍ଷାରେ ଏମାନେ ଥା'ନ୍ତି ଆଉ ଗଳାବାଟ ଦେଖି ଦଣ୍ଡରୁ ଖସିଯିବା ପାଇଁ କରିତକର୍ମା ଆଇନଜୀବୀ ମହାଶୟଙ୍କ ଦ୍ୱାରା ଚେଷ୍ଟା କରନ୍ତି, କିଛି ସ୍ଥାନରେ ସଫଳ ହେଉଥିବା ସମୟରେ କିଛି ସ୍ଥାନରେ ବିଫଳ ହୋଇ ଜେଲ୍ ଯାତ୍ରା ସହ ସର୍ବସ୍ୱ ହରାଇବାକୁ ପଡିଥାଏ। ପ୍ରତିବର୍ଷ ପୃଥିବୀରେ ଦୁର୍ନୀତି ରାକ୍ଷସ ତା'ର କାୟା ମେଲାଇ ଚାଲିଛି ଯଦି ତୃଣମୂଳରୁ ଏହାକୁ ନିପାତ ନ'କରିବା ତେବେ ଆମେ ନିଜ ଗୋଡ଼କୁ ନିଜେ କୁରାଢି ମାରିବା ଅବସ୍ଥା ହେବ। ଦେଶର ଅର୍ଥନୀତିକୁ ଉଈ ପରି ଚରି ଯାଉଥିବା ଏପରି ଗୋଷ୍ଠୀଙ୍କୁ ଦୃଢ ହସ୍ତରେ ଦମନ କରାଯିବାର ସମୟ ଉପନୀତ, ତେବେ ବିଲେଇ ବେକରେ କିଏ ଘଣ୍ଟି ବାନ୍ଧିବ ? ଏଠାରେ କାହାରିକୁ ଆକ୍ଷେପ କରି ଏହି ଲେଖା ପ୍ରସ୍ତୁତ ହୋଇନାହିଁ, କେବଳ ସଚେତନତା ପାଇଁ ଏହା ଉଦ୍ଦିଷ୍ଟ।



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ପବିତ୍ର ଗୁରୁପୂର୍ଣ୍ଣିମା ଉପଲକ୍ଷେ ଚୌଦ୍ୱାର ଓଟିଏମ୍ କଲୋନୀ ନିକଟସ୍ଥ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଆଶ୍ରମରେ ଭାଗବତ ସପ୍ତାହ ଓ ପାରାୟଣ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ କମିଟି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଶ୍ରମ ପରିସରରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଅନୁଷ୍ଠାନର ଭାଗବତ କାର୍ଯ୍ୟକ୍ରମକୁ ପ୍ରଶଂସାକରି ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ଜୁଲାଇ ମାସ ୧୦ତାରିଖରୁ ୧୭ତାରିଖ ପର୍ଯ୍ୟନ୍ତ ଭାଗବତ ସପ୍ତାହ ଓ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ବୈଠକରେ ସ୍ଥିରୀକୃତ ହୋଇଥିଲା। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସ୍ଥାନୀୟ କାଉନସିଲର ଦିଲ୍ଲୀପ ସାହୁ ପ୍ରମୁଖ ବୈଠକରେ ଯୋଗଦେଇ ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ପୌରପାଳିକା ତରଫରୁ ସହଯୋଗ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରାଜକିଶୋର ସାମନ୍ତ, ଉପସଭାପତି ବିଜୟ ଅରିସଲ, ସନ୍ତୋଷ କୁମାର ଧର, ଅଜୟ କୁମାର ସାହୁ, ନାରାୟଣ ସ୍ୱାଇଁ, ଅଜୟ କୁମାର ଦାସମହାପାତ୍ର, ରାଜେନ୍ଦ୍ର ପ୍ରଧାନ, ବିଭୂତି ଭୂଷଣ ଦାସ, ପ୍ରଶାନ୍ତ କୁମାର ବେହେରା, ବିମଳ କୁମାର ବେଉରା, ଦିବାକର ଲେଙ୍କା, ତପନ ରାଉତ, କିଶୋର ଷଣ୍ଢ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କୋରେଇ ବ୍ଲକ କାର୍ଯ୍ୟାଳୟରେ ଚାଲିଛି ଦଲାଲରାଜ୍

- ଭେଣ୍ଡର ଚୟନରେ ରହୁନି ସ୍ୱଚ୍ଛତା
- ବିନା ଯନ୍ତ୍ରୀ ଦସ୍ତଖତରେ ହେଉଛି ବିଲ୍ ପୈଠ
- ଜଣେ ଯନ୍ତ୍ରୀ ସାଜିଛନ୍ତି ବ୍ଲକର ସର୍ବେସର୍ବା

କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ବର୍ତ୍ତମାନ ଉନ୍ନୟନ କାର୍ଯ୍ୟ ଚାଲିଥିବା ବେଳେ କିଛି ପଞ୍ଚାୟତରେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ଉନ୍ନତମାନର କାର୍ଯ୍ୟକୁ ବର୍ତ୍ତମାନ ସରକାର ଗୁରୁତ୍ୱ ଦେଉଥିବା ବେଳେ କୋରେଇର କିଛି ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ମନରେଗାରେ ପୋଖରୀ ଖୋଳା ଠାରୁ ଆରମ୍ଭ କରି କଂକ୍ରିଟ କାର୍ଯ୍ୟରେ ସବୁଠି ନିମ୍ନମାନର କାର୍ଯ୍ୟ ହେଉଥିବା ଦେଖାଯାଉଛି। ବିଶେଷକରି ରଣପୁର, ଅସନଝର, ପାଟରଙ୍ଗା, ଜହ୍ନା ପଞ୍ଚାୟତ ଗୁଡିକରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ବିଶେଷଭାବେ ଉପରୋକ୍ତ ପଞ୍ଚାୟତଗୁଡ଼ିକ ଦାୟିତ୍ୱରେ ଥିବା ଯନ୍ତ୍ରୀ ନଳିନୀ କାନ୍ତ ଚନ୍ଦ୍ର ସବୁ ଦୁର୍ନୀତିର ମୂଳ ଗୋଡ଼ା ବୋଲି ଲୋକ ଅଭିଯୋଗ କରୁଛନ୍ତି। ଏବେ ବ୍ଲକରେ ଜଣେ ଯନ୍ତ୍ରୀ ଅବସର ନେଇଥିବା ବେଳେ ତାଙ୍କ ଦାୟିତ୍ୱରେ ଥିବା ପଞ୍ଚାୟତଗୁଡ଼ିକର ଦାୟିତ୍ୱ ଏହି କରିତକର୍ମା ଯନ୍ତ୍ରୀଙ୍କୁ କୁଆଡ଼େ ଦିଆଯାଇଥିବା ସୂଚନା ମିଳିଛି। ଫଳରେ ୧୫ଦିନ ତଳେ ସମ୍ପୃକ୍ତ ପଞ୍ଚାୟତଗୁଡ଼ିକରେ କାମ କରୁଥିବା ମିଛ ଶ୍ରମିକ ସଂଖ୍ୟାରେ ହଠାତ ୨ଗୁଣ ବୃଦ୍ଧି ହୋଇଥିବା ସୂଚନା ମିଳିଛି। ଅନ୍ୟପଟେ ନିର୍ବାଚନ ପୂର୍ବରୁ ହୋଇଥିବା ଧନେଶ୍ୱର ପଞ୍ଚାୟତର ଦିଗୀ ପୋଖରୀ କାମ ଓ ତାରାକୋଟ ପଞ୍ଚାୟତର ତରପଦା ମିଟୁଆଣୀ ପୋଖରୀର ତୁଠ କାମ ୨ଟିର ବିଲ ଭେଣ୍ଡର ବଦଳାଇ ବିଲ ଆତ୍ମସାତ ହୋଇଥିବା ଅଭିଯୋଗ ହେଉଛି। ଏଠାରେ ସୂଚନା ଥାଉକି ପ୍ରଥମେ ଭେଣ୍ଡରର ବିଲ ପୈଠ କରିବାକୁ ହେଲେ ଭେଣ୍ଡର ବିଲରେ କାମରେ ସମ୍ପୃକ୍ତ ଥିବା ଯନ୍ତ୍ରୀଙ୍କ ସ୍ୱାକ୍ଷର ଦରକାର ଥିବାବେଳେ କୌଣସି ରସିଦରେ ସମ୍ପୃକ୍ତ ଥିବା ଯନ୍ତ୍ରୀଙ୍କ ସ୍ୱାକ୍ଷର ନଥିବା ଜଣାପଡିଛି। ତେଣୁ ବିଲକୁ କ୍ୟାସିୟର ପାସ କଲେ କେମିତି ? ବ୍ଲକ ଉର୍ନ୍ନୟନ ଅଧିକାରୀ ସେଥିରେ ଦସ୍ତଖତ କଲେ କେମିତି ? ଗୋଟେପଟେ ଲୋକମାନେ କାମ କରି ବିଲ ପାଇଁ ହତାଶ, ଅନ୍ୟପଟେ ଅନ୍ୟ ଭେଣ୍ଡର ମାଧ୍ୟମରେ ପଇସା ଉଠାଇ କର୍ମଚାରୀମାନେ ମାଲେମାଲ। ପଇସା ନପାଇ କାମରେ ସମ୍ପୃକ୍ତ ଥିବା ଲୋକମାନେ ହତାଶ। ସରକାରୀ ନିୟମ ଅନୁଯାୟୀ କାମର ଫାଇଲଗୁଡ଼ିକ କର୍ମଚାରୀଙ୍କ ବ୍ୟତୀତ ଆଉ କେହି ନେବାର ନିୟମ ଥିବା ବେଳେ ବର୍ତ୍ତମାନ ବ୍ଲକ ପରିସରରେ କିଛି ଭେଣ୍ଡର ଦଲାଲ ସାଜି କାମଗୁଡିକର ଫାଇଲ ଧରି ବିଭାଗ ବିଭାଗ ପାସ କରିବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି। ତେଣୁ ଏ ସମସ୍ତ କାର୍ଯ୍ୟକୁ ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଧ୍ୟାନ ଦେଇ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଏହି କଳା କାରନାମାରେ ଯେଉଁ କର୍ମଚାରୀ ସମ୍ପୃକ୍ତ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଦୁର୍ନୀତି ଅଭିଯୋଗ ହେଉଥିବା ପଞ୍ଚାୟତଗୁଡ଼ିକର ଦାୟିତ୍ୱରେ ଥିବା ସମ୍ପୃକ୍ତ ଯନ୍ତ୍ରୀଙ୍କୁ ସେହି ପଞ୍ଚାୟତଗୁଡ଼ିକରୁ ଅପସାରଣ କରାଯିବା ସହିତ ବ୍ଲକ୍‌ରୁ ଅନ୍ୟତ୍ର ବଦଳି କରିବାକୁ ସାଧାରଣରେ ଦୃଢ଼ ଦାବୀ ହେଉଛି।

## ବ୍ୟାଡ଼ମିଣ୍ଟନ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଦୀର୍ଘ ଏକମାସ ଧରି ଚାଲିଥିବା ବ୍ୟାଡ଼ମିଣ୍ଟନ ଗ୍ରୀଷ୍ମକାଳୀନ ଶିବିର ସୋମବାର ଦିନ ଉଦ୍‌ଯାପିତ ହୋଇଯାଇଛି ଏହି ଉଦ୍‌ଯାପନୀ ଦିବସରେ ଜଗତସିଂହପୁର କ୍ରୀଡ଼ା ଅଧିକାରିଣୀ ବିଶ୍ୱବିଜୟିନୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ



ଦେଇଥିଲେ। ଏହି ସମର ଶିବିରରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କୋଚ ସ୍ୱାଗତିକା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକମାସ ଧରି ଏହି ବ୍ୟାଡ଼ମିଣ୍ଟନ ସମର ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

## ବୋମା ବିସ୍ଫୋରଣ ଘଟଣା

# ବିସ୍ଫୋରକ ସାମଗ୍ରୀ, ବନ୍ଧୁକ ଓ ଚୋରା ବାଇକ୍ ଜବତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଝଡେଶ୍ୱରପୁର ଗ୍ରାମପଞ୍ଚାୟତ ମାନାମ ଗଡା ନିକଟରେ ହୋଇଥିବା ବୋମା ବିସ୍ଫୋରଣ ଘଟଣାରେ ନେମାଳ ଥାନା ପୋଲିସ ତଦନ୍ତ କରି ବିସ୍ଫୋରକ ସାମଗ୍ରୀ, ବନ୍ଧୁକ ଓ ଚୋରା ବାଇକକୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୬ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବାର ଜଣାଯାଇଛି। ଗତ ୨୯ତାରିଖ ରାତ୍ରର ବିଳମ୍ବିତ ପ୍ରହରରେ ନିଶ୍ଚିନ୍ତକୋଇଲି ବ୍ଲକ ଝାଡେଶ୍ୱରପୁର ଗ୍ରାମପଂଚାୟତ କୁସୁମଣ୍ଡଳ ଗୋପିନାଥପୁର (ମାଙ୍ଗିଗଡା) ନିକଟରେ ଥିବା ଏକ ଭଡା ଘରେ ବୋମା ଭିଡୁଥିଲା ବେଳେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ମାତ୍ର ୨-୩ଦିନ ତଳୁ ମୁମ୍ବାଇରୁ ଗାଁ ଆସି ନିଜର ପଡିଆରା ଜାହିର କରିବାକୁ ଯୋଜନା କରିଥିବା ଦାଉଦପୁର ଗ୍ରାମପଂଚାୟତ ନାହାଳପୁର ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧି ଦୁଖା ଓରଫ ମିର୍ଜା ଆକବର ବେଗ (୫୨) ବୋମା ବିସ୍ଫୋରଣରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧିନ ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲା। ଏହି ବିସ୍ଫୋରଣ ଘଟଣାରେ କୋଠାଘରଟି ଭୁଷୁଡି ପଡିଥିଲା। ଖବର ପାଇ ନେମାଳ ଥାନା ପୋଲିସ ଘଟଣାସ୍ଥଳରୁ ୧୨ଟି ଅଫୁଟା ବୋମାକୁ ଉଦ୍ଧାର କରି ନିଷ୍କ୍ରିୟ କରିଥିଲା। ଏହି ଘଟଣାରେ ପୋଲିସ ଏକ ପକ୍ଷୀମରା ବନ୍ଧୁକ, ଖଣ୍ଡା, ମୋବାଇଲ, କିଛି ବିସ୍ଫୋରକ ସାମଗ୍ରୀ ଓ ୪ଟି ଚୋରା ବାଇକକୁ ଜବତ କରିଛି। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ପୋଲିସ ସ୍ଥାନୀୟ ଗଡିଜଙ୍ଗ ଗ୍ରାମର ଦେବେନ୍ଦ୍ର ଚୌଧୁରୀ ଓରଫ ଲିପୁ(୪୧), ନାହାଳପୁର ଗ୍ରାମର ମିର୍ଜା ହାକିମ ବେଗ, କୁସୁମଣ୍ଡଳ ଗୋପିନାଥପୁର ଗ୍ରାମର ମିର୍ଜା ଫଇଜାଲ ବେଗ(୨୮), ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଗ୍ରାମର ମିଆଜ ଖାଁ (୪୮), ନାହାଳପୁର ଗ୍ରାମର ସେକ ମତଲୁବ ଅଲ୍ଲୀ(୫୨), କାକୁଡିଆପଡା ଗ୍ରାମର ସୁରଜ ଖାଁ (୨୫) କୁସୁମଣ୍ଡଳ ଗୋପିନାଥପୁର ଜାହିର ବେଗ ପ୍ରମୁଖ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବାର ପୋଲିସ ସୂତ୍ରରୁ ପ୍ରକାଶ। ଏମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ବହୁ ଅପରାଧିକ ମାମଲା ରହିଥିବାର ଜଣାଯାଇଛି।

# ଦ ବେଲ୍ ତରଫରୁ 'ବୟସର ଚର୍ଚ୍ଚା କାର୍ଯ୍ୟକ୍ରମ'




ପୁରୀ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମୁଖ୍ୟ ଦ ବେଲ୍ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ମଙ୍ଗଳବାର ବୟସର ଚର୍ଚ୍ଚା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବ୍ରାହ୍ମଣ ବୋଡ଼ି ଛକ ସ୍ଥିତ ଚନ୍ଦ୍ରଶେଖର ପାଠାଗାର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ବରିଷ୍ଠ ନାଗରିକ ଓ ସଂଗଠନମାନେ ଚର୍ଚ୍ଚାରେ ଭାଗନେଇ ବର୍ତ୍ତମାନ ସମୟରେ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସାମାଜିକ କର୍ତ୍ତବ୍ୟ ଓ ଅଧିକାର ବିଷୟରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ସ୍ୱାଗତ କରିବା ସହିତ ଉତ୍ତର ପିଢ଼ି ଓ ପୂର୍ବ ପିଢ଼ି ପରସ୍ପର ସହିତ ଖାପଖୁଆଇ ଚଳିଲେ ଅଧୁନା ପରିବର୍ତ୍ତିତ ପରିସ୍ଥିତିରେ ବରିଷ୍ଠ ନାଗରିକମାନଙ୍କ ଅଧିକାର ସୁରକ୍ଷିତ ରହିବା ସହିତ ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରଘୁନାଥ ମହାପାତ୍ର ସ୍ୱଚ୍ଛଳ ଥିବା ବରିଷ୍ଠ ନାଗରିକମାନେ ନିଜର ଅଧିକାର ଅପେକ୍ଷା ନିଜର ସାମାଜିକ କର୍ତ୍ତବ୍ୟ ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି କହିଥିଲେ। ବିଶିଷ୍ଟ ସ୍ତମ୍ଭକାର ହରିଶଙ୍କର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପୁରୀ ତଥା ବିଭିନ୍ନ ବ୍ଲକ ଅଞ୍ଚଳରୁ ଆସିଥିବା ବରିଷ୍ଠ ନାଗରିକ କମିଟି ସଦସ୍ୟମାନେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ବସବାସ କରୁଥିବା ବରିଷ୍ଠ ନାଗରିକମାନେ ଅଧିକ ଆଇନକାନୁନ୍ ବିଷୟରେ ଜାଣି ନଥିବାରୁ ସେମାନଙ୍କ ପାଇଁ ସରକାର ଓ ସାମାଜିକ ଅନୁଷ୍ଠାନ ଅଧିକ ଧ୍ୟାନ ଦେଇ କାର୍ଯ୍ୟ କରିବାର ଆବଶ୍ୟକତା ଅଛି ବୋଲି ମତ ଦେଇଥିଲେ। ସେହିପରି ପୁରୀ ମ୍ୟୁନିସିପାଲିଟି ଅଞ୍ଚଳରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ କମ୍ୟୁନିଟି ହଲ, ସ୍ୱତନ୍ତ୍ର ପାର୍କ ଓ ଶ୍ରୀମନ୍ଦିର ଦର୍ଶନ ଓ ମେଡ଼ିକାଲରେ ବରିଷ୍ଠ ନାଗରିକମାନଙ୍କୁ ଯେପରି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ପାରିବ ସେ ଦିଗରେ ପ୍ରଶାସନିକ ସ୍ତରରେ ବିଶେଷ ବ୍ୟବସ୍ଥା ଓ ଧ୍ୟାନ ଦେବାପାଇଁ ଦାବି କରିଥିଲେ। ଏଥିସହିତ ଏଭଳି କାର୍ଯ୍ୟକ୍ରମ ବିଭିନ୍ନ ଅଞ୍ଚଳରେ ଆୟୋଜନ କରାଗଲେ ସେହି ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କ ଭିତରେ ଭାବର ଆଦାନପ୍ରଦାନ ସହିତ ବିଭିନ୍ନ ବିଷୟରେ ଚର୍ଚ୍ଚା ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ 'ଦ ବେଲ୍ ଓମେନସନ୍ କ୍ଲବ୍' ଓ 'ୟୁଥ୍ କ୍ଲବ' ସଦସ୍ୟମାନେ ପରିଚାଳନା କରିଥିଲେ।

## ସ୍ୱଚ୍ଛ ଭାରତ ଯୋଜନା ଦିଗହରା

# ଅଞ୍ଚଳରେ ବହୁ ଶୌଚାଳୟ ବ୍ୟବହାର ଅନୁପଯୋଗୀ

ଆସିକା, (ଭାସ୍କର ନ୍ୟୁଜ୍): ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ପାଇଖାନା ନିର୍ମାଣ ଯୋଜନା ଆସିକା ବ୍ଲକରେ ଦିଗହରା ହୋଇଯାଇଛି। ଏନେଇ କେନ୍ଦ୍ର ସରକାର କୋଟିକୋଟି ଟଙ୍କା ଅନୁଦାନ ପ୍ରଦାନ କରୁଥିବା ବେଳେ ସ୍ୱଚ୍ଛ ଭାରତ ପାଇଖାନା ଯୋଜନା ବିଫଳ ହୋଇଥିବା ଜଣାପଡିଛି। ଆସିକା ବ୍ଲକର ୨୭ଟି ପଚାଂୟତରେ ସ୍ୱଚ୍ଛ ଭାରତ ମିଶନରେ ତତ୍ପରତା ପ୍ରକାଶ ପାଉନଥିବା ଅଭିଯୋଗ ହେଉଛି। ଏଥିରେ ଜଡିତ ପଚାଂୟତ ଅଧିକାରୀ, ବ୍ଲକ ଅଧିକାରୀ ଏବଂ କାର୍ଯ୍ୟପରିଚାଳନା କ୍ଷେତ୍ରରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବହେଳା ଯୋଗୁଁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। ବିଭିନ୍ନ ସମୟରେ ବ୍ଲକ ପକ୍ଷରୁ ପ୍ରତ୍ୟେକ ପରିବାରକୁ ଘରୋଇ ପାଇଖାନା ନିର୍ମାଣ କରିବା ପାଇଁ ସଚେତନତା କରାଯାଉଥିବା କୁହାଯାଉଛି। ଏଥିସହିତ ଆସିକା ବ୍ଲକ ଖୋଲା ଶୌଚମୁକ୍ତ ଅଞ୍ଚଳ ଭାବେ ମଧ୍ୟ ଘୋଷିତ କରାଯାଉଛି। ଅନେକ ଆବେଦନ କାରୀ ତଥା ଇଚ୍ଛୁକ ବ୍ୟକ୍ତିମାନେ ପାଇଖାନା ନିର୍ମାଣ ପାଇଁ ଦରଖାସ୍ତ କରି ବ୍ଲକକୁ ଦୌଡ଼ିଦୌଡ଼ି ନୟାନ୍ତ ହେବା ପରେ ବାଧ୍ୟ ହୋଇ ରାସ୍ତାକଡ଼ ଅପରିଷ୍କାର କରୁଛନ୍ତି। ବିଶେଷକରି ଆସିକା ବ୍ଲକରେ ସ୍ୱଚ୍ଛ ଭାରତ ମିଶନ, ଗ୍ରାମ୍ୟ ପାନୀୟଜଳ ଯୋଜନା, ମନରେଗା ପ୍ରଭୃତି କାର୍ଯ୍ୟ କାରିତାରେ ମନ୍ଥରତା ପରିଲକ୍ଷିତ ହେଉଥିବା ଜଣାପଡୁଛି। କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ କୋଟିକୋଟି ଟଙ୍କା ପ୍ରଦାନ କରୁଛନ୍ତି। ଏହି ଅନୁଦାନ ଅର୍ଥରେ ପାଇଖାନା ନିର୍ମାଣ ହେଉଛି। କିନ୍ତୁ ସଚେତନତା ଅଭାବରୁ ହେଉ କିମ୍ବା ପାଇଖାନା ଗୁଡିକ ନିମ୍ନମାନର ନିର୍ମାଣ କାରଣରୁ ହେଉ ଗ୍ରାମାଞ୍ଚଳର ଅନେକ ପାଇଖାନା ଅବ୍ୟବହୃତ ହୋଇ ରହିଥିବା କାରଣରୁ ଯୋଜନାଟି ମୂଳଲକ୍ଷ୍ୟ ଠାରୁ ଦୂରେଇଯାଉଛି। କେତେକ ସ୍ଥାନରେ ନିମ୍ନମାନର ଟାଙ୍କି ଭାଙ୍ଗିରୁଜି ଗଲାଣିତ ଆଉ କେତେକ ସ୍ଥାନରେ ଏଗୁଡିକ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ନିର୍ମାଣ କରାଯାଇଥିବା ପାଇଖାନାଗୁଡିକ ମଧ୍ୟରେ ଅଧାରୁ ଅଧିକ ଅନୁପଯୋଗୀ ହୋଇ ପଡିରହିଥିବା ବେଳେ ଶୌଚ ପାଇଁ ପାଣିର ଅଭାବ ଏହାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଘରୋଇ ପାଇଖାନା ଗୁଡିକ ନିମ୍ନମାନର ହୋଇଥିବା କାରଣରୁ କେତେକ ସ୍ଥାନରେ ବର୍ଷେ ନପୁରୁଣୁ ଏଗୁଡିକ ଭାଙ୍ଗିରୁଜି ଗଲାଣି। ଏଥିସହ କେତେକ ସ୍ଥାନରେ ନିମ୍ନମାନର ଛାଉଣି ଓ କବାଟ ଯୋଗୁଁ ପାଇଖାନା ବ୍ୟବହାର ଅନୁପଯୋଗୀ ହୋଇ ରହିଛି। ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ ସହ ବିଭାଗୀୟ ଯନ୍ତ୍ରୀଙ୍କ ସଠିକ ତଦାରଖ ଅଭାବରୁ ଆସିକା ବ୍ଲକ ଅଞ୍ଚଳରେ ଅନେକ ପାଇଖାନାରେ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ ସହ ବିଭାଗୀୟ ଯନ୍ତ୍ରୀଙ୍କ ସଠିକ ତଦାରଖ ଅଭାବରୁ ଆସିକା ବ୍ଲକ ଅଞ୍ଚଳରେ ଅନେକ ପାଇଖାନାରେ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଆସିକା ବ୍ଲକରେ ଏଭଳି ଅନେକ ଲକ୍ଷ୍ୟହୀନ ପାଇଖାନା ଅବ୍ୟବହୃତ ହୋଇ ରହିଥିବା ବେଳେ ହିତାଧିକାରୀମାନେ ପାଇଖାନାକୁ କିପରି ବ୍ୟବହାର କରିବେ ସେଥିପାଇଁ ବ୍ଲକ ପ୍ରଶାସନ ସଚେତନତା ସୃଷ୍ଟି କରିବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

# ନିମାପଡ଼ା ଅମିତ ଟାଇକୋଣ୍ଡ ସଂଘର ଛାତ୍ରଛାତ୍ରୀମାନଙ୍କ କୃତିତ୍ୱ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଚଳିତ ମାସ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ଉତର ପ୍ରଦେଶ ବୃନ୍ଦାବନ ସ୍ଥିତ ମା' ଜ୍ୱାଳାଧାମରେ ଆୟୋଜିତ ହୋଇଥିବା ଦ୍ୱିତୀୟ ସ୍ୱାମୀ ବିବେକାନନ୍ଦ ଓପନ ଜାତୀୟ ସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗୀତାରେ ଭାଗ ନେଇଥିବା ଅମିତ ଟାଇକୋଣ୍ଡ ସଂଘର ୮ ଜଣ ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗୀତା ବି.ଏସ୍. ମାଟ୍ରିଆର୍ଲଟ ଏକାଡ଼େମୀ, ଟୁଣ୍ଡଲା ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ ଜାତୀୟ ସ୍ତରରେ ୬୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ନିମାପଡ଼ା ଅମିତ ଟାଇକୋଣ୍ଡ ଆସୋସିଏସନରୁ ଅଂଶଗ୍ରହଣ କରିଥିବା ୮ ଜଣ ପ୍ରତିଯୋଗୀମାନେ ପ୍ରଶିକ୍ଷକ ଅମିତ କୁମାର ରାଉତଙ୍କର ନେତୃତ୍ୱରେ ଓ ମ୍ୟାନେଜର କୃଷ୍ଣଚନ୍ଦ୍ର ଦାସ ଓ ସୁମନ୍ତ କୁମାର ପରିଡ଼ାଙ୍କର ସହଯୋଗରେ ୩ ଗୋଟି ସ୍ୱର୍ଣ୍ଣ, ୪ଟି ରୋପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଅର୍ଜନ କରିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା ସ୍ୱର୍ଣ୍ଣ, ବୈଶାଖୀ ପୋଲାଇ ସ୍ୱର୍ଣ୍ଣ, ସୋନାଲି ନାୟକ ସ୍ୱର୍ଣ୍ଣ, ତାନିଷ୍କା ଦାସ ରୋପ୍ୟ, ସାଇସ୍ମୃତି ପରିଡ଼ା ରୌପ୍ୟ, ଅନୁଷ୍କା ଅଭିମୁକ୍ତା ରୌପ୍ୟ, ଦେଶ୍ନା ଦର୍ଶିତା ସାହୁ ରୌପ୍ୟ ଓ ସୌମ୍ୟ ରଂଜନ ପଲତା କାଂସ୍ୟ ପଦକର ବିଜୟୀ ହୋଇଛନ୍ତି। ଏହି ସଫଳତା ପାଇଁ ପ୍ରଶିକ୍ଷକ ଅମିତ କୁମାର ରାଉତ ଓ ତାଙ୍କର ସମସ୍ତ ପ୍ରତିଯୋଗୀ



ମାନଙ୍କୁ ଓଡ଼ିଶା ରୟାଲ ଟାଇକୋଣ୍ଡ ସଂଘର ସଭାପତି ମୀମାଂଶୁ ଶେଖର ପ୍ରଧାନ, ସଦସ୍ୟ ବିବେକାନନ୍ଦ ପାତ୍ର, ପାର୍ଥ ସାରଥୀ ରାଉତ, ସୁରେଶ ଚନ୍ଦ୍ର ଦାସ, ଅଂଚଳର ନିର୍ମଳ ମିଶ୍ର, ମୃତ୍ୟୁଞ୍ଜୟ ଦାସ, ପ୍ରଶାନ୍ତ ସାହୁ, ରଘୁନାଥ ସ୍ୱାଇଁ ସମ୍ବିତ କୁମାର ସେଠି ଓ କୈଳାସ ଚନ୍ଦ୍ର ପଣ୍ଡା ସମସ୍ତ କୃତିତ୍ୱ ପ୍ରତିଯୋଗୀ ମାନଙ୍କୁ ଆର୍ଶୀବଦ ଓ ଶୁଭେଚ୍ଛା ଜଣାଇଛନ୍ତି।

# ଇଫ୍‌କୋ ପାରାଦୀପ ୟୁନିଟ୍‌ରେ ଆନ୍ତଃ ଶାଖା ସାଂସ୍କୃତିକ ମହୋତ୍ସବ



ପାରାଦୀପ, (ଭାସ୍କର ନ୍ୟୁଜ୍): ଇଫ୍‌କୋ ପାରାଦୀପ ୟୁନିଟରେ ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ମହୋତ୍ସବ ୨୦୨୫ ଜୁନ୍ ୨ ତାରିଖ ଠାରୁ ମହା ସମାରୋହରେ ଆରମ୍ଭ ହୋଇଛି। ସାତଦିନ ବ୍ୟାପି ଏହି ମହୋତ୍ସବ ପ୍ରଥମଥର ପାଇଁ ପାରାଦୀପ ଠାରେ ଆୟୋଜିତ ହେଉଅଛି। ଏହି ସାଂସ୍କୃତିକ ମହୋତ୍ସବକୁ ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସାଂଘାନୀ ଏବଂ ତାଙ୍କ ସହଧର୍ମିଣୀ ଗୀତା ବେନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଇଫ୍‌କୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ସମେତ ଅନ୍ୟ ଅଧିକାରୀମାନେ ଅଧ୍ୟକ୍ଷ ଦିଲୀପ ସାଂଘାନୀଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରି ଆନନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ସାଂଘାନୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ଇଫ୍‌କୋ ଆନ୍ତଃ ଶାଖା ମଧ୍ୟରେ ଏହି ସାଂସ୍କୃତିକ ମହୋତ୍ସବ ପରସ୍ପର ସଂସ୍କୃତି ବିନିମୟ ଓ ଏକ୍ୟବଦ୍ଧତା ସୃଷ୍ଟି କରିବ। ଏହି ଉତ୍ସବ ପାଳନ ଦ୍ୱାରା ଇଫ୍‌କୋ ପରିବାର ସୁଦୃଢ଼ ହେବା ସହ ଆମ ମଧ୍ୟରେ ଆତ୍ମୀୟତା ବୃଦ୍ଧି ପାଇବ ବୋଲି ଅଧ୍ୟକ୍ଷ କହିଥିଲେ। ସେ କହିଥିଲେ ଯେ, ଇଫ୍‌କୋ କେବଳ ଅର୍ଥ ଉପାର୍ଜନ କରିବାର ଏକ ସଂସ୍ଥା ନୁହେଁ, ଏହା ଭାରତ ସରକାରଙ୍କ ସହଯୋଗରେ କୃଷକଙ୍କ ସେବା ଓ ସେମାନଙ୍କ ସ୍ୱାର୍ଥ ସୁରକ୍ଷା ନିମିତ୍ତ ଏକ ଅନୁଷ୍ଠାନ। ତେବେ ପ୍ରଥମେ ଇଫ୍‌କୋ ଦ୍ୱାରା ପ୍ରସ୍ତୁତ ନାନୋ ୟୁରିଆ ଓ ନାନୋ ଡ଼ିଏପି ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରି ଭାରତ ପାଇଁ ଗୌରବ ଆଣିବା ସହିତ ଏହାର ପ୍ରୟୋଗ କୃଷକମାନଙ୍କ ପାଇଁ ବେଶ ଉପାଦେୟ ହୋଇପାରିଛି। ଏହି ଅବସରରେ ଇଫ୍‌କୋର ପ୍ରତିଷ୍ଠାତା ଡ. ୟୁ.ଏସ. ଅବସ୍ତିଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରି ତାଙ୍କର ଦୂରଦୃଷ୍ଟି ଓ ଦିଗଦର୍ଶନ ଇଫ୍‌କୋକୁ ଶୀର୍ଷରେ ପହଞ୍ଚାଇ ପାରିଛି ବୋଲି ଇଫ୍‌କୋ ଅଧ୍ୟକ୍ଷ ସାଂଘାନୀ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଫ୍‌କୋ ଫୁଲପୁର ୟୁନିଟ ମୁଖ୍ୟ ସଞ୍ଜୟ କୁଦେଶିଆ ସପତ୍ନୀକ ଯୋଗ ଦେଇଥିବାବେଳେ ପାରାଦୀପ ଇଫ୍‌କୋ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅଧିକାରୀ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ପାରାଦୀପ ଇଫ୍‌କୋ ସମେତ ଫୁଲପୁର, କଲୋଲ, ଆଓଁଲା, କାଣ୍ଡଲା, ମୁଖ୍ୟ କାର୍ଯ୍ୟାଳୟ ଓ ମାର୍କେଟିଂର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

# ଗୋବିନ୍ଦପୁରରେ ବିକଶିତ କୃଷି ସଂକଳ୍ପ ଅଭିଯାନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ମଧୁପୁରରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁଙ୍କ ପୌରୋହିତ୍ୟରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୃଷି ଜିଲ୍ଲା ଅଧିକା ଶଶିଭୂଷଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ଜିତେନ କୁମାର ମହାପାତ୍ର, ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ବିଜୟଲକ୍ଷ୍ମୀ ରାଉତ, ମତ୍ସ୍ୟ ବିଭାଗ ଅଧିକାରୀ ସୁଚିତ୍ରା ବେହେରା ଓ ସଂଗୀତା ପତି, ସରପଞ୍ଚଙ୍କ ପ୍ରତିନିଧି ସୌମ୍ୟରଂଜନ ସାହୁ, ସମିତିସଭ୍ୟ କୈଳାସ ମାଝୀ ପ୍ରମୁଖ ଯୋଗ ଦେଇ କୃଷି ଓ କୃଷକର ବିକାଶ ହେବା ନେଇ ଉପସ୍ଥିତ ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ଯୋଗ ଦେଇଥିବା ମହିଳା ଓ ପୁରୁଷ କୃଷକମାନେ ସେମାନଙ୍କର ବିଭିନ୍ନ ସମସ୍ୟାକୁ ପ୍ରଶ୍ନ ଉତ୍ତର ମାଧ୍ୟମରେ ଜଣାଇଥିଲେ। ଶିବିରରେ କୃଷି ବୈଜ୍ଞାନିକ ଓ ଗବେଷକମାନେ ଖରିଫ୍ ଚାଷ, ପନିପରିବା ଚାଷ, ମାଛ ଚାଷ, ଡାଲିଜାତୀୟ ଚାଷ, ଆଖୁ, ଅଦା, ପଶୁପାଳନ ଇତ୍ୟାଦି ଚାଷ ଉପରେ ତାଲିମ ଦେଇଥିଲେ। ଏଟିଏମ ମିଲନ ଦାସ, ଗିରିଜାଶଂକର ରାୟ ଚୌଧୁରୀ, ଗ୍ରାମ୍ୟ କୃଷି କର୍ମଚାରୀ ତ୍ରିନାଥ ଭୋଇ, ସନ୍ତୋଷ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୁନା-ଅଳଙ୍କାର ସହ ଟଙ୍କା ଲୁଟ୍

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ରାତିରେ ଶୋଇଥିଲେ, କବାଟ-ଝରକା ବନ୍ଦ କରିଥିଲେ। ସକାଳୁ ଦେଖିଲା ବେଳକୁ କବାଟ-ଝରକା ଖୋଲା, ଆଉ ତା'ପରେ ଘରର ଆସବାବପତ୍ର ଫୋପଡା-ଫିଙ୍ଗା ହୋଇ ପଡ଼ିଛି। ପରେ ଗଡ଼ରେଜ୍ ଆଲମାରୀ ଭାଙ୍ଗି ସୁନା-ଅଳଙ୍କାର ସାଙ୍ଗକୁ ଟଙ୍କା-ପଇସା ସବୁ ଚୋରି ହୋଇଯାଇଛି। ପରେ ଜଣାପଡିଲା ଚୋର ସବୁ କିଛି ନେଇ ଚମ୍ପଟ ମାରିଛନ୍ତି। ଏଭଳି ଚୋରି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ ରତନପୁର ପଞ୍ଚାୟତର ବଧିସାହିର ପ୍ରଶାନ୍ତ କୁମାର ନାୟକଙ୍କ ଘରେ। ଗତକାଲି ରାତିରେ ପରିବାର ଲୋକେ ଖାଇ ସାରି ଶୋଇଥିଲେ, ସକାଳୁ ଦେଖିବା ବେଳୁ କବାଟ-ଝରକା ଖୋଲା ଓ ସୁନା-ଅଳଙ୍କାର ସାଙ୍ଗକୁ ଟଙ୍କା-ପଇସା ନେଇ ଚୋର ଚମ୍ପଟ। ଏନେଇ ପ୍ରଶାନ୍ତ କୁମାର ନାୟକଙ୍କ ପତ୍ନୀ ଟାଙ୍ଗୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ପ୍ରାୟ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଛି।

# ଉତ୍କର୍ଷ ନିମାପଡ଼ା ପୂର୍ବରୁ ସୁଭଦ୍ରା ଶକ୍ତିର ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବିଜେପି ସରକାର ଗୋଟିକ ପରେ ଗୋଟିଏ ଯୋଜନା କରୁଥିବା ବେଳେ ନିମାପଡ଼ାକୁ ଏକ ମଡ଼େଲ ଗଠନ କରିବା ଲକ୍ଷ୍ୟ ନେଇ ଆରମ୍ଭ କରିଛନ୍ତି ଉତ୍କର୍ଷ ନିମାପଡ଼ା। ଏହାଦ୍ୱାରା ଜନସାଧାରଣ ସିଧାସଳଖ ଭାବେ ନେତାଙ୍କ ସହ ପ୍ରଶାସନ ସହ କଥା ହୋଇପାରିବେ। ଉତ୍କର୍ଷ ନିମାପଡ଼ାର ଗୋଟିଏ ଦିନ ପୂର୍ବରୁ କନକ୍ଲେଭ ଅନୁଷ୍ଠିତ ହେବାକୁ ଗୋଟିଏ ଦିନ ବାକି ଥିବା ବେଳେ ମଙ୍ଗଳବାର ଟାଉନ ହଲ୍ ପରିସରରେ ସୁଭଦ୍ରା ଶକ୍ତି ପକ୍ଷରୁ ଏକ ବ୍ଲକ୍ ସ୍ତରୀୟ ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ୩୮ଟି ମହିଳା ଗୋଷ୍ଠୀ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଓଡ଼ିଆ ଘରେ ହେଉଥିବା ବିଭିନ୍ନ ପ୍ରକାର ମିଠା, ଦହିବରା, ଆଳୁଦମ, ଚାଟ୍, ଛୁଂଚିପତ୍ର ପିଠା, ଭଜା ମଣ୍ଡା, ସିଜା ମଣ୍ଡା, ଏଣ୍ଡୁରି ପିଠା, କାକେରା ଆଦି ବିଭିନ୍ନ ପ୍ରକାର ମିଠା ତିଆରି କରିବା ସହ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିବା ବେଳେ ବ୍ଲକ୍ ନିର୍ବାହୀ ଯନ୍ତ୍ରୀ ବ୍ଲକ୍



ଲାଇଭହୁଡ଼୍ ମିଶନ ଅଧିକାରୀ ବିଚାରକ ଭାବେ ଯୋଗ ଦେଇ ଖାଦ୍ୟର ମାନ ଓ ସ୍ୱାଦ ପରୀକ୍ଷା କରିଥିଲେ। ବିଭିନ୍ନ ଗ୍ରୁପ ଗୁଡ଼ିକୁ କ୍ରମିକ ନମ୍ବର ଅନୁସାରେ ଚୟନ କରାଯାଇ ଥିଲା। ମହିଳା ଗୋଷ୍ଠୀ ଗ୍ୟାସ ଲଗାଇ ସେଠାରେ ମଧ୍ୟ ପିଠାପଣା ପ୍ରସ୍ତୁତ କରିବାରୁ କାଳେ କୌଣସି ଅଘଟଣ ଘଟିବ ସେଥିପାଇଁ ଅଗ୍ନିଶମ ବାହିନୀ ଉପସ୍ଥିତ ରହିଥିଲେ। ଉତ୍କର୍ଷ ନିମାପଡ଼ା ୨୦୨୫ ଉଦ୍‌ଘାଟନ ଉତ୍ସବ ଏହି ସମ୍ମିଳନୀରେ ମହାମହିମ ରାଜ୍ୟପାଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଖାଦ୍ୟ ପ୍ରତିଯୋଗୀତାରେ ଶ୍ରେଷ୍ଠ ମହିଳା ପ୍ରତିଯୋଗୀ ଗୁଡ଼ିକୁ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଅଧ୍ୟାପକ ସୁବ୍ରତ ମହାନ୍ତି, ସାଂସଦ ପ୍ରତିନିଧି ମୀନଳତା ମହାନ୍ତି, ବିଏଲ୍ଏମ୍ ସିଡ଼ିପିଓ ମାଧବୀ ମହାପାତ୍ର ଯୋଗ ଦେଇଥିଲେ। ଏହି ଉତ୍କର୍ଷ ନିମାପଡ଼ା ଏକ ଉଚ୍ଚକୋଟୀର କାର୍ଯ୍ୟକ୍ରମ ହୋଇଥିବା ବେଳେ ସୁଭଦ୍ରା ଶକ୍ତି ମହିଳାମାନେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତିଙ୍କ ସମେତ ବହୁ ମନ୍ତ୍ରୀ, ବିଧାୟକ କାର୍ଯ୍ୟକ୍ରମରେ ଯୋଗ ଦେବା ସ୍ଥିର କରାଯାଇଛି।

## ଅଗ୍ନି ବିପନ୍ନଙ୍କୁ ସହାୟତା ପାଇଁ ଓଏଚ୍ଆରସିରେ ଅଭିଯୋଗ



ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକ ଡାଙ୍ଗମାଳ ଗ୍ରାମ ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର ଅର୍ଦ୍ଧେନ୍ଦୁ ଡିଙ୍ଗଲଙ୍କର ଜାନୁଆରୀ ମାସ ୧୮ତାରିଖରେ ୩ବଖରା ଘର ସହ ଆସବାସ ପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଏହି ସର୍ବହରା ଅଗ୍ନୀ ବିପନ୍ନଙ୍କୁ ସେତେବେଳେ ତହସିଲଦାରଙ୍କ ଆଦେଶ ପ୍ରକାର ଆରଆଇ ତଦନ୍ତ କରି କେବଳ ପାଲ ଖଣ୍ଡେ ଦେଇ ନିରବ ରହିଥିଲେ। ଏଣେ ଘରପୋଡିରେ ସର୍ବହରା ହୋଇଥିବା ଅର୍ଦ୍ଧେନ୍ଦୁ ଭୋକ ଉପାସରେ ପିଲାଛୁଆ ଧରି ଖରାବର୍ଷାରେ ଗଛତଳେ ଦିନ ବିତାଉଛନ୍ତି। ହେଲେ ଆଜିପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଘର ଖଣ୍ଡେ ଯୋଗାଇ ଦିଆଗଲା ନାହିଁ କି ଅନ୍ୟ କିଛି ସରକାରୀ ସାହାଯ୍ୟ ଯୋଗାଇ ନଦେବା ଅମାନବିକତାର ପରିଚୟ ସୃଷ୍ଟି ହୋଇଛି। ଏହି ଖବର ପାଇ ଓଡ଼ିଶା ମାନବାଧିକାର ପରିଷଦ କେନ୍ଦ୍ରାପଡ଼ା ଜିଲ୍ଲା ପକ୍ଷରୁ କୋଅଡିନେଟର ପ୍ରଦୀପ କୁମାର ନାୟକ, ଉପଦେଷ୍ଟା ମେହେବୁବ ଅଲ୍ଲୀ, ରାଜନଗର ବ୍ଲକ କୋଡିନେଟର ସନ୍ଧ୍ୟାରାଣୀ ଭୂୟାଁ, ସ୍ମୃତିରେଖା ସାମନ୍ତ, ହେମନ୍ତ ବେହେରା ଓ ବିଶ୍ୱଜୀତ ପାତ୍ର ପ୍ରମୁଖ ଗତକାଲି ବିଡ଼ିଓ ଓ ତହସିଲଦାରଙ୍କୁ ଭେଟି ଅର୍ଦ୍ଧେନ୍ଦୁ ଡିଙ୍ଗଲଙ୍କ ଘରପୋଡିର ସାହାଯ୍ୟ ମିଳିନଥିବା ଆଲୋଚନା କରିଥିଲେ। ଆଲୋଚନା କରି ବିଡ଼ିଓ ଓ ତହସିଲଦାରଙ୍କ ଠାରୁ ପ୍ରତିଶ୍ରୁତି ପାଇବା ପରେ ଟିମ୍ ସଦସ୍ୟ ଓ ଅଗ୍ନୀ ବିପନ୍ନ ପରିବାର ଫେରି ଆସିଥିଲେ। ସମ୍ପୃକ୍ତ ଅଧିକାରୀମାନେ କେବେ ପୀଡ଼ିତ ଅର୍ଦ୍ଧେନ୍ଦୁଙ୍କୁ କି ସହାୟତା ଯୋଗାଇବେ ବିପନ୍ନ ପରିବାର ମୁହଁରେ ହସ ଫୁଟାଇବେ ତାହା ଦେଖିବାକୁ ଅପେକ୍ଷାରେ ଜନସାଧାରଣ।

## ଅନ୍ଧାରରେ ଲୋକେ

## ବସିପାରୁନି ଟ୍ରାନ୍ସଫର୍ମର

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ଦୀର୍ଘ ୫ଦିନ ହେଲା ଅନ୍ଧାର ଘେରରେ ରହିଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ଟାଟା ପାୱାର ତରଫରୁ ପୋଡି ଯାଇଥିବା ଟ୍ରାନ୍ସଫର୍ମରକୁ ମରାମତି କରାଯାଇ ପାରୁନଥିବା କାରଣରୁ ଲୋକେ ଡହଳବିକଳ ହେଉଛନ୍ତି। ଡହଡହ ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏପରିସ୍ଥଳେ ଅସୁରେଶ୍ୱର ଟାଟା ପାୱାର ଅଧିନରେ ଥିବା କେନ୍ଦିଲୋ ୩୩କେଭି ସବଷ୍ଟେସନଟି ପୋଡିଯାଇଛି। ଏହି ସବଷ୍ଟେସନକୁ ମରାମତି କରାଯିବା କିମ୍ବା ନୂତନ ସବଷ୍ଟେସନ ବସାଇବା ନିମନ୍ତେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାର ଅଭିଯୋଗ ହୋଇଛି। ଫଳରେ ସ୍ଥାନୀୟ ଲୋକେ ବିଦ୍ୟୁତଶକ୍ତି ପାଇ ନପାରି ଚରମ ହଟହଟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଟାଟା ପାୱାର ତରଫରୁ ତୁରନ୍ତ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଯାଇ ଲୋକଙ୍କୁ ବିଦ୍ୟୁତ ଯୋଗାଇ ଦେବା ନିମନ୍ତେ ସାଧାରଣରେ ଦାବି ହୋଇଛି।



କାଳିମେଳା(ଭାସ୍କର ନ୍ୟୁଜ୍): ଆଗକୁ ରଥଯାତ୍ରା ଆସୁଛି କାଳିମେଳାରେ ନିର୍ମାଣ ହୋଇଛି ନୂତନ ରଥ । ଦୀର୍ଘବର୍ଷ ପରେ କାଳିମେଳାରେ ନିର୍ମାଣ ହୋଇଛି ରଥ । ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତ ଆଖିରେ ନିତିଦିନ ପଡୁଥିଲେ ମଧ୍ୟ ଅଳିଆ ଆବର୍ଜନା ପଡ଼ି ରହୁଛି ଯାହାକି ଆଖପାଖ ଲୋକେ ଅଭିଯୋଗ କରିଲେ ମଧ୍ୟ କୌଣସି କାର୍ଯ୍ୟ ଅନୁଷ୍ଠାନ ନିଆ ଯାଉନାହିଁ । ଯାହାଫଳରେ ମଶା ମାଛି ପରି ଅନେକ ଜୀବାଣୁ ଏଠାରେ ଜାତ ହେବାରେ ଲାଗିଛନ୍ତି। କେନ୍ଦ୍ର ସରକାର ହେଉ କି ରାଜ୍ୟ ସରକାର ସ୍ୱାସ୍ଥ୍ୟ ସ୍ୱଚ୍ଛତା ଉପରେ ଗୁରତ୍ୱ ଦେଉଥିବା ବେଳେ କାଳିମେଳା ବ୍ଲକରେ ତାହା ଦେଖିବା ପାଇଁ ଶୂନ୍ୟ । କହିବାକୁ ଗଲେ ଯେତେ ପର୍ଯ୍ୟନ୍ତ ସାଧାରଣ ଲୋକେ ସଚେତନା ନରହିବେ ଗାଁ ହେଉକି ସହର ତାହା ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ରହିବ । ତେବେ କାଳିମେଳା ହେଉଛି ମାଲକାନଗିରି ଜିଲ୍ଲାର ଏକ ଉନ୍ନତତମ ବ୍ଲକ କହିଲେ ଚଳିବ । କିନ୍ତୁ କାଳିମେଳା ସାପ୍ତାହିକ ବଜାର ଠାରୁ ଆରମ୍ଭ କରି ଯେଉଁଠି ଦେଖିବେ ଅଳିଆ ଆବର୍ଜନା ଠୁଳ ଠୁଳ ହୋଇ ଗଦାହୋଇଛି। ତେଣୁ କାଳିମେଳା ଅଞ୍ଚଳବାସିଙ୍କ ଦାବି ଆଗକୁ ବର୍ଷା ଦିନ ଆସୁଛି ଡ୍ରେନେଜ୍ ଗୁଡାକ ସଫା କରିଲେ ଯାଇକି କାଳିମେଳାର ଅଳିଆ ଆବର୍ଜନା ରହିବ ନାହିଁ ବୋଲି କୁହାଯାଉଛି ।



# ଗ୍ରାମ ରାସ୍ତା ପାଲଟିଛି ମରଣଯନ୍ତା



ଉମରକୋଟ(ଭାସ୍କର ନ୍ୟୁଜ୍): 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ସମୃଦ୍ଧ ଓଡ଼ିଶା ସଂକଳ୍ପ ଆହୁରି ମଜଭୁତ କରିଛି ଓଡ଼ିଶାକୁ। ଏହି ଯୋଜନାର ସଫଳ ରୂପାୟନ ବଳରେ ରାଜ୍ୟରେ ପ୍ରଗତିଧାରା ଆହୁରି ଦିନକୁ ଦିନ ତ୍ୱରାନ୍ୱିତ ହେବ। ଗାଁ ଗୁଡ଼ିକ ହେବ ବିକାଶର ଗ୍ରୋଥ ଇଞ୍ଜିନ। ଗାଁ ଲୋକଙ୍କ 'ଲିଭିଙ୍ଗ' ରେ ଉନ୍ନତି ଆସିବ। ରାସ୍ତାଘାଟ ସହିତ ଶିକ୍ଷା ଭିତ୍ତିଭୂମି, କମ୍ୟୁନିଟି ଆସେଟ, ପୂଜାପାଠ ସ୍ଥାନର ହେବ ଉନ୍ନତିକରଣ। କ୍ରୀଡା ଭିତ୍ତିଭୂମି, କ୍ଷୁଦ୍ର ପର୍ଯ୍ୟଟନ ପ୍ରକଳ୍ପ ଆଦିର ହେବ ବିକାଶ। ଗାଁ ଭିତ୍ତିଭୂମିର ବିକାଶ ପାଇଁ ବର୍ଷକୁ ଏକ ହଜାର କୋଟି ଟଙ୍କା। ପ୍ରାୟ ୬୦ ହଜାର ଗାଁରେ ପ୍ରବାହିତ ହେବ ବିକାଶର ଗଙ୍ଗା। ପାଞ୍ଚ ବର୍ଷ ପାଇଁ ୫୦୦୦ କୋଟିର ବ୍ୟୟବରାଦ। ଓଡ଼ିଶା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଦ୍ୱାରା ବୃଦ୍ଧି ହୋଇପାରେ ଯୋଜନାର ଅବଧି। ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଓ ଗ୍ରାମୀଣ ବିକାଶକୁ ଦେବ ନୂଆ ଗତି। ସମୃଦ୍ଧ ଓଡ଼ିଶା ଗଠନର ହାଇ-ଓ୍ୱେ ହେବ ଉପରୋକ୍ତ ଯୋଜନା ଗୁଡ଼ିକ।ହେଲେ ଆଦିବାସୀ ବହୁଳ ଦୁର୍ଗମ ଅଞ୍ଚଳରେ ଥିବା ମାଟି ରାସ୍ତା ଗ୍ରାମକୁ ସବୁ ଦିନିଆ ପାଇଁ କେବେ ହେବ ପକ୍କା ରାସ୍ତା ? ଗାଁରେ ପଡୁନି ନେତା କି ମନ୍ତ୍ରୀଙ୍କ ପାଦ। ମୌଳିକ ସୁବିଧାରେ ଜମିଲାଣି ମଳି।ଗାଁ ବିକାଶ ହେଲେ ରାଜ୍ୟ ଓ ଦେଶର ବିକାଶ ହେବ, ସେହିପରି ଗାଁକୁ ଭଲ ରାସ୍ତା ହେଲେ ହିଁ ବିକାଶ ସମ୍ଭବ ବୋଲି ଉମରକୋଟ ବ୍ଲକ ବେହେଡା ପଞ୍ଚାୟତ ଅନ୍ତର୍ଗତ ଲିମାଗୁଡା, କୁମିବନ୍ଦ ( କୁମିବେଡା ) ଓ ସିଉନାଗୁଡ଼ାର ନାଉଲୁ ଗଣ୍ଡ, ଯୁଗଧର ଗଣ୍ଡ, ସନାଧାର ଗଣ୍ଡ, ଶ୍ୟାମଲାଲ ଗଣ୍ଡ, କପୁର ଗଣ୍ଡ, ସୁକନାଥ ଗଣ୍ଡ ଓ ବଳ ଭତ୍ରା ସହ ପ୍ରମୁଖ ଗ୍ରାମବାସୀ ମାନେ ଘୋର ଅଭିଯୋଗ କରିଛନ୍ତି ଗ୍ରାମରେ ଯିବା ଆସିବା ମୁଖ୍ୟ ରାସ୍ତାକୁ ନେଇ। ଲିମାଗୁଡାଠୁ ସିଉନାଗୁଡ଼ା ଭାୟା କୁମିବନ୍ଦ( କୁମିବେଡା ) ଯିବା ପାଇଁ ରାସ୍ତାକୁ ନେଇ ଏହି ତିନି ଗ୍ରାମବାସୀ ବୃନ୍ଦ ଅଭିଯୋଗ କରିବା ଓ ଉଚ୍ଚସ୍ତରୀୟ ପ୍ରଶାସନକୁ ଲିଖିତ ଆକାରରେ ଜଣାଇବା ପରେ ମଧ ଫଳ ଶୂନ୍ୟ। ୩୫ ବର୍ଷ ଧରି ଏହି ତିନି ଖଣ୍ଡ ଗାଁ ରାସ୍ତା ପାଇଁ ନରକ ଯନ୍ତ୍ରଣା ଭୋଗୁଛନ୍ତି ଗ୍ରାମାବାସୀ। ଖାଲ ଗର୍ତରେ ପଡି ଆକସ୍ମିକ ଦୁର୍ଘଟନାର ଶିକାର ହେଉଛନ୍ତି ବାଟୋଇ ସହ ଗ୍ରାମ୍ୟଲୋକେ। ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏହି ତିନି ଖଣ୍ଡ ଗାଁ ରାସ୍ତାର ସମସ୍ୟା ଦୂରୀଭୂତ କରି ଦେଲେ ଗାଁ ଲୋକେ ଉପକୃତ ହୋଇପାରନ୍ତେ କହି ଗୁହାରି କରିଛନ୍ତି।

# ଶହେ ବର୍ଷ ପରେ ଗ୍ରାମ୍ୟ ଶ୍ମଶାନକୁ ରାସ୍ତା ନିର୍ମାଣ

## ୫ ୱାର୍ଡବାସୀ ହେବେ ଉପକୃତ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଦଶ ଦଶନ୍ଧି ବା ଶହେ ବର୍ଷ ପରେ ଗ୍ରାମ୍ୟ ଶ୍ମଶାନକୁ ନିର୍ମାଣ ହୋଇଛି ରାସ୍ତା। ୫ ୱାର୍ଡବାସୀ ହେବେ ଉପକୃତ। ଏହା ପଛରେ ଦୁଇ ନାରୀଶକ୍ତିଙ୍କୁ ଶ୍ରେୟ ଦେଉଛନ୍ତି ଗ୍ରାମବାସୀ। ସେମାନେ ହେଲେ ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ସରପଞ୍ଚ ସାହେଦା ତବସୁମ ଓ ସମିତି ସଭ୍ୟା ସାଗାରିକା ତରେଇ। ସେମାନଙ୍କ ଉଦ୍ୟମ ତଥା କାର୍ଯ୍ୟ କରିବାର ଇଚ୍ଛାଶକ୍ତି ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସାମାଜିକ କର୍ମୀ ରହିମ ଖାଁ, ଅଜୟ ସାମଲ ଓ ପୂର୍ବତନ ସରପଞ୍ଚ ନାରାୟଣ ଦାସ ପ୍ରକାଶ କରିଛନ୍ତି। ପୂର୍ବରୁ ଖରାଦିନେ ଗାଁ ମଶାଣିକୁ ଲୋକଙ୍କୁ ପରିତ୍ୟକ୍ତ ଖାଲଖମାରେ ଭର୍ତ୍ତି ଆଣ୍ଠୁଏ ପାଣିରେ ପଶି ଯିବାକୁ ପଡୁଥିଲା। ବର୍ଷାଦିନେ ଏପରିକି ୫ ଫୁଟ ଉଚ୍ଚର ପାଣି ଭିତରେ ପଶି ଯିବା ଅସମ୍ଭବ ହୋଇପଡୁଥିଲା। ମୃତଦେହ ସଂସ୍କାର ପାଇଁ ବିଦ୍ୟାଧରପୁର ଗ୍ରାମବାସୀ ନାହଁନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ। ଜବ୍ କାର୍ଡଧାରୀମାନେ ମୁଣ୍ଡରେ ମାଟିବୋହି ଶ୍ମଶାନକୁ ରାସ୍ତା ନିର୍ମାଣ ପାଇଁ ସରପଞ୍ଚଙ୍କୁ ପ୍ରସ୍ତାବ ଦେଇଥିଲେ। ସରପଞ୍ଚ ତବସୁମ ତୁରନ୍ତ ମନରେଗା ଯୋଜନାର ଏହି କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ଅନୁମତି ପ୍ରଦାନ କରିଥିଲେ। ଜବ୍ କାର୍ଡଧାରୀମାନେ କାର୍ଯ୍ୟ କରି ମଜୁରୀ ପାଇବା ସହ ତିନି ପିଢି ଧରି ଅବହେଳିତ ଅବସ୍ଥାରେ ପଡିଥିବା ଶ୍ମଶାନ ରାସ୍ତା ନିର୍ମାଣ କରି ଦୀର୍ଘଦିନର ସମସ୍ୟାକୁ ଲାଘବ କରିଛନ୍ତି ବୋଲି ପ୍ରଦୀପ୍ତ ସାହୁ, ପ୍ରସନ୍ନ ସେଠି, ଭବାନୀଶଙ୍କର ଦାସ, ସୁରେନ୍ଦ୍ର ସେଠି, ଲୋକନାଥ ଭୋଇ, ଜଗନ୍ନାଥ ସେଠି ପ୍ରମୁଖ ପ୍ରକାଶ କରିଛନ୍ତି। ଏହାଛଡା ଶ୍ମଶାନକୁ ଯିବା ପାଇଁ ମାଟି ପକାଇ ରାସ୍ତା ନିର୍ମାଣ କରିବା ଏକ ବଳିଷ୍ଠ ଉଦ୍ୟମ ବୋଲି ଯନ୍ତ୍ରୀ ସୁବାଷ ଚନ୍ଦ୍ର ପୃଷ୍ଟି ପ୍ରକାଶ କରିଛନ୍ତି।

# ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ଦାବିପତ୍ର ପ୍ରଦାନ



ଗୁଣୁପୁର(ଭାସ୍କର ନ୍ୟୁଜ୍): ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ ଓ ଭାରତୀୟ ମଜଦୁର ସଂଘ ପକ୍ଷରୁ ୨୨ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିବା ସହ ହାତରେ ପ୍ଲା କାର୍ଡ ଧରି ନାରାବାଜି ଦେଇ ସହର ପରିକ୍ରମା କରିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ ରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ କିରଣ ଦୀପ୍ କୌର ସାହୋତାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଦାବି ସମୂହ ମଧ୍ୟରେ ଗୁଣୁପୁର ସିଡିପିଓଙ୍କ ମନୋମୁଖି ଶାସନ ଓ କର୍ମୀମାନଙ୍କୁ ଅତ୍ୟାଚାର କରୁଥିବା ଅଭିଯୋଗ ସହ ଅଙ୍ଗନବାଡ଼ି କର୍ମୀଙ୍କ ଦରମା ଟଙ୍କା ୧୮,୦୦୦/- (ଅଠର ହଜାର) ଓ ସହାୟିକା ମାନଙ୍କ ଦରମା ଟଙ୍କା ୧୦,୦୦୦/- (ଦଶ ହଜାର) କରାଯିବା, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଆସୁଥିବା ଖାଦ୍ୟ ପରିଚାଳନା ଅର୍ଥ ତୁରନ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ପ୍ରଦାନ, କିଶୋରୀ ବାଳିକା ମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ଅଣ୍ଡା ବାବଦୀୟ ଅର୍ଥ ୨୦୨୨ ମସିହାରୁ ବର୍ତ୍ତମାନ ସୁଦ୍ଧା ତୁରନ୍ତ ପ୍ରଦାନ, ଅଙ୍ଗନବାଡ଼ି କର୍ମୀ ମାନଙ୍କ ଘରଭଡ଼ା ୨୦୨୩ରୁ ବର୍ତ୍ତମାନ ସୁଦ୍ଧା ତୁରନ୍ତ ପ୍ରଦାନ, ପଢ଼ା ପୃଷ୍ଟି ବାବଦୀୟ ସମସ୍ତ ଅର୍ଥ ତୁରନ୍ତ ପ୍ରଦାନ, ମୃତ କର୍ମଚାରୀଙ୍କ ସ୍ଥାନରେ ତାଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ଦିଆଯାଉ। ଅଙ୍ଗନବାଡ଼ି କର୍ମୀଙ୍କୁ ଅଧିକା ଦାୟିତ୍ୱରୁ ତୁରନ୍ତ ମୁକ୍ତି କରାଯାଉ । ଜିଲ୍ଲା ଓ ବ୍ଲକ୍ ସ୍ତରରେ ହେଉଥିବା କାର୍ଯ୍ୟକ୍ରମ ବାବଦକୁ ଅନ୍ୟାୟ ମୂଳକ ଭାବରେ ହେଉଥିବା ଚାନ୍ଦା ଆଦାୟକୁ ତୁରନ୍ତ ବନ୍ଦ କରାଯାଉ ଏବଂ ଆଦାୟକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ମାନ୍ୟତା, ଦରମା ବୃଦ୍ଧି, ମୃତ୍ୟୁ ଓ ଅବସର କାଳୀନ ସହାୟତା ପ୍ରଦାନ କରିବା ଭଳି ୨୨ ଦଫା ଦାବି ନେଇ ରାଜରାସ୍ତା କୁ ଓହ୍ଲାଇ ଥିବା ସଂଘ ପକ୍ଷରୁ କୁହାଯାଇଛି । ଏଥିରେ ଶତାଧିକ ଅଙ୍ଗନୱାଡ଼ି, ସହାୟିକାମାନେ ସାମିଲ ହୋଇଥିଲେ । ଦାବିପତ୍ର ପ୍ରଦାନ ସମୟରେ ଏସୋସିଏସନ ର ଉପଦେଷ୍ଟା ପ୍ରଦୀପ ଦାସ ଉପସ୍ଥିତ ଥିଲେ।

# ବିପଦସଂକୁଳ ଅବସ୍ଥାରେ ପିଅନପଡା ବନ୍ଧରାସ୍ତା

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ସଦର ମହକୁମାର ଫୁଲବାଣୀ ପିଅନପଡା ଏକ ନମ୍ବର ଓ ୧୨ ନମ୍ବର ୱାର୍ଡର ହଜାର ହଜାର ଜନସାଧରଣକୁ ଶୀଘ୍ର ପହଁଚିବା ପାଇଁ ଏକମାତ୍ର ସିମେଣ୍ଟ ରାସ୍ତା ରହିଛି। ଏହି ରାସ୍ତାକୁ ୨୦ ବର୍ଷ ହେବ ପୂର୍ବତନ କାଉନସିଲର ସୁଗୁଣା ଦାସ ଥିବାବେଳେ ଭଲ ଭାବେ ନିର୍ମାଣ କରିଥିଲେ।ପରବର୍ତ୍ତୀ ସମୟରେ କିଛି ଠିକାଦାର ପୁନର୍ବାର ନିମ୍ନମାନର କଂକ୍ରିଟ କାମ କରିଥିଲେ।ଯାହାଫଳରେ ସିମେଣ୍ଟ ରାସ୍ତାଟି ଭାଙ୍ଗିଯିବା ଦ୍ୱାରା ହଜାର ହଜାର ଜନସାଧରଣ ଯାତାୟାତରେ ଅସୁବିଧା ଭୋଗ କରିଥିଲେ।ଏହାକୁ ଦେଖି ଓଡିଶା ଭାସ୍କର ର ଜିଲ୍ଲା ପ୍ରତିନିଧି ରଂଜନ କୁମାର ଦାସ ଖବର ବାହାର କରି ପ୍ରଶାସନକୁ ଅବଗତ କରିଥିଲେ।ଏଥିରେ ଅବଗତ ହୋଇ ପୌରପରିଷଦ ଅଧିକାରୀ ୧୫ ଦିନ ପରେ କାମ ଚଳା ଭାବେ ଭଗ୍ନ ହୋଇଥିବା ରାସ୍ତାକୁ ମରାମତି କରିଥିଲେ।ଏହି ରାସ୍ତାଟି ଉଭୟ ପାର୍ଶ୍ୱରେ ଥିବ ଦୁଇଟି ବନ୍ଧକୁ ସଂଯୋଗ କରିଛି। ସେଥିମଧ୍ୟରୁ ଗୋଟିଏ ବଡ଼ବନ୍ଧ ଓ ଅନ୍ୟଟି ପାଣି ପିଇବା ବନ୍ଧ ରହିଛି । ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଲୋକ କମ ସମୟ ଭିତରେ ମୁଖ୍ୟ ବଜାର ଓ ଔଷଧ ଦୋକାନ ଯିବା ପାଇଁ ସହଜ ହୋଇଥାଏ। ଏହି ରାସ୍ତାରେ ଦୁଇ ଦୁଇଟି ମଦ ଦୋକାନ ଥିବାରୁ ବାଧ ବାଧକତା ଭିତରେ ଲୋଡ଼ିଂ ଗାଡି ଯିବା ଆସିବା କରନ୍ତି । ଫଳରେ ରାସ୍ତାଟି ଭାଙ୍ଗିରୁଜି ଯାଉଛି। ତେଣୁ ଏହାଦ୍ୱାରା ଜନସାଧାରଣଙ୍କୁ ବିପଦ ସଂକୁଳ ପରିସ୍ଥିତିକୁ ଯିବାକୁ ବାଧ କରିଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଠିକ ଭାବରେ ରାସ୍ତା ନିର୍ମାଣ କରାଗଲେ ହଜାର ହଜାର ଜନସାଧରଣ ଉପକୃତ ହୋଇପାରିବେ ଓ ଭାରି ଯାନ ପାଇଁ ରାସ୍ତା ମଝିରେ ଛୋଟ ଛୋଟ ପିଲର କରାଗଲେ ଜନସାଧାରଣ ସୁବିଧାରେ ଯିବା ଆସିବେ।

# ଗଞ୍ଜେଇ ଜବତ ୨ ଗିରଫ

ଗୁଣୁପୁର(ଭାସ୍କର ନ୍ୟୁଜ୍): ବେଆଇନ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡି ବସିଲା ରାୟଗଡା ଜିଲ୍ଲା ଗୁଣପୁର ଅବକାରୀ ପୋଲିସ । ଦୁଇ ଜଣଙ୍କ ଠାରୁ ଦୁଇଟି ବ୍ୟାଗ୍‌ରେ ଥିବା ୧୨ କେଜି ୭୪୦ ଗ୍ରାମ ଗଞ୍ଜେଇ ଜବତ କରିଛି ଅବକାରି ବିଭାଗ । ଗିରଫ ବ୍ୟକ୍ତି ହେଲେ ବିହାର ରାଜ୍ୟ ମୁଜାଫର ଥାନା ଅଞ୍ଚଳର ୨୪ ବର୍ଷୀୟ ବିକ୍ରମ କୁମାର ସାହାଣୀ ଓ ତରୀଆନି ଥାନା ଅଞ୍ଚଳର ୩୨ ବର୍ଷୀୟ ଲକ୍ଷ୍ମୀ ଚନ୍ଦ୍ରା ଦେବୀ । ଗୁଣପୁର ରେଳ ଷ୍ଟେସନ ନିକଟରେ ଚଢାଉ କରି ଏହି ଜବତ କରିଛି ଅବକାରୀ ବିଭାଗ। ବିହାର ରାଜ୍ୟକୁ ଟ୍ରେନ୍ ଯୋଗେ ଚାଲାଣ କରୁଥିଲେ ଅଭିଯୁକ୍ତ।

# ନିଶା ଓ ମାଦକଦ୍ରବ୍ୟ ବିରୋଧରେ ସଚେତନତା ରଥ ଶୁଭାରମ୍ଭ

ମାଲକାନଗିରି(ଭାସ୍କର ନ୍ୟୁଜ୍): ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା, ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସଂପୂର୍ଣ୍ଣ ରୋକିବା ଲାଗି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ନିମନ୍ତେ ମେ ୩୧ ରୁ ଜୁନ୍ ୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ୟାପକ ଜନ ସଚେତନତା ଅଭିଯାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ନିମନ୍ତେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଶୁଭାରମ୍ଭ କରିଛନ୍ତି। ନିଶାଦ୍ରବ୍ୟ ସମାଜ ପାଇଁ କ୍ଷତିକାରକ। ବିଶେଷ ଭାବେ ଯୁବଶକ୍ତି ଏହାର କୁପରିଣାମର ଶିକାର ହେଉଛନ୍ତି। ତେଣୁ ଏହି ରଥ ଜିଲ୍ଲାରେ ଯୁବପିଢିଙ୍କ ସମେତ ଜନ ସାଧାରଣଙ୍କ ମଧ୍ୟରେ ନିଶା ନିବାରଣ ପାଇଁ ସଚେତନତା ସୃଷ୍ଟି କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ନିଶା ନୁହେଁ, ଜୀବନକୁ ବାଛିବା ନିମନ୍ତେ ସଂକଳ୍ପ ନେବା ପାଇଁ ଯୁବ ସମାଜ ଓ ଜନ ସାଧାରଣଙ୍କୁ ଏହି ରଥ ସଚେତନ କରିବ। ଏହି ରଥ ଜିଲ୍ଲାର ସାତଟି ବ୍ଲକ୍ ର ୧୧୧ ଟି ଗ୍ରାମ ପଞ୍ଚାୟତ ପରିଭ୍ରମଣ କରିବ । ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ଅବକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ପୋଲିସ କର୍ମଚାରୀ ଯୋଗ ଦେଇଥିଲେ।



## ଆଜି ବିଶ୍ୱ ସାଇକେଲ ଦିବସ

# ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଲା ଦୁର୍ବଳତା



ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ ଅଭୟ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଜୁନ ମାସ ୩ତାରିଖ ବିଶ୍ୱ ସାଇକେଲ ଦିବସ। କଥାରେ ଅଛି ଦୃଢ ଇଚ୍ଛା ଶକ୍ତି ଥିଲେ ସବୁ ସମ୍ଭବ। ନିଜ ଉଦ୍ୟମ ଓ ଆଗ୍ରହ ବଳରେ ଦିବ୍ୟାଙ୍ଗ ନିଜେ ରୋଜଗାର କରୁଛନ୍ତି। ସାଇକେଲ ମରାମତିକୁ ପେଶା କରି ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଦିବ୍ୟାଙ୍ଗ ହୋଇ ଜନ୍ମ ହେବା ପରେ ଅନେକଙ୍କ ପାଇଁ କୌଣସି ଅଭିଶାପ ଠାରୁ ମଧ କମ୍ ନୁହେଁ। ଏପରିକି ଆମ ସମାଜରେ ଅନେକ ଦିବ୍ୟାଙ୍ଗ ଅଛନ୍ତି ଯେଉଁ ମାନଙ୍କୁ ସାଧାରଣ ଲୋକ ପରିବାର ପାଇଁ ବୋଝ ବୋଲି ଭାବିଥାନ୍ତି। କିନ୍ତୁ ସେମାନଙ୍କ ଧାରଣାକୁ ଭୁଲ୍ ପ୍ରମାଣିତ କରିଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଂଚାୟତ ବାଘମୁଣ୍ଡା ଗ୍ରାମର ୩୮ ବର୍ଷୀୟ ଯୁବକ ଦିବ୍ୟାଙ୍ଗ ଅଭୟ ମଲ୍ଲିକ। ତାଙ୍କର କାର୍ଯ୍ୟ ଅନ୍ୟ ଦିବ୍ୟାଙ୍ଗଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି। ପରିବାର ପାଇଁ ବୋଝ ନୁହେଁ ବରଂ ସ୍ୱାବଲମ୍ବି ହୋଇ ବଞ୍ଚିବା ଅଭୟଙ୍କୁ ଏକ ଭିନ୍ନ ପରିଚୟ ଦେଇଛି। ତାଙ୍କର କାର୍ଯ୍ୟଶୈଳୀ ଦେଖି ଯେକୌଣସି ସକ୍ଷମ ମଣିଷ ମଧ ଅଭୟଙ୍କୁ ପ୍ରଶଂସା ନକରି ରହିପାରିବ ନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଂଚାୟତ ବାଘମୁଣ୍ଡା ଗ୍ରାମର ସ୍ୱର୍ଗତଃ ଗଙ୍ଗାଧର ମଲ୍ଲିକଙ୍କ ସାନ ପୁଅ ଅଭୟ ମଲ୍ଲିକ। ଜନ୍ମ ସମୟରୁ ହିଁ ଭଗବାନ ତାଙ୍କ ପ୍ରତି ନିର୍ଦ୍ଦୟ ହୋଇଥିଲେ। ଛୋଟ ବେଳୁ ଦୁଇ ଗୋଡ଼ ଓ ହାତ ଅକାମୀ ହୋଇପଡିଥିବା ବେଳେ ବୟସ ବଢ଼ିବା ସହ ତାଙ୍କ ଶରୀର ଉପରେ ପ୍ରଭାବ ପକାଇଥିଲା। ଏପରିକି ୨ଟି ହାତ କାମ କରୁଥିଲେ ସୁଦ୍ଧା ଦୁର୍ବଳ। କିନ୍ତୁ ଏତେ ସବୁ ପ୍ରତିକୂଳ ପରିସ୍ଥିତି ରେ ମଧ ସାହସ ହରାଇ ନାହାନ୍ତି ଅଭୟ। ଅଦ୍ୟମ ଇଚ୍ଛା ଶକ୍ତି ଆଗରେ ଏ ସବୁ ହାର ମାନିଛି। ପରିବାର ବୋଝ ହେବା ଅପେକ୍ଷା ସ୍ୱାବଲମ୍ବି ହୋଇ ବଂଚିବାକୁ ଅଧିକ ପସନ୍ଦ କରିଛନ୍ତି ଅଭୟ। ଘରର କିଛି ଦୂରରେ ପୂର୍ଣ୍ଣଚନ୍ଦ୍ର କାଣ୍ଡିଙ୍କ ଦୋକାନରେ ରହି ସାଇକେଲ ମରାମତି କରୁଛନ୍ତି। ଆଉ ଏହାକୁ ସେ ନିଜ ରୋଜଗାର ମାଧ୍ୟମ ବନାଇଛନ୍ତି। ଦିବ୍ୟାଙ୍ଗ ନିଜେ ଭଲ ସାଇକେଲ ମରାମତି କରୁଥିବାରୁ ଅନେକ ଲୋକଙ୍କ ଭିଡ଼ ମଧ ଜମେ। ଯାହା ସାଧାରଣ ଲୋକଙ୍କୁ ବେଶ ଆଶ୍ଚର୍ଯ୍ୟ କରିଥାଏ। ଅତି ଗରିବ ପରିବାରରେ ଜନ୍ମ ନେଇଥିବା ଏହି ଦିବ୍ୟାଙ୍ଗ ଅଭୟ ପାଇଁ ଏବେ ମଧ ସରକାରୀ ଯୋଜନା ଅପହଞ୍ଚ। ରାଜନୀତି ଓ ସରକାରୀ କଳର ବାଘ ବଜାରୀ ଭିତରେ ଭିନ୍ନକ୍ଷମ କୁ ଏ ପର୍ଯ୍ୟନ୍ତ ରାସନ ସାମଗ୍ରୀ କି ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ମିଳୁନାହିଁ। ଅନ୍ୟପଟେ ଏ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପତି କହିଛନ୍ତି ମିଡ଼ିଆ ବନ୍ଧୁଙ୍କ ତରଫରୁ ଜାଣିବାକୁ ପାଇଲି, ଅଭୟ ମଲ୍ଲିକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛନ୍ତି। ଏହାର ଫୁଙ୍ଖାନୁଫୁଙ୍ଖ ଭାବେ ତଦନ୍ତ କରାଯିବ। ଯେଉଁ ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀ ଅଛନ୍ତି ସେମାନଙ୍କ ଦୃଷ୍ଟି ଗୋଚର କରିବାକୁ ଚେଷ୍ଟା କରିବେ। ଯଥା ସମ୍ଭବ ସାହାଯ୍ୟ ପାରିବେ ବୋଲି ମତ ଦେଇଛନ୍ତି। ଅଭୟ ଦିବ୍ୟାଙ୍ଗ ସତ୍ତ୍ୱେ ଅନ୍ୟ ଉପରେ ନିର୍ଭର ନକରି ପରିବାର ଚଳାଇବା ପାଇଁ କରୁଛନ୍ତି ସାଇକେଲ ମରାମତି। ଯାହା ଅନ୍ୟ ସାଧାରଣ ମଣିଷଙ୍କ ପାଇଁ ଉଦାହରଣ।

# ଧକ୍କାଦେଲା ଟିପ୍ପର, ବାଇକ୍ ଆରୋହୀ ଗୁରୁତର

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଚମାଖଣ୍ଡି ଥାନା ରଘୁନାଥପୁର ନିକଟରେ ଟିପ୍ପର ଧକ୍କାରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ବ୍ରହ୍ମପୁର ଅଳକାପୁରୀର ଅବିନାଶ ସାହୁ (୩୫ ବର୍ଷ) ବାଇକ୍ ଯୋଗେ ଛତ୍ରପୁର ଯାଉଥିଲେ। ଚମାଖଣ୍ଡି ଥାନା ରଘୁନାଥପୁର ନିକଟରେ ତାଙ୍କ ବାଇକ୍‌କୁ ଏକ ଟିପ୍ପର ଧକ୍କା ଦେଇଥିଲା। ଦୁର୍ଘଟଣାରେ ଅବିନାଶ ଗୁରୁତର ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅବିନାଶଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିଛି।

# ଛତା ଛକରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ କଡ଼ରେ ସରକାରଙ୍କ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ଏଥିପାଇଁ ୧ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିରେ ଏହି କାର୍ଯ୍ୟ ହେବ। ତେବେ ଏହି ବସ୍‌ଷ୍ଟାଣ୍ଡକୁ ଡେରାବିଶ ବ୍ଲକର ପ୍ରମୁଖ ସ୍ଥାନ ଚାଟରାଚକଡ଼ ପଂଚାୟତ ଅନ୍ତର୍ଗତ ଛତାଠରେ ନିର୍ମାଣ କରିବାକୁ ଜନଶକ୍ତି ପାର୍ଟି ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ପୂର୍ବରୁ ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତାମାନେ ଛତାଠରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି କରିଆସୁଛନ୍ତି। ଆଜି ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଆଜି ଏକ ପ୍ରେସ୍ ବିବୃତିରେ ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଛତାଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବିକୁ ସମର୍ଥନ କରିଛନ୍ତି। ଏଥିସହିତ ଏହି ଅଂଚଳରେ ତହସିଲ, ସବ୍‌ରେଜିଷ୍ଟ୍ରାର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍, ଡେରାବିଶ ମହିଳା ମହାବିଦ୍ୟାଳୟ, ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ, ବ୍ଲକ ମୁଖ୍ୟ ପଶୁ ଚିକିତ୍ସାଳୟ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଥିବାରୁ ବ୍ଲକ ଅନ୍ତର୍ଗତ ୨୬ଗୋଟି ପଂଚାୟତର ଜନସାଧାରଣର ସବୁଦିନେ ଏହି ସ୍ଥାନକୁ ଯାତାୟତ କରିଥାନ୍ତି। ଏଥିସହିତ ଏହି ସ୍ଥାନରେ ଜାତୀୟ ରାଜପଥ କଡ଼ରେ ପ୍ରଚୁର ମାତ୍ରାରେ ସରକାରୀ ଜମି ମଧ୍ୟ ରହିଛି ଯାହାକି ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇପାରିବ । ତେଣୁ ଏଠାରେ ସରକାରଙ୍କ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ କେବଳ ଯେ, ଡେରାବିଶ ବ୍ଲକର ଜନସାଧାରଣ ଉପକୃତ ହୋଇପାରିବେ ତାହା ନୁହେଁ ପଡ଼ୋଶ ଯାଜପୁର ଜିଲ୍ଲା ଓ କେନ୍ଦ୍ରାପଡ଼ା ବ୍ଲକର ଜନସାଧାରଣ ମଧ୍ୟ ଉପକୃତ ହୋଇପାରିବେ। ତେଣୁ ସରକାର ଏହାକୁ ହୃଦୟଙ୍ଗମ କରି ତୁରନ୍ତ ଛତାଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଶ୍ରୀ ଦାଶ ଦାବି କରିଛନ୍ତି।

# ପାରିବାରିକ କଳହ, ତାଲା ଭାଙ୍ଗି ଯୁବତୀଙ୍କୁ ଉଦ୍ଧାର

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ଥାନା ଅନ୍ତର୍ଗତ ଗାନ୍ଧିଛକରେ ରହୁଥିବା ଏକ ପରିବାର ଭିତରେ କଳହ ଘଟି ମାମଲା ପୁଲିସ ପର୍ଯ୍ୟନ୍ତ ପହଞ୍ଚିଛି। ଗତକାଲି ସକାଳ ପ୍ରାୟ ୧୦ଟା ବେଳେ ଦମ୍ପତି ଭିତରେ ବାଦ ବିବାଦ ହେବା ପରେ ପୁରୁଷ ଜଣକ ମହିଳାଙ୍କୁ ମାଡ଼ପିଟ କରିଥିଲେ। ଫଳରେ ମହିଳା ଜଣକ ଘରେ ନିଜର ୧୯ ବର୍ଷୀୟ ଝିଅକୁ ଛାଡ଼ି କୁଆଡେ ଚାଲି ଯାଇଥିଲେ। ଏହା ପରେ ବାପା ମଧ ଝିଅକୁ ତାଲା ଦେଇ କାମ କରିବା ପାଇଁ ଝାରସୁଗୁଡ଼ାସ୍ଥିତ ଏକ ଶିଳ୍ପାନୁଷ୍ଠାନକୁ ଯାଇଥିଲେ। ଘରେ ଅସହାୟ ହୋଇପଡିଥିବା ଯୁବତୀ ଜଣକ ଶେଷରେ ସାହାଯ୍ୟ ପାଇଁ ୧୧୨କୁ ମୋବାଇଲରେ ଜଣାଇଥିଲେ। ଖବର ପାଇ ତୁରନ୍ତ ଗାନ୍ଧିଛକ ଫାଣ୍ଡି ପୁଲିସ ସ୍ଥାନୀୟ ଲୋକଙ୍କ ସହିତ ପହଞ୍ଚି ଘରର ତାଲା ଭାଙ୍ଗି ଯୁବତୀଙ୍କୁ ଉଦ୍ଧାର କରିଥିଲା। ତେବେ ଏହା ମଧ୍ୟରେ ଯୁବତୀ ଜଣକ ଫ୍ୟାନରେ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିବା ପାଇଁ ଯୋଜନା କରୁଥିବା ଉଦ୍ଧାରକାରୀ ପୋଲିସ ଦେଖିଥିଲା। ସେପଟେ ଯୁବତୀଙ୍କୁ ଫାଣ୍ଡିକୁ ଅଣାଯିବା ପରେ ତାଙ୍କର ମାତାପିତା ଓ ସମ୍ପର୍କୀୟଙ୍କୁ ଡକାଯାଇଥିବା ସୂଚନା ମିଳିଛି।

# ହସ୍ପିଟାଲ୍‌ରେ ସଫେଇ କାର୍ଯ୍ୟକ୍ରମ

ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ବିଶ୍ୱ ମହାମାରୀ କରୋନା ପୁଣି ଥରେ କାୟା ବିସ୍ତାର କରିବାକୁ ଲାଗିଲାଣି, ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ପୂର୍ବାହ୍ନରେ ଜଳେଶ୍ୱର ପୌରାଞ୍ଚଳର ଯୁବ



ସମାଜସେବୀ ରାଜେଶ ଖଟୁଆଙ୍କ ନେତୃତ୍ୱରେ କିଛି ଯୁବକ ଏକାଠି ହୋଇ ଜଳେଶ୍ୱର ମୁଖ୍ୟ ଚିକିତ୍ସାଳୟ ଜି.କେ ଭଟ୍ଟର ହସ୍ପିଟାଲରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଯୁବକମାନେ ହସ୍ପିଟାଲ ପରିସରରେ ଅଳିଆ ସଫେଇ କରିବା ସହିତ ସାନିଟାଇଜେସନ୍ କରାଇ ଥିଲେ। ପରେ ଯୁବ ସମାଜସେବୀ ରାଜେଶ ଖଟୁଆ ରୋଗୀଙ୍କ ୱାର୍ଡରେ ଫିନାଇନ୍ ଦ୍ୱାର ସାନିଟାଇଜେସନ୍ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେଖ ହସିରୁଦ୍ଦିନ ବକ୍ସ, ତାପସ ପାଣିଗ୍ରାହୀ, ସଞ୍ଜୀବ ପାତ୍ର, ଅଂଶୁମାନ ଜେନା, ନମିତା ଦାସ, ଚନ୍ଦନ କୁମାର ସାହୁ, ସୁମିତ କୁମାର ସାହୁ, ସୌମ୍ୟ ରଞ୍ଜନ କର, ତପନ ଭୂୟାଁ, କ୍ଷିତିଶ ବ୍ରହ୍ମ, ବାପି ଜେନା, ଅକ୍ଷୟ ରାଜ, ଚିନ୍ମୟ ଦାସ, ମଳୟ ଡଗର, ଆଲକ ଡଗର, ଚନ୍ଦନ କୁମାର ସାହୁ, ନମ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ସଫେଇରେ ଭାଗ ନେଇଥିଲେ। ଯୁବକମାନଙ୍କ ଏହିପରି କାର୍ଯ୍ୟକୁ ଜନସାଧାରଣ ପ୍ରଶଂସା କରିଛନ୍ତି।

# ନିଆରା ଢ଼ଙ୍ଗରେ ଜନ୍ମଦିନ ପାଳିଲେ ପୂର୍ବତନ ମନ୍ତ୍ରୀ



ବାରିପଦା (ଭାସ୍କର ନ୍ୟୁଜ୍) : ପୂର୍ବବର୍ଷ ପରି ଏ ବର୍ଷ ମଧ ରକ୍ତଦାନ ଶିବିର ଆୟୋଜନ କରି ନିଆରା ଢଙ୍ଗରେ ନିଜର ଜନ୍ମଦିନ ପାଳନ କଲେ ପୂର୍ବତନ ମନ୍ତ୍ରୀ ତଥା ମୟୁରଭଞ୍ଜ ଜିଲ୍ଲା ବିଜେଡି ସଭାପତି ସୁଦାମ ମାର୍ଣ୍ଡି । ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ଏମ ସି ସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡଃ ଦେବାଶିଷ ମାର୍ଣ୍ଡି ଓ ନାରୀନେତ୍ରୀ ରଂଜିତା ମାର୍ଣ୍ଡି ଯୋଗ ଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଟୁଡୁ, ଦୁର୍ଗା ମାର୍ଣ୍ଡି, ପରେଶ ମୁଣ୍ଡା, ବାବୁଲୁ ଟୁଡୁ, ପ୍ରଭାତ ନାୟକ, ଜୀତେନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷ ଡୁମୁକା ହେମ୍ବ୍ରମ, ସୁବୋଧ ମାର୍ଣ୍ଡି, ଚନ୍ଦ୍ରମୋହନ ସିଂ, ଡ଼ଲକା ସିଂ, ଦୀପିକା ସିଂ, ବାରିପଦା ମ୍ୟୁନିସିପାଲିଟିର କାଉନସିର ସୁକେଶିନୀ ସେଠି, ଅନୁରାଧା ମହାନ୍ତି, ରାଜ ଗୁପ୍ତା, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ଜିତା ସିଂ, ଦୀପ୍ତିରେଖା ପଟ୍ଟନାୟକ, ସୁଧୀର କୁମାର ବାରିକ, ଭାଗ୍ୟଲକ୍ଷ୍ମୀ ନାଏକ, ଶିବଶଙ୍କର ପାତ୍ର ଓ ସବିତା ପାଲ ପ୍ରମୁଖ ଉପସ୍ଥିତ ଥିଲେ। ତକତପୁରସ୍ଥିତ ହୋଲି ପେଲେସରେ ଆୟୋଜିତ ଏହି ଶିବିରରେ ୨୨ ଜଣ ମହିଳା ସମେତ ମୋଟ ୨୩୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଉକ୍ତ ରକ୍ତଦାନ ଶିବିରକୁ ସମାଜସେବୀ ଅମର କୁମାର ସେଠି, ଜିଲ୍ଲା ପରିଷଦ ସଭ୍ୟ ନରେନ୍ଦ୍ର ହାଁସଦାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ଓ ରଜନୀ ମହାନ୍ତ, ରବୀନ୍ଦ୍ର କର, କରୁଣାକର କର, ଅରୁଣ ବରାଳ, ସୁନୀଲ ନାୟକ, ବାସୁଦେବ ସିଂ, ସମାଜସେବୀ ଡ. ଅସୀମ କୁମାର ଚକ୍ରବର୍ତ୍ତୀ, ଦୀପକ କୁମାର ମିଶ୍ର, ମଙ୍ଗଳ ହାଁସଦା, ରବି ବେହେରା, ଅଭୟ ସିଂହ, ଆକାଶ ଭୁଜବଳ, ରାଜେଶ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ଶଙ୍କର ମାର୍ଣ୍ଡି, ବୀଣାପାଣି ସାହୁ, ଅନନ୍ତ ହେମ୍ବ୍ରମ, ଦୀପକ ବେହେରା, ବିକି ମହାନ୍ତି, ଶେଖ ସମୀର, ହୃଷିକେଶ ମହାପାତ୍ର, ଦର୍ପ ନାରାୟଣ ପାଲ ଓ ବିକାଶ ନାୟକ ପରିଚାଳନା କରିବାରେ ସହାୟତା ପ୍ରଦାନ କରିଥିଲେ ଓ ବାରିପଦା ଓ ଉଦଳା ରକ୍ତ ଭଣ୍ଡାରର ଡ. ସୌମ୍ୟ ରଞ୍ଜନ ନାୟକ, ଡ. ନୀଲେଶ ଦାସ, ଡ. ବିଜୟ ଦାସ ତଥା ପୁଣ୍ଡରିକାକ୍ଷ ଦାଶ, ଅନିଲ ମହାନ୍ତି, ପ୍ରଫୁଲ୍ଲ ମାଝୀ, ନିଖିଲ ଦାସ, ରୁଚିକା ଖୁରାନା, ଛବି ମହାନ୍ତ, କରୁଣାକର ଜେନା, ପାର୍ଥ ସାରଥୀ ମହାନ୍ତ, ଶକୁନ୍ତଳା ମହାନ୍ତ, ପିଣ୍ଟୁ ଦା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଫିଉଚର ଷ୍ଟାର ସ୍ପୋର୍ଟ୍ସର ସମସ୍ତ ସଭ୍ୟ ମଧ ଉପସ୍ଥିତ ଥିଲେ। ଶେଷରେ ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ବୀର କିଶୋର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ସ୍ଥିତ ହନୁମାନ ମନ୍ଦିର ନିକଟସ୍ଥ ଏକ ପୁଷ୍କରିଣୀ ଜଳରେ ରାମେଶ୍ୱର ଠାକୁର ପୂଜା ପାଉଥିବା ବେଳେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଶୀତଳ ଷଷ୍ଠୀ ଅବସରରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଦୁଇଦିନ ଧରି ମହାଆଡମ୍ବରରେ ପାଳିତ ହୋଇଯାଇଛି। ଶନିବାର ଅପରାହ୍ନ ସମୟରେ ମନ୍ଦିରରୁ ପରମେଶ୍ୱର ମହାପ୍ରଭୁଙ୍କୁ ସାଙ୍ଗରେ ନେଇ ବାଜା ବାଣ, ନାମ ସଙ୍କୀର୍ତ୍ତନରେ ପଟୁଆର ବାହାରି ବରଯାତ୍ରୀ ଗ୍ରାମର ଖଣ୍ଡିଆବନ୍ଧ ପୋଖରୀ ନିକଟରେ ରହିଥିବା ଶ୍ରୀ ଶ୍ରୀ ବାଞ୍ଛେଶ୍ୱର ମହାଦେବଙ୍କ ମନ୍ଦିରରେ ପହଞ୍ଚି ଥିଲେ। ସେଠାରେ ବାଟବରଣ କରି ମହାପ୍ରଭୁ ରାମେଶ୍ୱର ଠାକୁରଙ୍କୁ ମନ୍ଦିର ଭିତରକୁ ନେଇ ମାତା ପାର୍ବତୀଙ୍କ ସହିତ ରୀତିନୀତି ଅନୁସାରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂଜକ ଶ୍ୱେତ ଦାସଙ୍କ ପୂଜାର୍ଚ୍ଚନାରେ ବର ପିତା ସାଧୁ ଚରଣ ଗୋଛାୟତ ଓ ମାତା ସତ୍ୟଭାମା ଗୋଛାୟତ ଏବଂ କନ୍ୟା ପକ୍ଷରୁ ପିତା ନାରାୟଣ ବେହେରା ଓ ମାତା ସୁଭାଷିନୀ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ । ରବିବାର ଅପରାହ୍ନ ସମୟରେ ବିବାହ ବନ୍ଧନରେ ବାନ୍ଧି ହୋଇଥିବା ଦେବ ଦମ୍ପତିଙ୍କୁ ଧରି ବିଶାଳ ପଟୁଆର ରେ ଗ୍ରାମ ଓ ବଜାର ପରିକ୍ରମା କରି ରାମେଶ୍ୱର ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ସମୟରେ ଦର୍ଶକଙ୍କ ସମାଗମରେ ଗ୍ରାମ ପରିବେଶ ଉତ୍ସବ ମୁଖର ହୋଇପଡ଼ିଥିଲା । ଶୃଙ୍ଖଳାର ସହ ୨ ଦିନ ଧରି ଦେବ ଦମ୍ପତିଙ୍କ ବିବାହ ଉତ୍ସବ ପାଳନ ହୋଇଥିବା ବେଳେ, ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗ ରେ ହନୁମାନ ମନ୍ଦିର ଓ ରାମେଶ୍ୱର ମନ୍ଦିରର ମୁଖ୍ୟ ଉଦ୍ୟୋକ୍ତା ରଞ୍ଜନ କୁମାର ଦଳବେହେରା, ମହେଶ୍ୱର ପରିଡା, ପ୍ରଭାତ ଆଚାର୍ଯ୍ୟ, ଶାରଦା ପ୍ରସନ୍ନ କବିଙ୍କ ନେତୃତ୍ୱରେ ସମସ୍ତ ସଭ୍ୟଙ୍କ ଦ୍ୱାରା ଦେବ ଦମ୍ପତିଙ୍କ ବିବାହ ଉତ୍ସବ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।



# ମାରଡା-ବୈଦେଶ୍ୱର ରାସ୍ତା ପ୍ରଶସ୍ତିକରଣ ଦାବି

ଭାପୁର (ଭାସ୍କର ନ୍ୟୁଜ୍) : ଭାପୁର ବ୍ଲକର ମାରଡା ଗ୍ରାମ ଠାରୁ କଟକ ଜିଲ୍ଲା ବୈଦେଶ୍ୱର ଗ୍ରାମ ପର୍ଯ୍ୟନ୍ତ ୧୭ କି.ମି. ରାସ୍ତା ଅନେକ ଐତିହ ବହନ କରିଛି। ଏହି ରାସ୍ତାଟି ମହାନଦୀ କୂଳେକୂଳେ ଯାଇଥିବାରୁ ପ୍ରାୟତଃ ୧୫ରୁ ୨୦ ଗୋଟି ଗ୍ରାମବାସୀ ଏହି ପୁରାତନ ଜଗନ୍ନାଥ ସଡ଼କ ରାସ୍ତା ପ୍ରତି ନିର୍ଭର କରି ଚଳିଆନ୍ତି କିନ୍ତୁ, ବର୍ଷବର୍ଷ ଧରି ରାସ୍ତା ମରାମତି ତଥା ଉନ୍ନତିକରଣ କାର୍ଯ୍ୟ ହୋଇ ନଥିବାରୁ ନୀଚ ହୋଇ ରହିଯାଇଛି । ଯାହାଫଳରେ ବନ୍ୟା ସମୟରେ ଗ୍ରାମବାସୀ ମାସ ମାସ ଧରି ଜଳବନ୍ଦୀ ହୋଇ ରହିଥାନ୍ତି । ସରକାର ବଦଳୁଛି ଏବଂ ପ୍ରଶାସନ ମଧ ବଦଳୁଛି କିନ୍ତୁ, ଏହି ରାସ୍ତା ପ୍ରତି କାହାର ନଜର ନାହିଁ । ଏହି ରାସ୍ତାଟି କଣ୍ଟିଲୋ ଠାରୁ କଟକ ପର୍ଯ୍ୟନ୍ତ ଗମନାଗମନ ପାଇଁ ସ୍ୱଳ୍ପ ସମୟ ଲାଗୁଥିବାରୁ ପ୍ରାୟତଃ ସବୁବେଳେ ଗହଳି ପରିଲକ୍ଷିତ ହୋଇଥାଏ କିନ୍ତୁ ରାଜ୍ୟ ସରକାରଙ୍କର ଏହି ରାସ୍ତା ପ୍ରତି ନଜର ନାହିଁ । ଇଂରେଜ ମାନଙ୍କର ଶାସନକାଳ ସମୟରେ ଏହି ରାସ୍ତା



ବେଶ୍ ପରିଚିତ ଲାଭ କରିଥିଲା। କଟକରୁ ସୈନ୍ୟମାନେ ପଶ୍ଚିମ ଓଡ଼ିଶା ଯିବାବେଳେ କଣ୍ଟିଲୋ ନୀଳମାଧବଙ୍କ କ୍ଷେତ୍ର ପୂର୍ବରୁ ରହୁଥିଲେ ଯାହା ବର୍ତ୍ତମାନ ପଲଟନ୍ ପଡିଆ ଭାବରେ ବିଦ୍ୟମାନ। ଏହି ରାସ୍ତା ଦେଇ ସମ୍ବଲପୁର ଠାରୁ କଟକ ମହାନଦୀ ଅବବାହିକା ପର୍ଯ୍ୟନ୍ତ ବ୍ୟବସାୟ ପେଣ୍ଠସ୍ଥଳୀ ରୂପେ ପରିଚିତ ଅର୍ଥାତ୍ କଣ୍ଟିଲୋ, ପଦ୍ମାବତୀ, ବୈଦେଶ୍ୱର, ବାଙ୍କୀ ଅଞ୍ଚଳର ବ୍ୟବସାୟୀମାନେ ମହାନଦୀରେ କଟକ ଆସି ନୌବାଣିଜ୍ୟ ବ୍ୟବସାୟ କରୁଥିଲେ । ତୀର୍ଥଯାତ୍ରୀମାନେ ଏହି ରାସ୍ତାରେ ଯାତାୟାତ କରି ନୀଳମାଧବ ଓ ଚର୍ଚ୍ଚିକାଙ୍କ ଦର୍ଶନ କରିଥାନ୍ତି। ଏହି ଐତିହପୂର୍ଣ୍ଣ ରାସ୍ତା ଧାର୍ମିକ, ବାଣିଜ୍ୟ, ପର୍ଯ୍ୟଟନ କ୍ଷେତ୍ରରେ ଗୁରୁତ୍ୱ ବହନ କରୁଥିବାବେଳେ ଭାପୁର ବ୍ଲକର ଏହା ଜୀବନରେଖା ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଏହି ରାସ୍ତା ଏତେ ସଂକୀର୍ଣ୍ଣ ଅବସ୍ଥାରେ ଅଛି ଯେ ଗୋଟିଏ ଗାଡ଼ି ଗଲେ ଆଉ ଗୋଟିଏ ଗାଡ଼ି ଯିବାକୁ ରାସ୍ତା ନାହିଁ। ମହାନଦୀ କୂଳେ କୂଳେ ରହିଥିବା ଏହି ରାସ୍ତାର ଉନ୍ନତିକରଣ ତଥା ପ୍ରଶସ୍ତିକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ନୂଆ ରୂପରେ ଝଲସିବ ଗୋହିରାଟିକିରି

# ନିର୍ମାଣ ହେବ ମୁକୁନ୍ଦଦେବଙ୍କ ଭବ୍ୟ ପ୍ରତିମୂର୍ତ୍ତି ଓ ସଂଗ୍ରହାଳୟ

ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ମୁକ୍ତାପୁର ପଞ୍ଚାୟତ ଗୋହିରାଟିକିରି ପୀଠରେ ମୁକୁନ୍ଦଦେବ ସ୍ମାରକୀ ପାର୍କ ଓ ସୁବିଧା କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ଖୁବଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି । ଦୀର୍ଘବର୍ଷ ଧରି ଅବହେଳିତ ହୋଇ ରହିଥିବା ପୀଠର ଉନ୍ନତିକରଣ ପାଇଁ ଗତ ଫେବୃଆରି ମାସରେ ଧାମନଗର ମହୋତ୍ସବ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଘୋଷଣା କରିଥିଲେ । ଏବେ ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବାରୁ ଧାମନଗରବାସୀ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଇତିହାସର ଗାରିମା ବହନ କରୁଥିବା, ବହୁ କିମ୍ବଦନ୍ତୀର ସାକ୍ଷୀବହ ଓ ପୁରାଣ ବର୍ଣ୍ଣିତ ଗୋହିରାଟିକିରି ଚିର ଅବହେଳିତ ହୋଇ ରହି ଆସିଥିଲା । ଯାହାଫଳରେ ଲୋକମାନେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିପାରୁ ନଥିଲେ । ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ସ୍ମାରକୀ ପୀଠ ଭାବେ ବିକଶିତ କରାଗଲେ, ଓଡ଼ିଶାବାସୀ ଏହାର ମହତ୍ତ୍ୱ ଜାଣିପାରିବେ । ଏହାସହ ଭବିଷ୍ୟ ପିଢ଼ି ନିଜକୁ ଗର୍ବ ଅନୁଭବ କରିବେ ବୋଲି ଜିଲ୍ଲାପାଳ ଗତ ଡିସେମ୍ବରରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ ଚିଠି ଲେଖିଥିଲେ । ଏହାପରେ ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ପ୍ରଚେଷ୍ଟାରେ ଏହାକୁ ବିକାଶ କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେଇଥିଲେ । ସେହି ଅନୁସାରେ ଗୋହିରାଟିକିରି ଠାରେ ୧୦ କୋଟି ଟଙ୍କା ବ୍ୟୟରେ ମୁକୁନ୍ଦଦେବ ସ୍ମାରକୀ ପାର୍କ ଓ ସୁବିଧା କେନ୍ଦ୍ର କରାଯାଉଛି । ଏଥିରେ ୪ଟି ପ୍ରକଳ୍ପ ସାମିଲ ଅଛି । ଗୋହିରାଟିକିରି ପର୍ଯ୍ୟଟନସ୍ଥଳୀର ପ୍ରବେଶ ଦ୍ୱାରରେ ସୁଦୃଶ୍ୟ ତୋରଣ ଓ ସୁରକ୍ଷା ପ୍ରାଚୀର କରାଯିବ । ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ଭବ୍ୟ ପ୍ରତିମୂର୍ତ୍ତି ନିର୍ମାଣ ହେବ । ପ୍ରତିମୂର୍ତ୍ତି ଲାଗି ଗୋଟିଏ ସ୍ମାର୍ଟ ପାର୍କ କରାଯିବ । ଏହାସହ ପୀଠରେ ଗୋଟିଏ ସଂଗ୍ରହାଳୟ ଏବଂ ପାର୍କିଂ ୟାର୍ଡ ନିର୍ମାଣ ହେବ । ତେବେ ୨୮ ନଭେମ୍ବର ୨୦୧୬ରେ ରାଜ୍ୟ ସରକାର ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ। ହେଲେ ଘୋଷଣାର ୮ ବର୍ଷ ପରେ ବି ସେମିତି କିଛି ଆଖି ଦୃଶିଆ ବିକାଶମୂଳକ କାମ ହୋଇନାହିଁ। ଦୁଇ



ବର୍ଷ ପୂର୍ବରୁ କେବଳ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି । ଏହାଛଡ଼ା ଆଉ କିଛି ନାହିଁ । ପର୍ଯ୍ୟଟନସ୍ଥଳୀରେ ଲୋକ ରହିବା ପାଇଁ ସୁବିଧା ହୋଇନାହିଁ । ଶୌଚାଳୟ କି ପାନୀୟ ଜଳ ସୁବିଧା ନାହିଁ । ଯାତ୍ରୀଙ୍କ ପାଇଁ ଉପଯୁକ୍ତ ରହଣି ସ୍ଥଳ, ବିଶ୍ରାମ ଗୃହ, ପାନୀୟ ଜଳ ସୁବିଧା କରାଇ ନାହିଁ । ବଣଭୋଜି କରିବା ଲାଗି ପିଣ୍ଡି ହୋଇନାହିଁ । ବଡ଼କଥା ହେଉଛି, ପର୍ଯ୍ୟଟନସ୍ଥଳୀକୁ ଏଯାଏ ଭଲ ରାସ୍ତା ହୋଇପାରିନାହିଁ । ବୋଲକ ବଜାରରୁ ଗୋବିନ୍ଦାଗଡ଼ିଆ ଯାଏ ଲମ୍ବିଥିବା ଗେଙ୍ଗୁଟି ନଦୀବନ୍ଧ ଏକମାତ୍ର ଉପଯୋଗୀ ରାସ୍ତା । ହେଲେ ନଦୀବନ୍ଧ ରାସ୍ତାଟି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ି ରହିଛି । କିଛିବର୍ଷ ପୂର୍ବରୁ ରାସ୍ତାଟି ପିଚୁ ହୋଇଥିଲେ ବି ତାହା ନଷ୍ଟ ହୋଇଗଲାଣି । ତା ପରେ ଆଉ ମରାମତି ହୋଇନାହିଁ। ଆଉ ଗୋଟିଏ ପ୍ରମୁଖ ରାସ୍ତା ହେଉଛି, ଧାମନଗର ଦକ୍ଷିଣବାଡ଼ ଛକରୁ ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ ହୋଇ ଗୋହିରାଟିକିରି ରାସ୍ତା। ହେଲେ ଏହି କଂକ୍ରିଟ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି।

## ଅତିରିକ୍ତ ତହସିଲଦାରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା (ଭାସ୍କର ନ୍ୟୁଜ୍) : ଗତ ଜୁନ ୨ ତାରିଖରେ କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣର ଦୃଢ଼ ପ୍ରତିବାଦ କରିଛି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନିକ ଅଧିକାରୀ ମହାସଂଘ। ଆଜି ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଇଶ୍ୱର ନାୟକ ଏବଂ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ବହୁ ଓଡ଼ିଶା ପ୍ରଶାସନିକ ଅଧିକାରୀ ଓ ରାଜସ୍ୱ ସେବା ଅଧିକାରୀମାନେ ଜିଲ୍ଲାପାଳ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ପ୍ରତିବାଦ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦୋଷୀମାନଙ୍କ ବିରୋଧରେ ତୁରନ୍ତ କଡ଼ା ପଦକ୍ଷେପ ସହ ଲଘୁ ଖଣିଜ ଚୋରି ରୋକିବା ପାଇଁ ଦୀର୍ଘସ୍ଥାୟୀ କାର୍ଯ୍ୟାବଳୀ ପ୍ରସ୍ତୁତି କରିବାକୁ ଅନୁରୋଧ କରିଥିଲେ। ପ୍ରକାଶ ଥାଉକି ଗତ ୨ ତାରିଖରେ



ଚୋରା ବାଲି ଗାଡ଼ି ଧରିବାକୁ ଯାଇ ଅତିରିକ୍ତ ତହସିଲଦାର ଶ୍ରୀ ମାଝୀ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହୋଇଥିଲେ। ୨୫ରୁ ଊର୍ଦ୍ଧ୍ୱ ମାଫିଆ ସଂଗଠିତ ଭାବେ ଶ୍ରୀ ମାଝୀଙ୍କୁ ଏକୁଟିଆ ପାଇ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଗାଡ଼ିକୁ ଭାଙ୍ଗି ଚୁରମାର କରି ଦେଇଥିଲେ। ଏହା କପ୍ତିପଦା ଥାନା ସମ୍ମୁଖରେ ଘଟିଥିବା ବେଳେ ଶ୍ରୀ ମାଝୀ ଜୀବନ ବଞ୍ଚାଇ ଡାକ୍ତରଖାନାକୁ ପଳାଇ ଆସିଥିଲେ। ତେବେ ଦୋଷୀମାନେ ସମୟ ପାଇ ଅନ୍ୟତ୍ର ଫେରାର ହୋଇଯାଇଥିଲେ। ପ୍ରକାଶ ଥାଉକି ଏହି ପ୍ରଶାସନିକ ଅଧିକାରୀମାନେ ସରକାରଙ୍କର ସମସ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରି ସମସ୍ତ ଅତ୍ୟାବଶ୍ୟକ ସେବା ଗୁଡିକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଥାଆନ୍ତି। ତେବେ କର୍ତ୍ତବ୍ୟରତ ଜଣେ ଅଧିକାରୀଙ୍କୁ ଏଭଳି ଆକ୍ରମଣ ହେଲେ ତାହା ସମାଜ ଉପରେ ଖରାପ ପ୍ରଭାବ ପକାଉଛି ଏବଂ ସୁସ୍ଥ ବାତାବରଣ କଳୁଷିତ ହେବା ସଙ୍ଗେ ସଙ୍ଗେ ଅଧିକାରୀ ମାନଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଉଛି। ସରକାର ତୁରନ୍ତ ଏ ଦିଗରେ କଡ଼ା ଆଭିମୁଖ୍ୟ ନେବାକୁ ଆବେଦନ କରାଯାଇଛି।

# ହାଇୱା ସହ ଟ୍ୟାଙ୍କର ମୁହାଁମୁହିଁ ଧକ୍କା

ଡେରାବିଶ (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ-ପାରାଦ୍ୱୀପ ରାଜପଥର ଡେରାବିଶ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଓ ବଳଭଦ୍ରପୁର ଛକ ମଧମଧବର୍ତ୍ତୀ ସ୍ଥଳରେ ଆଜି ପୂର୍ବାହ୍ନରେ ଏକ ମାଟି ବୋଝେଇ ହାଇୱା ଓ ତେଲଟ୍ୟାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ଗାଡ଼ିର ରାସ୍ତା ମଝିରେ ରହିବା ଫଳରେ କିଛି ସମୟ ପାଇଁ ରାସ୍ତାର ଉଭୟ ପଟେ ଯାନବାହାନ ଅଟକି ରହିଥିଲା। ତେବେ ଏହି ଘଟଣାରେ ଉଭୟ ଗାଡ଼ିର ଡ୍ରାଇଭର



ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି । ତେବେ ଖବର ପାଇ ଡେରାବିଶ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ରାସ୍ତାକଡ଼କୁ ହଟାଇ ଜାତୀୟ ରାଜପଥରେ ଚଳାଚଳ ସ୍ୱାଭାବିକ କରିଥିଲା। ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ସମ୍ପ୍ରସାରଣ ନିମନ୍ତେ ଡେରାବିଶ ଅଞ୍ଚଳରୁ ବ୍ୟାପକ ମାଟି ଚାଲାଣ ହେଉଛି । ତେବେ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ସରିବା ବେଳକୁ ଡେରାବିଶ ଅଞ୍ଚଳରେ ରହିଥିବା ବହୁ ସରକାରୀ ଓ ବେସରକାରୀ ଜମିରୁ ମାଟି ଉଠାଯାଇ ସବୁ ଖାଲ ଖମାରେ ପରିଣତ ହେବା ସହ ଚାଷ ଅନୁପଯୋଗୀ ହୋଇପଡ଼ିଛି । ଏପରିକି ବହୁ ଅଚଳରେ ଚାଷଜମି ଅନୁର୍ବର ହୋଇ ଫସଲ ଉତ୍ପାଦନ ମଧ କମିବ ବୋଲି ବହୁ ପରିବେଶବିତ୍ ଏବେଠାରୁ ମତ ଦେବା ଆରମ୍ଭ କଲେଣି । ଯଦି ଏପରି ଅବସ୍ଥା ଲାଗିରୁହେ ତେବେ ସ୍ଥାନୀୟ ଅଞ୍ଚଳରେ ଖାଦ୍ୟ ସଙ୍କଟ ଦେଖାଦେବାର ମଧ ସମ୍ଭାବନା ଦେଖାଦେବ। ତେଣୁ ତୁରନ୍ତ ସରକାରୀ କଳ ଡେରାବିଶ ଅଞ୍ଚଳରୁ ବେଆଇନ ମାଟି ଚାଲାଣ ରୋକିବା ପାଇଁ ଅଞ୍ଚଳର ଚାଷୀ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# କାର୍ଯ୍ୟରେ ଯୋଗଦେଲେ ନୂତନ ପିପି

ଛତ୍ରପୁର (ଭାସ୍କର ନ୍ୟୁଜ୍) : ପୂର୍ବରୁ ଗଞ୍ଜାମ ଜିଲ୍ଲାରେ ଗୃହ ବିଭାଗର ନିର୍ଦ୍ଦେଶରେ ପବ୍ଲିକ ପ୍ରସିକ୍ୟୁଟର ଭାବେ କାର୍ଯ୍ୟରତ ଥିବା ତ୍ରିଲୋଚନ ପରିଡାଙ୍କର ଇତିମଧ୍ୟରେ ପଦୋନ୍ନତି ହୋଇ ଉପନିର୍ଦ୍ଦେଶକ ଭାବେ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାକୁ ବଦଳି ହୋଇଛି। ଗୃହ ବିଭାଗର ନିର୍ଦ୍ଦେଶରେ ପୂର୍ବରୁ କଟକ ଜିଲ୍ଲାରେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଭାବେ କାର୍ଯ୍ୟରତ ଥିବା ବିଶ୍ୱଜିତ ବରାଳଙ୍କର ଗଞ୍ଜାମ ଜିଲ୍ଲାକୁ ପଦୋନ୍ନତି ହୋଇ ପବ୍ଲିକ ପ୍ରସିକ୍ୟୁଟର ଭାବେ ବଦଳି ହୋଇଛି। ସେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଭେଟି ନିଜର ନିଯୁକ୍ତି ସୂଚନା ଦେବା ସହ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ରଙ୍କୁ ଭେଟି ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ପରେ ଛତ୍ରପୁରରେ ପଦସ୍ଥ ଥିବା କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର, ସରକାରୀ ଓକିଲ ସୁରେଶ ପଣ୍ଡା, ଏଲ ଗୋପାଳ ରାଓ, ଭୈରବୀ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ବେହେରା, କାଳୀ ପ୍ରସାଦ ଦାଶ ପ୍ରମୁଖ ତାଙ୍କୁ



ଛତ୍ରପୁର କୋର୍ଟ ପରିସରରେ ପୁଷ୍ପଗୁଚ୍ଛ ଦେଇ ଜିଲ୍ଲାକୁ ସ୍ୱାଗତ କରିଥିଲେ। ତତ୍ପରେ ଗଞ୍ଜାମ ଜିଲ୍ଲାର ପ୍ରସିକ୍ୟୁସନ ଉପନିର୍ଦ୍ଦେଶକ ସୁବ୍ରତ ମହାନ୍ତିଙ୍କୁ ବ୍ରହ୍ମପୁର ଠାରେ ଥିବା କାର୍ଯ୍ୟାଳୟରେ ଭେଟି ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଛତ୍ରପୁର ଏସଡ଼ିଜେଏମ୍ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ଓ ଦିଗପହଣ୍ଡି କ୍ୟାଡ଼ର ଏପିପି ବିପ୍ଳବ ମୁଦୁଲି ତାଙ୍କର ପ୍ରସିକ୍ୟୁସନ ସର୍ଭିସରେ ବିଶେଷ ଅବଦାନ ଉପରେ ତଥ୍ୟ ରଖିଥିଲେ। ଶେଷରେ ଶ୍ରୀ ବରାଳ ଉପସ୍ଥିତ ଥିବା ସମସ୍ତ ପ୍ରସିକ୍ୟୁଟରଙ୍କୁ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ସମ୍ବୋଧନ କରି ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସାନଖେମୁଣ୍ଡିର କ୍ୟାଡ଼ର ଏପିପି ଦୀପକ କୁମାର ସେଠୀ, ବୁଗୁଡା କ୍ୟାଡ଼ର ଏପିପି ରତନ ସିଂ, ପାତ୍ରପୁର କ୍ୟାଡ଼ର ଏପିପି ଗୋଲକ ନାୟକ, ହିଂଜିଳିକାଟୁ କ୍ୟାଡ଼ର ଏପିପି ଯୀଶୁରାମ ବେହେରା, କବିସୂର୍ଯ୍ୟନଗର କ୍ୟାଡ଼ର ଏପିପି ନରେଶ ଅର୍ଗଳ, ଭଞ୍ଜନଗର କ୍ୟାଡ଼ର ଏପିପି ସୁରେନ୍ଦ୍ର ଟୁଡୁ, ବ୍ରହ୍ମପୁର କ୍ୟାଡ଼ର ଏପିପି ଆଲୋକ ଜ୍ୟୋତି କଦମ ପ୍ରମୁଖ ଉପସ୍ଥିତ ରହି ସଭାକୁ ସଫଳ କରିଥିଲେ।

# ବ୍ଲକସ୍ତରୀୟ 'ସୁଭଦ୍ରା ଶକ୍ତି' ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରାଙ୍କ ଅଧକ୍ଷତାରେ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଅନ୍‌ଲାଇନ୍‌ରେ ଭାଗନେବା ପାଇଁ ଆବେଦନ କରିଥିବା ବେଳେ ସେଥି ମଧ୍ୟରୁ ମଙ୍ଗଳ ବାରଦିନ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୪ଟି ଏସ୍‌ଏସ୍‌ଜି ଗୋଷ୍ଠୀର ୪୫ଜଣ ପ୍ରତିଯୋଗୀ ଭାଗ ନେଇ ନିଜ ନିଜ ଖାଦ୍ୟ ପ୍ରସ୍ତୁତ କରିଥିଲେ। ପାରମ୍ପରିକ ଖାଦ୍ୟ ତଥା ଖାଦ୍ୟ ଷ୍ଟଲରେ ଯୋଗ ଦେଇଥିବା ମହିଳା କହିଛନ୍ତି ଯେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଏକ ପ୍ରଶଂସନୀୟ ପ୍ରୟାସ। ଏହାଦ୍ୱାରା ଆମେ ସମସ୍ତେ ପରସ୍ପର ସଂସ୍ପର୍ଶରେ ଆସି ଖାଦ୍ୟ ଅନ୍ୟମାନଙ୍କୁ ଚଖାଇ ପାରିଛୁ। ସେଥିପାଇଁ ଖୁସି ଅନୁଭବ ହେଉଛି। ସୂଚନା ଅନୁଯାୟୀ



ପ୍ରତିଯୋଗିତା ଅଂଶଗ୍ରହଣ କରିଥିବା ମହିଳା ଗୋଷ୍ଠୀ ମଧ୍ୟରୁ ମହାବୀର ଏସ୍‌ଏସ୍‌ଜି ଅସ୍ତରଙ୍ଗ ପ୍ରଥମ ସ୍ଥାନରେ ରହି ୫ହଜାର ଟଙ୍କା ଓ ଦ୍ୱିତୀୟ ସ୍ଥାନରେ ହରପାର୍ବତୀ ଏସ୍‌ଏସ୍‌ଜି ସରିପୁର ୪ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ସୁଭଦ୍ରା ଶକ୍ତି ମେଳାରେ ମଣ୍ଡଳ ପରିଦର୍ଶିକା ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି ଙ୍କ ସହ ବ୍ଲକ କର୍ମଚାରୀ, ଅଗ୍ନିଶମ ବାହିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହାୟକ ହୋଇଥିଲେ।

ଆରତୀ ନାଏକ, ଉପାଧକ୍ଷ ଦୃଜୟ ମିଶ୍ର, ଜଗତସିଂହପୁର ସାଂସଦଙ୍କ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ସିଡିପିଓ ମମତା ନାୟକ, ମିଶନ ଶକ୍ତି ବ୍ଲକପ୍ରକଳ୍ପ ସଂଯୋଜିକା ଟିକିନା ବେହେରା ପ୍ରମୁଖଙ୍କ ଉପସ୍ଥିତରେ ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରୁ ୨୫ଟି ଏସ୍‌ଏସ୍‌ଜି ଖେଚୁଡ଼ି, ଡାଲମା, ଘାଣ୍ଟ, ଧଳା ପୁରଦିଆ ମଣ୍ଡାପିଠା, ପୋଡ଼ପିଠା ଇତ୍ୟାଦି ପ୍ରସ୍ତୁତ କରିଥିବାବେଳେ ଉପସ୍ଥିତ ଅତିଥି ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ବ୍ଲକ ଅଧକ୍ଷା ଆରତୀ ନାଏକ ଯୋଗଦେଇ ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିବା ସମସ୍ତ ମହିଳାଙ୍କୁ ଉତ୍ସାହିତ କରିଛନ୍ତି।

# ରାସ୍ତାର ଉନ୍ନତିକରଣ ପାଇଁ ଗ୍ରାମବାସୀଙ୍କ ଦାବି

ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଜଳେଶ୍ୱର ମ୍ୟୁନିସିପାଲଟି ଅନ୍ତର୍ଗତ ୧୦ ନମ୍ବର ୱାର୍ଡ଼ ଶାନ୍ତିଆରୁ ଜାତୀୟ ରାଜପଥକୁ ସିଧାସଳକ ରାସ୍ତା ଗ୍ରାମବାସୀଙ୍କ ପକ୍ଷରୁ ନିର୍ମାଣ ହେବାର ୫ବର୍ଷ ବିତି ଯାଇଥିଲେ ମଧ ଏହାର ଉନ୍ନତିକରଣ କିମ୍ବା ରକ୍ଷଣାବେକ୍ଷଣ ହୋଇପାରି ନାହିଁ। ଏହି ରାସ୍ତା ଗ୍ରାମବାସୀଙ୍କ ଲାଇଫଲାଇନ୍ ହୋଇଥିବାରୁ ବାରମ୍ବାର ନିବେଦନ, ଆବେଦନ ପରେ ମଧ ମ୍ୟୁନିସିପାଲଟି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିବା ସହିତ ସ୍ଥାୟୀ ପକ୍କା ରାସ୍ତା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣାରୁ ପ୍ରକାଶ, ଶାନ୍ତିଆ ଗାଁରୁ ଜାତୀୟ ରାଜପଥକୁ ସିଧାସଳଖ ସଂଯୋଗ ଲାଗି ଗ୍ରାମବାସୀଙ୍କ ନିଜସ୍ୱ ପ୍ରଚେଷ୍ଟାରେ ୨୦୨୦ ମସିହାରେ ପ୍ରାୟ ୧ କିମି.ରୁ ଅଧିକ ଲମ୍ବର ରାସ୍ତା ନିର୍ମାଣ କରିଥିଲେ। ସେହି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଅର୍ଥଦାନରେ ରାସ୍ତାଟିର ମାଟି ଭର୍ତ୍ତି ହେବା ପରେ ମ୍ୟୁନିସିପାଲଟିକୁ ହସ୍ତାନ୍ତର କରିଥିଲେ। ନୂତନ ରେଳ ଓଭରବ୍ରିଜ ନିର୍ମାଣ ପରେ ଗ୍ରାମବାସୀ ହସ୍ପିଟାଲ, ନୂତନ କୋର୍ଟ, ତହସିଲ ଇତ୍ୟାଦିକୁ ଯିବା ଲାଗି ବଡ଼ବଜାର ଦେଇ ଅଧିକ ୨ ମାଇଲ ବୁଲି ବୁଲି ଯିବାକୁ ପଡୁଥିବାରୁ ଗ୍ରାମବାସୀ ବାରମ୍ବାର ନିବେଦନ କରି ଆସୁଥିଲେ। ଏପରିକି ଗ୍ରାମର ସମସ୍ତ ଚାଷଜମି ରାଜପଥ ୬୦ ଓ ଦକ୍ଷିଣ-ପୂର୍ବ ରେଳପଥ ମଧ୍ୟରେ ରହିଥିବାରୁ ସେମାନଙ୍କ ଉତ୍ପନ୍ନ ଫସଲ ଦୀର୍ଘ ୫ କି.ମି. ଦୂର ରାସ୍ତା ଅତିକ୍ରମ କରିବାକୁ ପଡୁଥିଲା। ପ୍ରଶାସନକୁ ବାରମ୍ବାର ଜଣାଇବା ପରେ କିଛି




ନହେବାରୁ ୫ ବର୍ଷ ପୂର୍ବରୁ ଗ୍ରାମବାସୀ ନିଜେ ନିଜେ ଶ୍ରମଦାନ କରି ରାସ୍ତାଟି ନିର୍ମାଣ କରିଥିଲେ। ବର୍ଷା ଦିନକୁ ଛାଡି ଅନ୍ୟ ସମସ୍ତ ଋତୁରେ ୱାର୍ଡବାସୀ ଓ ସହରବାସୀ, ଆଇନଜୀବୀ, କୃଷକମାନେ ଏହାକୁ ବ୍ୟବହାର କରିଥିବା ବେଳେ ବର୍ଷା ଋତୁରେ ଏହା ଅଗମ୍ୟ ହୋଇଥାଏ। ତେଣୁ ଏହି ରାସ୍ତାକୁ ସବୁ ଦିନିଆ ରାସ୍ତାରେ ପରିଣତ କରିବାକୁ ଗ୍ରାମର କାର୍ତ୍ତିକ ଚନ୍ଦ୍ର ଗିରି, ହରିଶ୍ଚନ୍ଦ୍ର ରଣା, ନିତ୍ୟାନନ୍ଦ ଦାସ, ରଂଜନ ପାତ୍ର, ଶିବାନନ୍ଦ ରଣା, ପ୍ରଶାନ୍ତ ବାରିକ, ଅମୂଲ୍ୟ ଅଣ୍ଡିଆ, ମନମୋହନ ଦାସ, ମିଟା ବାଗ ପ୍ରମୁଖ ବହୁ ୱାର୍ଡବାସୀ ପ୍ରଶାସନକୁ ନିବେଦନ କରିଛନ୍ତି। ଏ ସଂପର୍କରେ ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଚଳିତ ଆର୍ଥିକ ବର୍ଷରେ ଏକ୍‌ସନପ୍ଲାନ ଅନୁଯାୟୀ ରାସ୍ତାର ଉନ୍ନତିକରଣ କରାଯିବ ବୋଲି କହିଛନ୍ତି।

# ଅସ୍ତରଙ୍ଗ ଉପ୍ରା ନୋଡାଲ ବିଦ୍ୟାଳୟ ଆଦର୍ଶ ବିଦ୍ୟାଳୟରେ ସାମିଲ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପ୍ରାଥମିକ ଶିକ୍ଷାର ଉର୍ନ୍ନତି କରଣ ପାଇଁ ରାଜ୍ୟ ସରକାର ଚେଷ୍ଟା ଜାରୀ ରଖିଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ କୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ରେ ସାମିଲ କରାଯାଇଛି। ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ସାମିଲ ହୋଇଥିବା ବିଦ୍ୟାଳୟ ଗୁଡିକରେ ମଧ ପିଲା ମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ ବୋଲି ସରକାର କହିଛନ୍ତି। ଏଥିରେ ବିଶେଷ କରି ପିଲାମାନଙ୍କର ଭାଷା ଜ୍ଞାନ ଓ ମୌଳିକ ଗାଣିତିକ ଜ୍ଞାନ ଉପରେ ଗୁରୁତ୍ୱ ଆରୋପ କରାଯିବ। ଏହା ଦ୍ୱାରା ପିଲା ମାନେ ଉଚ୍ଚତର ଶ୍ରେଣୀରେ ସହଜରେ ଶିକ୍ଷା ଗ୍ରହଣ କରିପାରିବେ। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲା ମାନଙ୍କର ମୌଳକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ କରିବା ଦିଗରେ ପଦକ୍ଷେପ ନିଆଯିବ। ଏହି ଯୋଜନା ରେ ନୂଆ କ୍ଲାସ ରୁମ୍, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ, ଖେଳ ପଡିଆ, ଡ଼ାଇନିଙ୍ଗ ହଲ, କମ୍ପୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହା ସହିତ କ୍ରୀଡା, ଶାରୀରିକ ବ୍ୟାୟାମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପରେ ମଧ ଗୁରୁତ୍ୱ ଦିଆଯିବ। ଅସ୍ତରଙ୍ଗ ବ୍ଲକରେ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ କୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ମାନ୍ୟତା ପାଇବା ପରେ ମଙ୍ଗଳବାର ସ୍ୱତନ୍ତ୍ର ଟିମ୍ ଆସି ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା, ସ୍ଥାନୀୟ ଅଞ୍ଚଳ ସମାଜସେବୀ ତଥା ଜଗତସିଂହପୁର ସାଂସଦ ଙ୍କ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଶିକ୍ଷକ ପ୍ରଶାନ୍ତ ବରାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ବସ୍ତିଆ ଓ ସମାଜସେବୀ ଯୁଗଳ କିଶୋର ମହାନ୍ତି ଙ୍କ ଉପସ୍ଥିତ ରେ ବିଦ୍ୟାଳୟ ଡ଼ାଇଗ୍ରାମ ଉତ୍ତୋଳନ ବିଭାଗୀୟ ଉଚ୍ଚ ସ୍ତରୀୟ ଅଧିକାରୀ ନେଇଛନ୍ତି। ଯାହାକୁ ନେଇ ରାଜ୍ୟ ସରକାର ଙ୍କୁ ସ୍ଥାନୀୟ ଅଞ୍ଚଳ ବାସି ପ୍ରଶଂସା କରିଛନ୍ତି।

# ରାଶିଫଳ

ବୁଧବାର, ୦୪ ଜୁନ୍ ୨୦୨୫



**ମେଷ:** ଆଜି ଶୁଭ ଦିନ ହେବ । ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା । ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ । ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି ।




**ବୃଷ:** ଆଜି ଦିନଟି ଭଲ। ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ । ଏକ ଦୀର୍ଘ ରୋଗରୁ ମୁକ୍ତି ପାଇବାର ସମ୍ଭାବନା ରହିଛି ।



**ମିଥୁନ:** ଆଜି ମିଶ୍ରିତ ଦିନ ହେବ । ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ ଅଧିକ ମଧ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ।



**କର୍କଟ:** ଆଜି ଏକ ସାଧାରଣ ଦିନ ହେବ । ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ ।



**ସିଂହ:** ଆଜି ମିଶ୍ରିତ ଦିନ ହେବ । ବ୍ୟବସାୟରେ ଲାଭ ହେବ । ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନୈରାଶ୍ୟଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ।




**କନ୍ୟା:** ଆଜି ଶୁଭ ଫଳପ୍ରଦ ଦିନ ହେବ । ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ । ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ ।



**ତୁଳା:** ଆଜି ମିଶ୍ରିତ ଦିନ ହେବ । ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ ହେବ । ପରିବାରରେ ଖୁସିର ବାତାବରଣ ରହିବ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ନଚେତ୍ ଆପଣ ବିବାଦ ଭିତରକୁ ଆସିପାରନ୍ତି।



**ବିଛା:** ଆଜି ଏକ ସାଧାରଣ ଦିନ ହେବ । କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ । ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ ।



**ଧନୁ :** ଆଜି ଏକ ସାଧାରଣ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ ଅଧିକ ହେବ। ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ । ଅତ୍ୟଧିକ ଭାରାକ୍ରାନ୍ତ ହେବା ଆପଣଙ୍କୁ ବ୍ୟସ୍ତ ରଖିବ ।




**ମକର:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟର ଦୃଢ଼ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।



**କୁମ୍ଭ:** ଆଜି ମିଶ୍ରିତ ଦିନ ହେବ । ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ପରିବାର ସହିତ ସମୟ ଭଲ ବ୍ୟବହାର ହେବ । ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ। ପତି-ପତ୍ନୀ ଏବଂ ପିତାମାତାଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଯତ୍ନ ନେବାକୁ ପଡିବ ।



**ମୀନ:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି । ସ୍ୱାସ୍ଥ୍ୟ ଭଲ ହେବ ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ଯୁବ ବର୍ଗଙ୍କ ପାଇଁ ସହରରେ ରକ୍ଷତା ବୃଦ୍ଧି ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ, ବୌଦ୍ଧ ସୁବ୍ରତ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣ୍ଡୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମୋଲାଲ ଦୁବେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିଡାକାନ୍ତି କଲିଆର ସିଂହଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉକ୍ତ ପ୍ରଶିକ୍ଷଣାର୍ଥୀମାନେ ସାଧାରଣ ଲୋକଙ୍କ ଧନ,ଜୀବନର ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟ କରିବା ସହ ନିଜକୁ ରକ୍ଷା କରିବାର କୌଶଳ ଶିଖିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭା ଆରମ୍ଭରେ ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଧର୍ମା ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରି ଏହି ତାଲିମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ । ଓଡ୍ରାଫ ର ରାଜ୍ୟର ଉଷସାୟାର ଏହି ତାଲିମ ଉପରେ ଯୁବବର୍ଗଙ୍କୁ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ୫ ତମ ଆଜ ଆରବି, ବଲାଙ୍ଗିର ସାରଥା ପ୍ରଧାନ କରିଥିଲେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସଞ୍ଜୟ ଝା, ଜିଲ୍ଲା ଜରୁରୀକାଳୀନ ଶାଖା ବରିଷ୍ଠ ରାଜସ୍ୱ ସହାୟକ ସୁନୀଲ ବେହେରା, କନିଷ୍ଠ ରାଜସ୍ୱ ସହାୟକ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



# ଦୁଇ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବରଗଡ଼(ଭାସ୍କର ନ୍ୟୁଜ): ସ୍ଥାନୀୟ ନିଗମାନନ୍ଦ ବିହାର ନିବାସୀ ଦୁଇ ସରକାରୀ କର୍ମ ଚାରୀ ବରଗଡ଼ ଡାଏଟ୍ ରେ କର୍ତ୍ତବ୍ୟରତ ଶିକ୍ଷକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ଓ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଆମ୍ବପାଲି ରେ କର୍ତ୍ତବ୍ୟରତ ଶିକ୍ଷକ ସୁଶାନ୍ତ କୁମାର ଭୋଇ ମେ ୩୧ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବାରୁ ନିଗମାନନ୍ଦ ବିହାରପଡାବାସୀଙ୍କ ତରଫରୁ ଉଭୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସର ରେ ଉନ୍ନୟନ କମିଟି , ଦୁର୍ଗା ପୂଜା କମିଟି ଓ ସଙ୍ଗଠନ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅବସରକାଳୀନ ସମୟ ପାଇଁ ସୁଖ ସମୃଦ୍ଧି କାମନା କରିଥିଲେ । ସମ୍ବର୍ଦ୍ଧନା ର ଉତ୍ତର ରେ ଉଭୟେ ପଡ଼ାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅଧିକ ସମୟ ଦେବେ ବୋଲି ଉଲ୍ଲେଖ କରିଥିଲେ ।

# ଶିବଶକ୍ତି ଭଜନ ସନ୍ଧ୍ୟା

ଗୁଣପୁର(ଭାସ୍କର ନ୍ୟୁଜ): ଗୁଣପୁର କତାପେଟା ଅଞ୍ଚଳ ମା' ଠାକୁରାଣୀ ଘଟଯାତ୍ରାରେ ଉତ୍ସବମୁଖର ହୋଇପଡିଛି। ଦିନରାତି କଳାକାରଙ୍କ ଦ୍ୱାରା ଆଧୁନିକ ଓ ପୌରାଣିକ ଆଧାରୀତ ବେଶଭୂଷା ଓ ନୃତ୍ୟରେ ଅଂଚଳ ଫାଟିପଡୁଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶକ ସୁରେନ୍ଦ୍ର ମିଶ୍ରଙ୍କ ଦ୍ୱାରା ପରିଚାଳିତ ଶିବଶକ୍ତି ଭଜନ ସନ୍ଧ୍ୟା ପକ୍ଷରୁ ସୋମବାର ଦିନ ଭକ୍ତି ରସାତ୍ମକ ସଂଗୀତ ପରିବେଷଣ କରାଯାଇଥିଲା । ଏଥିରେ ଗୁଣପୁରର ପ୍ରତିଷ୍ଠିତ ତଥା ନିଜର ସୁମଧୁର ସଂଗୀତରେ ଓଡିଶାରେ ଚହଳ ସୃଷ୍ଟି କରିଥିବା ଅନ୍ୟତମ କଣ୍ଠଶିଳ୍ପୀ ବିରାଜିନି ଶବରଙ୍କ ସମେତ ସୁନାମଧନ୍ୟ କଣ୍ଠଶିଳ୍ପୀ ନିରଞ୍ଜନ ମହାପାତ୍ର, କୁନି କଣ୍ଠଶିଳ୍ପୀ ଶ୍ରୀଯାଶ୍ରୀତ ପରିଡା, କଣ୍ଠଶିଳ୍ପୀ ଶର୍ମିଷ୍ଠା ସାମଲ, ପ୍ରମୋଦ ରଥ, ସାଇରାମ ପାଢୀ, ଲକ୍ଷ୍ମୀ ମହାପାତ୍ର, ଓ୍ୱାଇ ଜଗଦୀଶ ଓ ଦେବଜିତ ପରିଡାଙ୍କ ସୁମଧୁର କଣ୍ଠରେ ଜଗନ୍ନାଥ ମହାପ୍ରଭୁଙ୍କ ଜଣାଣ ସହ ମା' ତାରିଣୀଙ୍କ ସୁମଧୁର ଭଜନ ଉପସ୍ଥିତ ଶ୍ରୋତାଙ୍କୁ ବିମୋହିତ କରିଥିଲା । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ଗୌରୀ ତ୍ରିପାଠୀ ଓ ପରିଚାଳନା କମିଟି ସଦସ୍ୟ ଏସ ବାବା ପ୍ରସାଦ ଶୁଭାରମ୍ଭ କରିଥିବା ବେଳେ କଣ୍ଠଶିଳ୍ପୀ ସତ୍ୟ ଜେନା ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରୋତା ଉପସ୍ଥିତ ରହି ଉପଭୋଗ କରିଥିଲେ।

# ବିଜେଡିର ମିଶ୍ରଣ ପର୍ବ

ଉମରକୋଟ (ଭାସ୍କର ନ୍ୟୁଜ): (ଭାସ୍କର ନ୍ୟୁଜ): ବିଜୁ ଜନତା ଦଳ ର ନୀତି ଆଦର୍ଶ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱକୁ ସମର୍ଥନ ଜଣାଇ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ର କଂଗ୍ରେସ ପ୍ରାର୍ଥୀ ତଥା ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ସମିତି ସଭ୍ୟ ଶ୍ରୀ ଦିଲିପ ପ୍ରଧାନୀ ଓ ତାଙ୍କ ସହଯୋଗୀ କଂଗ୍ରେସ ଦଳକୁ ପରିତ୍ୟାଗ କରି ବିଜୁ ଜନତା ଦଳ ରେ ବିଧିବଦ୍ଧ ଭାବରେ ସାମିଲ ହେଲେ। ଏହି କାର୍ଯ୍ୟକ୍ରମରେ ଡ଼ାବୁଗାଁ ନିର୍ବାଚନ ମଣ୍ଡଳୀ ବିଧାୟକ ତଥା ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ମନୋହର ରନ୍ଧାରୀ, ରାଜ୍ୟସଭା ସାଂସଦ ମୁନ୍ନା ଖାଁ, ପୂର୍ବତନ ସାଂସଦ ଶ୍ରୀ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲା ପରିଷଦ ଅରୁଣ ମିଶ୍ର, ରତିକାନ୍ତ ପଣ୍ଡା, ତେନ୍ତୁଳିଖୁଣ୍ଟି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ ଓ ବିଜୁ ଜନତା ଦଳ ର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବେଆଇନ ବିହନ ଓ ସାର ଦୁର୍ନୀତି ରୋକିବାକୁ ଚଢ଼ଉ

- ■ ୧୪ ଡିଲରଙ୍କୁ କାରଣଦର୍ଶାଅ ନୋଟିସ ଜାରି
- ■ ୭୬ ବସ୍ତା ମକାବିହନ ଜବତ

ଉମରକୋଟ(ଭାସ୍କର ନ୍ୟୁଜ): ଜିଲ୍ଲାରେ ବେଆଇନ ବିହନ ଓ ସାର ଦୁର୍ନୀତିକୁ ରୋକିବା ପାଇଁ କୃଷି ବିଭାଗର ଚଡାଉ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ପ୍ରତିନିଧି ପ୍ରଣୟ କୁମାର ମଝୀ ନବରଙ୍ଗପୁର କୃଷି ଜିଲ୍ଲା ଅଧିକାରୀ ଅନିଲ କୁମାର ପ୍ରଧାନ, ଉମରକୋଟ ଅତିରିକ୍ତ ତହସିଲଦାର ନାଲାମ୍ବର ପୁଜାରୀ, ସହକାରୀ କୃଷି ଅଧିକାରୀ ପ୍ରଶାନ୍ତ କୁମାର ବାଘ ପ୍ରମୁଖ ଏନଫୋର୍ସମେଣ୍ଟ ଟିମ୍ ଉମରକୋଟ ସହରର ଦଣ୍ଡକାରଣ୍ୟ ଡଙ୍ଗରିଗୁଡା ଠାରୁ ରାଇଘର ରୋଡ୍ ଓ ଗୋଟିଗୁଡା ଆଦି ଅଞ୍ଚଳରେ ସମସ୍ତ ସାର ଓ ବିହନ ବ୍ୟବସାୟୀଙ୍କ ଦୋକାନ ଓ ଗୋଦାମରେ ଚଡାଉ ସହ ଲାଇସେନ୍ସ ଯାଞ୍ଚ କରାଯାଇଥିଲା । ଅନିୟମିତତା ନେଇ ୧୪ ଟି ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ରାଜେଶ ଅଗରୱାଲ ନାମକ ଜଣେ ବ୍ୟକ୍ତିଙ୍କ ଡେପଲଗୁଡା ସ୍ଥିତ ଗୋଦାମରେ ବିନା ଲାଇସେନ୍ସରେ ମହଜୁଦ କରାଯାଇଥିବା ୭୬ ବସ୍ତା ବିଭିନ୍ନ କମ୍ପାନୀର ମକା ବିହନ ଜବତ କରାଯାଇଥିଲା । ବେଆଇନ କାରବାର ରେ ସମ୍ପୃକ୍ତ କାହାକୁ ଛଡା ଯିବନାହିଁ ଓ ଆଗକୁ ଏଭଳି ଚଢାଉ ଜାରି ରହିବ ଓ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



# ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅର୍ଥ ତୋଷରପାତ ଅଭିଯୋଗ

ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଂଚାୟତ ଅନ୍ତର୍ଗତ ଜହ୍ନାପଙ୍କ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏସ୍‌ସି ଓ ଏସ୍‌ଟି ଛାତ୍ରଛାତ୍ରୀ ଏବଂ ଏଜୁକେସନ ପ୍ରାକ୍ଟିକାଲ ପାଇଁ ବେଆଇନ ଅର୍ଥ ସଂଗ୍ରହ କରିଥିବା ଜୈନିକ ଶିକ୍ଷା ବିଭାଗ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଅଧ୍ୟକ୍ଷ ପରିଚାଳନା ଗତ ତ୍ରୁଟି ପାଇଁ ପଦବୀରୁ ହଟାଇବା ପାଇଁ ଏବଂ ଯେଉଁମାନେ ଏହି ଅର୍ଥ ହେରଫେରରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ଜହ୍ନାପଙ୍କ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟଯେ ଅଞ୍ଚଳର ଶିକ୍ଷାର ବିକାଶ ପାଇଁ ୧୯୯୩ ମସିହାରେ ସ୍ୱର୍ଗତ ଅଖିଳ ପ୍ରସାଦ ମିଶ୍ର, ସ୍ୱର୍ଗତ ନିତ୍ୟାନନ୍ଦ ପ୍ରଧାନ, ସ୍ୱର୍ଗତ ଭାଗିରଥି ମହାକୁଳଙ୍କ ଉଦ୍ୟମରେ ୫ ଟି ପଞ୍ଚାୟତର ଜନସାଧାରଣଙ୍କ ସହଯୋଗରେ ଜହ୍ନାପଙ୍କ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ସବୁ ଠିକଠାକ ଚାଲିଥିଲେ ମଧ୍ୟ ମଝିରେ ମଝିରେ ବେଆଇନ ଅର୍ଥ ସଂଗ୍ରହ ହେଉଥିବା ଅଭିଯୋଗ ହେଉଥିଲେହେଁ ତାହା ଆପୋଷ ସମାଧାନ ହୋଇଥିଲା । କିନ୍ତୁ ଚଳିତ ବର୍ଷ ଏହି ବେଆଇନ ଅର୍ଥ ସଂଗ୍ରହରୁ ଜୈନିକ କର୍ମଚାରୀ ଭାଗ ନପାଇବାରୁ ତାହା ସର୍ବ ସମ୍ମୁଖରେ ଆଲୋଚନାର ଚର୍ଚ୍ଚା ହୋଇଥିଲା। ଫଳରେ ଅଞ୍ଚଳବାସୀଙ୍କୁ ନେଇ ବିଦ୍ୟାଳୟରେ ୧୮ ମାର୍ଚ୍ଚରେ ଏକ ବୈଠକ ହୋଇଥିଲା। ଏଥିରେ କିଛି ନିର୍ଯାସ ନବାହାରିବାରୁ ପରବର୍ତ୍ତୀ ବୈଠକ ୨୧ ମାର୍ଚ୍ଚରେ ହୋଇଥିଲା। ଏଥିରେ ଅଧ୍ୟାପକ ଓ ଅଧ୍ୟକ୍ଷ ନିଜ ନିଜର ଦୋଷ ସ୍ୱୀକାର କରିଥିଲେ । ଏବଂ ଜୈନିକ ଅଧ୍ୟାପକଙ୍କୁ କିଛି ଆର୍ଥିକ ଜରିମାନା ଦେବାକୁ ପଡିଥିଲା। ତଥାପି ମଧ୍ୟ ଜନସାଧାରଣଙ୍କ ଅସନ୍ତୋଷ ଥମିନଥିଲା।ଏହା ବ୍ୟତିତ ଅଧ୍ୟକ୍ଷ ମହୋଦୟ ଦାୟିତ୍ୱ ନେବା ଦିନଠାରୁ ଗନ୍ଧରାଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଗତ ତିନି ବର୍ଷ ହେଲା ଷ୍ଟାଫ୍ କାଉନସିଲ୍ ମିଟିଙ୍ଗ କରୁନଥିବା ଫଳରେ ପରିଚାଳନା ଗତ ତ୍ରୁଟି ପରିଲକ୍ଷିତ ହେଉଅଛି । ଏଣୁ ବିଦ୍ୟାଳୟର ସୁପରିଚାଳନା ପାଇଁ ଅଧ୍ୟକ୍ଷ ପ୍ରଭାତ କୁମାର ଶତପଥିଙ୍କୁ ପଦବୀରୁ ଅବ୍ୟାହତି ଓ ଅଧ୍ୟାପକ ଅଶୋକ କୁମାର ପାଣ୍ଡିଆଙ୍କୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗରେ ଦର୍ଶାଇଛନ୍ତି । ଶାନ୍ତି କମିଟିର ସଭାପତି ଭୋଳା ଗିରି ସାହୁଙ୍କ ନେତୃତ୍ୱରେ କିରଟି ପ୍ରଧାନ, ଅରୁଣପ୍ରଧାନ, ଶାନ୍ତନୁ ବେହେରା, ନବ ନାଏକ, ଆର୍ତ୍ତତ୍ରାଣ ମେହେର ପ୍ରମୁଖ ଅଭିଯୋଗ ବେଳେ ଉପସ୍ଥିତ ଥିଲେ। ଏହା ସହିତ ଏହାର ଏକକିତା ନକଲ ଉପ ଜିଲ୍ଲାପାଳ ବୌଦ୍ଧ, ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ଓଡିଶା ସରକାର, ନିର୍ଦ୍ଦେଶକ ଉଚ୍ଚ ମାଧ୍ୟମିକ ଗଣ ଶିକ୍ଷା ବିଭାଗ ଭୁବନେଶ୍ୱର, ଗଣଶିକ୍ଷା ମନ୍ତ୍ରୀ, ଓଡିଶା ସରକାର, ଦୁର୍ନୀତି ନିବାରଣ ବିଭାଗ ବୌଦ୍ଧ, ଆଦର୍ଶ ଥାନା ଅଧିକାରୀ, ବୌଦ୍ଧ, ମୁଖ୍ୟମନ୍ତ୍ରୀ, ଓଡିଶା ସରକାରଙ୍କୁ ଅବଗତ ନିମନ୍ତେ ପଠାଯାଇଛି।




# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର

ବୌଦ୍ଧ(ଭାସ୍କର ନ୍ୟୁଜ): ମୁର୍ଶୁଣ୍ଡି ସ୍ଥିତ ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଓ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ ଶିବିରରେ ଉପସ୍ଥିତ ରହି ଆସିଥିବା ବିଭିନ୍ନ ଅଭିଯୋଗ ଗୁଡିକର ସମାଧାନ କରିଥିଲେ । ଶିବିରରେ ସମୁଦାୟ ୭୧ଟି ଅଭିଯୋଗ ପଞ୍ଜିକରଣ ହୋଇଥିବା ବେଳେ ସେଥିମଧ୍ୟରୁ ସାମୂହିକ ସମସ୍ୟା ୧୪ଟି ହୋଇଥିବା ବେଳେ ବ୍ୟକ୍ତିଗତ ସମସ୍ୟା ୫୭ ଟି ଥିଲା। ଜଣଙ୍କୁ ହ୍ୱିଲ ଚେୟାର ଦିଆଯାଇଥିଲାଏବଂ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣ୍ଡୁଆଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସହଯୋଗ କରିଥିଲେ ।

# ବିକାଶର ବାଟ ଓଗାଳୁଛି ମୋବାଇଲ ସେବା

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳର ଏକାଧିକ ଗ୍ରାମରେ ଲାଗି ରହିଛି ମୋବାଇଲ ନେଟୱର୍କ ସମସ୍ୟା । ଟାୱାର୍ ସ୍ଥାପନ ପ୍ରକ୍ରିୟା ପାଞ୍ଚ ବର୍ଷ ଧରି ଚାଲିଥିଲେ ମଧ୍ୟ ସରୁନଥିବାରୁ ମୋବାଇଲ ସେବା ସ୍ୱପ୍ନ ପାଲଟିଛି । ମାଲମାଲ ଟାୱାର ବିଭିନ୍ନ ସ୍ଥାନରେ ଠିଆ ହୋଇଥିଲେ ମଧ୍ୟ ଗୋଟିଏ ବି କାମ କରୁନଥିବାରୁ ମୋବାଇଲ ସେବା ସ୍ୱାଭାବିକ ହୋଇପାରୁନି । ଯାହା ବିକାଶରେ ବାଧକ ସାଜିଛି । ବାଲିମେଳା ଜଳଭଣ୍ଡାର ପାଇଁ ଚିତ୍ରକୋଣ୍ଡା ବ୍ଲକର ପଣସପୁଟ,ଯଣ୍ଡା, ଅଣ୍ଡରାପାଲ୍ଲୀ, ଯୋଡ଼ାମ୍ବ, ଗାଲେନମାଗୁଡି, ଧୁଳିପୁଟ, ରାଲେଗଡ୍ଡା, ବଡ଼ପଦର ପଞ୍ଚାୟତ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହିଥିଲା। ଯାତାୟତ ଲାଗି ଜଳପଥ ଏକ ମାତ୍ର ବିକଳ୍ପ ହୋଇଥିବାରୁ ସରକାରଙ୍କ କୌଣସି ଯୋଜନା ଲୋକଙ୍କ ନିକଟରେ ପହଞ୍ଚି ପାରୁନଥିଲା । ଫଳରେ ଏହି ଅଞ୍ଚଳରେ ରାଜ କରୁଥିଲେ ମାଓବାଦୀ । ୨୦୧୮ ଜୁଲାଇ ୨୩ରେ ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ପରେ ବିଚ୍ଛିନ୍ନାଞ୍ଚଳ ସ୍ୱାଭିମାନ ଅଞ୍ଚଳର ପରିଚୟ ପାଇଲା । ମାଓ ଦମନ ସହ ବିକାଶକୁ ତ୍ୱରାନିତ କରିବା ପାଇଁ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ପରେ ଗାଁକୁ ରାସ୍ତା ନିର୍ମାଣ ହେଲା। ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସଂଯୋଗୀକରଣ କ୍ଷେତ୍ରରେ ପରିବର୍ତ୍ତନ ଆସିଲା। ତେବେ ବିକାଶ ପ୍ରକ୍ରିୟାରେ ଟେଲି ଯୋଗା ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ମାଓବାଦୀଙ୍କ ଗଡ଼ ଯୋଡ଼ାମ୍ବ, ପେପର ମେଟଲାରେ ୪-ଜି ମୋବାଇଲ୍ ସେବାର ଶୁଭାରମ୍ଭ କରିଥିଲେ ସରକାର। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସରକାର ୪-ଜି ମୋବାଇଲ ବଣ୍ଟନ କରିଥିଲେ । ସ୍ୱାଭିମାନ ଅଞ୍ଚଳର ସମସ୍ତ ଗାଁକୁ ମୋବାଇଲ ସେବା ଯୋଗାଇ ଦେବାକୁ ତତ୍କାଳୀନ ସରକାର ଘୋଷଣା କରିବା ପରେ ଟାୱାର ନିର୍ମାଣ ଆରମ୍ଭ ହେଲା । ବହୁ ବେସରକାରୀ କମ୍ପାନୀ ଟାୱାର୍ ପ୍ରତିଷ୍ଠା ପାଇଁ ସରକାରଙ୍କ ସହ ଚୁକ୍ତି କରି କାମ କରିଛନ୍ତି । କିନ୍ତୁ ଆଜି ଯାଏଁ ଅଧିକାଂଶ ଟାୱାର୍ କାର୍ଯ୍ୟକ୍ଷମ ହୋଇପାରିନି । କେଉଁଠି କେବଳ ଟାୱାର୍ ଠିଆ ହୋଇଛି ତ କେଉଁ ଟାୱାରରେ ନେଟୱର୍କ ମେସିନ ଲାଗିନି । ଅନ୍ୟ କେଉଁଠି ଟାୱାର ମେସିନ ସବୁ ଥିବା ସତ୍ତ୍ୱେ ସେବା ଯୋଗାଣ ଆରମ୍ଭ ହୋଇପାରିନି । ମାତ୍ର ୩/୪ଟି ଟାୱାର୍ କାମ କରୁଥିବା ବେଳେ ଅଧିକାଂଶ ସମୟରେ ଭଏସ୍ ଆସିଲେ ଡାଟା ଆସୁନି । କେଉଁଠି ଡାଟା ଆସିଲେ ଭଏସ୍ ଶୁଭୁନି । ଧୂଳିପୁଟ, ରାଲେଗଡ଼ା ପଞ୍ଚାୟତରେ ଆଜି ପର୍ଯ୍ୟନ୍ତ ଟାୱାର୍ ନିର୍ମାଣ ହୋଇପାରିନି ବଡ଼ପଡା, ବଡ଼ପଦରରେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଚାଲିଥିବା ୨-ଜି ନେଟୱର୍କ ସେବା ବହୁ ଦିନ ହେବ ବନ୍ଦ ହୋଇ ପଡ଼ିଛି।

**ସ୍ୱାଭିମାନ ଅଞ୍ଚଳରେ ମାଳ ମାଳ ଟାୱାର, ଗୋଟାଏ ବି କାମ କରୁନି**

କେନ୍ଦ୍ର ସରକାର ପ୍ରତ୍ୟେକ ପଞ୍ଚାୟତକୁ ବ୍ରଡବ୍ୟାଣ୍ଡ ସେବା ଯୋଗାଇବା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଦ୍ୟୁତ୍ ଖୁଣ୍ଟରେ କେବୁଲ ଟାଣି ଝୁଲାଇଛନ୍ତି। କିନ୍ତୁ ଲୋକଙ୍କୁ ବ୍ରଡ୍‌ବ୍ୟାଣ୍ଡ ସେବା ମିଳିପାରୁନି। ସରକାରୀ ଯୋଜନାର ସୁଫଳ ପାଇବାକୁ ସମସ୍ତ ଆବେଦନ ଅନ୍‌ଲାଇନରେ ହେଉଥିବା ବେଳେ ଅଞ୍ଚଳବାସୀଙ୍କୁ ସୁଦୂର ଚିତ୍ରକୋଣ୍ଡା ବ୍ଲକ୍ ସଦର ମହକୁମାକୁ ଅଟୋ ଭଡ଼ା କରି ଆସିବାକୁ ପଡୁଛି। ଓଡ଼ିଶା ସୀମାକୁ ଲାଗିଥିବା ପଡ଼ୋଶୀ ଆନ୍ଧ୍ରର ସମସ୍ତ ଗ୍ରାମଗେ ରେ ମୋବାଇଲ୍ ନେଟୱର୍କ କାମ କରୁଥିବା ବେଳେ ସ୍ୱାଭିମାନ ଅଞ୍ଚଳବାସୀ କାହିଁକି ଅବହେଳା ଶିକାର ହୋଇଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ପ୍ରତିକ୍ରିୟାରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ କହିଛନ୍ତି, ଯୁଦ୍ଧକାଳୀନ ଭିତ୍ତିରେ ବିଭିନ୍ନ କମ୍ପାନୀ କାମ କରୁଛନ୍ତି । ଖୁବ୍ ଶୀଘ୍ର ମୋବାଇଲ୍ ସେବା ସ୍ୱାଭାବିକ ହେବ।

# ଲୋକଙ୍କୁ ମିଳୁନି 'ଏମ୍‌ଜିଏନ୍‌ଆର୍‌ଇଜିଏସ୍'ର ସୁଫଳ

- ♦ ପୋଖରୀ ଖୋଳୁଛି ମେସିନ, ଲୋକେ ଯାଉଛନ୍ତି ଦାଦନ ଖଟି
- ♦ ତଦନ୍ତ ପରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ବାଲିମେଳା (ଭାସ୍କର ନ୍ୟୁଜ): 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା' ହେଉଛି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଡ ଜନ ହିତାକାରୀ ଯୋଜନା। କିନ୍ତୁ କିଛି ଠିକାଦାର, ମେସିନ ମାଲିକ ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଅଞ୍ଚଳବାସୀ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଥିବା ନେଇ ଅଭିଯୋଗ ହେଉଛି। ଯାହା ଫଳରେ ଦିନକୁ ଦିନ ଅଞ୍ଚଳରେ ଦାଦନ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାକୁ ସରକାରଙ୍କ ତରଫରୁ ଆସୁଥିବା 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା'ରେ ଆସୁଥିବା କାର୍ଯ୍ୟରେ ଅଞ୍ଚଳର ଶ୍ରମିକମାନଙ୍କୁ ସେଥିରେ ଆଦୌ କାମ ମିଳୁ ନଥିବା ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ କିଛି ଅଧିକାରୀ ଏହି ଯୋଜନାରେ ଆସିଥିବା କାର୍ଯ୍ୟକୁ ମେସିନ ସାହାଯ୍ୟରେ କାମ କରିବାକୁ ପ୍ରାଣ ପଣେ ଚେଷ୍ଟା କରି ଶେଷରେ ସଫଳ ମଧ୍ୟ ହେଉଛନ୍ତି। ଯଦି ଅଞ୍ଚଳରେ ଏହି କାମ କରିବାକୁ ଶ୍ରମିକ ମିଳୁନାହାନ୍ତି ତେବେ ଉକ୍ତ ଠିକାଦାର ଓ ଅଧିକାରୀ କାହା ମାଧ୍ୟମରେ କାମ କରି ଟଙ୍କା ପାଉଛନ୍ତି ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି । ସେସମସ୍ତ ଜବକାର୍ଡ ଧାରୀ ନକଲି ଯାହାକି କାମ କରୁଛି ମେସିନ ଆଉ କିଛିପାଉଣା ପାଇବା ଆଶାରେ ଟଙ୍କା ଉଠାଇ ଠିକାଦରଙ୍କୁ ଦେଉଛନ୍ତି ନକଲି ଶ୍ରମିକମାନେ। ଏପରି ଏକ ଶ୍ରମିକବିହିନ କାମ ହୋଇଥିବା ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କାମଓ୍ୱାଡା ଗ୍ରାମ ପଞ୍ଚାୟତ ଅଧୀନ ମାର୍କେଲଗୁଡା ଗ୍ରାମରେ। ଏହି ଗ୍ରାମରେ ୨୦୨୨/୨୩ ଆର୍ଥିକ ବର୍ଷର କାର୍ଯ୍ୟର ନାମ : ରିନୋଭେସନ ଅଫ ମଡେଲ ପୋଖରୀ ଗ୍ରାମ ମାର୍କେଲଗୁଡା, କାର୍ଯ୍ୟ କୋର୍ଡ ନଂ: ୨୪୩୧୦୧୩୦୦୯/ଡବ୍ଲୁ ସି/ ୧୦୫୪୫୮୯୫ ରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ସରକାରଙ୍କ ତରଫରୁ ଅନୁଦାନ ରାଶି ଆସିଥିଲା। ସରକାରୀ ତଥ୍ୟ ଅନୁଯାୟୀ ଉକ୍ତ କାମ ୨୦୨୨ ଡିସେମ୍ବର ମାସ ୨୧ ତାରିଖରେ ଆରମ୍ଭ କରାଯାଇଥିଲା। ହେଲେ ଗ୍ରାମ ବାସୀଙ୍କ କହିବା ଅନୁଯାୟୀ ଗ୍ରାମର ଉକ୍ତ ପୋଖରୀଟି ପୂର୍ବବର୍ଷ ମାନଙ୍କରେ କାମ ହୋଇଥିଲା କିନ୍ତୁ ଚଳିତ ବର୍ଷ ପୋଖରୀରେ କୌଣସି କାମ ହୋଇନାହିଁ କି ଗୋଟାଏ ଝୁଡିଏ ମାଟି ପୋଖରୀରୁ ବାହାରକୁ ବାହାର କରାଯାଇ ନାହିଁ ଏବଂ ଗଛ ଲଗାଇବା ଦୂରର କଥା ଘାସ ଗଛ ମଧ୍ୟ ଲଗାଯାଇନାହିଁ ବୋଲି କହିଛନ୍ତି ଗ୍ରାମବାସୀ। କିନ୍ତୁ ସରକାରୀ ତଥ୍ୟରେ ଦର୍ଶାଯାଇଛି ଯେ, ଚଳିତବର୍ଷ ଗତ ମେ ମାସର ୨ ତାରିଖ ଠାରୁ ୮ତାରିଖ ପର୍ଯ୍ୟନ୍ତ ମୋଟ ୪୬୩ଜଣ ଶ୍ରମିକ କାମ କରିଥିବା ବେଳେ ଦୈନିକ ମଜୁରୀ ବାବଦକୁ ପ୍ରତ୍ୟେକ ୨୭୩ ଟଙ୍କା ହିସାବରେ ମୋଟ ୧ଲକ୍ଷ ୨୬ହଜାର ୩ଶହ ୯୯ଟଙ୍କା ପାଇବାକୁ ଥିବା ବେଳେ ସେହିପରି ଗତମାସ ୯ ତାରିଖ ଠାରୁ ୧୫ତାରିଖ ପର୍ଯ୍ୟନ୍ତ ମୋଟ ୫୫୩ ଜଣ ଶ୍ରମିକ କାର୍ଯ୍ୟରେ ନିୟୋଜିତ ହୋଇଥିବା ବାବଦକୁ ମୋଟ ୧ଲକ୍ଷ ୫୦ହଜାର ୯ଶହ ୬୯ଟଙ୍କା ସେମାନଙ୍କୁ ପ୍ରଦାନ କରାଯିବ। ସମାନ ଭାବାରେ ଗତ ମାସ ୨୨ତାରିଖ ଠାରୁ ୨୮ତାରିଖ ପର୍ଯ୍ୟନ୍ତ ମୋଟ ୨୧୭ ଜଣ ଶ୍ରମିକ ଉକ୍ତ ପୋଖରୀରେ କାର୍ଯ୍ୟ କରିଥିବା ମଧ୍ୟ ଦର୍ଶାଯାଇଥିବାବେଳେ ଶ୍ରମ ବାବଦକୁ ପାଇବେ ୫୯୨୪୧ଟଙ୍କା ଉକ୍ତ ପୋଖରୀରେ ସର୍ବମୋଟ ୧୨୩୩ ଜଣ ଶ୍ରମିକ କାର୍ଯ୍ୟ କରିଥିବା ନେଇ ସରକାରୀ ତଥ୍ୟରେ ଦର୍ଶାଯାଇଥିବା ବେଳେ ଶ୍ରମ ବାବଦକୁ ୩ଲକ୍ଷ ୩୬ହଜାର ୬ଶହ ୯ଟଙ୍କା ଶ୍ରମିକମାନେ ପାଇବା ନେଇ ସରକାରୀ ତଥ୍ୟରେ ଦର୍ଶାଯାଇଥିବା ଦେଖିବାକୁ ମିଳିଛି। ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏମିତି ଏକ କାର୍ଯ୍ୟ ଯାହାକୁ ଅନୁଧ୍ୟାନ କରିବା ନିମନ୍ତେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସମେତ ପଞ୍ଚାୟତ ଓ ପଞ୍ଚାୟତ ସମିତି ଅଧୀନ ପ୍ରାୟ ୫ରୁ ଅଧିକ ଅଧିକାରୀ ନିୟୋଜିତ ଥିବାବେଳେ ନାମକୁ ମାତ୍ର ଠିକାଦାର ଭାବେ ଥିବା ବ୍ୟକ୍ତି କିପରି ଭାବେ କାମ ନକରି ଏତେ ଟଙ୍କା ହାତେଇବାରେ ସକ୍ଷମ ହେଉଛନ୍ତି ଏବଂ ଅଞ୍ଚଳରେ ଦାଦନ ଶ୍ରମିକ ବୃଦ୍ଧିକରିବାରେ ସାହାଯକ ହେଉଛନ୍ତି ବୋଲି ଏହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋରଧରିଛି । ଉକ୍ତ ପୋଖରୀଟି ଯଦି ବିଗତ ବର୍ଷଠାରୁ କାମ ଶେଷ ହୋଇଯାଇଛି ତେବେ ଗତମାସରେ ଶ୍ରମିକ କାମ କରୁଥିବା ଦର୍ଶାଇ କାହା ସ୍ୱାର୍ଥରେ ସରକାରଙ୍କ ଏତେ ଟଙ୍କା ବ୍ୟୟ କରାଯାଉଛି। ଖାଲି ସେତିକି ନୁହଁ ସରକାରଙ୍କ ତରଫରୁ କଡା ନିର୍ଦ୍ଦେଶ ରହିଛିକି ଯେ କୌଣସି କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଇବା ବାଧ୍ୟତା ମୂଳକ, ହେଲେ ଉକ୍ତ ପୋଖରୀ କାର୍ଯ୍ୟ୨୦୨୨/୨୩ ଆର୍ଥିକ ବର୍ଷରେ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେଠାରେ ସୂଚନା ଫଳକର ଦେଖା ନାହିଁ। ଗ୍ରାମବାସୀଙ୍କ ଠାରୁ ସମସ୍ତ ତଥ୍ୟ ଶୁଣିଲା ପରେ ଆମେ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିବା ନିମନ୍ତେ ସେହି ଗ୍ରାମକୁ ଯାଇଥିଲୁ ଏବଂ ଉକ୍ତ ପୋଖରୀର କୌଣସି ସ୍ଥାନରୁ ମଧ୍ୟ ଟିକିଏ ବି ମାଟି ବାହାରକୁ ବାହାର କରାଯାଇନାହିଁ। ଏନେଇ ଆମେ ଉକ୍ତ ପଞ୍ଚାୟତ ହିସାବ ରକ୍ଷକ ତଥ୍ୟ ନିରୀକ୍ଷକ ମଧୁ ଖରାଙ୍କୁ ପଚାରିବାରୁ ସେ ଆମକୁ କହିଥିଲେକି ଉକ୍ତ ପୋଖରୀରେ ଗଛ ଲଗାଆଯାଇଥିଲା ଏଣୁ ଶ୍ରମିକମାନଙ୍କ କାର୍ଯ୍ୟ ଦର୍ଶାଯାଇଛି। ହେଲେ ପୂର୍ବରୁ ଗ୍ରାମ ବାସୀଙ୍କ କହିବା ଅନୁଯାୟୀ ଗଛ ଲଗାଇବା ତ ଦୂରର କଥା କିନ୍ତୁ ସେଠାରେ ଘାସ ଗଛ ମଧ୍ୟ ଲଗାଯାଇ ନାହିଁ।ଏହାକୁ ନେଇ ଆମେ ଉକ୍ତ କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରୂପକ ସିଂ ସାମାନ୍ତରରାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ମୁଁ ଏନେଇ ଆଦୌ ଅବଗତ ନାହିଁ ଅନୁଧ୍ୟାନ କଲାପରେ ଜଣାଇବି। ଏନେଇ ଆମେ ଉକ୍ତ ଗ୍ରାମର ଗ୍ରାମ ସଂଯୋଜକ ବାଗା ମାଡାକାମୀଙ୍କୁ ପଚାରିବାରୁ ସେ କହିଥିଲେକି ପ୍ରାୟ ଦୁଇ ବର୍ଷ ପୂର୍ବେ ପୋଖରୀ କାମ ହୋଇଥିଲା ହେଲେ ଗତ ଫେବୃଆରୀ ମାସରେ ୮/୧୦ଟା ଗଛ ଲଗା ଯାଇଥିଲା ଆଉ ଗତ ମାସରେ କୌଣସି କାମ ହୋଇନଥିବା କଥା ଶ୍ରୀ ମାଡ଼କାମୀ କହିଥିଲେ। ଏହି କାର୍ଯ୍ୟକୁ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ନେଲୁରୁଙ୍କୁ ପଚାରିବାରୁ ସେ କହିଥିଲେକି ବର୍ତ୍ତମାନ ମୁଁ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଛି କିନ୍ତୁ ଦାୟିତ୍ୱ ହସ୍ତାନ୍ତର ହୋଇନଥିବା କାରଣରୁ ମୋପାଖରେ ଏ ନେଇ କୌଣସି ତଥ୍ୟ ନାହିଁ ବୋଲି ସେ କହିଥିଲେ ।ଉକ୍ତ ପୋଖରୀ କାମକୁ ନେଇ ଆମେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଏନେଇ ମୋ ପାଖରେ କୌଣସି ଖବର ନାହିଁ ଘଟଣାର ଅନୁଧ୍ୟାନ କରି ଜଣାଇବି ଏବଂ ଯଦି ସେମିତି କିଛି ହୋଇଥିବ ତେବେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉକ୍ତ ପୋଖରୀରେ ହୋଇଥିବା କାର୍ଯ୍ୟର ଖୁବ ଶୀଘ୍ର ତଦନ୍ତ କରାଯିବ ବୋଲି ସେ କହିଥିଲେ।

# ସମିତି ବୈଠକରେ ସାମ୍ବାଦିକଙ୍କୁ ଅଣଦେଖା

ସଇଁତଲା(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କାର୍ଯ୍ୟଳୟ ପରିସରରେ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା।ବ୍ଲକ ଅଧକ୍ଷା ମୋନିକା ସିଂ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ପୁରୋଷତ୍ତମ ମିର୍ଧା, ତହସିଲଦାର ଆଶିଷ ଏକ୍କା, ବ୍ଲକ ଉପାଧକ୍ଷ ଗୁଣ ସାଗର ମାଝି, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ଜିଲ୍ଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡ଼େକ, ଜିଲ୍ଲା ପରିଷଦ ସଭ୍ୟା ରିତାରାଣୀ ହାତୀ, ସହକାରୀ ଯନ୍ତ୍ରୀ ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।ବିଭିନ୍ନ ପଂଚାୟତ ରେ ଅଙ୍ଗନବାଡି କେନ୍ଦ୍ର ଗୁଡିକ ଅଧାପନ୍ତରିଆ ଅବସ୍ଥାରେ ରହିଥିବା ନେଇ ଅଭିଯୋଗ ହୋଇ ଥିବାବେଳେ ରାସ୍ତା, ପାନୀୟ ଜଳ ଭଳି ଅନେକ ସମସ୍ୟା ରହି ଥିବା ସମିତି ଓ ସରପଞ୍ଚ ମାନେ ଅଭିଯୋଗ କରିଥିଲେ । ସେହିପରି ସମିତି ସଭ୍ୟ ଓ ସରପଞ୍ଚ ମାନଙ୍କୁ ନଜଣାଇ ମୁଗ, ବିରି ବଣ୍ଟନ କରୁଥିବା ନେଇ କୃଷି ବିଭାଗ ର କର୍ମଚାରୀମାନଙ୍କୁ ଅଭିଯୋଗ କରିଥିବା ସହ ବ୍ୟାପକ ଦୁର୍ନୀତି ହୋଇଥିବା ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ ଅଭିଯୋଗ ଆଣିଥିଲେ। ସଇଁତଲା ସରପଞ୍ଚ ସୁବ୍ରତ ନାଗ ପିଇବା ପାଣି ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ଉପଦେଶ ଅନୁଯାୟୀ କାହିଁକି ନଳକୂପ ହେଲା ନାହିଁ, ବିଦ୍ୟୁତିକରଣ ଅବ୍ୟବସ୍ଥା, ତଥା ଅନାନ୍ୟ ଅବ୍ୟବସ୍ଥା ନେଇ ବିଡ଼ିଓ ତଥା ବ୍ଲକ ଅଧକ୍ଷାଙ୍କ ଜରିଆରେ ଏକ ଅଭିଯୋଗ କରିଥିଲେ ।ଏହି ବୈଠକ କୁ ସାମ୍ବାଦିକମାନଙ୍କୁ ଡ଼କାଯାଇନ ଥିବା ନେଇ ଅସନ୍ତୋଷ ଦେଖା ଦେଇଛି। ସଭା ଆରମ୍ଭରୁ ହୋ ହାଲ୍ଲା ରେ ବୈଠକ ଶେଷ ହୋଇଥିବା ଦେଖିବାକୁ ମଧ ମିଳିଥିଲା। ଏହି ବୈଠକରେ ସରପଞ୍ଚ ମନିଷ ସୁନା, ସୁବ୍ରତ ନାଗ, ଅନୁରାଧା ସେଠ, ଗଜପତି ସାହୁ, ତିଲୋତ୍ତମା ବାଗ, କରିସ୍ମା ନନ୍ଦ, ଯୁଗଲାଲ ମାଝୀ, ରାଜେନ୍ଦ୍ର ଯାନୀ, ଅହଲ୍ୟା ସାହୁ, ଅଶୋକ ସାହୁ, ସମିତି ସଭ୍ୟା ଅମ୍ରିତା ଦୀପ, ଗୀତାଞ୍ଜଳି ଖଣ୍ଡଗିରି,ସମିତି ସଭ୍ୟ ଉମାକାନ୍ତ ରଣା, ବାଞ୍ଛା ନିଧି ବୁଡ଼େକ, ରାକେଶ ନାୟକ, ଆରତୀ ସେଠ, ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# 'ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ପକ୍ଷୀ ପାଇଁ ଦିନଟିଏ' କାର୍ଯ୍ୟକ୍ରମ



ନୂଆପଡ଼ା(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ନୂଆପଡ଼ା ବ୍ଲକ୍ ଆମାନାରା ଗ୍ରାମ ପଞ୍ଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ସମାରୋହରେ ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ୍, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଉପାଧକ୍ଷ ଦିଲ୍ଲୀପ ନିର୍ମଲ କର, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର, ତହସିଲଦାର ପ୍ରଣବ ରଞ୍ଜନ ସାହୁ , ସ୍ଥାନୀୟ ସରପଞ୍ଚ ବଙ୍ଗେଶ୍ୱରୀ ସିହ୍ନା, ସମିତି ସଭ୍ୟା ନୂତନ ନାଏକ ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ । ନୂଆପଡ଼ା ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସଭା ପରିଚାଳନା କରିଥିଲେ। ସଭାରେ ସମସ୍ତ ଅତିଥିମାନଙ୍କ ସହ ଉପ ନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପରଂଜନ ସାହୁ,ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଜିଲ୍ଲା ଶିଳ୍ପକେନ୍ଦ୍ର ପରିଚାଳକ ସମୀର କୁମାର ମୁଦୁଲି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନାୟକ, ପି ଡି ଓ୍ୱାଟରଶେଡ ରଶ୍ମି ରଞ୍ଜନ ପାତ୍ର, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା, ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ପ୍ରମୁଖ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭାଗୀୟ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ସୂଚନାଯୋଗ୍ୟ ଯେ ଜିଲ୍ଲାରେ ସମସ୍ତ ଶ୍ରମିକଙ୍କୁ ବିଭିନ୍ନ ବିଭାଗରୁ କାମ ଯୋଗାଇଦେବା ପାଇଁ ଜିଲ୍ଲାପାଳ ପଞ୍ଚାୟତି ରାଜ ତଥା ଲାଇନ୍ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ବର୍ତ୍ତମାନ ଜିଲ୍ଲାରେ ଅନେକ ଶ୍ରମଭିତ୍ତିକ ପ୍ରକଳ୍ପ କାମ ଆଗେଇ ଚାଲିଛି ତଥା ବ୍ୟାଙ୍କ୍ ଜରିଆରେ ଅନେକ କୃଷକ ଏବଂ ଶ୍ରମିକ ପରିବାରଙ୍କୁ ସାହାଯ୍ୟ ଯୋଗାଇ ଦିଆଯାଇଛି । ଏହାଦ୍ୱାରା ବହୁ ମାତ୍ରାରେ ପ୍ରବାସୀ ଶ୍ରମିକ ପଳାୟନକୁ ରୋକା ଯାଇପାରିଛି । ପଂଚାୟତରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩୦୦ ଦିନରୁ ଅଧିକ କାମ କରିଥିବାରୁ ସଭାରେ ୧୩ ଜଣ ପୁରୁଷ ଓ ମହିଳା ଶ୍ରମିକ ମାନଙ୍କୁ ଜିଲ୍ଲାପାଳ ଏବଂ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଜିଲ୍ଲାପାଳ ଗ୍ରାମବାସୀ ମାନଙ୍କୁ ଉଦବୋଧନ ଦେଇ କହିଲେଯେ ଆକାଂକ୍ଷି ଜିଲ୍ଲା ହିସାବରେ ପ୍ରତି ଶ୍ରମିକ ପରିବାରଙ୍କୁ ମନରେଗା ଯୋଜନାରେ ୩୦୦ ଦିନର କାମ ସରକାର ଯୋଗାଇଦେବେ । ଏଥିରୁ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଲେଖାଏଁ ମିଳିବ। ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ବ୍ୟବସାୟ ଆରମ୍ଭ କରିବା ପାଇଁ ସହଜ ଋଣ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ମା ଭଉଣୀ ମାନେ ଘରର ପୁରୁଷ ମାନଙ୍କୁ ପ୍ରବର୍ତ୍ତାନ୍ତୁ। ଶ୍ରମିକମାନଙ୍କ ଝିଅ ବାହାଘର ଠାରୁ ସେମାନଙ୍କ ପୁଅଝିଅ ପାଠପଢା ପର୍ଯ୍ୟନ୍ତ ସବୁ କାମ ପାଇଁ ସହାୟତା ଯୋଗାଇ ଦିଆଯାଉଛି । ଜିଲ୍ଲା ପ୍ରଶାସନ ସମସ୍ତ ଶ୍ରମିକ ମାନଙ୍କୁ ଖାଦ୍ୟ ,ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ସୁବିଧା ସହିତ ଜୀବନ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏହାପରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀ ଏବଂ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ପକ୍ଷୀମାନଙ୍କ ପାଇଁ ବିଭିନ୍ନ ଗଛରେ ଝୁଲା ଯାଇଥିବା ମାଟି ପାତ୍ରରେ ପାଣି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଶହ ଶହ ସଂଖ୍ୟାରେ ପୁରୁଷ ମହିଳା ଯୋଗଦାନ କରିଥିଲେ।

# ମା' ପେଣ୍ଡ୍ରାଣୀଙ୍କ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି

ଉମରକୋଟ(ଭାସ୍କର ନ୍ୟୁଜ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାଳିତ ହେବ ଉମରକୋଟର ପ୍ରସିଦ୍ଧ ଦେବୀ ମା' ପେଣ୍ଡ୍ରାଣୀଙ୍କ ବାର୍ଷିକ ଉତ୍ସବ । ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଥିବା ବେଳେ, ଏଥିପାଇଁ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ଓକିଲ ତଥା ରାଜନେତା ସମାଜସେବୀ ଜୟଦେବ ପରିଡା ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ, ଏଥିରେ ବରିଷ୍ଠ ଓକିଲ ତଥା ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି, କାଉନସିଲର ମନୋଜ ନାୟକ, ସାଇ ନାରାୟଣ ପାଢ଼ୀ,ଶିରା ବଲ୍ଲଭ ମାଳି, ରଜତ ଶାନ୍ତା, ସମାଜସେବୀ ମାର୍କଣ୍ଡ ସାହୁ,ଗୋପାଳ ପଟନାୟକ, ଅକ୍ଷୟ ବିଶୋଇ, ବୁଢ଼ା ମିଶ୍ର, ସମାଜସେବୀ ଦୁର୍ଗା ପ୍ରସାଦ ମଲ୍ଲିକ, ମୋଟର କର୍ମଚାରୀ ସଂଘର ସଭାପତି ଅଶୋକ ବେବର୍ତ୍ତା, ହେମନ୍ତ ଜେନା, ବିଦ୍ୟାଧର ଜେନା, ମା ପେଣ୍ଡ୍ରାଣୀଙ୍କ ପୂଜକ ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ଉତ୍ସବ କିପରି ସୁଚାରୁ ରୂପେ ସମ୍ପନ୍ନ ହେବ ଆଲୋଚନା କରିଥିଲେ । ଭକ୍ତଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଦାନ କିପରି ସ୍ୱଚ୍ଛତାର ସହ ମନ୍ଦିର ଉନ୍ନତି ଓ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟବହାର କରାଯିବ ଏଥିପାଇଁ କମିଟିମାନ ଗଠନ କରାଯିବା ପାଇଁ ପ୍ରସ୍ତାବମାନ ଆଗତ ହୋଇଥିଲା । ଏଥିପାଇଁ ଆଗାମୀ ବୁଧବାର ଦିନ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାଛଡା ଚଳିତ ବର୍ଷ ମା'ଙ୍କ ଯାତ୍ରା ମହାଆଡମ୍ବର ସହକାରେ ପାଳନ ହେବା ସହ ଦୂର ଦୂରାନ୍ତରୁ ଆସିଥିବା ଭକ୍ତମାନେ କିଭଳି ଭାବେ ମା'ଙ୍କ ଯାତ୍ରା ଉପଭୋଗ କରିବା ସହ ମାଙ୍କୁ ସୁବିଧା ରେ ଦର୍ଶନ କରିପାରିବେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ପାଇଁ ସୁବ୍ୟବସ୍ଥା କରାଯିବା ଦରକାର ବୋଲି ଆଜିର ବୈଠକ ର ସଭାପତି ଶ୍ରୀ ଜୟଦେବ ପରିଡା କହିଥିଲେ । ସଭା ଶେଷରେ ମା'ଙ୍କ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ସମସ୍ତେ ବୁଲି ଦେଖିଥିଲେ ।





ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଆଳି କୃଷି କାର୍ଯ୍ୟାଳୟ ଠାରେ ମଙ୍ଗଳବାର ପୂର୍ବାହ୍ନ ୧୦ଘଟିକା ସମୟରେ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା)ର ଅଧକ୍ଷ ସହ ଅନ୍ୟ ସଦସ୍ୟ ମାନେ ପହଁଚି ବ୍ଲକ କୃଷି ଅଧିକାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ର ଅଧକ୍ଷ ପ୍ରଶାନ୍ତ କୁମାର ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ ସେ ଦୀର୍ଘ ୧୧ ବର୍ଷ ଅର୍ଥାତ ୨୦୧୩ ମସିହା ଠାରୁ ଅଧକ୍ଷ ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରି ଆସୁଛନ୍ତି କିନ୍ତୁ ଦୁର୍ଭାଗ୍ୟର ବିଷୟ ସେ ଦୀର୍ଘ ଦୁଇ ମାସ ହେବ ଏକ ଦୁର୍ଘଟଣାର ଶିକାର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ । ତାଙ୍କ ଅସୁସ୍ଥତାର ସୁଯୋଗ ନେଇ ତାଙ୍କ ଅଣଶାତରେ ବିନା ଜଣାଇ ତାଙ୍କୁ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ରୁ ବାହାର କରାଯାଇ ଏକ ନୂତନ ଭାବେ କମିଟି ପୁନର୍ଗଠନ କରାଯାଇଅଛି । ନୂଆ କମିଟି କୌଣସି ଚାଷୀଙ୍କୁ ସରକାରୀ ସୁବିଧା ସୁଯୋଗ ଦେଉ ନଥିବା ନେଇ ସେ ଅଭିଯୋଗ ଆଣିଛନ୍ତି । କେବଳ ସେତିକି ନୁହେଁ ନୂଆ କମିଟିରେ ଥିବା ସଦସ୍ୟ କେହି ଚାଷୀ ହୋଇ ନଥିବା ବେଳେ କିଭଳି ଭାବେ ସେମାନଙ୍କୁ କମିଟିରେ ସ୍ଥାନ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ନାଁରେ ୟୁକୋ ବ୍ୟାଙ୍କରେ ଆକାଉଣ୍ଟ ମଧ୍ୟ ରହିଛି । ସେଥିରେ ପାଖାପାଖି ୨୦ଲକ୍ଷ ରୁ ଉର୍ଦ୍ଧ ଟଙ୍କା ରହିଥିବା ନେଇ ସୂଚନା ଦେଇଛନ୍ତି କି ସେ ବାରମ୍ବାର କୃଷି ଅଧିକାରୀ ଖାତାରେ ଥିବା ଟଙ୍କାର ହିସାବ ମାଗିଥିଲେ ସୁଦ୍ଧା ତାଙ୍କୁ କୌଣସି ତଥ୍ୟ ମିଳିନଥିଲା । ଏ ବିଷୟରେ ପୂର୍ବରୁ ଥିବା ଉପାଧକ୍ଷ ମୋଗାନନ୍ଦ ବେହେରା ମଧ୍ୟ ଏ ସମ୍ବନ୍ଧୀୟ ହିସାବ ମାଗିବାରୁ ତାଙ୍କୁ କୃଷି ଅଧିକାରୀ ନାଲି ଆଖି ଦେଖାଇଥିଲେ ।

### ଆଡପ ପହଣ୍ଡି ବିଭ୍ରାଟ ଘଟଣା
# ୧୧ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ପୁରୀ (ଭାସ୍କର ନ୍ୟୁଜ) : ରଥଯାତ୍ରାରେ ଘଟିଥିଲା ଅଭାବନୀୟ ଘଟଣା। ଆଡ଼ପ ପହଣ୍ଡି ବିଜେ ବେଳେ ରଥ ଉପରୁ ଚାରମାଳକୁ ମୁହଁ ମାଡ଼ି ପଡ଼ିଯାଇଥିଲେ ବଡ ଠାକୁର ପ୍ରଭୁ ବଳଭଦ୍ର। ଏହି ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଘଟଣାର ତଦନ୍ତ କରିଥିଲା ଶ୍ରୀମନ୍ଦିର ପ୍ରଶାସନ । ଉକ୍ତି ମଧ୍ୟରେ ରିପୋର୍ଟ ମଧ୍ୟ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ପ୍ରଦାନ କରାଯାଇଛି । ହେଲେ କିନ୍ତୁ କାହା ଅବହେଳାରେ ଏହି ଅଘଟଣ ଘଟିଥିଲା ଏବଂ ସେଥିରେ କୌଣସି କାର୍ଯ୍ୟାନୁଷ୍ଠାନ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇନାହିଁ ରଥଯାତ୍ରା ଆଉ ମାତ୍ର ଏକ ମାସରୁ କମ୍ ସମୟ ଥିବା ବେଳେ କେବେ କାର୍ଯ୍ୟାନୁଷ୍ଠାନ ହେବ ସେନେଇ ପ୍ରଶ୍ନ ଉଠାଇଛନ୍ତି ଜଗନ୍ନାଥ ପ୍ରେମୀ ଓ ବୁଦ୍ଧିଜୀବୀ । ପୂର୍ବରୁ ଅନେକ ବିଭ୍ରାଟକୁ ନେଇ ତଦନ୍ତ କମିଟି ଗଠନ ହୋଇଥିଲେ ମଧ୍ୟ ଫଳ ଶୂନ ରହିଛି। ପ୍ରସଙ୍ଗ ପୁରୁଣା ହେବା ପରେ ସରକାର ତଦନ୍ତ ରିପୋର୍ଟକୁ ଫାଇଲ ଭିତରେ ଚାପି ଦେଇ ରଖୁଛନ୍ତି । ବିଶେଷ କରି ସେବାୟତଙ୍କ ଚାପରେ ସରକାର ଚେପା ହୋଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ କରିଛନ୍ତି ଜଗନ୍ନାଥପ୍ରେମୀ ଓ ବୁଦ୍ଧିଜୀବୀ । ଏହା ଦ୍ୱାରା ଶୃଙ୍ଖଳା ପରିବର୍ତ୍ତେ ବିଶୃଙ୍ଖଳା ବଢୁଥିବା ଅଭିଯୋଗ ହୋଇଛି । ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ



ସରକାରଙ୍କ ସେବାୟତଙ୍କ ପ୍ରତି କୋହଳ ମନୋଭାବକୁ କଡ଼ା ସମାଲୋଚନା କରିଛନ୍ତି ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀ । ରଥଯାତ୍ରାରେ ବିଶୃଙ୍ଖଳା ପଛରେ ପ୍ରଶାସନର କୋହଳ ମନୋଭାବକୁ ଦାୟୀ କରିଛନ୍ତି ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀ।୨୦୨୪ ଜୁଲାଇ ୯ ତାରିଖରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ରଥରୁ ବଡ ଠାକୁର ପ୍ରଭୁ ବଳଭଦ୍ରଙ୍କ ଆଡ଼ପ ମଣ୍ଡପ ପହଣ୍ଡି ବିଜେରେ ଘଟିଥିଲା ଅଘଟଣ । ପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ବେଳେ ହଠାତ୍ ପ୍ରଭୁ ବଳଭଦ୍ର ଚାରମାଳ ଉପରେ ମୁହଁ ମାଡ଼ି ପଡ଼ିଯାଇଥିଲେ । ଏଥିରେ ଏକାଧିକ ସେବାୟତ ମଧ୍ୟ ଆହତ ହୋଇଥିଲେ। ପ୍ରଭୁ ବଳଭଦ୍ରଙ୍କ ତ୍ରିମୁଣ୍ଡିରୁ ପାଟଡୋରଟି ଖସି ଯିବାରୁ ଏହି ଅଘଟଣ ଘଟିଥିଲା । ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତିନି ଜଣିଆ କମିଟି ଗଠନ କରାଯାଇ ତଦନ୍ତ କରାଯାଇଥିଲା। ତତ୍କାଳୀନ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ପୁରୀ ସିଟି ଡିଏସପି ଏହି ଘଟଣାର ତଦନ୍ତ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ହେଲେ ଏହି ରିପୋର୍ଟ ଅସମ୍ପୂର୍ଣ୍ଣ ଥିବା ଦର୍ଶାଇ ତତ୍କାଳୀନ ଶ୍ରୀମନ୍ଦିର ପରିଚାଳନା କମିଟି ଆଉ ଥରେ ତଦନ୍ତ କରାଯାଇ ରିପୋର୍ଟ ଦେବାକୁ କହିଥିଲେ। ସେବେ ପୁନର୍ବାର ଏହି ଟିମ୍ ତଦନ୍ତ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ଦେଇଥିଲେ। ହେଲେ ଏ ପଯ୍ୟନ୍ତ ପର୍ଯ୍ୟନ୍ତ ରିପୋର୍ଟ ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାଁନ୍ତି । ଗତ କିଛିଦିନ ତଳେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନର ଉଚ୍ଚସ୍ତରୀୟ ବୈଠକରେ ଏହି ରିପୋର୍ଟକୁ ଉପସ୍ଥାପନ କରାଯାଇ ରାଜ୍ୟ ଆଇନ ବିଭାଗକୁ ପଠାଇ ଦିଆଯାଇଛି । ତେବେ ପ୍ରଭୁ ବଳଭଦ୍ର ଆଡ଼ପ ପହଣ୍ଡି ବିଭ୍ରାଟ ଘଟଣା ଆଉ ଏକ ମାସ ପରେ ବର୍ଷେ ପୂରିବାକୁ ଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ପହଣ୍ଡି ବିଭ୍ରାଟ ପଛରେ ଅବହେଳା କରିଥିବା ସେବାୟତଙ୍କ ବିରୋଧରେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେବାରେ ଆଗ୍ରହ ପ୍ରକାଶ ନ କରିବା ଜଗନ୍ନାଥପ୍ରେମୀ ଓ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି । ଏଣୁ ଆଗାମୀ ଦିନରେ ରଥ ଯାତ୍ରା ଆହୁରି ବିଶୃଙ୍ଖଳା ହେବାର ଆଶଙ୍କା ଥିବା ଜଗନ୍ନାଥପ୍ରେମୀ ଓ ବୁଦ୍ଧିଜୀବୀ ନିଜ ମତରେ କହିଛନ୍ତି।ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି ଚଳିତ ବର୍ଷ ରଥ ନିର୍ମାଣରେ ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତି ଶୃଙ୍ଖଳିତ ରହିବ ସେ ନେଇ ଅଧିକ ଗୁରୁତ୍ୱ ଦିଆଯାଉଛି । ପହଣ୍ଡି ନୀତି ବେଳେ ସଂପୃକ୍ତ ସେବାୟତଙ୍କ ସହ ଆମେ ଆଲୋଚନା କରୁଛୁ । ଚଳିତ ଥର ପହଣ୍ଡିରେ ସେବାୟତଙ୍କ ସଂଖ୍ୟା ସୀମିତ କରାଯିବ। ସେହିପରି ରଥ ଉପରେ ମୋବାଇଲ ବ୍ୟବହାର ନିଷିଦ୍ଧ କରାଯାଇଛି । ଚଳିତ ବର୍ଷ ପହଣ୍ଡି ରେ ଯେଉଳି କିଛି ତ୍ରୁଟି ନ ରୁହେ ସେଥିପାଇଁ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯିବ।

## ଜବର ଦଖଲ ଉଚ୍ଛେଦ ସମୟରେ ଉତ୍ତେଜନା

କଟକ(ଭାସ୍କର ନ୍ୟୁଜ): କଟକ ମହାନଗର ନିଗମ ପକ୍ଷରୁ ଜଗତପୁର ଥାନା ଅନ୍ତର୍ଗତ ଭୈରପୁର ଗଡ଼ାଠାରେ ଉଚ୍ଛେଦ କରାଯାଇଛି । ତେବେ ବିନା ନୋଟିସରେ କଟକ ମହାନଗର ନିମଗ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିବାରୁ ଏହାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା । କଟକ ମହାନଗର ନିଗମର ଏନଫୋର୍ସମେଣ୍ଟ ଟିମ୍‌କୁ ଲୋକମାନେ ବିରୋଧ କରି ଅଟକ ରଖିଥିଲେ । ଏହାକୁ ବିରୋଧ କରି ସ୍ଥାନୀୟ ବାସିନ୍ଦା ରାସ୍ତାରୋକ କରିଥିଲେ । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା । ଜଗତପୁର ଥାନା ଅଧିନସ୍ଥ ଭୈରିପୁର ଗଡ଼ାଠାରେ ଏକାଧିକ ଦୋକାନ ଗୃହ ରାସ୍ତା ଉପରକୁ ମାଡି ଆସିବା ଦ୍ୱାରା ପ୍ରତିଦିନ ସେହି ସ୍ଥାନ ଗୁଡିକରେ ଛୋଟ ବଡ ଦୁର୍ଘଟଣାମାନ ଘଟି ଏକାଧିକ ଲୋକେ ମୃତ୍ୟୁବରଣ କରିଥିବା ବେଳେ ଶହଶହ ଲୋକେ ଆହତ ହୋଇଥିବା ନଜିର ରହିଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରିବାକୁ ସାଲେପୁର ତହସିଲରେ ଅଭିଯୋଗ କରାଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଜଗତପୁର ପୁଲିସ ଏନଫୋର୍ସମେଣ୍ଟ ଟିମ ଓ ଜେସିବି ମେସିନ ସହାୟତାରେ ୧୦ ରୁ ଉର୍ଦ୍ଧ୍ୱ ବେଆଇନ ଜବରଦଖଲ ଦୋକାନ ଗୃହ ଗୁଡିକୁ ଉଚ୍ଛେଦ କରାଯାଇଥିଲା। ଏଥିରେ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଉଚ୍ଛେଦ ହୋଇଥିବା ଦୋକାନୀ ମାନେ ଥଇଥାନ ପାଇଁ ଦାବି କରିଛନ୍ତି।

# ପାଣି ପାଇଁ ପୁଣି ତାତିଲେ ମହିଳା

ଆଳି, (ଭାସ୍କର ନ୍ୟୁଜ): ପାନୀୟ ଜଳ ସମସ୍ୟା ନେଇ ଆଜିକୁ ପ୍ରାୟ ୧୫ଦିନ ତଳେ ପ୍ରଥମେ ରାସ୍ତା ଅବରୋଧ ପରେ ଆଳି ବ୍ଲକ ମୁଖ୍ୟ ଫାଟକ ସମ୍ମାରେ ଧାରଣା ଦେଇଥିଲେ। ସେତେବେଳେ ଆଳି ବ୍ଲକ ମଣ୍ଡଳ ଉନୟନ ଅଧିକାରୀ ଆସି ଖୁବଶୀଘ୍ର ପାନୀୟ ଜଳ ଯୋଗାଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରି ଥିଲେ। ସୂଚନା ଅନୁସାରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ କଳାପାହାଡ଼ ଗ୍ରାମର କାଜିସାହି, ତଳସାହି ଓ ରସୁଲପୁର ଅଞ୍ଚଳରେ ଜଳ କଷ୍ଟ ଦୂର କରିବା ପାଇଁ ସରକାର ବସୁଧା ଯୋଜନା ମାଧ୍ୟମରେ ଜଳ ଯୋଗାଇ ଦେଉଥିବା ବେଳେ ଏଠାରେ ପାଣି ସମସ୍ତ ଅଞ୍ଚଳକୁ ଯାଉ ନଥିଲା ଯାହାକୁ ନେଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଦୀର୍ଘଦିନ ହେବ ସେମାନେ ଏ ନେଇ ପ୍ରଶାସନକୁ ଜଣେଇ ଆସିଥିଲେ ସୁଦ୍ଧା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ନଥିଲା। ଯାହାଫଳରେ ସେମାନେ ଆଜି ଉତ୍ୟକ୍ତ ହୋଇ ବ୍ଲକ କାର୍ଯ୍ୟାଳୟକୁ ବନ୍ଦ କରିବା ସହିତ ବିଡ଼ିଓ ପଞ୍ଚାୟତ



ସମ୍ମିଳନୀ କକ୍ଷରେ ମିଟିଙ୍ଗରେ ଥିବା ସମୟରେ ଉତ୍ୟକ୍ତ ମହିଳା ଓ ପୁରୁଷ ସମ୍ମିଳନୀ କକ୍ଷରେ ପଶି ଚେୟାର ଭଙ୍ଗାରୁଜା କରିବା ସହିତ ଏସି ତାରକୁ ଛିଡାଇ ଦେଇଥିଲେ। ବିଡ଼ିଓ ସେମାନଙ୍କ ନିକଟକୁ ଆସି ବୁଝେଇବାକୁ ଚେଷ୍ଟା କରିଥିଲେ ମଧ ସେମାନେ ବୁଝି ନଥିଲେ। ସେମାନଙ୍କ ଦାବୀ ମୁତାବକ ବିଡ଼ିଓ ଘଟଣା ସ୍ଥଳରେ ଯାଇ ସର୍ଜମୀନ ତଦନ୍ତ କରି ପ୍ରକୃତରେ ସେମାନେ ପାଣି ପାଇ କେଉଁ ଅବସ୍ଥାରେ ଅଛନ୍ତି ତାହା ଜାଣିପାରିଥିଲେ। ପରେ ତାଙ୍କ ସାଥିରେ ଯାଇଥିବା କନିଷ୍ଠ ଯନ୍ତ୍ରୀ, ପାନୀୟ ଜଳ ପରିମଳ ବିଭାଗର ଅଧିକାରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ପାନୀୟ ଜଳ ସମସ୍ୟାକୁ ସୋଭାବିକ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଆମେ ଆଳି ବିଡ଼ିଓ ଅଭିନାଶ ବିଶ୍ୱଜିତ ସେଠିଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ- ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ସେମାନଙ୍କର ପ୍ରକୃତରେ ପାନୀୟ ଜଳର ସମସ୍ୟା ରହିଛି ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛି।

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar dated 02/06/2025, I Nrusingh Mahapatra, Address: Village-Goda, Po-Goda, PS-Begunia, Dist.-Khordha, Odisha, Pin-752062, declare that I have changed my son's name from Sonu Kumar Mahapatra to Sonup Kumar Mahapatra. Henceforth, He shall be known as Sonup Kumar Mahapatra for all purposes.
**Sd/- Nrusingh Mahapatra**

**AFFIDAVIT**
By virtue of an affidavit No.-10 Sworn before Executive Magistrate Nimapada on dated 31.05.2025 I Ajay Kumar Behera S/o Sankar Behera resident of Village-Janara, Po-Chhanijanga, P.S.-Charichhak, Dist.-Puri declares that I have changed my minor daughter's name from Khusi Behera to Archita Behera. Henceforth She shall be known as Archita Behera for all purposes.
**Sd/- Ajay Kumar Behera**

**AFFIDAVIT**
By virtue of an affidavit sworn before the Executive Magistrate, Cuttack dated 16/05/2025, I Ranjan Kumar Bhoi, Address: Village-Athanga, Po-Sidheswarpur, Ps-Kandarpur, Dist.-Cuttack, Odisha, Pin-754100, declare that I have changed my Son's name from Ranjit Bhoi to Bhaskar Bhoi. Henceforth, he shall be known as Bhaskar Bhoi for all purposes.
**Sd/- Ranjan Kumar Bhoi**

**AFFIDAVIT**
By virtue of an affidavit sworn before the Executive Magistrate, Bhandaripokhari dated 28/05/2025, I Mamatarani Peda, Address: At-Sulagadia, Po-Barapada, Ps-Bhadrak (R), Dist.-Bhadrak, Odisha, Pin-756113, declare that I have changed my name from Mamata Samal to Mamatarani Peda. Henceforth, I shall be known as Mamatarani Peda for all Purposes.
**Sd/- Mamatarani Peda**

## ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ପରିଚାଳନା କମିଟିର ୫ମ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ପାଇଁ ରହିଥିବା ପ୍ରକଳ୍ପ ପରିଚାଳନା କମିଟିର ୫ମ ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପକୁ ସହଜରେ ଓ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ସମନ୍ୱୟ ଭିତିରେ କାର୍ଯ୍ୟ କରିବାକୁ ସଂପୃକ୍ତ ବିଭିନ୍ନ ବିଭାଗ ଓ ଅଂଶୀଦାର ଅନୁଷ୍ଠାନମାନଙ୍କୁ ଉନ୍ନୟନ କମିଶନରଙ୍କ ଆବଶ୍ୟକ ପରାମର୍ଶ ଦେଇଛନ୍ତି । ପ୍ରକଳ୍ପ କାର୍ଯ୍ୟକାରିତାରେ ରହୁଥିବାଭୂ-ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ରେଳ ବିଭାଗସଂପର୍କିତ ଏବଂ ଅନ୍ୟ ଯେଉଁ ଯେଉଁ ଛୋଟ ଛୋଟ ସମସ୍ୟା ରହୁଛି।

## ରାଜସ୍ୱ ଅଧିକାରୀଙ୍କ କ୍ଲାସ ନେବେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜସ୍ୱ ଅଧିକାରୀଙ୍କ କ୍ଲାସ ନେବେ ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ। ଆସନ୍ତାକାଲିଠାରୁ ଦୁଇ ଦିନିଆ ରାଜସ୍ୱ ଅଧିକାରୀଙ୍କ କର୍ମଶାଳା ଅନୁଷ୍ଠିତ ହେବ। ଏଥିରେ ୩୧୭ ତହସିଲଦାର, ୫୮ ଉପ ଜିଲ୍ଲାପାଳଙ୍କ ସହ ୩ ଆରଡିସି ଯୋଗଦେବେ। କର୍ମଶାଳାରେ ଭିସିରେ ଜିଲ୍ଲାପାଳ ଏବଂ ଜିଲ୍ଲାର ରାଜସ୍ୱ ଅଧିକାରୀମାନେ ରହିବେ। କର୍ମଶାଳାକୁ ବାର୍ଷିକ ପ୍ରୋଗ୍ରେସ ରିପୋର୍ଟ ଧରି ଆସିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରୀ ବର୍ଷକର ରାଜସ୍ୱ ସେବାର ସମୀକ୍ଷା କରିବେ। ଭଲ ପ୍ରଦର୍ଶନ କରିଥିବା ୩ ଟି ଜିଲ୍ଲା ଏବଂ ୫ଟି ତହସିଲକୁ ପୁରସ୍କୃତ କରାଯିବ। ଗରିବଙ୍କୁ ଜମି ପଟ୍ଟା, ଜମି ଅଧିଗ୍ରହଣକୁ ଗୁରୁତ୍ୱ ଦେବାକୁ କୁହାଯିବ। ୨୦୩୬ ସୁଦ୍ଧା ନୂଆ ଓଡିଶା ବିକଶିତ ଓଡିଶା ଭିଜନ ଡକ୍ୟୁମେଣ୍ଟ ତହସିଲଦାର ମାନଙ୍କୁ ଉପସ୍ଥାପନ କରାଯିବ।

## ଶ୍ରମ ଆଇନ ଉପରେ ସହକାରୀ ଶ୍ରମ ଅଧିକାରୀଙ୍କୁ ତାଲିମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶ୍ରମ ବିଭାଗ, ଓଡ଼ିଶା ଦ୍ୱାରା ବିଭିନ୍ନ ଶ୍ରମ ଆଇନ ଉପରେ ସହକାରୀ ଶ୍ରମ ଅଧିକାରୀ ମାନଙ୍କୁ ଏକ ୨ ଦିନିଆ ତାଲିମ କାର୍ଯକ୍ରମ ରାଜ୍ୟ ଲୋକସେବା ଭବନର କନଭେନସନ କେନ୍ଦ୍ରରେ ଉଦଯାପିତ ହୋଇଯାଇଛି। ଏହି ତାଲିମ କାର୍ଯକ୍ରମକୁ ଶ୍ରମ ବିଭାଗ ର ଅତିରିକ୍ତ ଶାସନ ସଚିବ ମଧୁମିତା ନାୟକ ଉଦଘାଟନ କରିଥିଲେ । ଶ୍ରମ ବିଭାଗ ର ଅତିରିକ୍ତ ଶାସନ ସଚିବ ରାଜେଶ କୁମାର ଅଗ୍ରୱାଲା ଏହି କାର୍ଯକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ନିରଞ୍ଜନ ଜେନା, ଉପ ସଚିବ, ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ତାଲିମ କାର୍ଯକ୍ରମରେ ଶ୍ରମ ନିର୍ଦ୍ଦେଶାଳୟର ନୂତନ ଭାବରେ ନିଯୁକ୍ତି ପାଇଥିବା ୩୮ ଜଣ ସହକାରୀ ଶ୍ରମ ଅଧିକାରୀ ଯୋଗଦାନ କରିଥିଲେ । ବିଘ୍ନଜିତ ମହନ୍ତ ମହାପାତ୍ର, ଯୁଗ୍ମ ଶ୍ରମ ଆୟୁକ୍ତ, ପ୍ରଦୀପ କୁମାର ମହାନ୍ତି, ଡିଭିଜିନାଲ୍ ଶ୍ରମ ଆୟୁକ୍ତ କେନ୍ଦ୍ରାପଡ଼ା ସୁବାସ ଚନ୍ଦ୍ର ଜେନା, ପୂର୍ବତନ ନିର୍ଦ୍ଦେଶକ, ଓଡିଶା ହାଇଡ୍ରୋପାୱାର କର୍ପୋରେସନ୍ ଲିମିଟେଡ୍, ଡ଼. ବିଜୟ କୁମାର ସୁନ୍ଦରାୟ, ଏସୋଶିୟେଟ ପ୍ରଫେସର, ପି.ଏମ.ଆଇ.ଆର. ବିଭାଗ, ଉତ୍କଳ ବିଶ୍ୱ ବିଦ୍ୟାଳୟ, ଶ୍ରୀମତୀ ବନାନୀ ମହାପାତ୍ର, ଡିଭିଜିନାଲ୍ ଶ୍ରମ ଆୟୁକ୍ତ, ଶ୍ରମ ନିର୍ଦ୍ଦେଶାଳୟ, ଡ଼. ତାରାପଦ ଦାଶ ଓ ପ୍ରଦୀପ କୁମାର ମହାପାତ୍ର, ପୂର୍ବତନ ଯୁଗ୍ମ ଶ୍ରମ ଆୟୁକ୍ତ ଇତ୍ୟାଦି ତାଲିମ ପ୍ରଦାନ କରିଥିଲେ । ତାଲିମ ଶେଷରେ କୃତୀ ସହକାରୀ ଶ୍ରମ ଅଧିକାରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar dated 02/06/2025, I Kanak Durlia, Address At-Govindapalli, PS-Mathisi, Dist.-Malkanagiri, Odisha, Pin-764044, declare that I ahve changed my name from Purnima Turlia to Kanak Durlia. Henceforth, I shall be known as Kanak Durlia for all purposes.
**Sd/- Kanak Durlia**

**AFFIDAVIT**
By virtue of an affidavit sworn before the Executive Magistrate, Cuttack dated 02/06/2025, I, Gouri Sahoo Address: At-Alati, Po-Ramachandrapur, Ps-Ramachandrapur, Dist.-Keonjhar, Pin-758043, declare that I have changed my daughter's name from Trupti Tajoswini Sahu to Trupti Tejaswani Sahoo. Henceforth, she shall be known as Trupti Tejaswani Sahoo for all purposes.
**Sd/- Gouri Sahoo**

**AFFIDAVIT**
By virtue of an affidavit sworn before the Executive Magistrate, Banki dated 03/06/2025, I Bhagyadhar Jena, Address: Village-Kantapanhara, Po-Gholapur, Ps-Banki, Dist.-Cuttack, Odisha, Pin-754029 declare that I have changed my name from Bhayadhar Jena to Bhagyadhar Jena. Henceforth, I shall be known as Bhagyadhar Jena for all purposes.
**Sd/- Bhagyadhar Jena**

**ଦ.ପୂ. ରେଳପଥ-ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଦକ୍ଷିଣ ଇଷ୍ଟର ରେଳବାଇ, ଉପ-ସିଏମ୍ଇ (ୱାଗନ୍)/ କେଜିପିଡବ୍ଲୁ, ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଯାହା ଉପରେ ଉଲ୍ଲେଖ କରାଯାଇଥିବା ତାରିଖରେ ୧୫:୦୦ ଘଣ୍ଟା ପୂର୍ବରୁ ଖୋଲାଯିବ ଏବଂ ୧୫:୦୦ ଘଣ୍ଟାରେ ଖୋଲାଯିବ। କ୍ରମିକ ସଂଖ୍ୟା: ୧; ଇ-ଟେଣ୍ଡର ନୋଟିସ୍ ସଂଖ୍ୟା ଏବଂ ଅପଲୋଡ୍ ତାରିଖ: ଇ-ଡିୱାଇ-ଡବ୍ଲୁଡବ୍ଲୁ-ବଗି-୨୦୨୫, ତାରିଖ: ୩୧.୦୫.୨୦୨୫; କାର୍ଯ୍ୟର ନାମ: କାର୍ଯ୍ୟର ସମସ୍ତ ଉପାଦାନ ସହିତ କାସନବ୍ ବଗିଗୁଡ଼ିକୁ ସଫା କରିବା, ସଫା କରିବା ଏବଂ ମରାମତି କରିବା; କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୨,୨୬,୩୮,୪୨୨.୫୩; ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୬୩,୨୦୦.୦୦; ଇ-ଟେଣ୍ଡର ବନ୍ଦ କରିବାର ତାରିଖ ଏବଂ ସମୟ: ୨୩.୦୬.୨୦୨୫ ଦିନ ୧୫:୦୦ ଘଣ୍ଟାରେ; ୱେବସାଇଟ୍ ବିବରଣୀ ଏବଂ ବିବରଣୀ:www.ireps.gov.in ଆଗ୍ରହୀ ଟେଣ୍ଡରଦାତା ମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ କୌଣସି ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ।
(PR-228)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିସ୍ଫୋରକ ଲୁଟ୍...

ତେବେ ଗତ ମାସ ୨୭ତାରିଖରେ ବାଙ୍କୋ ପଥରଖଣିକୁ ଯାଉଥିବା ୨୦୦ ପ୍ୟାକେଟ ବିସ୍ଫୋରକକୁ ମାଓବାଦୀମାନେ ଲୁଟି ନେଇଥିଲେ। ଏହି ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଘଟଣାସ୍ଥଳରେ ଡେରା ପକାଇ ସ୍ଥିତିର ସମୀକ୍ଷା କରିବା ସହ ଲୁଟ୍ ବିସ୍ଫୋରକ ଉଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ଅଗ୍ରଣୀ ଜିଲ୍ଲା...

ଅଭିଭାଷଣରେ କହିଥିଲେ ଦେବଗଡ ଜିଲ୍ଲାର ବିକାଶ ପାଇଁ ସମସ୍ତ ସାମର୍ଥ୍ୟ ରହିଛି। ଆମେ ତାହାର ସଠିକ୍ ଉପଯୋଗ କରି ଜିଲ୍ଲାକୁ ରାଜ୍ୟ ବିକାଶ ଧାରାର ମୁଖ୍ୟସ୍ରୋତରେ ଯୋଡ଼ିବୁ। ଆମ ସରକାର ଆସିବା ପରେ ଆମେ ଓଡ଼ିଶାର ୩୦ ଜିଲ୍ଲାର ସମାନୁପାତିକ ବିକାଶକୁ ଗୁରୁତ୍ୱ ଦେଉଛୁ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ ସେଥିଲାଗି ଆମେ ଗୁରୁତ୍ୱ ଦେଉଛୁ ବୋଲି ସେ କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହୋଇପାରିବ। ସମସ୍ତଙ୍କୁ ନେଇ ସବୁ କ୍ଷେତ୍ରର ବିକାଶ ଜରିଆରେ ୨୦୩୬ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି ବୋଲି ଶ୍ରୀ ମାଝୀ କହିଥିଲେ। ସେ କହିଥିଲେ ଦେବଗଡ ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବେ ଗଢ଼ି ତୋଳିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଜୁଳି ଓ ଗମନାଗମନ ପାଇଁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆମ ସରକାର ଆସିବାର ୧ବର୍ଷ ପୂର୍ତ୍ତିକୁ ଆଉ ୯ଦିନ ବାକି ରହିଛି। ଏହି ୧ବର୍ଷ ଭିତରେ ଆମେ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ଜିଲ୍ଲା ତଥା ରାଜ୍ୟର ସାମଗ୍ରୀକ ବିକାଶ ଲାଗି ଅନେକ ଉନ୍ନୟନମୂଳକ ଓ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛୁ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ କବିନ୍ଦ୍ର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସିଡିଏମ୍ଓ ବିଶ୍ୱ ରଂଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଶୃଙ୍ଖଳିତ ହେବ...

କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସେବାୟତମାନେ ନିଜ ନିଜ ମତ ରଖିବା ସହ ନୀତି କାନ୍ତି କିଭଳି ଶୃଙ୍ଖଳାର ସହ କରାଯିବ ଏବଂ ଭକ୍ତମାନେ ଭଲରେ ଦର୍ଶନ କରିବା ଲାଗି ବ୍ୟାପକ ପ୍ରସ୍ତୁତି କରାଯାଉଛି। ଚଳିତ ବର୍ଷ ରଥଯାତ୍ରା ଓ ସ୍ନାନଯାତ୍ରା ୨୦୨୫ ଲାଗି ଆଜିର ବୈଠକରେ ଦର୍ପଣିଆ ନିଯୋଗ, ସୁଦୁସୁଆର ନିଯୋଗ ଏବଂ ଦତ୍ତମହାପାତ୍ର ସେବାୟତମାନେ ଯୋଗଦେଇ ଶୃଙ୍ଖଳିତ ନୀତିକାନ୍ତି ସମ୍ପାଦନ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ସହ ସମ୍ବନୟ ରକ୍ଷା କରି କାର୍ଯ୍ୟ କରିବା ନେଇ ପ୍ରତିଶ୍ରୁତି ଦେଛନ୍ତି।

### ପାଇଖାନା ଟାଙ୍କିରେ...

ହସ୍ପିଟାଲକୁ ନିଆଯାଇଥିଲା। ତେବେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁବରଣ କରିଥିବା ଶ୍ରମିକମାନେ ହେଲେ ଏମ୍ ସନ୍ତୁ (୨୮), ଅମୀର ଖୁରା (୩୦), ତ୍ରିଲୋଚନ ଭଟରା(୨୫) ଓ ଲାଲୁରଣା କାମରା (୨୬)। ଖବର ମିଳିବା ପରେ ଅଗ୍ନିଶମ ବାହିନୀ ଓ ପୋଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଅତିରିକ୍ତ ପୋଲିସ ଅଧିକ୍ଷକ ଆଦିତ୍ୟ ସେନ୍, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭଦ୍ରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

## ନୂଆବଡ଼ ବସ୍ତି ସମସ୍ୟା ସମ୍ପର୍କରେ ଆଲୋଚନା

କଟକ(ଭାସ୍କର ନ୍ୟୁଜ): କଟକ ମହାନଗର ନିଗମ ଅଧିନସ୍ଥ ନୂଆଗଡ ବସ୍ତିରେ ଥିବା ବହୁବିଧ ମୌଳିକ ସମସ୍ୟା ସମ୍ପର୍କରେ ନୂଆଗଡ ବସ୍ତିରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନୂଆଗଡ ବସ୍ତି ବାସିନ୍ଦାମାନେ ଯୋଗ ଦେଇ ବସ୍ତିରେ ଥିବା ବହୁବିଧ ମୌଳିକ ସମସ୍ୟାର ସମାଧାନ କରିବାକୁ ଦାବୀ କରିଥିଲେ। କଟକ ମହାନଗର ନିଗମ ମେୟର ସୁବାସ ସିଂହ ଅଧ୍ୟକ୍ଷତା କରି ରାସ୍ତାଘାଟର ଉନ୍ନତି, ଡ୍ରେନର ସୁବିଧା, ବସ୍ତି ଦାଣ୍ଡରେ ଫେଭର ବ୍ଲକ କାର୍ଯ୍ୟ, ଗୋଟିଏ କମ୍ୟୁନିଟି ସେଂଟର, ଅଙ୍ଗନୱାଡି ଘର, ଠାକୁର ଘର ନିର୍ମାଣ, ଜାଗା ମିଶନ ଦ୍ୱାରା , ନିର୍ମାଣ ଶ୍ରମିକ ପତ୍ର ଆଦି ସମସ୍ୟା ବିଷୟରେ ଆଲୋଚନା କରିବା ସହ ଉପରୋକ୍ତ ସମସ୍ତ ସମସ୍ୟାର ଯଥାଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ସଭାରେ ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ସିଡିପିଓ -୧, ସିଓ , ୱାର୍ଡ ଅଫିସର ଚିତ ରନ ପରିଡ଼ା, ସୁକାନ୍ତ ପ୍ରଧାନ, ଅନାମ ଚରଣ ନାୟକ, ମିନତି ବାରିକ, ସ୍ମିତା ରଣି ନାୟକ, ଚନ୍ଦ୍ର ମୋହନ ଦାସ, ପ୍ରଶାନ୍ତ ନାୟକ, ଶେଷଦେବ ଶତପଥୀଙ୍କ ସମେତ ବହୁ ବସ୍ତିବାସିନ୍ଦା ଯୋଗ ଦେଇଥିଲେ।

ଜଳସମ୍ପଦ ବିଭାଗ,ଓଡ଼ିଶା ସରକାର ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା:EE-DD-CTC- 03/ 2025-26
*******
A-245
୧. କାର୍ଯ୍ୟର ନାମ: ମୋଟ ୦୭ (ସାତ) ଗୋଟି ଜଳନିକାସ କାର୍ଯ୍ୟ ।
୨. ଅଟକଳ ମୂଲ୍ୟ: ୬.୫୦ ଲକ୍ଷ ଟଙ୍କା ଏବଂ ୪୯.୦୯ ଲକ୍ଷ ଟଙ୍କା ।
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୦୩ (ତିନି)ମାସ ରୁ ୦୬ (ଛ) ମାସ ପର୍ଯ୍ୟନ୍ତ ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା. ୦୪.୦୬. ୨୦୨୫ ର ୧୧.୦୦ ଘଣ୍ଟା ରୁ ତା.୧୬.୦୬.୨୦୨୫ ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା. ୧୬.୦୬.୨୦୨୫ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା: ନିର୍ବାହୀ ଯନ୍ତ୍ରୀ, ଜଳନିକାସ ବିଭାଜନ, କଟକ, ଠିକଣା:ଗଣ୍ଡରପୁର, କଟକ-୭୫୩୦୦୩; ଇ-ମେଲ : ceddcuttack@gmail.com.
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖା ଯାଇପାରିବ। ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧି ପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍ ରେ ପ୍ରକାଶ କରାଯିବ ।
ସୌରଭ କୁମାର ମିଶ୍ର
ନିର୍ବାହୀ ଯନ୍ତ୍ରୀ
ଜଳନିକାସ ବିଭାଜନ, କଟକ
A-245

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ବୋଲଗଡ(ଭାସ୍କର): ବେଗୁନିଆ ଥାନା ଧଳାପଥର ଫାଣ୍ଡି ଅନ୍ତର୍ଗତ କୋଦୁଅବେରେଣୀ ଗ୍ରାମରେ ସୋମବାର ଦିନ ବିଳମ୍ବିତ ରାତ୍ରରେ ଜଣେ ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ ହୋଇଛି। ସୂଚନା ଅନୁଯାୟୀ ସ୍ଥାନୀୟ ଗ୍ରାମର ପ୍ରମୋଦ କୁମାର ନାୟକଙ୍କ ପୁଅ ଶିବ (୨୨) ଟ୍ରକର ସହାୟକ ଭାବେ କାର୍ଯ୍ୟ କରୁଥିଲେ। ସୋମବାର ଦିନ ବିଳମ୍ବିତ ରାତ୍ରରେ ଶୌଚ ହେବା ପାଇଁ ଯାଉଥିବା ସମୟରେ ଅସାବଧାନତା ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଏହି ଘଟଣାର ଖବର କଳାପଥର ଅଗ୍ନିଶମ କର୍ମଚାରୀ ପହଂଚି ମୃତକ ଯୁବକଙ୍କୁ ଉଦ୍ଧାର କରିଛନ୍ତି। ଏଥିରେ ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ ଏକ କେସ ରୁଜୁ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

**MANAPPURAM ASSET FINANCE LTD.** Regd. Office: Door No. III/105, Opp: Nattika Firka Co -Op Rural Bank, Valapad (P O)-680567 Thrissur Dt Kerala CIN : U65921KL1987PLC004810
ନିଲାମୀ ସୂଚନା
ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନୀନ ନିଲାମ ନିମ୍ନଲିଖିତ ଶାଖାରେ ଏବଂ ଧାର୍ଯ୍ୟ ତାରିଖରେ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବକେୟାଦାର ଗ୍ରାହକ ମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚିତ କରାଇବା ପରେ ମଧ ସେମାନେ ସେମାନଙ୍କର ଋଣରାଶି ପୈଠ କରିବାରେ ବିଫଳ ହୋଇଛନ୍ତି । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ (www.maafin.in) ପ୍ରଦର୍ଶିତ କରାଯିବ । ଧାର୍ଯ୍ୟ ତାରିଖରେ ନିଲାମ ନକରାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ଆଗାମୀ ଦିନ ମାନଙ୍କରେ ନିଲାମ କରାଯିବ, ଯାହାର ବିଶଦବିବରଣୀ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ ପ୍ରଦର୍ଶିତ କରାଯିବ ।
ତାଲିକାଭୁକ୍ତ ସ୍ୱର୍ଣ୍ଣ ଋଣ ଗୁଡିକ ଆମର ନିମ୍ନଲିଖିତ ଶାଖାରେ 16.06.2025 ତାରିଖ ଦିନ ସକାଳ ୧୦ ଘଟିକା ଠାରୁ ନିଲାମ କରାଯିବ।
ବାଲିଚନ୍ଦ୍ରପୁର:0433690700018654, 18674, 18697, 18701, 18735, 18782, 18798,18708 ବନମାଳିପୁର : 0433560700021170, 21228, 21231, 21314, 21356, 21374, 21378, 21422, 21424, ବେଗୁନିଆ: 0433800700033267, 33382, 33503, 33566, 33659, 33691, 33692, 33693, ବ୍ରହ୍ମଗିରି : 0433570700025346, 25355, 25361, 25374, 25378, 25383, 25397, 25407, 25422, 25424, 25456, 25466, 25478, 25502, 25504, 25503 ଚାନ୍ଦପୁର: 0433350700127810, 27840, 27878, 27888, 27907, 27913, 27962, 27964, 28024, 28038, 28040, 28041, 28062, 28073, 28104, 28130, 28154, 28163, 28168, 28193, 28228, 28229, 28238, 28239, ଚନ୍ଦ୍ରସେଖରପୁରଭୁବନେଶ୍ୱର:0431590700067365, 67381, 67384, 67390, 67391, 67414, 67421, 67422, 67433, 67445, 67450,67485, 67492, 67500, 67501, 67575, 67583, 67626, 67636, 67658, 67644,67664, 67679, 67694, 67703.67717, 67719, 67748, 67755, 67766, ଡୁମଡୁମା:0433790700015613, ଇରାସାମା:0433370700071868, 71874, 71905, 71907, 71908, 71913, 71962, 71985, 71988, 71996, 71999, 72000, 72003, 74857,74002,. ଗ୍ରାଣ୍ଡରୋଡ୍‌ପୁରୀ:0432000700122990, 22991, 23033, 23064, 23087, 23129, କଳାପଥର:0433820700018103, 18104, 18115, 18158, 18212, 18213, 18226, 18233, 18343, 18371, 18391, 18491, 18516, ଖୋର୍ଦ୍ଧା: 0433050700108981, 9083, 9097, 9182, 9183, 9207, 9216, 9234, 9260, 9263, 9281, 9296, କୁଜାଙ୍ଗ:0433030700090369, 90382, 90399, 90410, 90437, 90443, 90445, 90463, 90468, 90473, 90496, 90549, 90551, 90583, 90590, 90608, 90610, 90622, 90639, କୁଜାଙ୍ଗ:0431580700064343, 64344, 64359, 64373, 64388, 64426, 64427, 64443, 64447, 64458, 64461, 64463, 64465, 64473,64472,64484, 64487, 64498, 64501, 64508, 64510, 64511, 64517, 64539, 64569,64540, 64545, 64555, 64572, 64585, 64593, 64594, 64601, 64603, 64604, 64606, 64607, 64608, 64614, ମାର୍ଶାଘାଇ : 0433680700010739, 10774, 10847,. ଜାଜପୁର: 0433810700046138, 46453, 46745, ନିଶ୍ଚିନ୍ତକୋଇଲି:0433360700021113, 21118, 21123, 21152, 21153, 21154, 21189, 21214, 21256, 21281, 21283, 21287, 21296, 21306, 21311, 21318, 21319, ଫୁଲନଖରାକଟକ:0431800700065908, 65911, 65929, 65935, 65941, 65957, 65964, 65997,65984, 65994, 66011, 66037, 66038, 66044, 66048, 66049, 66052, 66057, 66067, 66076, 66084, 66092, 66113, 66115, 66121, 66126, 66143, 66147, 66156, 66158,66165, 66177, 66184, 66190, 66211, 66219, 66226, 66227, 66229, 66235, 66237, 66239, 66255, 66257, 66258, 66259, 66260, 66263, ରଘୁନାଥପୁର::: 0433130700036397, 36421, 36487, 36549, ରହାମା:0433040700074558, 74569, 74581, 74583, 74594, 74607, 74615, 74620, 74622, 74665, 74720, 74725, 74760, 74816, 74827, 74828, 74838, 74840, 74845, 74866, 74893, 74917, 74918, ରଣପୁର: 0433150700096075, 96084, 96187, 96194, 96217, 96277, 96282, 96332, 96359, 96427, ସାକ୍ଷୀଗୋପାଳପୁର:0431900700129171, 29203, 29247, 29270, 29274, 29282, 29405, 29449, 29453, 29473, 29505, 29506, ସାମନ୍ତରପୁର | ଭୁବନେଶ୍ୱର:0431600700072207, 72228, 72278, 72308, 72381, 72388, 72404, 72417, 72432, 72433, 72434, 72473, 72493, 72516, 72568.
ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 18005729787 ନମ୍ବରକୁ ଯୋଗାଯୋଗ କରନ୍ତୁ ।
ମାନାପୁରମ୍ ଆସେଟ୍ ଫାଇନାନ୍ସ ଲିମିଟେଡ୍‌ର
କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ

ଓଡ଼ିଶା ଭାସ୍କର
ODISHA BHASKAR



# ଜାତୀୟ ଓ ଅନ୍ତର୍ଜାତୀୟ



ଉତ୍ତରପ୍ରଦେଶ: ଆଜିଠୁ ଅଯୋଧ୍ୟାରେ ରାମ ଦରବାର ସମେତ ୭ଟି ମନ୍ଦିରର ଚାଲିଛି ପ୍ରାଣ ପ୍ରତିଷ୍ଠା ଉତ୍ସବ । ୫ ତାରିଖ ପର୍ଯ୍ୟନ୍ତ ଚାଲିବ ଭବ୍ୟ ସମାରୋହ । ନିର୍ଦ୍ଧାରିତ ସମୟରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିବା ବେଳେ ଏଥିରେ ୧୦୧ ବୈଦିକ ଆଚାର୍ଯ୍ୟ ସାମିଲ ହୋଇ ପୂଜାର୍ଚ୍ଚନା କରୁଛନ୍ତି । ଅଯୋଧ୍ୟା, କାଶୀ, ପ୍ରୟାଗରାଜ ସମେତ ଅନ୍ୟ ତୀର୍ଥସ୍ଥାନରୁ ଆସିଛନ୍ତି ବୈଦିକ ଆଚାର୍ଯ୍ୟ । ସମାରୋହ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଏକ କଳାଶ ଯାତ୍ରା ବାହାର କରାଯାଇଥିଲା । ପ୍ରାଣ ପ୍ରତିଷ୍ଠା ଉତ୍ସବରେ ରାମ ମନ୍ଦିରକୁ କନ୍ୟା ପରି ସଜାଯାଇଛି । ରାମ ଜନ୍ମଭୂମି ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ପ୍ରଥମ ଦିନରେ ସକାଳ୬ଟା ୩୦ମିନିଟରୁ ପୂଜାପାଠ ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ୬ଟା ୩୦ମିନିଟ ପର୍ଯ୍ୟନ୍ତ ଚାଲିବ । ପ୍ରସିଦ୍ଧ ପଣ୍ଡିତ ଜୟପ୍ରକାଶଙ୍କ ନେତୃତ୍ୱରେ ୧୦୧ଜଣ ବୈଦିକ ଆଚାର୍ଯ୍ୟ ଏହି ପୂଜାର୍ଚ୍ଚନା କରୁଛନ୍ତି ।

## ଜଳ ବହୁଳେ ସର୍ବନାଶ, ଜଳ ବିହୁନେ ସର୍ବନାଶ

# ଆସାମରେ ସାଢେ ୫ ଲକ୍ଷ ଲୋକ ଜଳବନ୍ଦୀ



ଆସାମ: ପାଣି.. ପାଣି.. ପାଣି.. ଚାରିଆଡେ ପାଣି । ପାଣି ପାଇଁ ସଙ୍କଟରେ ପ୍ରାଣ । ଏହି ପାଣି ନମିଳିଲେ ହାହାକାର, ବଢିଗଲେ ବି ହାହାକାର । ଯେବେ ପାଣି ପାଇଁ ଆସେ ପ୍ରଳୟ, ସେବେ ଜଳର ତାଣ୍ଡବରେ ଜୀବନ ହୁଏ ବନ୍ଦୀ । ଏମିତି ହିଁ ପରିସ୍ଥିତି ପୂର୍ବୋତ୍ତର ରାଜ୍ୟମାନଙ୍କରେ ଦେଖିବାକୁ ମିଳିଥିବା ବେଳେ ଆସାମର ସ୍ଥିତି ସଙ୍ଗୀନ ହୋଇଛି । ଜଳରେ ଘର ଦ୍ୱାର, ରାସ୍ତା ଘାଟ ସବୁ ବୁଡି ରହିଛି । ରାସ୍ତା ବନ୍ୟା ଜଳରେ ନଈ ପାଲଟି ଯାଇଛି । ବିଲମାଳ ସମୁଦ୍ର ପରି ସବୁ ଦିଶୁଛି । ରାସ୍ତା ଉପରେ ଗାଡି ମଟର ଅଟକି ରହିଛି । ପାଣିର ପ୍ରଖର ସୁଅ ରାସ୍ତାରେ ଚାଲୁଥିବାରୁ ଯାତାୟାତ ଠପ୍ ଅଛି । ତେବେ ବନ୍ୟାର ଭୟଙ୍କର ରୂପ ଆସାମରୁ ଆସିଛି । ଯାହା ଆକାଶ ମାର୍ଗକୁ ନିଆଯାଇଥିବା ଚିତ୍ରରେ କଏଦ ହୋଇଛି । ଉତ୍ତର-ପୂର୍ବ ରାଜ୍ୟରେ ଗତ ୪ ଦିନ ଧରି ଲଗାଣ ବର୍ଷା ବିପ୍ଳବ ଯୋଗୁଁ ଆସାମ, ସିକ୍କିମ୍, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଓ ମଣିପୁର ଆଦି ରାଜ୍ୟରେ ପ୍ରାକୃତିକ ଦୁର୍ବିପାକ ଲାଗି ରହିଛି । ଲଗାଣ ବର୍ଷା ଯୋଗୁଁ ଆସାମରେ ଭୟଙ୍କର ସ୍ଥିତି ଉପୁଜିଛି ଆଉ ଜଳ ପ୍ରଳୟ ଆସିଛି । ୨୨ ଜିଲ୍ଲାର ୧୨୫୪ଟି ଗାଁର ପ୍ରାୟ ସାଢ଼େ ୫ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଘର ଦ୍ୱାର ସବୁଠି ପାଣି, ପୂରା ପାଣି ଘେରରେ । ଜଳବନ୍ଦୀରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଉଛି । ବର୍ଷା ସହ ଭୂସ୍ଖଳନ ପାଇଁ ଇତିମଧ୍ୟରେ ଆସାମରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

# ୮ ଘଣ୍ଟାରେ ଆଣ୍ଠେଇଲା ପାକିସ୍ତାନ: ସିଡିଏସ୍



ନୂଆଦିଲ୍ଲୀ: ଅପରେସନ୍ ସିନ୍ଦୂର ଅଭିଯାନରେ ମାତ୍ର ୮ ଘଣ୍ଟାରେ ପାକିସ୍ତାନ ଆଣ୍ଠେଇପଡ଼ିଲା । ଅସ୍ତ୍ରବିରତି ପାଇଁ ଭାରତକୁ ଅନୁରୋଧ କଲା । ଏଭଳି ଏକ ମନ୍ତବ୍ୟ ମଙ୍ଗଳବାର ପୁଣେ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ସେନା ମୁଖ୍ୟ ଜେନେରାଲ୍ ଅନିଲ ଚୌହାନ ଅପରେସନ୍ ସିନ୍ଦୂର ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ସେନା ମୁଖ୍ୟ ଜେନେରାଲ୍ ପାକିସ୍ତାନକୁ ଚେତାବନୀ ଦେଇ କହିଛନ୍ତି, ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ । ଅପରେସନ୍ ସିନ୍ଦୂରର ଏକମାତ୍ର ଉଦ୍ଦେଶ୍ୟ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ବନ୍ଦ କରିବା । ପାକିସ୍ତାନ ସବୁବେଳେ ଭାରତକୁ ଆତଙ୍କବାଦ ଏବଂ ପରମାଣୁ ବୋମାର ଧମକ ଦେଇ ଆସିଛି । ପାକିସ୍ତାନକୁ ମନେ ରଖିବା ଉଚିତ କି ଭାରତ ଆତଙ୍କବାଦ ଏବଂ ପରମାଣୁ ଆକ୍ରମଣ ଧମକର ଛାୟା ତଳେ ରହିନି କି ରହିବ ନାହିଁ । ଅପରେସନ୍ ସିନ୍ଦୂର ସମୟରେ ଭାରତୀୟ ସଶସ୍ତ୍ର ବାହିନୀର କ୍ଷତି ବିଷୟରେ ପଚରାଯିବାରୁ ସିଡିଏସ୍ ଏକ କ୍ରିକେଟ୍ ମ୍ୟାଚର ଉଦାହରଣ ଦେଇ କହିଛନ୍ତି, ଏକ ଦଳ କିପରି ମ୍ୟାଚ୍ ଜିତିଲା ତାହା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଯେତେବେଳେ ଦଳ ଜିତିଥାଏ, କେହି ପ୍ରଶ୍ନ ଉଠାନ୍ତି ନାହିଁ ଯେ କେତେ ୱିକେଟ୍ ପଡ଼ିଲା । ପାକିସ୍ତାନ ଭାବିଥିଲା ୪୮ ଘଣ୍ଟା ଧରି ଭାରତ ବିରୋଧରେ ଅଭିଯାନ ଜାରି ରଖିବ, କିନ୍ତୁ ମାତ୍ର ୮ ଘଣ୍ଟାରେ ସେ ପରାଜୟ ସ୍ୱୀକାର କରିଥିଲା । ମଇ ୧୦ ତାରିଖ ରାତିରେ ପାକିସ୍ତାନ ଅନୁଭବ କଲା ଯେ ଯଦି ଭାରତର କାର୍ଯ୍ୟାନୁଷ୍ଠାନ ଜାରି ରହେ, ତେବେ ତାକୁ ଅନେକ କିଛି କ୍ଷତି ସହିବାକୁ ପଡ଼ିବ ।

# ଯମୁନାରେ ବୁଡ଼ି ୪ ବାଳିକାଙ୍କ ମୃତ୍ୟୁ

ଆଗ୍ରା: ମଙ୍ଗଳବାର ଉତ୍ତରପ୍ରଦେଶ ଆଗ୍ରାର ଯମୁନା ନଦୀରେ ଏକ ବଡ଼ଧରଣର ଅଘଟଣ ଘଟି ଯାଇଛି । ପ୍ରବଳ ଗରମ ହେତୁ ଯମୁନା ନଦୀକୁ ଗାଧୋଇବାକୁ ଯାଇଥିବା ଚାରିଜଣ ବାଳିକା ବୁଡ଼ି ଯାଇଥିବା ବେଳେ ଦୁଇଜଣଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଛି । ଦୁର୍ଘଟଣାର ସୂଚନା ପାଇବା ପରେ ଡିଏମ, ପୋଲିସ ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦୁର୍ଘଟଣାରୁ ଉଦ୍ଧାର କରାଯାଇଥିବା ଦୁଇଜଣ ବାଳିକାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୧୦ଟା ସମୟରେ ୬ଜଣ ବାଳିକା ଆଗ୍ରାର ସିକନ୍ଦରା ଥାନା ଅଞ୍ଚଳର ନାଗଲା ନାଥୁ ନିକଟରେ ଯମୁନା ନଦୀକୁ ଗାଧୋଇବାକୁ ଯାଇଥିଲେ । ଏମାନଙ୍କ ମଧ୍ୟରେ ମୁସ୍କାନ, ତାଙ୍କ ସାନ ଭଉଣୀ ସନ୍ଧ୍ୟା, ଦିବ୍ୟା, ସମ୍ପର୍କୀୟ ନୈନା, ମାଉସୀ ଝିଅ ଭଉଣୀ ସୋନମ, ସୁହାନି ସାମିଲ ଥିଲେ । ମୁସ୍କାନଙ୍କ ସମ୍ପର୍କୀୟ ଭାଇ ଦୀପେଶ ମଧ୍ୟ ଭଉଣୀମାନଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇଥିଲେ । ଦୀପେଶ ଏବଂ ତାଙ୍କ ଭଉଣୀମାନେ ଯମୁନା ନଦୀରେ ଗାଧୋଉଥିଲେ । ହଠାତ୍ ସନ୍ଧ୍ୟା ଗଭୀର ପାଣି ଭିତରକୁ ପଶି ଯାଇଥିଲେ । ସନ୍ଧ୍ୟାଙ୍କୁ ଗଭୀର ପାଣି ଭିତରକୁ ଯାଉଥିବା ଦେଖି ମୁସ୍କାନ, ସୋନମ ଏବଂ ଦିବ୍ୟା ତାଙ୍କୁ ବଞ୍ଚାଇବାକୁ ଯାଇଥିଲେ । କିନ୍ତୁ ସେମାନେ ମଧ୍ୟ ଗଭୀର ପାଣିରେ ଫସି ଯାଇ ଯାଇଥିଲେ । ଝିଅମାନଙ୍କୁ ବୁଡ଼ି ଯାଉଥିବା ଦେଖି ପାଖରେ ଉପସ୍ଥିତ ଥିବା ଗ୍ରାମବାସୀ ସେମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ । ପ୍ରାୟ ଅଧ ଘଣ୍ଟାର କଠିନ ପରିଶ୍ରମ ପରେ ସମସ୍ତଙ୍କୁ ଗଭୀର ପାଣିରୁ ବାହାର କରାଯାଇଥିଲା । ସେତେବେଳକୁ ୪ଜଣ ବାଳିକାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରରେ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

# ୮ରେ ମହାକାଶ ଯିବେ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ

ଫ୍ଲୋରିଡା: ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପେଟନ ଶୁଭାଂଶୁ ଶୁକ୍ଲା ଦେଶର ଦ୍ୱିତୀୟ ମହାକାଶଚାରୀର ମାନ୍ୟତା ଲାଭ କରିବାକୁ ଯାଉଛନ୍ତି । ସ୍ପେସ୍ଏକ୍ସର 'ଅକ୍ଜିୟମ-୪' ମିଶନରେ ସେ ସାମିଲ ହୋଇଛନ୍ତି । ଜୁନ ୮ ଭାରତୀୟ ସମୟ ସନ୍ଧ୍ୟା ୬ଟା ୪୧ ମିନିଟରେ ଶୁଭାଂଶୁଙ୍କ ସମେତ ଚାରିଜଣ



ମହାକାଶଚାରୀ ଫାଲକନ୍-୯ ରକେଟ ଯୋଗେ ମହାକାଶକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି । ଶୁଭାଂଶୁ ମିଶନ ପାଇଲଟ୍ ଏବଂ ଆମେରିକାର ପେଗି ହ୍ୱିଟସନ୍ ମିଶନ କମାଣ୍ଡର ଦାୟିତ୍ୱ ବହନ କରିବେ । ଅଭିଯାନରେ ସାମିଲ ଥିବା ଅନ୍ୟ ଦୁଇ ମହାକାଶଚାରୀ ହେଲେ ପୋଲାଣ୍ଡର ସ୍ଲାଓଜ୍ ଉଜ୍ନାନ୍ସ୍କି-ୱିଜ୍ନିଏସ୍କି ଏବଂ ହଙ୍ଗେରୀର ଟିବୋର କାପୁ । ଏହି ଚାରି ମହାକାଶଚାରୀ ୧୪ ଦିନ ଆଇଏସଏସ୍ (ଆନ୍ତର୍ଜାତିକ ସ୍ପେସ୍ ଷ୍ଟେସନ)ରେ ଅବସ୍ଥାନ କରିବା ପରେ ଜୁନ ୨୨ରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବେ । ଶୁଭାଂଶୁଙ୍କ ପ୍ରସ୍ତୁତିକୁ ଇସ୍ରୋ ଅଧ୍ୟକ୍ଷ ଡ଼ ଭି.ନାରାୟଣନ ଉଚ୍ଚପ୍ରଶଂସା କରିଛନ୍ତି । ମହାକାଶରେ ଅବସ୍ଥାନ କାଳରେ ଶୁଭାଂଶୁ ମାଇକ୍ରୋ ଗ୍ରାଭିଟି ପ୍ରସଙ୍ଗରେ ୭ଟି ପରୀକ୍ଷା ନିରୀକ୍ଷା କରିବେ । ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଓ ଏକ୍ଜିୟମ ସ୍ପେସ୍ ସହ ଇସ୍ରୋର ମିଳିତ ସହଯୋଗରେ ଏହି ଅଭିଯାନକୁ କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ ଇସ୍ରୋ ପକ୍ଷରୁ ୫୫୦ କୋଟି ଟଙ୍କା ବିନିଯୋଗ କରାଯାଇଛି । ଅପରପକ୍ଷରେ ଶୁଭାଂଶୁ ନିଜ ସହିତ ମୁଗ ଡାଲିର ହାଲୁଆ, ଭାତ, ଆମ୍ବରସ, ରାଜ୍ମା-ଚାଉଳ ଏବଂ ଜୟପୁରୀ ମିକ୍ସଡ ତରକାରି ସାଙ୍ଗରେ ନେବେ ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ନାସାର ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନିତା ୱିଲିୟମ୍ସ ଅତୀତରେ ମହାକାଶ ଯାତ୍ରା ସମୟରେ ସାଙ୍ଗରେ ମାଛ ତରକାରି ଓ ସିଙ୍ଗଡା ନେଇଥିଲେ । ୨୦୨୬ରେ ଇସ୍ରୋ ପକ୍ଷରୁ 'ଗଗନଯାନ' ଅଭିଯାନ କାର୍ଯ୍ୟକାରୀ କରାଯିବ । ଏଥିରେ ପ୍ରଥମ ଥର ମହାକାଶଚାରୀଙ୍କ ପଠାଇବାର ବ୍ୟବସ୍ଥା କରାଯାଉଛି ।

# ରୁଷ୍ର କ୍ରିମିୟା ସେତୁ ଉଡ଼ାଇଲା ୟୁକ୍ରେନ୍



କିଭ୍: ୭୨ ଘଣ୍ଟା ମଧ୍ୟରେ ରୁଷ ଉପରେ ଆଉ ଏକ ବଡ଼ ଆକ୍ରମଣ କରିଛି ୟୁକ୍ରେନ । ଏଥର ୟୁକ୍ରେନୀୟ ସେନା କ୍ରିମିୟା ସେତୁ ଉପରେ ୧୧୦୦ କିଲୋଗ୍ରାମ ବିସ୍ଫୋରକ ପାଣି ତଳେ ରଖି ଉଡ଼ାଇ ଦେଇଛି । ତଥାପି, ଏହା ସେତୁକୁ କେତେ କ୍ଷତି ପହଞ୍ଚାଇଛି ତାହାର ସଠିକ ବିବରଣୀ ଏପର୍ଯ୍ୟନ୍ତ ଆସିନାହିଁ । ୟୁକ୍ରେନର ସୁରକ୍ଷା ସେବା ଅନୁଯାୟୀ, ଏହି ଆକ୍ରମଣରେ ଟିଏନଟି ବିସ୍ଫୋରକ ବ୍ୟବହାର କରାଯାଇଛି । ଏହି ଆକ୍ରମଣ କ୍ରିମିୟା ସେତୁକୁ ବଡ଼ କ୍ଷତି ପହଞ୍ଚାଇଛି ବୋଲି ଦାବି କରିଛି । ଏହା ରୁଷକୁ କ୍ରିମିୟା ସହିତ ସଂଯୋଗ କରୁଥିବା ଏକ ରଣନୈତିକ ଏବଂ ବାଣିଜ୍ୟିକ ଭାବରେ ଗୁରୁତ୍ୱପୂର୍ଣ୍ଣ ସେତୁ । ବିସ୍ଫୋରଣ ପରେ ଏହି ପୋଲ ଉପରେ ଗମନାଗମନକୁ ସ୍ଥଗିତ ରଖାଯାଇଛି । ଏହା ପୂର୍ବରୁ ମଧ୍ୟ ୟୁକ୍ରେନ ଅନେକ ଥର ଏହି ସେତୁକୁ ଉଡ଼ାଇ ଦେବାକୁ ଚେଷ୍ଟା କରିଥିଲା । ଦୁଇ ଦିନ ତଳେ ଅର୍ଥାତ୍ ଜୁନ୍ ୦୧ ତାରିଖରେ ୟୁକ୍ରେନ ଏକ ଡ୍ରୋନ୍ ଆକ୍ରମଣରେ ରୁଷର ୫ଟି ସେନା ଘାଟି ଉଡ଼ାଇ ଦେଇଥିଲା । ଏଥିରେ ୟୁକ୍ରେନ ରୁଷର ୪୧ଟି ଯୁଦ୍ଧ ବିମାନକୁ ନଷ୍ଟ କରିଥିବା ଦାବି କରିଥିଲା । ତିନିବର୍ଷ ତଳେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ଥିବା ରୁଷ ଉପରେ ସବୁଠାରୁ ଭୟାନକ ଆକ୍ରମଣ ।

# ଛତିଶଗଡ଼ର ହସ୍ତଶିଳ୍ପ ବିକାଶରେ ଅପାର ସମ୍ଭାବନା: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ରାଜଧାନୀ ରାୟପୁରର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅଡିଟୋରିୟମ୍‌ରେ ଆୟୋଜିତ ଛତିଶଗଡ଼ ହସ୍ତଶିଳ୍ପ ବିକାଶ ବୋର୍ଡର ନବନିଯୁକ୍ତ ଅଧ୍ୟକ୍ଷ ଶାଳିନୀ ରାଜପୁତଙ୍କ ପଦଭାର ଗ୍ରହଣ ସମାରୋହରେ ସାମିଲ୍ ହୋଇଥିଲେ । ଏହି ଅବସରରେ ଶ୍ରୀ ସାଏ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଛତିଶଗଡ଼ରେ ହସ୍ତଶିଳ୍ପର ବିକାଶ ନେଇ ଅପାର ସମ୍ଭାବନା ରହିଛି । ଏହାର କଳାକୃତି ବିଦେଶରେ ପ୍ରସିଦ୍ଧିଲାଭ କରିଛି । ଛତିଶଗଡ଼ର ହସ୍ତଶିଳ୍ପ ଉତ୍ପାଦନ ବଜାର ଉପଲବ୍ଧ ପାଇଁ ରାଜ୍ୟ ସରକାର ଉଚିତ୍ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଷ୍ଣୁଦେବ ସୂଚନା ଦେଇଥିଲେ । ସେ କହିଥିଲେ ହସ୍ତଶିଳ୍ପ କାରିଗରଙ୍କୁ ଉପକରଣ କ୍ରୟ ଯୋଜନାରେ ପ୍ରତ୍ୟେକଙ୍କୁ ୫ହଜାର ଲେଖାଏଁ ଅନୁଦାନ ରାଶି ବିତରଣ କରାଯାଇଛି । ଶ୍ରୀ ସାଏ ଆହୁରି କହିଥିଲେ ଯେ, ହସ୍ତଶିଳ୍ପ ବୋର୍ଡର ନବନିଯୁକ୍ତ ଅଧ୍ୟକ୍ଷ ଶ୍ରୀମତୀ ରାଜପୁତଙ୍କ ନେତୃତ୍ୱରେ ହସ୍ତଶିଳ୍ପର ବିକାଶ ଘଟିବ । ଏଥିପାଇଁ କୋଡଗାଓଁକୁ ହସ୍ତଶିଳ୍ପକୁ ଶିଳ୍ପ ଗ୍ରାମ ଭାବେ ନାମିତ କରାଯାଇଛି । ସେହିପରି ରାୟଗଡ଼ର ଏକତାଳରେ ଶଳ୍ପୀମାନେ ବହୁ ସୁନ୍ଦର କଳାକୃତି ନିର୍ମାଣ କରୁଛନ୍ତି । ସେହିପରି ବସ୍ତରର କାଠଶିଳ୍ପ ବିଶ୍ୱରେ ପ୍ରସିଦ୍ଧିଲାଭ କରିଛି । ସାରା ଛତିଶଗଡ଼ରେ ଏହି ହସ୍ତଶିଳ୍ପର ପ୍ରସାର ମଧ୍ୟ କରାଯାଉଛି । ସେ କହିଥିଲେ ହସ୍ତଶିଳ୍ପ କାରିଗରଙ୍କୁ ଅଧିକ ପ୍ରଶିକ୍ଷିତ କରିବାର ଆବଶ୍ୟକତା ରହିଛି । ଏହି ହସ୍ତଶିଳ୍ପ କାର୍ଯ୍ୟସବୁ ବିଶେଷକରି ଗ୍ରାମୀଣ ଅଞ୍ଚଳରେ କରାଯାଉଛି । ଏହାଫଳରେ ଗ୍ରାମାଞ୍ଚଳର କାରିଗରମାନେ ରୋଜଗାର ପାଇବା ସହ ଅନ୍ୟ ଲୋକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ ବୋଲି ଶ୍ରୀ ସାଏ କହିଥିଲେ ।

# ବାଣିଜ୍ୟ



ରାଉରକେଲା(ଭାସ୍କର ନ୍ୟୁଜ): ସେଲ ରାଉରକେଲା ଇସ୍ପାତ କାରଖାନାର ସିଭିଲ୍ ଇଞ୍ଜିନିୟରିଂ ସର୍ଭିସେସ୍ ବିଭାଗ ଦ୍ୱାରା କାରଖାନାର ନିରବଚ୍ଛିନ୍ନ ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ମୌସୁମୀ ଆସିବା ପୂର୍ବରୁ ବର୍ଷାକାଳୀନ ପ୍ରସ୍ତୁତି କାର୍ଯ୍ୟଧାରା ତ୍ୱରାନ୍ୱିତ କରାଯାଉଛି । ସିଭିଲ ଇଞ୍ଜିନିୟରିଂ ସର୍ଭିସେସ୍ ବିଭାଗ ଦ୍ୱାରା ସମସ୍ତ ପ୍ରମୁଖ ସଡକ ପାର୍ଶ୍ୱ ଡ୍ରେନଗୁଡିକର ରକ୍ଷଣାବେକ୍ଷଣ ସାଙ୍ଗକୁ ଭୂତଳ ଡ୍ରେନେଜ୍ ବ୍ୟବସ୍ଥା ତଥା ସଫେଇ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଅଛି । କାରଖାନାର ବିଭିନ୍ନ ଅଞ୍ଚଳରେ ଡ୍ରେନ୍ ସଫେଇ କାର୍ଯ୍ୟ ମଧ୍ୟ ଚାଲୁଅଛି । ପ୍ରମୁଖ ଅପରେସନ ଜୋନ ଯଥା ଆଇରନ ଓ ଷ୍ଟିଲ ଅଞ୍ଚଳ, କୋକ ଓଭେନ ଓ ସିସିଡ଼ି ଅଞ୍ଚଳ, ଆଧୁନିକୀକରଣ ଅଞ୍ଚଳ ଓ ରୋଲିଙ୍ଗ ମିଲ ଅଞ୍ଚଳରେ ଏହି ଅଭିଯାନ ଅନ୍ତର୍ଗତ କାର୍ଯ୍ୟ ଜାରିଅଛି । ମୌସୁମୀ ଜନିତ ବର୍ଷା ସମୟରେ ସଠିକ ଜଳ ନିଷ୍କାସନ ପାଇଁ ଦୁଇଟି ପ୍ରମୁଖ ଡ୍ରେନ୍, ଗୁରାଡିହ ନାଳ ଏବଂ ଉତ୍ତର ଚ୍ୟାନେଲଗୁଡିକ ମଧ୍ୟ ସଫା କରାଯାଉଛି । କାରଖାନାର ପ୍ରାଚୀର ସହିତ ସମସ୍ତ ଆଉଟ୍ ଫଲ୍ ଏବଂ ଗ୍ରିଲ୍‌ଗୁଡିକର ମଧ୍ୟ ନିରନ୍ତର ରକ୍ଷଣାବେକ୍ଷଣ ସହିତ ପରିଷ୍କାର ରଖାଯାଉଛି । ଆବଶ୍ୟକତା ସ୍ଥଳେ ଉଭୟ ଯାନ୍ତ୍ରିକ ଏବଂ ମାନୁଆଲ ସଫା କରିବା ପ୍ରକ୍ରିୟା ବ୍ୟବହାର କରାଯାଉଛି । ବିଭିନ୍ନ ଆଉଟଫଲରେ ସ୍ଥିତ ଛଅଟି ଗେଟ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି ।

# ସ୍ମାର୍ଟ ବଜାର ପକ୍ଷରୁ ଆକର୍ଷଣୀୟ ଅଫର ଆରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନାରୀତ୍ୱର ସମ୍ମାନରେ ପାଳନ କରାଯାଉଥିବା ଓଡିଶାର ସବୁଠାରୁ ପ୍ରିୟ ଉତ୍ସବ ରଜ ପର୍ବ ପାଳନ କରିବା ପାଇଁ ରିଲାଏନ୍ସ ରିଟେଲର ଏକ ଅଗ୍ରଣୀ ଖୁଚୁରା ଗନ୍ତବ୍ୟସ୍ଥଳୀ ସ୍ମାର୍ଟ ବଜାର ପକ୍ଷରୁ ଏକାଧିକ ପାର୍ବଣ ଅଫର ଓ ଇନ୍-ଷ୍ଟୋର ଏନ୍‌ଗେଜମେଣ୍ଟ ଆକ୍ଟିଭିଟିର ଆରମ୍ଭ କରାଯାଇଛି । ଏହି ଉତ୍ସବଗୁଡିକ ଭୁବନେଶ୍ୱରସ୍ଥିତ ସ୍ମାର୍ଟ ବଜାର ଷ୍ଟୋରରେ ଏକ ସ୍ୱତନ୍ତ୍ର ଇଭେଂଟ ସହିତ ଆରମ୍ଭ ହୋଇଛି ଯେଉଁଥିରେ କମ୍ପାନୀର ସୁପରମାର୍କେଟ୍‌ସ ଆଣ୍ଡ ହାଇପରମାର୍କେଟ୍‌ସ ବିଭାଗର ଚିଫ ମାର୍କେଟିଂ ଅଫିସର ସୁରଭି ସେନଙ୍କ ସମେତ ଲୋକପ୍ରିୟ ସେଲିବ୍ରିଟି ଅତିଥି ଲିପ୍ସା ମିଶ୍ର ଆଚାର୍ଯ୍ୟ ଓ ରିୟା ଦେ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅତିଥିମାନେ ମିଳିତ ଭାବେ ପାର୍ବଣ ଅଫରଗୁଡ଼ିକୁ ଉନ୍ମୋଚନ କରିଥିଲେ ଓ ରଜ କାର୍ଯ୍ୟକଳାପ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଯୋଗ ଦେଇ ରିଲାଏନ୍ସ ରିଟେଲ ଲିମିଟେଡ- ଭାଲ୍ୟୁ ଫର୍ମାଟର ମୁଖ୍ୟ ପରିଚାଳନା ଅଧିକାରୀ କାମଦେବ ମହାନ୍ତି ରଜ ପର୍ବର ମହତ୍ୱ ସମ୍ପର୍କରେ ନିଜର ମତାମତ ବାଣ୍ଟିଥିଲେ । ଶ୍ରୀଯୁକ୍ତ ମହାନ୍ତ କହିଥିଲେ, 'ରଜ ପର୍ବ ହେଉଛି ମହିଳାମାନଙ୍କ ଶକ୍ତି, ସମ୍ମାନ ଓ ସ୍ଥିରତା ପ୍ରତି ଏକ ଶ୍ରଦ୍ଧାଳି । ସ୍ମାର୍ଟ ବଜାରରେ ଆମେ ସ୍ୱତନ୍ତ୍ର ଭାବେ ମହିଳାମାନଙ୍କ ପାଇଁ ଏକ ଉତ୍ସବମୁଖର, ସମାବେଶୀ ଓ ଆନନ୍ଦଦାୟକ ସପିଙ୍ଗ ଅନୁଭୂତି ସୃଷ୍ଟି କରି ଏହି ପରମ୍ପରାକୁ ସମ୍ମାନ ଜଣାଇ ଗର୍ବିତ । ଏହି ଅବସରରେ ସୁରଭି ସେନ କହିଛନ୍ତି, 'ରଜ ପର୍ବ ହେଉଛି ପରମ୍ପରା, ପାର୍ବଣ ଓ ନାରୀତ୍ୱ ଭାବନାର ଏକ ସେଲିବ୍ରେଶନ । ସ୍ମାର୍ଟ ବଜାରରେ ଆମେ ସ୍ୱତନ୍ତ୍ର ଅଫର, ନିୟୋଜିତ ଗତିବିଧି ଓ ଏକ ସମ୍ପୂର୍ଣ୍ଣ ସପିଙ୍ଗ ଅନୁଭୂତି ସହିତ ଆମର ଗ୍ରାହକଙ୍କ ପାଇଁ ଅତୁଳନୀୟ ମୂଲ୍ୟ ଓ ପାର୍ବଣର ଆନନ୍ଦ ଆଣିବା ପାଇଁ ପ୍ରତିବଦ୍ଧ ରହିଛୁ । ସ୍ମାର୍ଟ ବଜାରରେ ରଜ ପର୍ବ ସ୍ୱତନ୍ତ୍ର ଅଫରଗୁଡ଼ିକ ମଧ୍ୟରେ ୯୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର ଫ୍ୟାଶନ ଉତ୍ପାଦ କ୍ରୟ କରି କେବଳ ୯୯ ଟଙ୍କାରେ ଏକ ଡିଜାଇନର ସପିଙ୍ଗ ବ୍ୟାଗ୍ ପାଆନ୍ତୁ । ୯୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର ସପିଂ କରନ୍ତୁ ଏବଂ କେବଳ ୫୯୯ ଟଙ୍କାରେ ଏକ ଫିଲିପ୍ସ ହେୟାର ଡ୍ରାୟର ପାଆନ୍ତୁ । ୪୯୯ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ଲେଡିସ୍ କୁର୍ତ୍ତା ଉପରେ ୨୦%ର ଫ୍ଲାଟ ରିହାତି ପାଆନ୍ତୁ । ସୁଗର ପପ୍ କସ୍‌ମେଟିକ୍ସ ଉପରେ ସ୍ୱତନ୍ତ୍ର ଡିଲ ସହିତ ଫେଷ୍ଟିଭ ଗ୍ଲୋକୁ ପାଳନ କରନ୍ତୁ । ଏଥିସହିତ ନେଲ ପଲିସ ଓ କାଜଲ ଭଳି ନିଶ୍ଚିତ ଉତ୍ପାଦଗୁଡିକୁ ସ୍ୱତନ୍ତ୍ର ମୂଲ୍ୟରେ ଦିଆଯାଉଛି ।

# ମାଲକାନଗିରି ଜିଲ୍ଲାରେ ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର(ଭାସ୍କର ନ୍ୟୁଜ୍): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ମାଲକାନଗିରି ଜିଲ୍ଲାର ମାଥିଲି ପ୍ରାଇମେରୀ ସବଷ୍ଟେସନ (ପିଏସ୍‌ଏସ୍)ର ଉନ୍ନତିକରଣ କରାଯାଇଛି । ମାଲକାନଗିରିର ଆଦିବାସୀ ବହୁଳ ତଥା ପାହାଡ଼ ଜଙ୍ଗଲ ଘେରା ଅଞ୍ଚଳରେ ଗୁଣାତ୍ମକ ଏବଂ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସମୃଦ୍ଧ ଜନଜାତି ସଂସ୍କୃତି ଏବଂ ଘଞ୍ଚ ଜଙ୍ଗଲ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପରିଚିତ ମାଲକାନଗିରି ଜିଲ୍ଲାରେ ଅନେକ ଜନଜାତି ଗୋଷ୍ଠୀ ବସବାସ କରନ୍ତି । ମାଳ ଭୂଇଁ, ଉପତ୍ୟକା ଏବଂ ପାହାଡି ନଦୀ ଝରଣାରେ ଭରପୂର ଏହି ଅଞ୍ଚଳର ପ୍ରାକୃତିକ ଦୃଶ୍ୟ ବେଶ୍ ଆକର୍ଷକ । କିନ୍ତୁ ଭୌଗୋଳିକ ଦୃଷ୍ଟିରୁ ବିଜୁଳି ବିତରନ୍ ପାଇଁ ଏଠାରେ ଅନେକ ଆହ୍ୱାନ ମଧ୍ୟ ରହିଛି । ଏହି ପଦକ୍ଷେପ ଉପରେ ଗୁରୁତ୍ୱ ଦେଇ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ମାଥିଲି ପିଏସ୍‌ଏସର ଉନ୍ନତିକରଣ ପରେ ମାଲକାନଗିରି ଜିଲ୍ଲାର ଉପଭୋକ୍ତାଙ୍କ ବିଜୁଳି ଚାହିଦା ପୂରଣ ହେବା ସହ ଲୋକଙ୍କ ନିକଟରେ ଗୁଣାତ୍ମକ ସେବା ପହଞ୍ଚିପାରିଛି ।

# ଆର୍‌ଏସ୍‌ପିର ସ୍ଥାୟୀ ବ୍ୟବସାୟ ଏବଂ ଇ-ମାର୍କେଟିଂ ଉପରେ ସଚେତନତା




ରାଉରକେଲା(ଭାସ୍କର ନ୍ୟୁଜ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସ୍‌ଆର୍ ବିଭାଗ ମଇ ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନ ଠାରେ ଏକ ୩ ଦିନିଆ 'ସଚେତନତା କର୍ମଶାଳା ଏବଂ ସ୍ଥାୟୀ ବ୍ୟବସାୟ ଏବଂ ଇ-ମାର୍କେଟିଂ ଉପରେ ମତବିନିମୟ ଅଧିବେଶନ' ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମଟି ବ୍ୟବହାରିକ ଡିଜିଟାଲ୍ ମାର୍କେଟିଂ ତାଲିମ ଏବଂ ସ୍ଥାୟୀ ବ୍ୟବସାୟ ଅଭ୍ୟାସ ମାଧ୍ୟମରେ ଆରଏସପିର ପ୍ରତ୍ୟକ୍ଷ ପ୍ରଭାବ କ୍ଷେତ୍ରର ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଉପରେ ଧ୍ୟାନ ଦେଇଥିଲା । ପାର୍ଶ୍ୱାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟକ୍ତିଗତ ଉଦ୍ୟୋଗୀ ଏବଂ କ୍ଷୁଦ୍ର ଗ୍ରାମୀଣ ବ୍ୟବସାୟୀଙ୍କ ସମେତ ମୋଟ ୨୦ ଜଣ ହିତାଧିକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କର୍ମଶାଳାର ଉଦଯାପନୀ ଅଧିବେଶନରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ୍ ଟି ଜି କାନେକର ମୁଖ୍ୟ ଅତିଥି ଥିଲେ । ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, କାର୍ଯ୍ୟକ୍ରମର ସାଧନ ବ୍ୟକ୍ତିମାନେ ଯଥା: ଫୁଲକେରିଆ ଡିଜାଇନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା-ନିର୍ଦ୍ଦେଶକ ଉଦିତ ଓରାମ, ଏନ୍‌ଏସ୍‌ଆଇସି, ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଏବଂ ଏମ୍‌ଏସ୍‌ଏମ୍‌ଇର ପ୍ରଶିକ୍ଷଣ ଅଧିକାରୀ ପି ମହାପାତ୍ର ଏବଂ ପ୍ରକୃତି ଗୋ-ଅନୁସନ୍ଧାନ କେନ୍ଦ୍ର ପ୍ରାଇଭେଟ୍ ଲିମିଟେଡ୍ ର ସିଇଓ ଓ ନିର୍ଦ୍ଦେଶକ ଗୋକୁଲ ମିଞ୍ଜ୍ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସୁଶ୍ରୀ ମୁନମୁନ ମିତ୍ର ତାଙ୍କ ସ୍ୱାଗତ ଅଭିଭାଷଣରେ ଏହି ପଦକ୍ଷେପର ଉଦ୍ଦେଶ୍ୟ ଏବଂ ମୁଖ୍ୟ ଉପାଦାନଗୁଡ଼ିକୁ ବର୍ଣ୍ଣନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସିଏସ୍‌ଆର୍ ବିଭାଗର ମ୍ୟାନେଜର ସୁଶ୍ରୀ ରିଚା ସୁଧିରାମ, ଏବଂ ବି. ଏକ୍କା, ଜି. ନାୟକ, ମହମ୍ମଦ ଜାହିଦ ଅଖତାର ଏବଂ ସୁଶ୍ରୀ ଗୀତାରାଣୀ ସାହୁଙ୍କୁ ନେଇ ଗଠିତ ସିଏସ୍‌ଆର୍ ଦଳ ପରିଚାଳନା କରିଥିଲେ ।

# କପା ଚାଷ ପାଇଁ 'ଜିଭୋରା'ର ଶୁଭାରମ୍ଭ

ମୁମ୍ବାଇ: ଭାରତର ଅଗ୍ରଣୀ କୃଷି-ରସାୟନ ସମାଧାନ କମ୍ପାନୀ କ୍ରିଷ୍ଟାଲ୍ କ୍ରପ୍ ପ୍ରୋଟେକ୍ସନ୍ ଲିମିଟେଡ୍ (ସିସିପିଏଲ୍) ଏକ ପ୍ରମୁଖ ଗବେଷଣା-ସମ୍ବଳିତ କୀଟନାଶକର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି । ଏହାର ଅଭିବୃଦ୍ଧିକୁ ଆହୁରି ବୃଦ୍ଧି କରିବା ଏବଂ ମାର୍କେଟ ଲିଡର ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ, ସିସିପିଏଲ୍ ଆଜି ଜିଭୋରା ଶୁଭାରମ୍ଭ କରିଛି, ଏହା ଏକ ପରବର୍ତ୍ତୀ ପିଢ଼ିର କୀଟନାଶକ ଯାହା କପା କ୍ଷେତ୍ରରେ ଶୋଷକ କୀଟପତଙ୍ଗର ବର୍ଦ୍ଧିତ ଆହ୍ୱାନକୁ ସମାଧାନ କରିବା ପାଇଁ ଡିଜାଇନ୍ କରାଯାଇଛି । ଜିଭୋରା ପ୍ରାୟ ୫ ଲକ୍ଷ ଏକର କପା ଚାଷ କଭର କରିବ ଏବଂ ପ୍ରମୁଖ ବଜାରରେ ୫ ଲକ୍ଷରୁ ଅଧିକ ଚାଷୀଙ୍କ ସହିତ ସିଧାସଳଖ ସଂଯୋଗ କରିବ ବୋଲି ଆଶା କରାଯାଉଛି । ଜିଭୋରା ଶୁଭାରମ୍ଭ ସହିତ, କ୍ରିଷ୍ଟାଲ୍ କ୍ରପ୍ ପ୍ରୋଟେକ୍ସନ୍ ଏହାର କୀଟନାଶକ ପୋର୍ଟଫୋଲିଓକୁ ପ୍ରାୟ ୭ ପ୍ରତିଶତ ବୃଦ୍ଧି କରିବାକୁ ଆଶା କରୁଛି । ଏହାର ଶୁଭାରମ୍ଭର ଏକ ଅଂଶ ଭାବରେ, କ୍ରିଷ୍ଟାଲ୍ ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ, ରାଜସ୍ଥାନ, ହରିୟାଣା ଏବଂ କର୍ଣ୍ଣାଟକର ପ୍ରମୁଖ ବଜାରରେ ଜିଭୋରା ଶୁଭାରମ୍ଭ କରିବ । ଜିଭୋରା ହେଉଛି ଦୁଇଟି ଦକ୍ଷ ସକ୍ରିୟ ଉପାଦାନର ଏକ ଅନନ୍ୟ ମିଶ୍ରଣ, ଯାହା ସମ୍ପର୍କ, ସିଷ୍ଟମିକ୍ ଏବଂ ଟ୍ରାନ୍ସଲାମିନାର୍ କାର୍ଯ୍ୟ ପ୍ରଦାନ କରେ, ଯାହା ଧଳାମାଛି, ଜ୍ୟାସିଡ୍ ଏବଂ ଏଫିଡ୍ ବିରୁଦ୍ଧରେ ପ୍ରଭାବଶାଳୀ ସୁରକ୍ଷା ସୁନିଶ୍ଚିତ କରିଥାଏ । ଏସମ୍ପର୍କରେ କ୍ରିଷ୍ଟାଲ୍ ଫସଲ ସୁରକ୍ଷାର ପରିଚାଳନା ନିର୍ଦ୍ଦେଶକ ଅଙ୍କୁର ଅଗ୍ରୱାଲ କହିଛନ୍ତି, ଜିଭୋରା କେବଳ ଏକ କୀଟନାଶକ ନୁହେଁ -ଏହା ସୁସ୍ଥ ଫସଲ ଏବଂ ଉନ୍ନତ ଲାଭ ପାଇଁ କପା ଚାଷୀମାନଙ୍କ ପାଇଁ ଏକ ପ୍ରତିଶ୍ରୁତି । ସଚେତନତା ଏବଂ ସଠିକ୍ ବ୍ୟବହାରକୁ ବୃଦ୍ଧି କରିବା ପାଇଁ, କ୍ରିଷ୍ଟାଲ୍ ପ୍ରମୁଖ କପା ଚାଷ କରୁଥିବା ରାଜ୍ୟଗୁଡ଼ିକରେ କ୍ଷେତ୍ର ଅଭିଯାନ, ଡେମୋ ଏବଂ କୃଷକ ପରାମର୍ଶ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିବ । ଏସମ୍ପର୍କରେ କ୍ରିଷ୍ଟାଲ୍ କ୍ରପ ପ୍ରୋଟେକ୍ସନ ସେଲ୍‌ସ ଏବଂ ମାର୍କେଟିଂର ଭାଇସ ପ୍ରେସିଡେଂଟ ସୋହିତ ସତ୍ୟୱାଲି କହିଛନ୍ତି କପା ଭାରତର ଗ୍ରାମୀଣ ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଫସଲ ଅଟେ, ଏବଂ ଜିଭୋରା ହେଉଛି ଚାଷୀମାନଙ୍କୁ ଏକ ବିଶ୍ୱସ୍ତ ସମାଧାନ ପ୍ରଦାନ କରିବା ପାଇଁ ଆମର ପ୍ରୟାସ ଯାହା ବିଭିନ୍ନ କୀଟପତଙ୍ଗ ପର୍ଯ୍ୟାୟରେ କାମ କରେ ।

# ୨୦୨୫ ଗ୍ରୀଷ୍ମକାଳୀନ ବିବାହ ଋତୁ ପାଇଁ 'ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ'



ମୁମ୍ବାଇ: ଗ୍ରୀଷ୍ମକାଳୀନ ବିବାହ ଋତୁ ଚରମ ସୀମାରେ ପହଂଚୁଥିବା ବେଳେ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ ପକ୍ଷରୁ ଜୀବନରେ ଥରେ ପ୍ରେମ କାହାଣୀ ରଚନା କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଦମ୍ପତି ବ୍ୟାଣ୍ଡ ର ଏକ ସୁଚିନ୍ତିତ ସଂକଳନ 'ଦ ୱେଡିଂ ଏଡିସନ୍'ର ଉନ୍ମୋଚନ କରାଯାଇଛି । ପ୍ରକୃତ ପ୍ରତିବଦ୍ଧତା ଭାବନାତ୍ମକ ସ୍ପଷ୍ଟତାରୁ ଆସିଥାଏ ବୋଲି ବୁଝିବାରେ ଆଧାରିତ, ଏହି ପ୍ଲାଟିନମ୍ ବ୍ୟାଣ୍ଡଗୁଡିକ ପ୍ରତୀକ ଠାରୁ ଅଧିକ-ସେମାନେ ପ୍ରତିଶ୍ରୁତି ଅଟନ୍ତି । ୯୫% ଶୁଦ୍ଧ ପ୍ଲାଟିନମ୍‌ରେ ନିର୍ମିତ-ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ ପ୍ରେମର ଭାବନାକୁ ପ୍ରତିଫଳିତ କରେ ଯାହା ଉଭୟ ବିରଳ ଏବଂ କାଳକାଳୀନ ପ୍ରେମର ଭାବନାକୁ ପ୍ରତିଫଳିତ କରେ । ଷ୍ଟାରଲାଇଟ୍ ଆକାଶ ତଳେ ହେଉ କିମ୍ବା ବିବାହ ବିଶୃଙ୍ଖଳା ମଧ୍ୟରେ ଏକ ଶାନ୍ତ ମୁହୂର୍ତ୍ତରେ, ଏହି ବ୍ୟାଣ୍ଡଗୁଡିକ ସେହି ଦମ୍ପତିମାନଙ୍କ ପାଇଁ ତିଆରି କରାଯାଏ ଯେଉଁମାନେ ଗଭୀର ଅର୍ଥ ଖୋଜୁଛନ୍ତି-ପାରସ୍ପରିକ ସମ୍ମାନ, ବ୍ୟକ୍ତିତ୍ୱ ଏବଂ ପ୍ରେମ ଉପରେ ନିର୍ମିତ ଏକ ଭାଗିଦାରୀର ପ୍ରତୀକ ଯାହା ପ୍ରକୃତରେ ବିରଳ । ଆପଣ ଏକ ଭବ୍ୟ ଉତ୍ସବର ଯୋଜନା କରୁଛନ୍ତି ନା ଏକ ଅଣବର୍ଣ୍ଣିତ ସମ୍ପର୍କ ଯୋଜନା କରୁଛନ୍ତି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ 'ଦ ୱେଡିଂ ଏଡିସନ୍' ହେଉଛି ଏକ ବିରଳ ମୂଲ୍ୟବାନ ଧାତୁ ସହିତ ଆପଣଙ୍କ ଯାତ୍ରାକୁ ମୋହର ମାରିବା ପାଇଁ ଆପଣଙ୍କ ନିମନ୍ତ୍ରଣ ଯାହା ପ୍ରକୃତରେ ଏକ ପ୍ରକାରର ।



ଅହମଦାବାଦ: ଭିନ୍ନ ଅବତାରରେ ଓ୍ୱେଷ୍ଟ ଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟର କ୍ରିସ୍ ଗେଲ୍ । ଯେତେବେଳେ ଅହମଦାବାଦ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଆଇପିଏଲ୍ ଫାଇନାଲ ଟକ୍କର ଚାଲିଛି ଆଉ ସାରା ଦୁନିଆର ନଜର ମ୍ୟାଚ ଉପରେ ଅଟକି ରହିଛି ଠିକ୍ ସେତେବେଳେ କ୍ରିସ୍ ଗେଲଙ୍କୁ ଦେଖିବାକୁ ମିଳିଛି କିଛି ଭିନ୍ନ ରୂପରେ । ଯେଉଁଠି ସେ ନିଆରା ଅନ୍ଦାଜରେ ଫାଇନାଲ ଖେଳୁଥିବା ଦୁଇ ଦଳ ଆରସିବି-ପଞ୍ଜାବ କିଙ୍ଗ୍ସକୁ ସମର୍ଥନ ଜଣାଇଛନ୍ତି । ମୁଣ୍ଡରେ ପଗଡ଼ି ପିନ୍ଧି ସେ ପଞ୍ଜାବ କିଙ୍ଗ୍ସକୁ ସମର୍ଥନ ଜଣାଇଥିବା ବେଳେ ଆରସିବିର ଜର୍ସି ଏବଂ କଷ୍ଟମାଇଜ୍ଡ ଜୋତା ପିନ୍ଧି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ସମର୍ଥନ ଜଣାଇଛନ୍ତି । ଅତୀତରେ ସେ ଉଭୟ ଦଳରେ ଖେଳିଥିବା ବେଳେ ଆଜି ଯେତେବେଳେ ଦୁଇ ଦଳ ଫାଇନାଲ ବାଜି ଲଢୁଛନ୍ତି ସେତେବେଳେ ସେ ଉଭୟ ଟିମକୁ ଶୁଭେଚ୍ଛା ଓ ସମର୍ଥନ ଜଣାଇଛନ୍ତି । ତେବେ ୨୦୧୧ରୁ ୧୭ ଯାଏଁ କ୍ରିସ୍ ଗେଲ୍ ଆରସିବି ପାଇଁ ଖେଳିଥିବା ବେଳେ ସେ ୮୫ଟି ମ୍ୟାଚରେ ୩୧୬୩ ରନ କରିଥିଲେ । ଯେଉଁଥିରେ ୫ଟି ଶତକ ଏବଂ ୧୯ଟି ଅର୍ଦ୍ଧଶତକ ରହିଛି । ସେହିପରି ୨୦୧୮ରୁ ୨୧ ଯାଏଁ ପଞ୍ଜାବ କିଙ୍ଗ୍ସ ପାଇଁ ଖେଳିଛନ୍ତି । ୪୧ଟି ମ୍ୟାଚରେ ୧୩୩୯ ରନ୍ କରିଥିଲେ, ଯେଉଁଥିରେ ଗୋଟିଏ ଶତକ ଏବଂ ୧୦ଟି ଅର୍ଦ୍ଧଶତକ ରହିଛି । ୨୦୦୯, ୨୦୧୧, ୨୦୧୬ରେ ଆରସିବି ଫାଇନାଲ ଯାଏଁ ଯାଇଥିବା ବଳେ ୩ଥର ଯାକ ନିରାଶ ହୋଇଛି । ସେହିପରି ପଞ୍ଜାବ କିଙ୍ଗ୍ସ ୨୦୧୪ରେ ମାତ୍ର ଥରୁଟେ ଫାଇନାଲକୁ ପ୍ରବେଶ କରିଥିବା ବେଳେ ପରାଜୟର ସ୍ୱାଦ ଚାଖିଛି । ତେଣୁ ୨୦୨୫ରେ ଉଭୟ ପୂର୍ବ ପରାଜିତ ଦଳ ଫାଇଟ୍ କରୁଥିବାରୁ ସମସ୍ତଙ୍କ ନଜର ପଡିଆ ଉପରେ ହିଁ ରହିଛି ।

## ସେପ୍ଟେମ୍ବର ୩୦ରୁ ମହିଳା ବିଶ୍ୱକପ୍ କ୍ରିକେଟ୍

# ନଭେମ୍ବର ୨ରେ ଫାଇନାଲ୍




ମୁମ୍ବାଇ: ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା କ୍ରିକେଟ ବିଶ୍ୱକପର ଖେଳସୂଚୀ ଘୋଷଣା କରିଛି। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୩୦ରେ ଆରମ୍ଭ ହେବ ଓ ଫାଇନାଲ ମ୍ୟାଚ୍ ନଭେମ୍ବର ୨ରେ ଖେଳାଯିବ। ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବରେ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରିବେ ଏବଂ ପ୍ରଥମ ମ୍ୟାଚ୍ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ମହିଳା ବିଶ୍ୱକପର ଫାଇନାଲ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ, ଯେତେବେଳେ ପାକିସ୍ତାନ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରେ, ତେବେ ଏହି ମ୍ୟାଚ୍ କଲମ୍ବୋରେ ଖେଳାଯିବ। ମହିଳା ବିଶ୍ୱକପ୍ ପାଇଁ ୮ଟି ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲ୍ୟାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ପାକିସ୍ତାନ ଅଂଶଗ୍ରହଣ କରିବେ। ମହିଳା ବିଶ୍ୱକପ୍ ୨୦୨୫ ର ମ୍ୟାଚ୍ ପାଞ୍ଚଟି ସ୍ଥାନରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ଚିନ୍ନାସ୍ୱାମୀ, ଗୌହାଟୀର ଏସିଏ ଷ୍ଟାଡିୟମ, ଇନ୍ଦୋରର ହୋଲକର ଷ୍ଟାଡିୟମ, ବିଶାଖାପାଟନମ ଷ୍ଟାଡିୟମ ଏବଂ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଗୋଟିଏ ମାସ ଧରି ଚାଲିବ ଯେଉଁଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟର ନକଆଉଟ୍ ରାଉଣ୍ଡ ଅକ୍ଟୋବର ୨୯ରେ ଗୌହାଟୀ କିମ୍ବା କଲମ୍ବୋରେ ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅକ୍ଟୋବର ୩୦ରେ ବେଙ୍ଗାଲୁରୁରେ ଖେଳାଯିବ। ମହିଳା ବିଶ୍ୱକପ୍ ପାଇଁ ୮ଟି ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲ୍ୟାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ପାକିସ୍ତାନ ଅଂଶଗ୍ରହଣ କରିବେ। ଅଷ୍ଟ୍ରେଲିଆ ତାର ଟାଇଟଲ ରକ୍ଷା କରିବ। ଏହି ଦଳ ୨୦୨୨ରେ ୭ମ ଥର ପାଇଁ ବିଶ୍ୱକପ୍ ଜିତିଥିଲା।

# ବିରାଟଙ୍କ ଜର୍ସି ନମ୍ବର ୧୮ ପିନ୍ଧିଲେ ମୁକେଶ




ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲିଙ୍କ ଆଇକନିକ ଜର୍ସି ନମ୍ବର ୧୮ ପୁଣି ଥରେ ଚର୍ଚ୍ଚାରେ ରହିଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଇଣ୍ଡିଆ ଏ ଦଳର ପ୍ରଥମ ଅଣଅଫିସିଆଲ ଟେଷ୍ଟ ମ୍ୟାଚ ବେଳେ ଦ୍ରୁତ ବୋଲର ମୁକେଶ କୁମାର ଏହି ଜର୍ସି ନମ୍ବର ୧୮ ପିନ୍ଧି ମୈଦାନକୁ ଓହ୍ଲାଇଥିଲେ, ଯାହା ସୋସିଆଲ ମିଡିଆରେ ବିବାଦ ସୃଷ୍ଟି କରିଛି। କୋହଲିଙ୍କ ପ୍ରଶଂସକମାନେ ଏହାକୁ "ଅସମ୍ମାନ" ବୋଲି ଅଭିଯୋଗ କରି ବିସିସିଆଇ ଓ ମୁକେଶ କୁମାରଙ୍କୁ ଟାର୍ଗେଟ କରିଛନ୍ତି। ବିରାଟ କୋହଲି ଗତ ମାସରେ (୧୨ ମେ ୨୦୨୫) ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ୧୪ ବର୍ଷ ଧରି ସେ ଜର୍ସି ନମ୍ବର ୧୮ ପିନ୍ଧି ୧୨୩ଟି ଟେଷ୍ଟ ମ୍ୟାଚରେ ୯,୨୩୦ ରନ୍ ସଂଗ୍ରହ କରିଥିଲେ ଏବଂ ୬୮ଟି ମ୍ୟାଚରେ ଭାରତକୁ ନେତୃତ୍ୱ ଦେଇଥିଲେ। ତାଙ୍କ ଅବସର ପରେ ପ୍ରଶଂସକମାନେ ଆଶା କରୁଥିଲେ ଯେ ସଚିନ ତେନ୍ଦୁଲକରଙ୍କ ଜର୍ସି ନମ୍ବର ୧୦ ଓ ଏମଏସ ଧୋନୀଙ୍କ ଜର୍ସି ନମ୍ବର ୭ ପରି କୋହଲିଙ୍କ ଜର୍ସି ନମ୍ବର ୧୮କୁ ମଧ୍ୟ ବିସିସିଆଇ ଟେଷ୍ଟ କ୍ରିକେଟରୁ ଅବସର ପ୍ରଦାନ କରିବ। କିନ୍ତୁ ମୁକେଶ କୁମାରଙ୍କୁ ଏହି ଜର୍ସି ପିନ୍ଧିଥିବା ଦେଖି ପ୍ରଶଂସକମାନେ କ୍ଷୁବ୍ଧ ହୋଇଛନ୍ତି। ଏହି ବିବାଦ ପରେ ବିସିସିଆଇ ଏକ ସ୍ପଷ୍ଟୀକରଣ ଜାରି କରିଛି। ଜଣେ ବରିଷ୍ଠ ବିସିସିଆଇ ଅଧିକାରୀ ପିଟିଆଇକୁ କହିଛନ୍ତି, ଇଣ୍ଡିଆ ଏ ମ୍ୟାଚରେ ଜର୍ସି ନମ୍ବର ନିର୍ଦ୍ଦିଷ୍ଟ ନୁହେଁ, କାରଣ ଏହି ଜର୍ସିଗୁଡ଼ିକରେ ଖେଳାଳିଙ୍କ ନାମ ଲେଖାଯାଇ ନଥାଏ। ଖେଳାଳିମାନେ ଯେକୌଣସି ଉପଲବ୍ଧ ନମ୍ବର ବାଛିପାରନ୍ତି। କିନ୍ତୁ ଆନ୍ତର୍ଜାତୀୟ ମ୍ୟାଚରେ ଜର୍ସି ନମ୍ବର ନିର୍ଦ୍ଦିଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଅଧିକାରୀ ଆହୁରି କହିଛନ୍ତି ଯେ ମୁକେଶ କୁମାର, ଯିଏ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ନାହାଁନ୍ତି, ଯଦି ଭବିଷ୍ୟତରେ ଭାରତୀୟ ଟେଷ୍ଟ ଦଳରେ ସୁଯୋଗ ପାଆନ୍ତି, ତେବେ ସେ ତାଙ୍କର ପୂର୍ବ ଜର୍ସି ନମ୍ବର ୪୯ ପିନ୍ଧିବେ, ଯାହା ସେ ଓ୍ୱେଷ୍ଟ ଇଣ୍ଡିଜରେ ତାଙ୍କ ଡେବ୍ୟୁ ସମୟରେ ପିନ୍ଧିଥିଲେ। ବିସିସିଆଇ ସ୍ପଷ୍ଟ କରିଛି ଯେ ମୁକେଶଙ୍କୁ ଜର୍ସି ନମ୍ବର ୧୮ ଦେବାରେ ବିରାଟ କୋହଲିଙ୍କୁ ଅସମ୍ମାନ କରିବାର କୌଣସି ଉଦ୍ଦେଶ୍ୟ ନଥିଲା। ବୋର୍ଡ ଆଗାମୀ ଦିନରେ ଜର୍ସି ନମ୍ବର ବଣ୍ଟନ ପ୍ରକ୍ରିୟାରେ ଏଭଳି ଭୁଲ ଏଡ଼ାଇବାକୁ ପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେଇଛି।

# ପ୍ରୋ କବାଡି ଲିଗ୍ ଫ୍ରାଞ୍ଚାଇଜ୍ କେହି କିଣିଲେନି, ଅବସର ନେଲେ ପ୍ରଦୀପ ନରୱାଲ



ନୂଆଦିଲ୍ଲୀ: ଡୁବକି କିଙ୍ଗ ଭାବେ ପରିଚିତ ଷ୍ଟାର କବାଡି ଖେଳାଳି ପ୍ରଦୀପ ନରୱାଲ ବେଶ ଭାବବିହ୍ୱଳ ଢଙ୍ଗରେ ଅବସର ଘୋଷଣା କରିଛନ୍ତି। ଭାରତ ପାଇଁ ଏକାଧିକ ବିଶ୍ୱକପ ଓ ଏସିଆନ ଗେମ୍ସ ଖେଳିଥିବା ପ୍ରଦୀପ ପ୍ରୋ କବାଡି ଲିଗର ଅନ୍ୟତମ ଷ୍ଟାର ଖେଳାଳି। ସେ ଏକାକୀ ନିଜ ଟିମକୁ ଜିତାଇବାରେ ସକ୍ଷମ। କିନ୍ତୁ ୨୦୨୫ ପ୍ରୋ କବାଡି ଲିଗ ଅକ୍ସନରେ ପ୍ରଦୀପଙ୍କୁ କୌଣସି ଫ୍ରାଞ୍ଚାଇଜ କିଣି ନଥିଲେ। ଏଥିରେ ମର୍ମାହତ ହୋଇ ସେ ନିଜର ପ୍ରିୟ ଖେଳ କବାଡିରୁ ଅବସର ନେଇ ଯାଇଛନ୍ତି। ୨୮ ବର୍ଷୀୟ ପ୍ରଦୀପ ୩ଥର ପ୍ରୋ କାବଡି ଲିଗରେ ଚାମ୍ପିୟନ ହେବାର ଖ୍ୟାତି ଅର୍ଜନ କରିଥିଲେ। ସେ ପିକେଏଲ ଇତିହାସର ଅନ୍ୟତମ ମହାନ ରେଡର ଭାବେ ପରିଚିତ। ତଥାପି ଏଥର ଦୁଇ ଦିନିଆ ଅକ୍ସନ ବେଳେ ତାଙ୍କୁ ସବୁ ଫ୍ରାଞ୍ଚାଇଜ ଅଣଦେଖା କରିଥିଲେ। ସେ ୟୁପି ଯୋଦ୍ଧା, ପାଟନା ପାଏରଟ୍ସ ଓ ବେଙ୍ଗାଲୁରୁ ବୁଲ୍ସ ପାଇଁ ପିକେଏଲ ଖେଳିଥିଲେ। ପ୍ରଥମ ଦିନ ଅନସୋଲ୍ଡ ଯାଇଥିବା ପ୍ରଦୀପଙ୍କୁ ଦ୍ୱିତୀୟ ଦିନରେ ଯେକୌଣସି ଫ୍ରାଞ୍ଚାଇଜ କିଣିବାକୁ ଆଗ୍ରହ ଦେଖାଇବେ ବୋଲି ଆଶା କରାଯାଉଥିଲା। କିନ୍ତୁ ସେମିତି କିଛି ବି ହୋଇ ନଥିଲା। ଶେଷରେ ପ୍ରଦୀପଙ୍କ ଭଳି ମହାନ ଖେଳାଳିଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଇନଷ୍ଟାଗ୍ରାମ ଲାଇଭରେ ନରୱାଲ କହିଛନ୍ତି ଯେ ପ୍ରଥମ ଦିନ ବିକ୍ରି ନ ହେବା ପରେ ସେ ଆଦୌ ନିରାଶ ନଥିଲେ। କାରଣ ସେ ଭାବୁଥିଲେ ଯେ ତାଙ୍କୁ ନିଶ୍ଚିତ ଭାବେ କୌଣସି ଦଳ କିଣିବ। ହେଲେ ଦ୍ୱିତୀୟ ଦିନ ତାଙ୍କୁ କେହି ନ କଣିବାରୁ ସେ ସ୍ତବ୍ଧ ହୋଇଯାଇଥିଲେ। ମୁଁ ସବୁବେଳେ ମ୍ୟାଚ ପିଛା ୧୫ରୁ ୧୬ ପଏଣ୍ଟ ନେବାକୁ ଚାହେଁ। ୩-୪ ପଏଣ୍ଟରେ ମୁଁ ଖୁସି ନୁହେଁ। ଡୁବକି କିଙ୍ଗ ଭାବେ ପରିଚିତ ପ୍ରଦୀପ ସ୍ୱୀକାର କରିଛନ୍ତି ଯେ ସମୟକ୍ରମେ ତାଙ୍କ ଦକ୍ଷତା ହ୍ରାସ ପାଇଛି ଓ ତାଙ୍କ ରଣନୀତିକୁ ମାତ ଦେବାକୁ ଡିଫେଣ୍ଡର୍ସ ମଧ୍ୟ ସେହି ଅନୁସାରେ କାମ କରୁଛନ୍ତି। ପ୍ରଦୀପ କବାଡି ଆଉ ଖେଳିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ ହେଁ ଏବେ କୋଚିଂ ଉପରେ ଫୋକସ କରିବେ ବୋଲି କହିଛନ୍ତି। ପିକେଏଲର ଦ୍ୱିତୀୟ ସଂସ୍କରଣ ଅର୍ଥାତ ୨୦୧୫ରେ ପ୍ରଦୀପ ବେଙ୍ଗାଲୁରୁ ବୁଲ୍ସ ପାଇଁ ଡେବ୍ୟୁ କରିଥିଲେ। ତେବେ ପାଟନା ପାଇଁ ଖେଳିବା ବେଳେ ସେ ବେଶ ଖ୍ୟାତି ଅର୍ଜନ କରିଥିଲେ। ପାଟନା କ୍ରମାଗତ ୩ଥର ପ୍ରଦୀପଙ୍କ ନେତୃତ୍ୱରେ ଚାମ୍ପିୟନ ହୋଇଥିଲା। ଲିଗ ଇତିହାସରେ ପ୍ରଦୀପ ପ୍ରଥମ ଖେଳାଳି ଭାବେ ୧ ହଜାର ରେଡ ପଏଣ୍ଟ ହାସଲ କରିଥିଲେ। ପ୍ରଦୀପ ୧୯୦ଟି ପିକେଏଲ ମ୍ୟାଚ୍‌ରେ ୧୮୦୧ ରେଡ ପଏଣ୍ଟ ନେଇଛନ୍ତି। ଏଯାଏ ତାଙ୍କ ରେକର୍ଡକୁ କେହି ବି ଭାଙ୍ଗିବାକୁ ସକ୍ଷମ ହୋଇ ନାହାନ୍ତି। ପ୍ରଦୀପଙ୍କ ଅବସର ପରେ ପ୍ରୋ କବାଡି ଲିଗରେ ଗୋଟିଏ ଯୁଗର ଅବସାନ ଘଟିଛି।

## ୧୫ ବର୍ଷରୁ କମ୍ ସିଏମ୍ କପ୍ ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଯାଜପୁର ଜୋନାଲ ଚାମ୍ପିଅନ୍



କେନ୍ଦୁଝର(ଭାସ୍କର ନ୍ୟୁଜ): ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୧୫ ବର୍ଷରୁ କମ ସିଏମ କପ ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଏକ ତୀବ୍ର ପ୍ରତିଦ୍ୱନ୍ଦିତା ତଥା ସଂଘର୍ଷପୂର୍ଣ୍ଣ କେନ୍ଦୁଝର ଜୋନର ଚୂଡାନ୍ତ ଖେଳରେ ଯାଜପୁର ଅନୁଗୋଳ ୨-୧ ଗୋଲରେ ଏକ ଚମକପ୍ରଦ ବିଜୟ ହାସଲ କରି ଜୋନାଲ ଚମ୍ପିୟାନ ହେବା ସହ ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଆସନ୍ତା ୫ ତାରିଖରେ ସେମିଫାଇନାଲ ରାଉଣ୍ଡରେ ଯାଜପୁର ସମ୍ବଲପୁର ଜୋନର ବିଜେତାକୁ ଭେଟିବ ଏବଂ ଆସନ୍ତା ୮ ତାରିଖରେ ରାଉରକେଲା ଠାରେ ସି ଏମ ଟ୍ରଫି ପ୍ରଥମ ସଂସ୍କରଣର ଫାଇନାଲ ଖେଳ ଅନୁଷ୍ଠିତ ହେବ । ଆଜିର ଏହି ସଂଘର୍ଷପୂର୍ଣ୍ଣ ମୁକାବିଲା ବେଶ ଉପଭୋଗ୍ୟ ହୋଇଥିଲା । ପ୍ରଥମାର୍ଦ୍ଧ ଖେଳର ଏକାଦଶ ମିନିଟରେ ଯାଜପୁରର ୩ ନମ୍ବର ଖେଳାଳି ବାବନ ଗାଗରାଇ ଦଳ ପକ୍ଷରୁ ଗୋଲର ଶୁଭାରମ୍ଭ କରି ଦଳକୁ ଅଗ୍ରଣୀ କରାଇଥିଲେ । ମାତ୍ର ୨୫ତମ ମିନିଟରେ ଅନୁଗୋଳର ରାଇଟ ଉଇଙ୍ଗାର ବିଜୟ ମୁର୍ମୁ ଏକ ଦର୍ଶନୀୟ ଗୋଲ ଜରିଆରେ ଏହାକୁ ପରିଶୋଧ କରି ଦେଇଥିଲେ । ମାତ୍ର ୩୩ତମ ମିନିଟରେ ଯାଜପୁରର ୧୧ ନମ୍ବର ଖେଳାଳି ଲକ୍ଷ୍ମଣ ମୁଣ୍ଡା ଅନ୍ୟ ଏକ ଚିତ୍ତାକର୍ଷକ ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ନେଇଥିଲେ । ଯାଜପୁରର ମିଡ଼ ଫିଲଡ଼ର ୯ ନମ୍ବର ଜର୍ସି କୁନା ମାଝୀ ଅତି ଚମତ୍କାର ପାସ ଦେଇ ପୁରୋଭାଗ ଖେଳାଳିଙ୍କୁ ସମ୍ପୂର୍ଣ୍ଣ ସକ୍ରିୟ କରାଇବାରେ ମୁଖ୍ୟ ଭୂମିକା ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇ ଜିଲ୍ଲା କ୍ରୀଡା ସଂସ୍ଥାର ଉପସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଜୋନାଲ ଚମ୍ପିୟାନ ଯାଜପୁର ଦଳ ଫାଓର କୋଷାଧକ୍ଷ ଭକ୍ତ ବଲ୍ଲଭ ଦାସଙ୍କ ଠାରୁ ନଗଦ ୫୦ ହଜାର ଟଙ୍କା ଗ୍ରହଣ କରିଥିବା ବେଳେ ରନର୍ସ ଅପ ଅନୁଗୋଳ ନଗଦ ୨୫ ହଜାର ଟଙ୍କା କେନ୍ଦୁଝର ଜିଲ୍ଲା ବିଜେପି ଉପସଭାପତି ଗଣେଶ୍ୱର ମହାନ୍ତଙ୍କ ଠାରୁ ଗ୍ରହଣ କରିଥିଲେ । ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ଅତିଥି ଭକ୍ତ ବଲ୍ଲଭ ଦାସ, ସୁରେଶ ଚନ୍ଦ୍ର ପଟ୍ଟନାୟକ ଏବଂ ଗୋପୀନାଥ ରାମଙ୍କ ସହ ଉଭୟ ଦଳର ଖେଳାଳିଙ୍କୁ ପରିଚିତ କରାଇ ଦିଆଯାଇଥିଲା । ଏହି ଖେଳରେ ମହେଶ ପ୍ରଧାନ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ରତ୍ନାକର ସୋରେନ ଓ ରାଇ ମୋହନ ମୁର୍ମୁ ଲାଇନରେ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଥିଲେ ସୀତାରାମ ହାଁସଦା । ଆଜିର ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଉପ ସଭାପତି ସୁରେଶ ପଟ୍ଟନାୟକ ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, ସଂଗ୍ରାମ ପଟ୍ଟନାୟକ, କୋଷାଧ୍ୟକ୍ଷ ସରୋଜ ରଣା, କାଉନସିଲ ମେମ୍ବର ଗିରୀଶ ହୋତା, ସୁରେଶ ରଣା, ରାଜୁ ମିଶ୍ର, ବିଦ୍ୟାଧର ରାୟ ଏବଂ ସନାତନ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ଏହି ଖେଳରେ ଫାଓ ପକ୍ଷରୁ ଶିବ ଶଙ୍କର ପଣ୍ଡା ମ୍ୟାଚ କମିଶନର କାର୍ଯ୍ୟ ତୁଲାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, ରାମକ୍ରୀଷ୍ଣା ବେହେରା, କୃଷ୍ଣ ଚନ୍ଦ୍ର ମହାନ୍ତ, ସଞ୍ଜୟ ନାୟକ ପ୍ରମୁଖ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

## ୪ରୁ ୧ମ ବାର୍ଷିକ ଡିଆରକେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ବାରିପଦା(ଭାସ୍କର ନ୍ୟୁଜ): ଡି ଆର କେ କ୍ଲବ ଆନୁକୂଲ୍ୟରେ ମଧୁବନ ମିନି ଷ୍ଟାଡିୟମରେ ୧ମ ବାର୍ଷିକ ଡି ଆର କେ କପ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣଓମେଣ୍ଟ ଆସନ୍ତାକାଲି ୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ୧୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଲାଲବଜାର ଓ୍ୱାରିୟର, କୋର ହାଣ୍ଟର, ପରି ଚାଲେଞ୍ଜର ଓ ରାଫେଲ ରୋକେଟସ ମୋଟ ୪ଟି ଦଳ ଅଂଶଗ୍ରହଣ କରୁଛନ୍ତି ତଥା ପ୍ରତ୍ୟେକ ଦଳ ଜିଲ୍ଲା କିମ୍ବା ରାଜ୍ୟ ବାହାରୁ ୨ ଜଣ ଖେଳାଳିଙ୍କୁ ସାମିଲ କରିବାକୁ ବାଧ ବୋଲି ଆୟୋଜଙ୍କ ସୂତ୍ରରୁ ପ୍ରକାଶ ଓ ପ୍ରତ୍ୟେକ ଦିନ ଗୋଟିଏ ମ୍ୟାଚ ଅପରାହ୍ନ ୫. ୩୦ ମିନିଟରେ ଆରମ୍ଭ ହେବ ଏବଂ ଶନିବାର ଓ ରବିବାର ୨ ଟି ଲେଖାଏଁ ମ୍ୟାଚ ଖେଳାଯିବ । ପୁରସ୍କାର ସ୍ୱରୂପ ଚମ୍ପିୟାନ ଦଳକୁ ୮୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଆପ ଦଳକୁ ୬୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ । ଏହି ଟୁର୍ଣ୍ଣମେଣ୍ଟର ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଉପ ସଭାପତି କାଶୀନାଥ ରଣା, କାର୍ଯ୍ୟକାରୀ ସଭାପତି କଳିଙ୍ଗ କେଶରୀ ଜେନା ଓ ସାଧାରଣ ସମ୍ପାଦକ ସଂଜୀବ ଦ୍ୱିବେଦୀ ଓ ଆୟୋଜକ ଅମିତାଭ ଦାସ, ସତ୍ୟନାରାୟଣ ଜୀଉ, ମାନସ ଧଳ, ରୁପମ ମହାନ୍ତି ଓ ଅମିତ ପରିଡା ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବାକୁ ଯାଉଛି ।


झारखण्ड सरकार
क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका।
अल्पकालीन ई–प्रोक्योरमेंट सूचना
(1st Call)
ई–निविदा प्रसंग सं0:–RCD/FSD/AP/DUM/03/2025-26 दिनांक:–

| | | |
|---|---|---|
| 1. | कार्य का नाम | Consultancy Services for Preparation of Detailed Project Report (DPR) for Widening, Strengthening & Reconstruction of Road from Danga More (NH 114A, Deoghar – Sarath Road) To Dakay More (Baratand- Jarmundi PWD Road) via Danga, Sursura, Nawadih, Nokheta, D ubey Baba Mandir Road Under Road Division Deoghar in the State of Jharkhand (Tentative Length =7.00 Km) |
| 2. | अनुमानित लंबाई | 7.00 कि०मी० |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 05.06.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 19.06.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 20.06.2025, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhandtenders.gov.in
कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका।
PR 354184 Road (25-26)D



कार्यपालक अभियंता का कार्यालय
ग्रामीण विकास विशेष प्रमण्डल, सरायकेला
:: शुद्धि पत्र ::

इस कार्यालय के पत्रांक 500, दिनांक 13.05.2025 के द्वारा आमंत्रित निविदा (eProcurement) notice no. RDD/SD/SKELLA/01/2025-26 को अपरिहार्य कारण से निम्न प्रकार संशोधित किया जाता है, जिसका PR.No. 352419 (Rural Development) 25-26*D हैं।

| क्र० सं० | | संशोधित तिथि |
|---|---|---|
| 3 | ई–निविदा प्राप्ति की तिथि एवं समय | दिनांक 10.06.2025 से दिनांक 17.06.2025 अपराह्न 05:00 बजे तक |
| 5 | निविदा खोलने की तिथि एवं समय | दिनांक 19.06.2025 अपराह्न 02:00 बजे तक |

अन्य शर्त्ते पूर्ववत् रहेंगी।
कार्यपालक अभियंता
ग्रामीण विकास विशेष प्रमण्डल,
सरायकेला
PR 354206 Rural Development(25-26)D



कार्यपालक अभियंता का कार्यालय
ग्रामीण विकास विशेष प्रमंडल,
साहेबगंज
शुद्धि-पत्र

इस कार्यालय के द्वारा आमंत्रित अल्पकालीन ई0 निविदा संख्या RDD/SD/SAHIBGANJ /08/6th call/2024-25 Gr1, जिसका P.R. No. 353926 (Rural Development) है, की तिथियों को अपरिहार्य कारणवश निम्नवत् संशोधित की जाती है :–

| क्र0 | | पूर्व में प्रकाशित तिथि एवं समय | संशोधित तिथि एवं समय |
|---|---|---|---|
| 01 | वेबसाईट पर निविदा प्रकाशन की तिथि : | दिनांक 02.06.2025 | दिनांक 02.06.2025 |
| 02 | ई0–निविदा प्राप्ति की अंतिम तिथि एवं समय : | दिनांक 14.06.2025 को 5.00 PM बजे तक। | दिनांक 23.06.2025 को 5.00 PM बजे तक। |
| 03 | निविदा खोलने की तिथि एवं समय : | दिनांक 16.06.2025 को 2.00 PM बजे तक। | दिनांक 25.06.2025 को 2.00 PM बजे तक। |

शेष सभी शर्ते यथावत् रहेंगी।
कार्यपालक अभियंता
ग्रामीण विकास विशेष प्रमंडल,
साहेबगंज।
PR.NO.354129 Planning and Development(25-26):D



कार्यालय मुख्य अभियंता,
लो.नि.वि. राष्ट्रीय राजमार्ग परिक्षेत्र, रायपुर (छ.ग.)


दिनांक 29.05.2025

एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदारों से निम्नलिखित निर्माण कार्य हेतु ऑनलाईन (Online) निविदा आमंत्रित की जाती है :-

| क्र. | नि.आ.सू.क्र. दिनांक | सिस्टम आईडी क्र. | कार्य का नाम | कार्य की अनुमानित लागत |
|---|---|---|---|---|
| 1 | 31/CE/NH/ TC / 44- 14/2025 (1st Call ) | 2025_Mo RTH_862 176_1 | Construction and Up - gradation to Two lane with paved shoulder In km 90.990 to 98.160 = 7.170 km Kutul to Nilangur Maharashtra Border Road of NH-130D PKG-4 (PART-1) in the State of Chhattisgarh | Rs 6950.48 Lacs |
| 2 | 32/CE/NH/ TC / 44- 15/2025 (1st Call) | 2024_Mo RTH_862 177_1 | Construction and Up - gradation to Two lane with paved shoulder In km 98.160 to 105.330 = 7.170 km Kutul to Nilangur Maharashtra Border Road of NH-130D PKG-4 (PART-2) in the State of Chhattisgarh | Rs 6797.484 Lacs |
| 3 | 33/CE/NH/ TC / 44- 16/2025 (1st Call) | 2024_Mo RTH_862 178_1 | Construction and Up - gradation to Two lane with paved shoulder In km 105.330 to 112.500 = 7.170 km Kutul to Nilangur Maharashtra Border Road of NH-130D PKG-4 (PART-3) in the State of Chhattisgarh | Rs 7101.824 Lacs |

निविदा डाउनलोड करने की अंतिम तिथि हेतु दिनांक 14.07.2025 शाम 17.30 बजे तक है।
2. उपरोक्त निर्माण कार्यो की निविदा की सामान्य शर्तें, धरोहर राशि, विस्तृत निविदा विज्ञप्ति निविदा दस्तावेज व अन्य जानकारी सड़क परिवहन एवं राजमार्ग मंत्रालय (MORT&H'S ) के ई-प्रोक्योरमेंट वेबपोर्टल https://eprocure.gov.in/eprocure/app से डाऊनलोड की जा सकती है।
मुख्य अभियंता
लो.नि.वि. राष्ट्रीय राजमार्ग
परिक्षेत्र, रायपुर (छ.ग.)
G-252601304/9


## ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜ ପୁରୁଷ ଦଳ



ବାରିପଦା(ଭାସ୍କର ନ୍ୟୁଜ): କଟକ ଠାରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୧୯ ବର୍ଷରୁ କମ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୟୁରଭଞ୍ଜ ଦଳ ଘୋଷିତ ହୋଇଯାଇଛି । ଦଳରେ ଲୋକନାଥ ପୃଷ୍ଟି (ଅଧିନାୟକ), ଚନ୍ଦନ ସିଂହ, ସାହିଲ କୁମାର ମହାନ୍ତ, ବ୍ରିଜେଶ ମିଶ୍ର, ଜୀତ ଦେ, ପ୍ରିୟଙ୍କ ପଟ୍ଟନାୟକ, ମହମ୍ମଦ ଏ. ରାଜା, ରୋଶନ ଚୌଧୁରୀ (ଉପ ଅଧିନାୟକ), ଆୟୁଷ କୁମାର ଗିରି, ରୋହନ କୁମାର ସାହୁ, ଗମ୍ଭୀର ମହାନ୍ତ, ଗଣେଶ୍ୱର ସିଂହ, ସୁରାଇ ହେମ୍ବ୍ରମ, ଏମ ଏମ ଅମନ ପ୍ରସାଦ, ଦିବ୍ୟ ରଞ୍ଜନ ସାହୁ ଓ ଆଭାସ ସୁଲତାନିଆ ସାମିଲ ଅଛନ୍ତି । ଦଳ ସହିତ ମ୍ୟାନେଜର ଭାବେ ସୁଶାନ୍ତ ମହାନ୍ତି ଓ କୋଚ ସାଇବା ସିଂ ଆଜି କଟକ ଅଭିମୁଖେ ଯାତ୍ରା କରିଛନ୍ତି । ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା) ଓ ଯୋଗେଶ୍ୱର ପାଲବାବୁ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ମୟୁରଭଞ୍ଜ ତାର ପ୍ରଥମ ମ୍ୟାଚ କଳାହାଣ୍ଡି ସହ ୪ ତାରିଖ ଦିନ ଖେଳିବ ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି ।


झारखण्ड सरकार
क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका।
अल्पकालीन ई–प्रोक्योरमेंट सूचना
(1st Call)
ई–निविदा प्रसंग सं0:–RCD/FSD/AP/DUM/02/2025-26 दिनांक:–

| | | |
|---|---|---|
| 1. | कार्य का नाम | Consultancy Services for Preparation of Detailed Project Report (DPR) for Construction of New High Level Bridge in place of Existing Bridge at Chainage 2+000 Km of Deoghar To Satar Road Under Road Division Deoghar in the State of Jharkhand (Tentative Lengt h = 36.00 m) |
| 2. | अनुमानित लंबाई | 36.00 मी० |
| 3. | कार्य समाप्ति की अवधि | 45 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 05.06.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 19.06.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 20.06.2025, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhandtenders.gov.in
कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका।
PR 354182 Road(25-26)D



कार्यपालक अभियंता का कार्यालय
ग्रामीण विकास विशेष प्रमंडल, राँची

अल्पकालीन ई–निविदा आमंत्रण सूचना

ई– निविदा सूचना संख्या – RDD/SD/RANCHI/12/2024-25 Re-tender (3rd Call)
P.R. No. 333730 Rural Development (24-25)
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | Renovation of Community Health Centre at Burmu Block, Ranchi District | 99.999 | 2,00,000 | 10,000=00 | 06 Months |

2. वेबसाइट में निविदा प्रकाशन की तिथि – 30.05.2025
3. ई–निविदा प्राप्ति की तिथि एवं समय – दिनांक 31.05.2025 से दिनांक 20.06.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, राँची।
5. ई–निविदा खोलने की तिथि एवं समय – 21.06.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, राँची।
7. ई–निविदा प्रकोष्ठ का दूरभाष सं० – 7903003903
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है, तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल, राँची
PR 354195 Rural Development(25-26)#D

ଓଡ଼ିଶା ଭାସ୍କର
ODISHA BHASKAR
# ବିବିଧବର୍ଣ୍ଣା





ପ୍ରୋଟିନ୍ ଶରୀରକୁ ଶକ୍ତି ଯୋଗାଇବା ସହ ମାଂସପେଶୀ ବିକାଶରେ ସହାୟକ ହୋଇଥାଏ। ସେହିପରି ସ୍ନାୟୁଗୁଡ଼ିକୁ ଉପଯୁକ୍ତ କାର୍ଯ୍ୟକ୍ଷମ ରଖିବା ସହ ରୋଗପ୍ରତିଷେଧକ ଶକ୍ତି ବୃଦ୍ଧି ନିମନ୍ତେ ପ୍ରୋଟିନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାଂସ, ଅଣ୍ଡା ପରି ଆମିଷ ଖାଦ୍ୟରୁ ବହୁ ପରିମାଣରେ ପ୍ରୋଟିନ ରହିଥାଏ। ତେବେ ନିରାମିଷାଶୀଙ୍କ ପ୍ରୋଟିନ ଆବଶ୍ୟକତା ପୂରଣ କରିବାକୁ ମଧ୍ୟ ଏକାଧିକ ଖାଦ୍ୟ ରହିଛି। ନିରାମିଷାଶୀଙ୍କ ନିମନ୍ତେ ସୋୟାବିନ ପ୍ରୋଟିନର ଏକ ପ୍ରମୁଖ ଉତ୍ସ। ୭୦ ଗ୍ରାମ୍ ସୋୟାବିନରୁ ୩୬ ଗ୍ରାମ ପ୍ରୋଟିନ ମିଳିଥାଏ। ସୋୟାବିନ ବ୍ୟତୀତ ୧୦୦ ଗ୍ରାମ ପନିରରୁ ୧୮ ଗ୍ରାମ, ୧୦୦ ଗ୍ରାମ ବେସନରୁ ୨୨ଗ୍ରାମ ପ୍ରୋଟିନ ମିଳିଥାଏ। ଏହାବାଦ୍ ଏକ ଲିଟର କ୍ଷୀରରୁ ୩ ଗ୍ରାମ, ୧୦୦ ଗ୍ରାମ ଦହିରୁ ୧୧ ଗ୍ରାମ, ୧୦୦ ଗ୍ରାମ ବାଦାମରୁ ୨୬ ଗ୍ରାମ୍ ପ୍ରୋଟିନ ମିଳିଥାଏ। ବିଭିନ୍ନ ପ୍ରକାର ଡାଲିରୁ ମଧ୍ୟ ପରିବ୍ୟାପ୍ତ ପ୍ରୋଟିନ ମିଳିଥାଏ। ୧୦୦ ଗ୍ରାମ ହରଡ଼ ଡାଲିରୁ ୨୨ ଗ୍ରାମ ପ୍ରୋଟିନ ମିଳିଥାଏ। ଏହା ବାଦ୍ ଅନ୍ୟ ପ୍ରକାରର ଡାଲିରୁ ମଧ୍ୟ ଭଲ ପରିମାଣରେ ପ୍ରୋଟିନ ମିଳିଥାଏ।

## ପ୍ରତି ୧୨ ବର୍ଷରେ ଖଣ୍ଡ ଖଣ୍ଡ ହୋଇଯାଏ ଶିବଲିଙ୍ଗ, ଜାଣନ୍ତୁ ରହସ୍ୟ

*ସାରା ବିଶ୍ୱରେ ରହିଛି ମହାଦେବଙ୍କ ଅନେକ ଚମତ୍କାରୀ ଏବଂ ରହସ୍ୟମୟୀ ମନ୍ଦିର । କିନ୍ତୁ ଭଗବାନ ଶିବଙ୍କର ଏକ ଅଦ୍ଭୁତ ମନ୍ଦିର ରହିଛି । ଯାହା ଏବେ ବି ରହିଛି ରହସ୍ୟ ଘେରରେ । ଏହି ମନ୍ଦିରରେ ଶିବଲିଙ୍ଗ ଉପରେ ହୋଇଥାଏ ବଜ୍ରପାତ । ସେ ପୁଣି ୧୨ ବର୍ଷରେ ଥରେ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏଥିରେ ୨ଖଣ୍ଡ ହୋଇଯାଇଥାଏ ଶିବଲିଙ୍ଗ । କିନ୍ତୁ ଖଣ୍ଡିତ ଶିବଲିଙ୍ଗରେ ଲହୁଣୀ ଲଗାଇବା ଦ୍ୱାରା ପୂର୍ବ ପରି ହୋଇଯାଇଥାଏ ଶିବଲିଙ୍ଗ । ଏହି ମନ୍ଦିରଟି ହିମାଚଳ ପ୍ରଦେଶର କୁଲ୍ଲୁରେ ରହିଛି । ଏଠାରେ କୈଳାସପତି ବିଜଳି ମହାଦେବ ଭାବେ ଜଣାଯାଆନ୍ତି । ଏହା ଭଗବାନ ଶିବଙ୍କର ପ୍ରାଚୀନ ମଧ୍ୟରୁ ଗୋଟିଏ । ନିକଟରେ ଏହି ମନ୍ଦିର ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ ହୋଇଛି । କୁହାଯାଉଛି କି କିଛି ଦିନ ତଳେ ମନ୍ଦିର ଉପରେ ହୋଇଥିଲା ଭୟଙ୍କର ବଜ୍ରପାତ । ଆଉ ଏଥିରେ ଖଣ୍ଡ ଖଣ୍ଡ ହୋଇଯାଇଥିଲା ଶିବଲିଙ୍ଗ । ଯେଉଁଥିପାଇଁ ମନ୍ଦିର ବନ୍ଦ ହୋଇଥିବା କୁହାଯାଉଛି । କିନ୍ତୁ ଏହା ପ୍ରଥମଥର ନୁହେଁ ପ୍ରତି ୧୨ ବର୍ଷରେ ଶିବଲିଙ୍ଗ ଉପରେ ହୋଇଥାଏ ବଜ୍ରପାତ । ଏବେ ପ୍ରଶ୍ନ ଆସୁଛି ଏହି ମନ୍ଦିର ଉପରେ କାହିଁକି ହେଉଛି ବଜ୍ରପାତ ? ଏହାପଛରେ କଣ ରହିଛି ରହସ୍ୟ ? ଆସନ୍ତୁ ଜାଣିବା...*





ଲୋକକଥା ଅନୁଯାୟୀ, କୁଲାନ୍ତ ନାମକ ଏକ ଦୈତ୍ୟ ନିଜ ଶକ୍ତିର ଆଧାରରେ ସାପର ରୂପ ଧାରଣ କରି ନେଉଥିଲା। ଏହି ଦୈତ୍ୟ ଏକଦା ସାପ ରୂପ ଧାରଣ କରି ମଥାଣ ଗାଁ ନିକଟ ବ୍ୟାସ ନଦୀରେ ଏପରି ବସିଗଲା ଯେ ନଦୀର ପ୍ରବାହ ରହିଗଲା ଓ ସେହି ସ୍ଥାନରେ ହିଁ ପାଣି ବଢିବାକୁ ଲାଗିଲା। ଏହାଦେଖି ମହାଦେବ କ୍ରୋଧିତ ହୋଇଥିଲେ ଆଉ ମାୟା ରଚନା କଲେ। ମହାଦେବ ଦୈତ୍ୟ ନିକଟକୁ ଯାଇଥିଲେ ଏବଂ ତା' ଲାଞ୍ଜରେ ନିଆଁ ଲାଗି ଯାଇଥିବା କହିଲେ । ଏହାଶୁଣି ଦୈତ୍ୟ ପଛକୁ ମୁହଁ କରିବା ମାତ୍ରେ ମହାଦେବ ତାକୁ ତ୍ରିଶୂଳରେ ପ୍ରହାର କରି ତା'ର ବଧ କରିଥିଲେ । ଏହି ଦୈତ୍ୟର ବିଶାଳକାୟ ଶରୀର ପାହାଡ଼ରେ ପରିବର୍ତ୍ତନ ହୋଇଗଲା। ଯାହାକୁ କୁଲ୍ଲୁ ପାହାଡ଼ ବୋଲି କୁହାଯାଏ ।

କଥା ଅନୁସାରେ ମହାଦେବ ଦୈତ୍ୟର ବଧ କରିବା ପରେ ଇନ୍ଦ୍ରଙ୍କୁ କହିଥିଲେ ପ୍ରତି ୧୨ ବର୍ଷକୁ ଥରେ ଏଠାରେ ବଜ୍ରପାତ କରିବାକୁ । ଭଗବାନ ଏପରି କରିବା ପାଇଁ କହିବାର କାରଣ ହେଉଛି , କୌଣସି ଜନ-ଧନର କ୍ଷତି ନହେବା ପାଇଁ। ଭଗବାନ ନିଜେ ବଜ୍ରପାତର ପ୍ରଭାବକୁ ସହ୍ୟ କରି ନିଜ ଭକ୍ତଙ୍କର ରକ୍ଷା କରୁଥିବା ଲୋକ ବିଶ୍ୱାସ ରହିଛି । ଏହାର ଫଳ ସ୍ୱରୂପ ମନ୍ଦିରରେ ପ୍ରତି ୧୨ ବର୍ଷକୁ ଥରେ ଭୟଙ୍କର ବଜ୍ରପାତ ହୋଇଥାଏ ।

ବଜ୍ରପାତ କାରଣରୁ ମନ୍ଦିରର ଶିବଲିଙ୍ଗ ଖଣ୍ଡିତ ହୋଇଯାଏ। ଏହାପରେ ପ୍ରଭୁଙ୍କ ପୀଡା ଦୂର କରିବା ପାଇଁ ମନ୍ଦିରର ପୂଜାରୀ ଔଷଧ ସ୍ୱରୂପ ଗାଁରୁ ଲହୁଣୀ ଆଣି ଭଙ୍ଗା ଶିବଲିଙ୍ଗ ଉପରେ ଲଗାଇ ଲିଙ୍ଗକୁ ଯୋଡିଥାନ୍ତି । ଏହାପରେ ପାଣି ଢାଳି ଦିଆଯାଏ । ଯାହା ପରେ ଦେଖିଲେ କେହି ବି କହିପାରିବେନି ଶିବଲିଙ୍ଗ ଭାଙ୍ଗିଥିଲା କି ନାହିଁ ।



## ପିଲାଙ୍କ ସୋସିଆଲ ସ୍କିଲ୍ ବଢ଼ାଇବା ପାଇଁ ଆପଣାନ୍ତୁ ଏହି ଟିପ୍ସ

*ପିଲାଙ୍କ ସମ୍ପୂର୍ଣ୍ଣ ବିକାଶ ନିମନ୍ତେ ସୋସିଆଲ ସ୍କିଲ୍ ମଧ୍ୟ ବଢ଼ାଇବାକୁ ହୋଇଥାଏ। ପିଲାମାନେ ଯଦି ଏହି କ୍ଷେତ୍ରରେ ଦୁର୍ବଳ ରହିଥାନ୍ତି ତେବେ ମାତାପିତା ଏଥିପ୍ରତି ଦୃଷ୍ଟିଦେବା ଜରୁରୀ...*

- ପିଲାଙ୍କୁ ସେୟାରିଂ ଗୁଣ ଶିଖାନ୍ତୁ। ଫଳରେ ପିଲାମାନେ ସମସ୍ତଙ୍କ ସହ ମିଳିମିଶି ଚଳିପାରିବେ। ପିଲାବେଳରୁ ଏହି ଗୁଣ ଶିଖିଥିଲେ ବଡ଼ ହେବା ପରେ ତା'ର ପ୍ରଭାବ ପଡ଼ିଥାଏ। ପ୍ରତି କ୍ଷେତ୍ରରେ ସେମାନେ ସମସ୍ତଙ୍କ ସହ ମିଶି ସବୁକାମ କରିବାକୁ ପସନ୍ଦ କରିବେ। ଫଳରେ ସେମାନଙ୍କ ସୋସିଆଲ୍ ସ୍କିଲ ବହୁତ ଭଲ ହୋଇପାରିବ।
- କେତେଜଣ ପିଲା ନିଜ ଖେଳନା କାହାକୁ ଦେଇନଥାନ୍ତି। ବରଂ ଅନ୍ୟମାନଙ୍କ ଖେଳନାରେ ଖେଳିବାକୁ ପସନ୍ଦ କରନ୍ତି। ପିଲାଙ୍କର ଏହି ଗୁଣକୁ ବଦଳାଇବାକୁ କୁହନ୍ତୁ। ସମସ୍ତଙ୍କ ଖେଳନାରେ ସମସ୍ତେ ଖେଳିବା ଦରକାର ବୋଲି ବୁଝାନ୍ତୁ। ଏହା ଫଳରେ ସେମାନେ ଉଦାର ହୃଦୟର ହୋଇପାରିବେ ଓ ଏକାଠି ରହିବା ଶିଖିପାରିବେ।
- ନୈତିକତା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗପ ଶୁଣାନ୍ତୁ। ଏହି ମାଧ୍ୟମରେ ଉତ୍ତମ ଚରିତ୍ରର ବ୍ୟକ୍ତି ସମାଜରେ କିଭଳି ପ୍ରଶଂସିତ ହୋଇପାରନ୍ତି ପିଲାଙ୍କୁ ବୁଝାନ୍ତୁ। ଫଳରେ ଏହାର ପ୍ରଭାବରେ ସେମାନେ ନିଜକୁ ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରିପାରିବେ ଓ ଅନ୍ୟର ଉପକାର ଚିନ୍ତା କରିପାରିବେ।
- ନମ୍ରତା ଏକ ଭଲ ଗୁଣ। ଏଭଳି ଗୁଣ ସମ୍ପର୍କରେ ପିଲାଙ୍କୁ ଶିଖାନ୍ତୁ। ଏହା ସେମାନଙ୍କ ବ୍ୟକ୍ତିତ୍ୱ ବୃଦ୍ଧି କରିପାରିବ। ଫଳରେ ସମାଜର ବିଭିନ୍ନ କ୍ଷେତ୍ରରେ ସେମାନେ ଭଲ କାମ କରିବାର ପ୍ରୟାସ କରିବେ। ଏସବୁ ଦ୍ୱାରା ସେମାନଙ୍କ ସୋସିଆଲ ସ୍କିଲ୍ ବହୁତ ଭଲ ହୋଇପାରିବ।

## ବିଶ୍ୱରେ ଭାରତର ନାଁ ରଖିଲେ ବିନୀତା

ବ୍ରିଟେନ୍‌ର ଲୋକପ୍ରିୟ ରିୟଲିଟି ଶୋ' 'ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ'ର ଚଳିତ ସିଜନରେ ଭାରତର ୯ ବର୍ଷୀୟା ବିନୀତା ଛେତ୍ରୀ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି। ଏହି ମଞ୍ଚରେ ବିନୀତା ନିଜ ନୃତ୍ୟ ଦ୍ୱାରା ଦର୍ଶକ ଏବଂ ବିଚାରକମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରି ଅନ୍ତର୍ଜାତୀୟ ସ୍ତରରେ ଭାରତର ନାମକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ଯୋଗୁ ଦେଶବ୍ୟାପୀ ଏବେ ତାଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି। ବିନୀତା ଆସାମର ହୋଇଥିବା ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ତାଙ୍କର ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ଆସାମର ବୋକାଜାନ ସହରସ୍ଥିତ ବ୍ରଏଲର ଫାର୍ମ ମାଲିକ ଅମର ଛେତ୍ରୀଙ୍କର ଝିଅ ବିନୀତା ବ୍ରହ୍ମପୁତ୍ରଠାରୁ ବ୍ରିଟେନ୍ ପର୍ଯ୍ୟନ୍ତ ସମସ୍ତଙ୍କର ହୃଦୟ ଜିତିଛନ୍ତି। ତାଙ୍କୁ ଅନେକ ଅନେକ ଅଭିନନ୍ଦନ। 'ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ' ଇତିହାସର ପ୍ରଥମ ଭାରତୀୟ ପ୍ରତିଯୋଗୀ ଭାବେ ବିନୀତା ଏହାର ଫାଇନାଲରେ ପ୍ରବେଶ କରିଥିଲେ। ବ୍ରିଟିଶ୍ ମ୍ୟାଜିସିଆନ୍ ହ୍ୟାରି ମୋଲ୍ଡିଂ 'ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ ୨୦୨୫'ର ଟାଇଟଲ ହାସଲ କରିଥିବା ବେଳେ ଏଲ୍‌ଇଡି ଡ୍ୟାନ୍ସ ଗ୍ରୁପ୍ 'ଦି ବ୍ଲାକ୍‌ଆଉଟ୍ସ' ଏହି ପ୍ରତିଯୋଗିତାରେ ପ୍ରଥମ ରନର୍ ଅପ୍ ହୋଇଥିଲା। ଗ୍ରାଣ୍ଡ ଫିନାଲେରେ ଦ୍ୱିତୀୟ ରନର ଅପ୍ ହେବାପରେ ଶୋ'ର ହୋଷ୍ଟ ବିନୀତାଙ୍କୁ ତାଙ୍କ ଯାତ୍ରା ବିଷୟରେ ପଚାରିଥିଲେ। ଉତ୍ତରରେ ବିନୀତା କହିଥିଲେ, ସେ ନିଜ ପାଇଁ ଗର୍ବିତ। ଏହା ତାଙ୍କ ଜୀବନର ସବୁଠାରୁ ବିଶେଷ ମୁହୂର୍ତ୍ତ। ବିନୀତାଙ୍କ ଏହି ଉକ୍ତି ଶୁଣିବା ପରେ ଦର୍ଶକମାନେ କରତାଳିରେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।



## ବିଜୟ ସଲଗାଓଁକର ଚରିତ୍ରରେ ଅଜୟ



ଅଜୟ ଦେବଗନଙ୍କ ଅଭିନୀତ ସୁପରହିଟ୍ ଫ୍ୟାମିଲି ଥ୍ରୀଲର ଫିଲ୍ମ ଦୃଶ୍ୟମର ତୃତୀୟ ପାର୍ଟର ରିଲିଜକୁ ଚାହିଁ ରହିଥିବା ପ୍ରଶଂସକଙ୍କୁ ମିଳିଛି ବଡ଼ ସରପ୍ରାଇଜ। ଫିଲ୍ମ ଦୃଶ୍ୟମ ୩ର ଆନୁଷ୍ଠାନିକ ଘୋଷଣା ହୋଇଛି। ବିଜୟ ସଲଗାଓଁକରଙ୍କ ଚରିତ୍ରରେ ପୁଣି ଥରେ ଅଜୟ ଦେବଗନ ଏକ ନୂଆ ସସପେନ୍ସଭରା କାହାଣୀ ନେଇକି ବଡ଼ ପରଦାକୁ ଆସୁଛନ୍ତି। ଫିଲ୍ମର ପୁରୁଣା କଳାକାରଙ୍କ ସହ କିଛି ନୂଆ କଳାକାରଙ୍କ ଏଣ୍ଟ୍ରି ହେବାକୁ ଯାଉଛି। ଏଥରର କାହାଣୀ ଗତ ଦୁଇ ପାର୍ଟ ଅପେକ୍ଷା ଆହୁରି ଚମତ୍କାର ହେବ ବୋଲି ଆଶା କରାଯାଉଛି। ଏହାର ତୃତୀୟ ପାର୍ଟର ତାର ଅକ୍ଟୋବର ୨ ତାରିଖ ସହ ସର୍ବଦା ଯୋଡ଼ି ହୋଇ ରହିବ। ଦୃଶ୍ୟମର ତୃତୀୟ ପାର୍ଟ ୨୦୨୬ ଅକ୍ଟୋବର ୨ ତାରିଖ ରିଲିଜ ହେବ। ଅକ୍ଟୋବର ୨ ତାରିଖ ଫିଲ୍ମ ହିସାବରେ ଏକ ଖାସ ତାରିଖ। ଫିଲ୍ମର ଦୁଇଟି ଭାଗ ଦେଖି ସାରିଥିବା ଦର୍ଶକଙ୍କୁ ଖାସ୍ ତାରିଖର ଅର୍ଥ ଜଣା ଥିବ। ଦୃଶ୍ୟମ ୨ର ନିର୍ଦ୍ଦେଶନା ଦେଇଥିବା ଅଭିଷେକ ପାଠକ ହିଁ ତୃତୀୟ ପାର୍ଟର ନିର୍ଦ୍ଦେଶନା ଭାର ସମ୍ଭାଳିବେ। ଫିଲ୍ମକୁ ପନୋରମା ଷ୍ଟୁଡିଓ ଓ ଭାଇକମ୍ ୧୮ ମିଶି ନିର୍ମାଣ କରିବେ। ଏହି ପାର୍ଟନରଶିପ ଫିଲ୍ମ ଇଣ୍ଡଷ୍ଟ୍ରୀରେ ବଡ଼ ବଜେଟ୍‌ର ଫିଲ୍ମ ଦିଗକୁ ଇସାରା କରୁଛି। ଦୃଶ୍ୟମ ଓ ଦୃଶ୍ୟମ ୨କୁ ସିନେ ପ୍ରେମୀଙ୍କ ବହୁତ ଭଲ ପାଇବା ମିଳିଛି। ଫିଲ୍ମର ଦୁଇଟି ଭାଗ ସୁପର ଡୁପର ହିଟ୍ ହୋଇଥିଲା। ଏବେ ତୃତୀୟ କାହାଣୀକୁ ଚାହିଁ ରହିଛନ୍ତି ଦର୍ଶକ। ଉଲ୍ଲେଖନୀୟ ୨୦୧୫ରେ ରିଲିଜ ଦୃଶ୍ୟମରେ ବିଜୟ ସାଲଗାଓଁକରଙ୍କ କାହାଣୀ ଦେଖିବାକୁ ମିଳିଥିଲା, ଯେଉଁଥିରେ ଜଣେ ସାଧାରଣ ମଣିଷ କିଭଳି ନିଜ ପରିବାରକୁ ବଡ଼ ଦୁର୍ଘଟଣାରୁ ବଞ୍ଚାଉଛନ୍ତି। ୨୦୨୨ରେ ଦୃଶ୍ୟମ ୨ ଏହି କାହାଣୀକୁ ଆଗକୁ ବଢାଇଛି। ଫିଲ୍ମରେ ଅକ୍ଷୟ ଖନ୍ନାଙ୍କ ପରି ଦମଦାର କଳାକାର ଅଭିନୟ କରିଥିଲେ। ଏବେ ଦୃଶ୍ୟମ ୩କୁ ସଭିଙ୍କ ଅପେକ୍ଷା। ନିର୍ଦ୍ଦେଶକ ଓ ନିର୍ମାତା ଜବରଦସ୍ତ କାହାଣୀ ସହ ଫିଲ୍ମ ରିଲିଜ୍ କରିବାକୁ ଅଣ୍ଟା ଭିଡ଼ିଛନ୍ତି ଯାହା ଦର୍ଶକଙ୍କ ଉତ୍କଣ୍ଠାକୁ ଆହୁରି ବଢାଇ ଦେଇଛି।

## ଆରପାରିରେ 'ସାବଧାନ ଇଣ୍ଡିଆ'ର ଅଭିନେତା

'ନିଶା ଏବଂ ଉସ୍‌କେ କଜିନ୍ସ'ରେ ତାଙ୍କ ଭୂମିକା ପାଇଁ ପ୍ରସିଦ୍ଧ ଟେଲିଭିଜନ ଅଭିନେତା ବିଭୁ ରାଘବେଙ୍କ ପରଲୋକ ହୋଇଯାଇଛି। ସେ ବହୁତ ଦିନ ଧରି କୋଲନ୍ କର୍କଟ ରୋଗରେ ପୀଡିତ ଥିଲେ। ଅଭିନେତାଙ୍କ ପ୍ରକୃତ ନାଁ ବୈଭବ କୁମାର ସିଂହ ରାଘବେ। ସେ ମୁମ୍ବାଇରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ଜୁନ୍ ୨ରେ ଦେହାନ୍ତ ହୋଇଛି। ଅଭିନେତା ମୁମ୍ବାଇର ନାନାବତୀ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ୨୦୨୨ ମସିହାରେ ବିଭୁଙ୍କ କୋଲନ୍ କର୍କଟ ରୋଗ ଚିହ୍ନଟ ହୋଇଥିଲା। ତାଙ୍କ ନିକଟତମ ବନ୍ଧୁ ଅଦିତି ମଲିକ ଏବଂ ସୌମ୍ୟ ଟଣ୍ଡନ୍‌ଙ୍କ ସମେତ ତାଙ୍କ ଅନ୍ତିମ ସଂସ୍କାରର ସୂଚନା ସେୟାର କରି ତାଙ୍କ ମୃତ୍ୟୁ ଖବରକୁ ନିଶ୍ଚିତ କରିଛନ୍ତି। ବିଭୁ ଟେଲିଭିଜନ ଇଣ୍ଡଷ୍ଟ୍ରିର ଏକ ଲୋକପ୍ରିୟ ନାଁ ଥିଲେ। ସେ 'ନିଶା ଏବଂ ଉସ୍‌କେ କଜିନ୍ସ' ଏବଂ 'ସାବଧାନ ଇଣ୍ଡିଆ' ଭଳି ଶୋ'ରେ କାମ ପାଇଁ ଜଣାଶୁଣା ଥିଲେ। ୨୦୨୨ ମସିହାରେ ତାଙ୍କର କୋଲନ୍ କର୍କଟ ରୋଗ ଚିହ୍ନଟ ହୋଇଥିଲା। ଚିକିତ୍ସା ସମୟରେ, ଅଭିନେତା ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କ ପ୍ରଶଂସକଙ୍କ ସହ ଯୋଗାଯୋଗରେ ରହିଥିଲେ। ତାଙ୍କ ପରିବାରରେ ତାଙ୍କ ମାଆ, ଭାଇ ଏବଂ ଭଉଣୀ ଅଛନ୍ତି। ତାଙ୍କ ବନ୍ଧୁମାନେ ତାଙ୍କ ମହଙ୍ଗା ଚିକିତ୍ସା ପାଇଁ ଅର୍ଥ ସଂଗ୍ରହ କରିବାରେ ସାହାଯ୍ୟ କରିବା ପାଇଁ ସୋସିଆଲ ମିଡିଆରେ ଆବେଦନ କରିଥିଲେ। ଶେଷ କ୍ରାଉଡ୍‌ଫଣ୍ଡିଂ ଆବେଦନ ତାଙ୍କ ମୃତ୍ୟୁର ଗୋଟିଏ ସପ୍ତାହ ପୂର୍ବରୁ ମେ ୨୭ ତାରିଖରେ ସିମ୍ପଲ୍ କୌଲ୍, ଅଦିତି ଏବଂ ଅନ୍ୟମାନେ କରିଥିଲେ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ସଦର ବ୍ଲକ୍ ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମ ମହାବୀର କ୍ଲବ୍ ଆନୁକୂଲ୍ୟରେ ଗୌରାଙ୍ଗ ଚରଣ ଉଚ୍ଚ ବିଦ୍ୟାଳୟ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ଦୀପ୍ତିମୟୀ ଜେନା, ସମ୍ମାନିତ ଅତିଥି ଭାବେ ବଳଦିଆବନ୍ଧ ଗ୍ରାମପଂଚାୟତର ସରପଞ୍ଚଙ୍କ ସ୍ୱାମୀ ସୁବାଷ ହାତୀ, ସମାଜସେବୀ ଅକ୍ଷୟ ଜେନା ଓ ଶଙ୍କର୍ଷଣ ଜେନା, ପୂର୍ବତନ ସରପଞ୍ଚ ଜୟକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ଲବ୍‌ର ସଭାପତି ରୁଦ୍ରାକ୍ଷ ସାହୁ, ସମ୍ପାଦକ ପ୍ରଦୋଶ ଜେନା, କୋଷାଧ୍ୟକ୍ଷ ଅଂଶୁମାନ ରାଉତ, ସଭ୍ୟ କୁମାର ଅଭିଜିତ, ଗୋପାଳ ବେହେରା, ରାଜନିଶ୍ ଜେନା, ମୋହନ ବିଶ୍ୱାଳ, ଅରବିନ୍ଦ ହାତୀ, ନିର୍ମଳ ବେହେରା, ଲିଙ୍ଗରାଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଢେଙ୍କାନାଳ ରକ୍ତଭଣ୍ଡାର ନର୍ସ ଅଧିକାରୀ ବିନୋଦିନୀ ଯୋଗାଣିଆ, ଲାବୋରଟୋରୀ ଟେକ୍ନିସିଆନ୍ ରାକେଶ କୁମାର ବେହେରା, ଆଟେଣ୍ଡାଣ୍ଟ ଅଜୟ ସ୍ୱାଇଁ, ବରୁଣ ସାହୁ, ତପନ ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଢେଙ୍କାନାଳ ବଜରଙ୍ଗ କ୍ଲବ୍‌ର ସନ୍ଦୀପ ଷଡଙ୍ଗୀ, ସଞ୍ଜୀବ ପଣ୍ଡା, ବିଶ୍ୱଜିତ୍ ବେହେରା, ସୂର୍ଯ୍ୟକାନ୍ତ ବେହେରା, ଜ୍ୟୋତିପ୍ରକାଶ ବେହେରା, ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।



# ମନ୍ଦିର ପ୍ରତିଷ୍ଠା ଦିବସରେ ଯଜ୍ଞାଦି କର୍ମ ଓ କଳସି ଯାତ୍ରା



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ମହାନ୍ତିସାହି ଗ୍ରାମସ୍ଥ ପଞ୍ଚୁଲିଙ୍ଗ କପିଳେଶ୍ୱର ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଓ ଶତାଧିକ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୯ ଘଟିକା ସମୟରେ ଗ୍ରାମର ମହିଳାମାନେ ୧୦୮ କଳସ ମୁଣ୍ଡରେ ନେଇ ବାଜା ରୋଶଣୀ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରାରେ ଯାଇ ଜମାଳପୁର ବିଶ୍ୱନାଥ ଏକାଡେମୀ ସନ୍ନିକଟ ସୁବର୍ଣ୍ଣରେଖା ନଦୀ ଘାଟରେ ପଣ୍ଡିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଘଟୋତ୍ତଳନ କରି ପୁଣି ମନ୍ଦିର ପାଖକୁ ପାଣି ଧରି ଆସିଥିଲେ। ମନ୍ଦିର ନିକଟରେ ପାଣି ରଖିବା ପରେ ମହିଳାମାନଙ୍କ ପାଇଁ ଗ୍ରାମର ଯୁବକମାନଙ୍କ ଦ୍ୱାରା ଫଳ, ମୁଗବୁଟ, ଛତୁଆ, ଦହି ସରବତ ଓ ଥଣ୍ଡା ପାନୀୟ ବ୍ୟବସ୍ଥା କରାଯାଇଥିଲା। ପରେ ମନ୍ଦିରର ପ୍ରତିଷ୍ଠା ପାଇଁ ପଣ୍ଡିତ ନରହରି ପତିଙ୍କ ନେତୃତ୍ୱରେ ୧୪ ଜଣ ପାଣ୍ଡିତଙ୍କ ଦ୍ୱାରା ଯଜ୍ଞାଦି କର୍ମ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟରେ ଗ୍ରାମର ବରିଷ୍ଠ ବ୍ୟକ୍ତି କୁଞ୍ଜବିହାରୀ ଦାସ ଓ ନୂତନ ବୃଷବ ଦାତା ଉତ୍ତମ କୁମାର ଦାସ ସଂକଳ୍ପ ନେଇଥିଲେ। ଗ୍ରାମର ସମସ୍ତ ବ୍ୟକ୍ତିଙ୍କ ପାଇଁ ସନ୍ଧ୍ୟାରେ ଖିଚୁଡ଼ି ଭୋଗର ବ୍ୟବସ୍ଥା କରାଯାଇଥିଲା। ସେହିଭଳି ମଙ୍ଗଳବାର ମା ଶୀତଳାଙ୍କ ଆଗମନ ହୋଇ ପୂଜାର୍ଚ୍ଚନା କରାଯିବା ସହିତ ମହାନ୍ନ ବ୍ୟବସ୍ଥା କରାଯିବ। ଉକ୍ତ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ ମୁଖ୍ୟ ଦେବବ୍ରତ ନନ୍ଦ, ପ୍ରବୀର କୁମାର ଦାସ, ସାବିତ୍ରୀ ଦାସ, ବିନୋଦ କୁମାର ଗିରି, ନନି ଗୋପାଳ ଦାସ, ବିଦୁଭୂଷଣ କାନଗୋ, ସପନ କୁମାର ଦାସ, ଭଗିରଥ ପାଳ, ମାଧବାନନ୍ଦ ପରିଡ଼ା, ମନୋରଞ୍ଜନ ଦଳାଇ, ପ୍ରକାଶ ବେହେରା, ପୁରସ୍ତମ ବେହେରା, ବରେନ୍ଦ୍ର ଦାସ, ହରିବନ୍ଧୁ ଜେନା, ନିତ୍ୟଗୋପାଳ ରାଉଳ, ଧନଞ୍ଜୟ ପାଳ, ଜଳଧର ଜେନା, ପ୍ରଶାନ୍ତ ଜେନା, ହରେନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ବେହେରା, ରତ୍ନାକର ବେହେରା, ବୈଦ୍ୟନାଥ ରାଉତ, ନବକୁମାର ମହାନ୍ତି, ହରିଶଙ୍କର ଦାସ ଓ ରବିନ୍ଦ୍ର ବେହେରା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

# ଜଳଛତ୍ରରେ ଦୁର୍ନୀତିର ଗନ୍ଧ, ଏତଲା ଦେଲା ବିଜେପି ଯୁବମୋର୍ଚ୍ଚା

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକରେ ଜଳଛତ୍ର ନାମରେ ଆର୍ଥିକ କେଲେଙ୍କାରୀ ସାମ୍ନାକୁ ଆସିଛି। ଖରାଦିନେ ପଞ୍ଚାୟତ ତରଫରୁ ପଥଚାରୀଙ୍କ ଶୋଷ ମେଣ୍ଟାଇବା ପାଇଁ ବିଭିନ୍ନ ସ୍ଥାନରେ ହୋଇଥିବା ଜଳଛତ୍ରରେ ପାଣି ଦେବାପାଇଁ ଶ୍ରମିକ ନିୟୋଜିତ ହୋଇଥିଲେ। ତେବେ ସେମାନଙ୍କୁ ୩ ବର୍ଷ ହେବ ମଜୁରୀ ଦିଆଯାଇ ନାହିଁ। କିନ୍ତୁ ଅର୍ଥ ଉଠାଣ ହୋଇଥିବା ଜଣାପଡ଼ିଛି। ଜାଲ କାଗଜପତ୍ର ମାଧ୍ୟମରେ ଅର୍ଥ ଉଠାଣ ହୋଇଥିବା ଜଣାପଡିଛି। ଆଜି ଏ ସମ୍ପର୍କରେ ବିଜେପି ଯୁବମୋର୍ଚ୍ଚା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଘଟଣା ସମ୍ପର୍କରେ କାକଟପୁର ବିଡ଼ିଓଙ୍କୁ ଅବଗତ କରାଯିବା ସହିତ ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସେହିପରି ଏ ସମ୍ପର୍କରେ କାକଟପୁର ଥାନାରେ ବିଜେପି ଯୁବମୋର୍ଚ୍ଚା ଅଭିଯୋଗ କରିବା ସହ ଜାଲ କାଗଜପତ୍ର ପ୍ରସ୍ତୁତି, ଟଙ୍କା ଆତ୍ମସାତ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁସାରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଘଟଣାରୁ ପ୍ରକାଶ, ୨୦୨୩ ମସିହାରୁ ଆଜି ପର୍ଯ୍ୟନ୍ତ କାକଟପୁର ବ୍ଲକର ୧୬ଟି ପଞ୍ଚାୟତରେ ପ୍ରତିବର୍ଷ ଖରାଦିନେ ଜଳଛତ୍ରରେ ବ୍ୟବସ୍ଥା ହୁଏ। ପାଣି ଦେବା ପାଇଁ ଏଥିରେ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିଲା। ଗୋଟିଏ ଜଳଛତ୍ର କେନ୍ଦ୍ର



ପାଇଁ ଦୈନିକ ମଜୁରୀ ବାବଦକୁ ୨୨୦ ଟଙ୍କା ପ୍ରଦାନ କରାଯାଏ। କିନ୍ତୁ, ଅଧିକାଂଶ ଗ୍ରାମପଞ୍ଚାୟତରେ ଜଳଛତ୍ର କେନ୍ଦ୍ରରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତି ମାନଙ୍କର ମଜୁରୀ ଅର୍ଥକୁ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଛନ୍ତି। ଶ୍ରମିକଙ୍କୁ ମଜୁରୀ ପ୍ରଦାନ ନାଁରେ ଗତ ୩ ବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କା ଉଠାଇଥିଲେ ମଧ୍ୟ ଏହି ଟଙ୍କା ସେମାନଙ୍କୁ ପ୍ରଦାନ ନକରି ଆତ୍ମସାତ୍ କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାଇ କାକଟପୁର ବ୍ଲକ୍ ଅନ୍ତର୍ଗତ ଓଥକା ପଞ୍ଚାୟତରେ ୨୦୨୩ ମସିହା ଅପ୍ରେଲ୍ ୧ରୁ ଜୁନ୍ ୧୩ ତାରିଖ ପର୍ଯ୍ୟନ୍ତ ମୋଟ୍ ୭୪ ଦିନ ପଞ୍ଚାୟତର ୩ଟି ଭିନ୍ନ ଭିନ୍ନ ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଥିଲା। ଏହି ଜଳଛତ୍ର ପାଇଁ ଦୈନିକ ମଜୁରୀ ବାବଦକୁ ୨୨୦ ଟଙ୍କା ହିସାବରେ ୭୪ ଦିନ ପାଇଁ କେନ୍ଦ୍ର ପିଛା ୧୬ ହଜାର ୨୮୦ ଟଙ୍କା ଓ ୩ଟି କେନ୍ଦ୍ର ପାଇଁ ୩ ଜଣ ଶ୍ରମିକଙ୍କ ମଜୁରି ବାବଦକୁ ମୋଟ୍ ୪୮ ହଜାର ୮୪୦ ଟଙ୍କା ଉଠାଣ କରାଯାଇଥିଲା। ସେହିପରି ୩ଗୋଟି କେନ୍ଦ୍ରକୁ ୩ଟି ବ୍ୟାନର ବାବଦକୁ ମୋଟ୍ ୧୧୬୦ ଟଙ୍କା ପ୍ରଦାନ କରାଯାଇଥିଲା। ଜଳଛତ୍ର କେନ୍ଦ୍ରରେ ଶ୍ରମିକଙ୍କୁ ମଜୁରୀ ପ୍ରଦାନ ନିମନ୍ତେ ପ୍ରତିବର୍ଷ ଅର୍ଥ ଉଠାଯାଇଥିଲେ ମଧ୍ୟ କେଉଁଠି ଶ୍ରମିକଙ୍କୁ ଆଦୌ ଟଙ୍କାଟିଏ ପ୍ରଦାନ କରାଯାଇନାହିଁ ତ କେଉଁଠି ହଜାରେ ଟଙ୍କା ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ଅନୁଯାଇ ୨୦୨୩ରେ ୭୪ ଦିନ ଜଳଛତ୍ର କେନ୍ଦ୍ରରେ ଥଣ୍ଡା ପାନୀୟ ଜଳ ବାଣ୍ଟିଥିବା ଦର୍ଶାଇ ମଜୁରୀ ବାବଦକୁ ସନ୍ତୋଷ କୁମାର ମୁଦୁଲିଙ୍କ ନାଁରେ ୧୬ ହଜାର ୨୨୦ ଟଙ୍କା ଉଠାଯାଇଛି। ଏଥି ନିମନ୍ତେ ସନ୍ତୋଷଙ୍କୁ ମାତ୍ର ୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ, ତାଙ୍କର ଦସ୍ତଖତକୁ ଜାଲିଆତି କରି ସେ ଟଙ୍କା ଗ୍ରହଣ କରିଥିବା ଦର୍ଶାଇ ଓଥକା ପଞ୍ଚାୟତର ସରପଞ୍ଚ କୁନିଲତା କାଣ୍ଡି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଦାନନ୍ଦ ବେହେରା ଏହି ଅର୍ଥକୁ ଆତ୍ମସାତ୍ କରିଥିବା ପୁରୀଜିଲ୍ଲା ବିଜେପି ଯୁବମୋର୍ଚ୍ଚାର ସଂଯୋଜକ ଇଂ ପ୍ରିୟବ୍ରତ ବିଶ୍ୱାଳ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସନ୍ତୋଷ ଗତ ୩ବର୍ଷ ଧରି (୨୦୨୩, ୨୦୨୪ ଓ ୨୦୨୫ ମସିହା) ଜଳଛତ୍ର ପାଇଁ ମଜୁରୀ ବାବଦକୁ ଏପର୍ଯ୍ୟନ୍ତ ମାତ୍ର ୨ ହଜାର ଟଙ୍କା ଗ୍ରହଣ କରିଥିବା ପ୍ରକାଶ କରିଛନ୍ତି। ସେହିପରି ରାମଚନ୍ଦ୍ର କାଣ୍ଡି ୨୦୨୨ ମସିହାରେ ଜଳଛତ୍ର କେନ୍ଦ୍ରରେ ଶ୍ରମିକ ଭାବେ କାର୍ଯ୍ୟ କରିଥିଲେ ମଧ୍ୟ ତାଙ୍କୁ ଟଙ୍କାଟିଏ ମଧ ପ୍ରଦାନ କରାଯାଇ ନାହିଁ। ଏହି ପଞ୍ଚାୟତର ଶବର କାଣ୍ଡି ଓ ପତିତପାବନ ଷଡ଼ଙ୍ଗୀ ୨୦୨୩ ଓ ୨୦୨୪ ମସିହାରେ ଶ୍ରମିକ ଭାବେ କାର୍ଯ୍ୟ କରିଥିବା ଦର୍ଶାଇ ଅର୍ଥ ଉଠାଯାଇଥିଲେ ମଧ ଶବରଙ୍କୁ ଆଦୌ ଅର୍ଥ ପ୍ରଦାନ କରାଯାଇ ନଥିବା ବେଳେ ପତିତପାବନଙ୍କୁ ୨ବର୍ଷ ପାଇଁ ମୋଟ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି। କିନ୍ତୁ, ଏହି ଶ୍ରମିକମାନଙ୍କ ଦସ୍ତଖତକୁ ଜାଲିଆତି କରି ସେମାନେ ଟଙ୍କା ଗ୍ରହଣ କରିଥିବା ଦର୍ଶାଇ ଓଥକା ପଞ୍ଚାୟତର ସରପଞ୍ଚ କୁନିଲତା କାଣ୍ଡି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଦାନନ୍ଦ ବେହେରା ଏହି ଅର୍ଥକୁ ଆତ୍ମସାତ୍ କରିଛନ୍ତି।

## ନୂତନ ତହସିଲଦାରଙ୍କୁ ଜନଜାତି ସୁରକ୍ଷା ମଞ୍ଚ ତରଫରୁ ସ୍ୱାଗତ



ଡାବୁଗାଁ /ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ବ୍ଲକରେ ନୂତନ ତହସିଲଦାର ଭାବେ ଗୀତା ମୁର୍ମୁ ସୋମବାର କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ବ୍ଲକ ଜନଜାତି ସୁରକ୍ଷା ମଞ୍ଚ ତରଫରୁ ତହସିଲଦାର ଗୀତା ମୁର୍ମୁଙ୍କୁ ଫୁଲତୋଡ଼ା ଓ ଉପଢ଼ୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଜନଜାତି ସୁରକ୍ଷା ମଞ୍ଚ ତରଫରୁ ଡାବୁଗାଁ ବ୍ଲକରେ ମିଥ୍ୟା ଆଦିବାସୀ ପ୍ରମାଣ ପତ୍ର ହାତେଇ ଚାକିରି କରୁଥିବା ଅଣ ଆଦିବାସୀଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଥିଲେ। ସୂଚନା ଥାଉକି ଡାବୁଗାଁ ତହସିଲଦାର ହରି ଓମ ଭୋଇ ତାଲିମ ପାଇଁ ଭୁବନେଶ୍ୱର ଯାଇଥିବା ବେଳେ ଗତ ଏକ ମାସ ହେଲା ଏହି ପଦବୀ ଖାଲି ରହିଥିଲା। ପାପଡ଼ାହାଣ୍ଡି ତହସିଲଦାର ଅତିରିକ୍ତ ଦାୟିତ୍ୱ ତୁଲାଉ ଥିଲେ। ତେବେ ବାଲେଶ୍ୱର ଜିଲ୍ଲାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିବା ଗୀତା ମୁର୍ମୁଙ୍କୁ ଡାବୁଗାଁ ତହସିଲଦାର ଭାବେ ବଦଳି କରାଯାଇଥିବା ବେଳେ ମୁର୍ମୁ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେହିପରି ପୂର୍ବତନ ତହସିଲଦାର ହରି ଓମ ଭୋଇଙ୍କୁ ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡାବୁଗାଁ ବ୍ଲକ ଜନଜାତି ସୁରକ୍ଷା ମଞ୍ଚ ସଭାପତି ମୋହନ ସିଂ ଗଣ୍ଡ, ସମ୍ପାଦକ ରାଇ ସିଂ ପୂଜାରୀ, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ଉପସଭାପତି ନରସିଂହ ମାଝୀ, ଜୁନା ପାଣି ସରପଞ୍ଚ ଦୟାନିଧି ଭତରା, ଅଞ୍ଚଳା ସରପଞ୍ଚ ରମେଶ ମାଝୀ, ଡଙ୍ଗରିଗୁଡ଼ା ସରପଞ୍ଚ ରାମ କୁମାର ଗଣ୍ଡ, ହିରନ ମାଝୀ, ମୋହନ ନାୟକ, ଫୁଲ ସିଂ ଜାନି, ଦୟାନିଧି ବଞ୍ଜାରା, ହିରନ୍ୟ ମାଝୀ, ଭଦର ମାଝୀ,ରାମ ଜାନି ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଆକ୍ରମଣ କରି ଜଣେ ଗିରଫ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ ଜଲାର ପୂର ପଞ୍ଚାୟତ କୂଳ ଜଲାର ପୂର ଗ୍ରାମର ଲକ୍ଷ୍ମୀ ପ୍ରିୟା ମହାନ୍ତି (୫୫)ଙ୍କୁ ଜମି ବାଡି ବିବାଦ କୁ ନେଇ ସେହି ଗ୍ରାମର ସୋମନାଥ ମହାନ୍ତି (୭୧)ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ କରିଥିଲେ। ଏ ନେଇ



ଅଭିଯୋଗ ଆଧାରରେ ନିଆଳି ପୋଲିସ ମାମଲା ରୁଜୁ କରି ସୋମନାଥ ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଥାଉକି ସୋମନାଥଙ୍କ ନାମରେ ନିଆଳି ଥାନାରେ ପୂର୍ବରୁ ଜମି ବାଡିକୁ ନେଇ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଗିରଫ ହୋଇଥିଲେ। ପୁନର୍ବାର ମହିଳାଙ୍କୁ ଆକ୍ରମଣ କରି ଜେଲ ଗଲେ।

# ଆଦର୍ଶ ଶିକ୍ଷକ ଦିଲ୍ଲୀପ ବିଶ୍ୱାଳଙ୍କ ପରଲୋକ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ରେ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଐଶାନେଶ୍ୱର ବିଦ୍ୟାପୀଠ ଅଠତିରାର ପ୍ରଧାନଶିକ୍ଷକ ଦିଲ୍ଲିପ କୁମାର ବିଶ୍ୱାଳଙ୍କ ୫୭ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ମଙ୍ଗଳବାର ଦିନ ଅପରାହ୍ନରେ ପରଲୋକ ଘଟିଛି। ସେ ଗୁରୁତର ଅସୁସ୍ଥ ହୋଇ ୨ଦିନ ତଳେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ୧୯୮୯ମସିହାରୁ ଅସ୍ତରଙ୍ଗ ବ୍ଲକ ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର ରେ ବିଜ୍ଞାନ ଓ ଗଣିତ ଶିକ୍ଷକ ଭାବେ ସେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ୨୦୨୨ ମସିହାରେ ଐଶାନେଶ୍ୱର ବିଦ୍ୟାପୀଠ ଅଠତିରାରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଦୀର୍ଘଦିନ



ହେବ କ୍ୟାନସର ରୋଗରେ ପୀଡିତ ଥିବା ବେଳେ ମେଡିକାଲ ଚିକିତ୍ସା ହୋଇ ନିଜର ଶିକ୍ଷକତା କାର୍ଯ୍ୟ କରୁଥିଲେ। ସେ ଜଣେ ଛାତ୍ର ବତ୍ସଳ, ସ୍ନେହୀ, ମେଳାପୀ, ପରୋପକାରୀ ଓ ଜ୍ଞାନୀ ଶିକ୍ଷକ ଭାବେ ଉଭୟ ବିଦ୍ୟାଳୟ ସମେତ ସାରା ଅସ୍ତରଙ୍ଗ ଅଞ୍ଚଳରେ ବେଶ ପରିଚିତ। ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଅନେକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ସେ ପ୍ରତ୍ୟକ୍ଷ ଭାବେ ଜଡିତ ଥିବା ବେଳେ ସର୍ବଦା ନିଜକୁ ସମାଜସେବୀ କାର୍ଯ୍ୟରେ ସେ ସର୍ବଦା ନିଜକୁ ନିୟୋଜିତ ରଖୁଥିଲେ। ମଙ୍ଗଳବାର ଅପରାହ୍ନ ୨ଘ ୩୦ମିନିଟ ସମୟରେ ପରଲୋକ ଖବର ପାଇଁ ସମଗ୍ର ଅସ୍ତରଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଅସ୍ତରଙ୍ଗ ବ୍ଲକ ଅଠତିରା ବାସଭବନରେ ପହଂଚି ତାଙ୍କର ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରା ରେ ତାଙ୍କ ମରଶରୀରକୁ ନିଜ ଗାଁ ସ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି ବୋଲି ଦିଲ୍ଲିପ ବିଶ୍ୱାଳଙ୍କ ସାନ ଭାଇ ଦୁଷ୍ମନ୍ତ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

## ଗୋରୁ ବୋଝେଇ ଗାଡ଼ିକୁ ଧରିଲେ ବଜରଙ୍ଗୀ ବାହିନୀ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଗୋରୁଗାଈ ବୋଝେଇ କରି ଟାଙ୍ଗୀ ଅନ୍ୟତ୍ର ଚାଲଣ ହେଉଥିଲା। ଗୋ ଚାଲଣ ଉପରେ ତୀକ୍ଷ୍ଣ ନଜର ରଖିଥିଲା ବଜରଙ୍ଗୀ ବାହିନୀ। ଟାଙ୍ଗୀ କଲେଜ ଛକ ନିକଟରେ ଗୋରୁଗାଈ ବୋଝେଇ ଅଟୋରିକ୍ସାକୁ ଧରିଲେ ବଜରଙ୍ଗୀ ବାହିନୀ। ପଚାରିବାରେ ଗୋ-ଚାଲଣ ସମ୍ପର୍କରେ ସଠିକ୍ ତଥ୍ୟ ଦେଇ ନଥିଲେ ଗୋରୁଗାଈ ବୋଝେଇ ଗାଡ଼ିର ଡ୍ରାଇଭର। ଫଳରେ ବଜରଙ୍ଗୀ ବାହିନୀ ବୋଲି ପରିଚୟ ଦେଇ ଗୋରୁଗାଈ ବୋଝେଇ ଗାଡ଼ିର ଡ୍ରାଇଭରକୁ ନିର୍ଦ୍ଧୁମ ଛେଚିଲେ, ଗାଡ଼ି ଭାଙ୍ଗିଲେ, ଆଉ ତା'ପରେ ଟାଙ୍ଗୀ ପୋଲିସ ଜିମା ଦେଲେ। ଟାଙ୍ଗୀ ଅଞ୍ଚଳର କେତେକ ବ୍ୟକ୍ତି ଏଥିରେ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଟାଙ୍ଗୀ ଅଞ୍ଚଳର କେତେକ ଗୋ-ପାଳକ ନିଜର ପାଳିତ ଗୋରୁଗାଈଙ୍କ ବୃଦ୍ଧ ସମୟରେ ବିକ୍ରୀ କରୁଥିବା ଘଟଣା ସାମ୍ନାକୁ ଆସିଛି।

## ବର୍ଷିୟାନ ବିଜୁପ୍ରେମୀଙ୍କୁ ସାକ୍ଷାତ କରି ପ୍ରତାପ କଲେ ଆଶୁ ଆରୋଗ୍ୟ କାମନା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ୍ ଅସୁରେଶ୍ୱର ଗ୍ରାମପଂଚାୟତ କୁଳଗାଁ ଇଶାଳୋ ଗ୍ରାମର ବର୍ଷିୟାନ ବିଜୁ ପ୍ରେମୀ ତଥା ବିଶିଷ୍ଟ କୃଷକ ନେତା ଭ୍ରମରବର ପଣ୍ଡାଙ୍କ ବାସ ଭବନକୁ ଯାଇ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ତାଙ୍କର ଆଶୁ ନିରାମୟ କାମନା କରିବା ସହ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବିଝିଥିଲେ। ଗତ କାଲି ସନ୍ଧ୍ୟାରେ ଜେନା ତାଙ୍କ ବାସ ଭବନରେ ପହଂଚି ଦଳର ବିଭିନ୍ନ କାର୍ଯ୍ୟକ୍ରମ ଓ ଦଳର ବିଭିନ୍ନ ସାଙ୍ଗଠନିକ ଘଟଣା ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ। ଏହି ଅବସରରେ ପଣ୍ଡା ଲୁଣାନଦୀରେ ବିଭିନ୍ନ କାରଣରୁ ନିର୍ମାଣାଧିନ ଥିବା ପୁରଂଶ ସୁଉଚ୍ଚ ସେତୁ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଥିବାରୁ ଏହାକୁ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଜନ ଜାଗରଣ ସୃଷ୍ଟି କରିବାକୁ ଜେନାଙ୍କୁ ପରାମର୍ଶ ଦେଇଥିଲେ। ଜେନାଙ୍କ ସହ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧକ୍ଷା ରୋଜି ସେଠୀଙ୍କ ପ୍ରତିନିଧି ବିଜେଡି ଯୁବନେତା ମନୋଜ କୁମାର ସେଠୀ, ଅସୁରେଶ୍ୱର ଗ୍ରାମପଂଚାୟତର ପ୍ରାକ୍ତନ ସରପଞ୍ଚ ମହେଶ୍ୱର ବାରିକ, ବିଜେଡି ନେତା ନିତ୍ୟାନନ୍ଦ ସେଠୀ, ୱାର୍ଡ ସଭ୍ୟ ହଳଧର ମଲିକ, ଯୁବନେତା ଦିଲିପ କୁମାର ଘଡେଇ, ସୁକାନ୍ତ ମିଶ୍ର ପ୍ରମୁଖ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।

# ଶୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

## ପ୍ରଥମ ରଘୁନାଥ ଏସଏଚଜି ଏବଂ ଦ୍ୱିତୀୟ ମା' ଜଞ୍ଜାଳି ଏସଏଚଜି



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଶୁଭଦ୍ରା ଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ବିଡିଓ ନିରଂଜନ ବାରିକ ଉଦ୍‌ଘାଟନ କରିଥିଲେ। ଜୀବିକା ମିଶନ ବିପିଏମ ରଶ୍ମିତା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ୨୩ଟି ସ୍ୱୟଂସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଫତେପୁର ରଘୁନାଥ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ଓ ସିନ୍ଦୋଳ ମା' ଜଞ୍ଜାଳି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ହୋଇଥିଲେ। ପ୍ରଥମ ହୋଇଥିବା ଗୋଷ୍ଠୀକୁ ୫ହଜାର ଏବଂ ଦ୍ୱିତୀୟ ଗୋଷ୍ଠୀକୁ ୪ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ବିଚାରକ ଭାବେ ପାଳିଆବିନ୍ଧା ବିଏନଏମଏ କଲେଜର ଗୃହ ବିଜ୍ଞାନ ବିଭାଗର ଅଧାପିକା ହୀରକଲତା ଦାଶ, ଏବିଡିଓ ମାନସ କୁମାର ଜେନା ଓ ସିଡିପିଓ ସବିତା ବେହେରା ଯୋଗ ଦେଇ ଖାଦ୍ୟର ମାନ ମୂଲ୍ୟାୟନ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ଜିପିଇଓ ପ୍ଲାବନ ପଣ୍ଡା, ଏମଆଇ ପ୍ରିତେଶ ସାମଲ, ସହକାରୀ ଯନ୍ତ୍ରୀ ତନୁଜା ମିଶ୍ର, ଜୀବିକାମିଶନ ବିଏଲସି ସ୍ନିଗ୍ଧା ନାୟକ, ନନ୍ଦିନୀ ନାୟକ, ଏସଡିସି ପ୍ରଫୁଲ୍ଲ ମଲିକ, ସସ୍ମିତା ଖୁଣ୍ଟିଆ ପ୍ରମୁଖଙ୍କ ସହିତ ଏମବିକେ ସୁଜିତା ମହାନ୍ତି, ମିନତୀ ନାଥ, ଅନିମା ସାମଲ, ଲୀଳାବତୀ ବେହେରା, କବିତା ବାରିକ, ଲଳିତା ଶତପଥି, ଆରତୀ ଦାସ, ମନ୍ଦାକିନୀ ପତି ପ୍ରମୁଖଙ୍କ ସହିତ ସମସ୍ତ ଏମବିକେ ଓ ସିଆରପି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ପୁଷ୍ପାଞ୍ଜଳି ଲେଙ୍କା, ଚକ୍ରଧର ଦାସ, ସମିତିସଭ୍ୟ ଚିନ୍ତାମଣି ଦାସ, ମଣ୍ଡଳ ସଭାପତି କେଶବ ବେହେରା, ସରୋଜ ନାୟକ, ସାଇଶରଣ ବେହେରା, ଯୁବନେତା ଯଜ୍ଞଦ ପତି ପ୍ରମୁଖ ଷ୍ଟଲ ପରିଦର୍ଶନ କରିବା ସହିତ ପାରମ୍ପରିକ ଖାଦ୍ୟର ସ୍ୱାଦ ଚାଖିଥିଲେ।

## ସନ୍ତରଣ ପ୍ରଶିକ୍ଷଣ ଶିବିର ଆୟୋଜିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଜରୁରକାଳୀନ ବିଭାଗ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଯୁବପିଢ଼ୀଙ୍କ ପାଇଁ ସନ୍ତରଣ ଓ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜରୁରୀକାଳୀନ ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ବେହେରା ମଞ୍ଚାସୀନ ଥିଲେ। ପାଣିରେ ବୁଡ଼ି କୌଣସି ପ୍ରାଣହାନି ଜନିତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ଯୁବପୀଢ଼ିଙ୍କ ପାଇଁ ଉପଯୋଗୀ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨ରୁ ୭ ତାରିଖ ପର୍ଯ୍ୟନ୍ତ ୩୦ ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ୧୦ ଦଳ ମୋଟ ୩୦୦ ଅଂଶଗ୍ରହଣକାରୀଙ୍କୁ ସ୍ଥାନୀୟ ବଣ୍ଡା ବାକୁଲିଗୁଡ଼ା ବନ୍ଧରେ ଓଡ୍ରାଫ୍ ଟିମ୍ ପ୍ରଶିକ୍ଷଣ ଦେବେ। କୋରାପୁଟରୁ ୨୦ ଜଣିଆ ଓଡ୍ରାଫ୍ ଟିମ୍ ଜିଲ୍ଲାରେ ଏହି ପ୍ରଶିକ୍ଷଣ ନିମନ୍ତେ ଯୋଗ ଦେଇଛନ୍ତି। ଜରୁରୀ କାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।

# ବିନା ଡାଇଭର୍ସନରେ ଖୋଳାଯାଇଛି ମୁଖ୍ୟ ରାସ୍ତା



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ବିନା ଡାଇଭର୍ସନରେ ମୁଖ୍ୟ ରାସ୍ତା ଖୋଳି ଯାତ୍ରୀଙ୍କୁ ହଇରାଣ କରାଯାଉଛି। ଠିକାଦାରଙ୍କ ମନମାନି ଯୋଗୁଁ ହଇରାଣ ହେଉଛନ୍ତି ସାଧାରଣ ଜନତା। ଡାଇଭର୍ସନ ରାସ୍ତା ବ୍ୟବସ୍ଥା ନକରି ପୋଲ ନିର୍ମାଣ ପାଇଁ ତରବରିଆ ଭାବରେ ଖୋଳାଯାଇଛି ମୁଖ୍ୟ ରାସ୍ତା। ଠିକାଦାରଙ୍କ ଏଭଳି ମନମାନି ଯୋଗୁଁ ଜନତା ହେଉଛନ୍ତି ହଇରାଣ। ଏଥିପାଇଁ ବିଭିନ୍ନ ପଂଚାୟତ ବାସୀଙ୍କୁ ହଇରାଣର ସମ୍ମୁଖୀନ ହେବାକୁ ପଡୁଛି। ତେନ୍ତୁଳିଖୁଣ୍ଟି ବ୍ଲକ ଅଂଚଳ ଗୁମ୍ମା ପଂଚାୟତ ଅନ୍ତର୍ଗତ ଲକଡିପଲା ଆଦର୍ଶ ବିଦ୍ୟାଳୟ ନିକଟରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ସୂଚନା ଅନୁଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୮କୋଟି ବ୍ୟୟ ଅଟକଳରେ ତିନି ବର୍ଷ ହେଲା ମୁଷାମୁଣ୍ଡି ଗୁଡ଼ା ମୁଖ୍ୟ ଛକ ଠାରୁ ଅଂଚଳଗୁମ୍ମା, ଝରିଗୁମ୍ମା ଦେଇ କଣ୍ଟା ଗାଁ ପର୍ଯ୍ୟନ୍ତ ଦୀର୍ଘ ୧୮ କିଲୋମିଟର ରାସ୍ତା କାର୍ଯ୍ୟ ଚାଲିଛି। ତିନି ବର୍ଷ ପୁରି ଗଲେ ସୁଦ୍ଧା ସରିବାର ନା ଧରୁନି। ଗତବର୍ଷ ସେହି ରାସ୍ତାର ଉମୁରି ନିକଟରେ ପୋଲ ନିର୍ମାଣ ସମୟରେ ଲୋକଙ୍କୁ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା। ଡାଇଭର୍ସନ ରାସ୍ତା ନଥିବାରୁ ଲୋକଙ୍କୁ ଜମି ଭିତର ଦେଇ ଯିବାକୁ ପଡୁଥିଲା। ଏମିତିକି ପ୍ରବଳ ବର୍ଷା ଯୋଗୁଁ ଦିନଦିନ ଧରି ଯାତାୟତ ଠପ୍ ହୋଇଯାଇଥିଲା। ବର୍ତ୍ତମାନ ଅନୁରୂପ ସମସ୍ୟା ଉପୁଜିଛି। କୌଣସି ଡାଇଭର୍ସନ ରାସ୍ତା ବ୍ୟବସ୍ଥା ନକରି ସମ୍ପୃକ୍ତ ଠିକାଦାର ଜଣଙ୍କ ପୋଲ ନିର୍ମାଣ ପାଇଁ ତରବରିଆ ଭାବରେ ମୁଖ୍ୟ ରାସ୍ତା ଖୋଳି ଦେଇ ଉଭୟ ପାର୍ଶ୍ୱ ବନ୍ଦ୍ କରିଦେଇଛି। ଫଳରେ ଅଂଚଳ ଗୁମ୍ମା ପଂଚାୟତ ସମେତ ଆଖପାଖ ଗ୍ରାମର ହଜାର ହଜାର ଜନସାଧାରଣ ଯାତାୟତ ପାଇଁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ରାସ୍ତା ଦେଇ ବହୁ ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟ ସହିତ ଅନ୍ୟ ବିଦ୍ୟାଳୟକୁ ଯାଇଥାନ୍ତି। ସେହିପରି ଅଂଚଳର ଅନେକ ଯାତ୍ରୀ ନବରଙ୍ଗପୁର ସହରକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ବର୍ତ୍ତମାନ ମୁଖ୍ୟ ରାସ୍ତା ଖୋଳିଦେଇ ଡାଇଭର୍ସନ ବ୍ୟବସ୍ଥା ନକରିବା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଅପରପକ୍ଷେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଡାଇଭର୍ସନ ରାସ୍ତା କିମ୍ବା ଯାତାୟତ ସ୍ୱାଭାବିକ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ରାସ୍ତା ଅବରୋଧ କରି ଧାରଣା ଦିଆଯିବ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାଜେଶ କୁମାର ସୋରେନଙ୍କୁ ଏହି ସମସ୍ୟା ସମ୍ପର୍କରେ ପଚାରିବାରୁ ଡାଇଭର୍ସନ ରାସ୍ତା ନିର୍ମାଣ ନକରି ସମ୍ପୃକ୍ତ ରାସ୍ତା ଖୋଳିବା ବିଷୟରେ ସେ ଜାଣି ନଥିବା କହିଛନ୍ତି। ଏହି ବିଷୟ ଗଣମାଧ୍ୟମ ପ୍ରତନିଧିଙ୍କ ଦ୍ୱାରା ଜାଣିବାକୁ ପାଇ ଥିବା କହିଛନ୍ତି। ଏଣୁ ଉପରସ୍ତ ଅଧିକାରୀଙ୍କ ଦୃଷ୍ଟିକୁ ନେଇ ତୁରନ୍ତ ଯାତାୟତ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## କୁଡୁମୀ ସେନାର ପ୍ରତିଷ୍ଠା ଦିବସ


ବେତନଟୀ,(ଭାସ୍କର ନ୍ୟୁଜ୍):ସାରା ଭାରତରେ ୨କୋଟିରୁ ଊର୍ଦ୍ଧ୍ୱ କୁଡୁମୀ ସମ୍ପ୍ରଦାୟର ଲୋକେ ଓଡିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ଓ ଆସାମ୍‌ରେ ବସବାସ କରୁଛନ୍ତି। ଏହି ଜାତିକୁ ୧୯୫୦ ମସିହା ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ମିଳିଥିଲା। କିନ୍ତୁ ପରେ ସମ୍ବିଧାନରୁ ଆଦିବାସୀ ମାନ୍ୟତା ହଟାଇ ଦିଆଗଲା। ପୁନଃ ଆଦିବାସୀ ମାନ୍ୟତା ପାଇଁ ଏହି ସମ୍ପ୍ରଦାୟର ଲୋକେ ଦୀର୍ଘବର୍ଷ ଧରି ଦାବି ରଖିଆସୁଛନ୍ତି। ତେବେ ଓଡିଶାରେ କ୍ରାନ୍ତିକାରୀ ଯୁବ ନେତା ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସମ୍ପ୍ରଦାୟର ଲୋକଙ୍କୁ ଏକାଠିକରି ୨୦୧୨ ଜୁନ ୩ରେ ବେତନଟି ଠାରେ କୁଡୁମୀ ସେନା ଗଠନ କରି କୁଡୁମୀ ଲୋକଙ୍କର ସାମାଜିକ, ଅର୍ଥନୈତିକ, ଭାଷା, ସଂସ୍କୃତିର ସୁରକ୍ଷା ଓ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକାରେ ସାମିଲ କରିବା ପାଇଁ ୧୨ ବର୍ଷ ଧରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ଆୟୋଜନ କରିଆସୁଛନ୍ତି। ତେବେ ଏହି ଦିନକୁ ମନେ ରଖିବା ପାଇଁ ବେତନଟିର ଡାକ ବଙ୍ଗଳା ଠାରେ ୧୩ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହେଇଯାଇଛି। ଏହି ସଭାରେ ଜୈମୁନୀ କୁମାର ମହାନ୍ତ ସଭାପତି ଭାବରେ ଯୋଗ ଦେଇଥିଲେ।

# ବିଜେଡ଼ି ପକ୍ଷରୁ ବିଏଚ୍‌ପିସିକୁ ୫ ଦଫା ଦାବି ପ୍ରଦାନ

କରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ର ର ବରିଷ୍ଠ ସାଧାରଣ ପରିଚାଳକଙ୍କୁ ୫ଦଫା ଦାବି ଦେଲା ବିଜୁ ଜନତା ଦଳ। ମଙ୍ଗଳବାର ବାଲିମେଳା ନଗର ବିଜୁ ଜନତା ଦଳର ସଭାପତି ରାଜେନ୍ଦ୍ର କୂଳଦୀପଙ୍କ ନେତୃତ୍ୱରେ ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରର ବରିଷ୍ଠ ସାଧାରଣ ପରିଚାଳକ ଦିଲୀପ କୁମାର ସ୍ୱାଇଁଙ୍କୁ ଏକ ପାଞ୍ଚ ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ଦାବିଗୁଡିକ ହେଲା ବାଲିମେଳରେ ଏତେବର୍ଷ ହେବ ଏହି ପ୍ରୋଜେକ୍ଟ ଓଡିଶା ସରକାରଙ୍କ ଅଧିନରେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ଏଯାବତ ସ୍ଥାନୀୟ ଜନସାଧାରଣ ପାଇଁ ସ୍ଥାଣୁ ପାଲଟିଛି। ଏହି ପାଞ୍ଚ ଦଫା ଦାବିରେ ଉଲେଖ ଅଛିଯେ ଆଜି ଓଏଚପିସି ଦ୍ୱାରା ବିଏଚପିସି ବାଲିମେଳାରୁ ଓଡ଼ିଶା ଓ ଓଡ଼ିଶା ବାହାରକୁ ବିଦ୍ୟୁତ ବିକ୍ରି କରି ବହୁତ ଲାଭବାନ ହେଉଛି କିନ୍ତୁ ସ୍ଥାନୀୟ ପରିବେଶ ପାଇଁ କୌଣସି କାର୍ଯ୍ୟ କରିନାହିଁ। ଏଥିସହିତ ସ୍ଥାନୀୟ ଯୁବକମାନଙ୍କୁ ରୋଜଗାର ନିମିତ୍ତ କୌଣସି ଆଖିଦୃଷ୍ଟିଆ କାର୍ଯ୍ୟ କରିନାହିଁ। ବାଲିମେଳରେ କୌଣସି ଜନାଭିମୁଖୀ ତଥା ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ମାଗଣା ବିଦ୍ୟୁତ କି ଜଳ ବଣ୍ଟନ କରିନାହିଁ। ଏଥି ସହିତ ବାଲିମେଳା ରେ ସାଧାରଣ ଜନତାଙ୍କ ପାଇଁ ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଓ ରାସ୍ତା ଏଭଳି କୌଣସି କାର୍ଯ୍ୟ ସାଧାରଣଙ୍କ ନିମନ୍ତେ ସଂସ୍ଥା ତରଫରୁ କରାଯାଉନାହିଁ। ଏହିସବୁ କାର୍ଯ୍ୟ ସଂସ୍ଥା ଦ୍ୱାରା ଏବେ ନିତ୍ୟାନ୍ତ ଆବଶ୍ୟକ ବୋଲି ଦାବି କରାଯାଇଛି। ତତ୍‌ସହିତ ସାଧାରଣ ଜନତା ଓ ସହରର ସୌନ୍ଦର୍ଯ୍ୟ କରଣ ପାଇଁ ପାର୍କର ନିର୍ମାଣ, ଯୁବପିଢିଙ୍କ ପାଇଁ ଖେଳ ପଡିଆର ପୁନଃରୁଦ୍ଧାର, ସ୍ଥାନୀୟ ଯୁବ କ୍ଲବ ଗୁଡିକରେ ବିଭିର୍ଣ୍ଣ ଜନାଭିମୁଖୀ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା, ବାଲିମେଳା କଲେଜର ଛାତ୍ରଛାତ୍ରୀଙ୍କ ପାଇଁ ବସ ବ୍ୟବସ୍ଥା ଓ ସର୍ବସାଧାରଣ ଜାଗାରେ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ତଥା ପୂର୍ବ ପ୍ରଧାନମନ୍ତ୍ରୀ ଲଲବହାଦୁର ସ୍ୱାସ୍ତ୍ରୀ ଓ ଆମ୍ବେଦକରଙ୍କ ଜୟନ୍ତୀକୁ ସର୍ବସାଧରରେ ପାଳନ କରିବା। ସ୍ଥାନୀୟ ଲୋକ ନୃତ୍ୟ ଓ କଳାକୁ ପ୍ରୋତ୍ସାହନ ପ୍ରଦାନ କରିବା। ସ୍ଥାନୀୟ ସଫେଇ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହିତ ବିଏଚପିସିରେ ଏପର୍ଯ୍ୟନ୍ତ କୌଣସି ସିଭିଲ ଇଞ୍ଜିନିୟର ନଥିବା ଓ ସବୁ ସିଭିଲ କାର୍ଯ୍ୟକୁ ତଦାରଖ କରାଯାଉ ନଥିବା ଓ ସେଫ୍ଟ ଅଫିସର ନଥିବା ନେଇ ଯଥା ଶୀଘ୍ର ସିଭିଲ ଇଂଜିନିୟର ଓ ସେଫ୍ଟ ଅଫିରଙ୍କୁ କାର୍ଯ୍ୟରେ ରଖିବା ପାଇଁ ଦାବି ରେ ଉଲେଖ କରାଯାଇଅଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ନଗର ସଭାପତି ମଙ୍ଗଳା ପାଙ୍ଗି, ବାଲିମେଳା ଉପ ନଗରପାଳିକା ରଶ୍ମିତା ବାଙ୍କା, ୱାର୍ଡ ମେମ୍ବର ତୁଳମଣି ଛତି, ଦେବେନ୍ଦ୍ର ଦାସ, ଜିଲ୍ଲା ଉପ ସଭାପତି ବିଜୟ କ୍ରିଷ୍ଣା ଦାସ, ଦୁର୍ଯ୍ୟ ମାଣ୍ଡି, ମଦନ ସେଠି, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚିଠିର ଅବିକଳ ନକଲ ଜିଲ୍ଲାପାଳ, ଚିତ୍ରକୋଣ୍ଡା ବିଧାୟକ, ବାଲିମେଳା ନିର୍ବାହୀ ଅଧିକାରୀ, ଜିଲ୍ଲା ବିଜେଡି ସଭାପତିଙ୍କୁ ପ୍ରଦାନ କରାଯାଇଅଛି ବୋଲି ଦାବିପତ୍ରରେ ଉଲେଖ କରାଯାଇଅଛି।

# ଏନ୍‌ଟିପିସି କଣିହାଁର ୩୭ତମ ପ୍ରତିଷ୍ଠା ଦିବସ

କଣିହାଁ, (ଭାସ୍କର ନ୍ୟୁଜ୍): ଏନଟିପିସି କଣିହାଁର ୩୭ତମ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସୋମବାର ଦିନ ଏକ ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ୟୁନିୟନ, ସିଆଇଏସ୍‌ଏଫ ଓ ଏନଟିପିସିର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ପରେ ଏନଟିପିସି ପ୍ରାଶାସନିକ ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏନଟିପିସି କଣିହାଁ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ନରସିଂହ ରେଡ୍ଡି। ଯୋଗ ଦେଇ, ଜିଏମ୍ (ଓ ଆଣ୍ଡ ଏମ୍) ରାମ କୃଷ୍ଣ, ଜିଏମ ଏସ୍.ଏସ୍. ରାଓ, ବିଭିନ୍ନ ୟୁନିୟନ୍‌ର ମୁଖ୍ୟ, ସିଆଇଏସ୍‌ଏଫ୍ ପର୍ସନେଲ୍ ଓ ସମସ୍ତ ଏନ୍‌ଟିପିସି କର୍ମଚାରୀଙ୍କ ଉପସ୍ଥିତରେ ଏନଟିପିସି



ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରେଡ୍ଡି ଏନ୍‌ଟିପିସିର ବିଗତ ଦିନର ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିଥିଲେ। ଏନ୍‌ଟିପିସି କଣିହାଁ କ୍ରମାଗତ ଦ୍ୱିତୀୟ ବର୍ଷରେ ବ୍ୟାବସାୟିକ କ୍ଷେତ୍ରରେ ଅପାର ସଫଳତା ହାସଲ କରିଛି। ଏନଟିପିସି ସିଏସଆର ଯୋଜନା ମାଧ୍ୟମରେ ବହୁ ଉନ୍ନୟନ ମୂଳକ ଯୋଜନା କରିଥିବା ଓ ୫୦. ୫୦ ଲକ୍ଷ ମେଟ୍ରିକ୍ ଟନ ଫ୍ଲାଏ ଆସ୍ ସରକାରୀ ସଡ଼କ ପ୍ରକଳ୍ପ ପାଇଁ ଯୋଗାଇ ଦିଆଯିବା ସହ ୧୬ ହଜାର ବୃକ୍ଷରୋପଣ କରାଯାଇଛି। ଏନ୍‌ଟିପିସି କଣିହାଁ କ୍ରମାଗତ ଚତୁର୍ଥଥର ନିମନ୍ତେ ବ୍ରିଟିସ୍ ସେଫ୍ଟି କାଉନ୍‌ସିଲ୍ ପକ୍ଷରୁ ଇଣ୍ଟରନ୍ୟାସନାଲ୍ ସେଫଟି ଆୱାର୍ଡ ପାଇଛି। ବାଳିକା ସଶକ୍ତିକରଣ ଅଭିଯାନରେ ଏନ୍‌ଟିପିସିର କାର୍ଯ୍ୟକ୍ରମ ସମ୍ପର୍କରେ ରେଡ୍ଡି ଉଲ୍ଲେଖ କରିଥିଲେ।



ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରାଧାନଗର ଗ୍ରାମ ପଞ୍ଚାୟତର ଲାଣ୍ଡିବନ୍ଧ ପାୱାର ହାଉସ ଛକରେ ନଳକୂପ ଖୋଳାଯିବା ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ସ୍ଥାନୀୟ ବାସିନ୍ଦା। ମିଳିଥିବା ସୂଚନା ଅନୁଯାୟୀ ଲାଣ୍ଡିବନ୍ଧ ପାୱାର ହାଉସ ଛକ ଦେଇ ଦେବଗଡ଼, ବଡ ବାଗବର, ଚନ୍ଦନ ନଗର ଆର୍ଡ଼ି ଗ୍ରାମର ଛାତ୍ରଛାତ୍ରୀ ଓ ଜନସାଧାରଣ ଯାତାୟତ କରନ୍ତି । ସେଠାରେ ଏକ ନଳକୂପ ଖୋଳା ଯିବାକୁ ସ୍ଥାନୀୟ ବାସିନ୍ଦା ଗତ ୧୩ ତାରିଖ ଦିନ ଜିଲ୍ଲାପାଳଙ୍କ ନିକଟରେ ଦାବି କରିବା ପରେ ନଳକୂପ ଖୋଳିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଗତ ୨୩ ତାରିଖରେ ନଳକୂପ ଖୋଳା ମେସିନ ପହଞ୍ଚି ଖୋଳିବା ଆରମ୍ଭ କରିଥିଲା । କିଛି ଖୋଳିବା ପରେ କାମ ବନ୍ଦ କରି ମେସିନ ଫେରି ଯାଇଥିଲା । ତେଣୁ ଆଜି ସ୍ଥାନୀୟ ବାସିନ୍ଦା ମାନେ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ । ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ତଥା ଜରୁରୀ କାଳୀନ ଉପ ବିଭାଗ ସହକାରୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ସରଗୀ ମଞ୍ଜି ସଂଗ୍ରହ ପାଇଁ ନୂତନ ମଣ୍ଡି ଉଦ୍‌ଘାଟିତ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ଦ୍ୱାରା ଗଠିତ ସିନ୍ଦୁର ଗୌରୀ ବନଧନ ବିକାଶ କେନ୍ଦ୍ର, ଚକ, ଡିମ୍ବୋ ପଂଚାୟତଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ପ୍ରକଳ୍ପ ପ୍ରଶାସକ ପୁନମ ରାଉତ ନଡିଆ ବାଡେଇ ସରଗୀ(ଶାଳ) ମଞ୍ଜିର ମଣ୍ଡି ଉଦଘାଟନ କରିଥିଲେ। ସେ କହିଲେ ଚଳିତ ବର୍ଷ ଅର୍ଥାତ୍ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡିଶା ସରକାର ୨୧ଟି ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ ବ୍ୟବସ୍ଥା କରିଛନ୍ତି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସହଯୋଗରେ ଆଦିବାସୀ ଉନ୍ନୟନ ସମବାୟ ନିଗମ କେନ୍ଦୁଝର ଶାଖା ସିନ୍ଦୁରଗୌରୀ ବନଧନ କେନ୍ଦ୍ର ମାଧ୍ୟମରେ ଡିମ୍ବୋ,ମଇଦାନକେଲ ଓ ନେଲୁଙ୍ଗ ପଂଚାୟତରୁ କେନ୍ଦୁଝର ଜିଲ୍ଲା ପାଇଁ ଓଡିଶା ସରକାରଙ୍କ ଲଘୁ ବନଜାତ ଦ୍ରବ୍ୟର ଧାର୍ଯ୍ୟ ମୂଲ୍ୟ ଅନୁସାରେ ସରଗୀ ମଞ୍ଜି ସଂଗ୍ରହ କରିବ । କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସଂପାଦକ ତଥା ପରିବେଶବିତ ଭକ୍ତବସ୍ଳ ମହାନ୍ତି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ କହିଲେ କିଛି ଅସାଧୁ ବେପାରୀ ଲଘୁ ବନଜାତ ଦ୍ରବ୍ୟର ମୂଳ ସଂଗ୍ରହକାରୀଙ୍କ ଠାରୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦାମରେ କିଣି ଲାଭାନ୍ୱିତ ହେଉଛନ୍ତି । ଉପସ୍ଥିତ ସମସ୍ତ ମୂଳ ସଂଗ୍ରହକାରୀ ଆଦିବାସୀ ଓ ବନବାସୀ ଭାଇ ଭଉଣୀମାନଙ୍କୁ ସତର୍କ ରହି ବନଧନ ବିକାଶ କେନ୍ଦ୍ର ମଣ୍ଡିଠାରେ ସରଗୀ ମଞ୍ଜି ବିକ୍ରୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆଦିବାସୀ ଉନ୍ନୟନ ସମବାୟ ନିଗମ କେନ୍ଦୁଝର ଶାଖାର କ୍ଷେତ୍ରୀୟ ଅଧିକାରୀ ବାସୁଦେବ ମାର୍ଣ୍ଡି ଅନ୍ୟତମ ଅତିଥି ଭାବରେ ଯୋଗଦେଇ କହିଲେ ମୂଳ ସଂଗ୍ରହକାରୀମାନେ ସରଗୀ ମଞ୍ଜିକୁ ମଣ୍ଡିକୁ ଆଣିବା ସମୟରେ ଆଧାର କାର୍ଡ,ଭୋଟର କାର୍ଡ,ବ୍ୟାଙ୍କ ପାସ ବହିର ପ୍ରଥମ ପୃଷ୍ଠାର ଜେରକ୍ସ କପି,ମୋବାଇଲ ନମ୍ବର ଆଣିବା ଜରୁରୀ ଅଟେ । ଯାହାଦ୍ୱାରା ମୂଳ ସଂଗ୍ରହକାରୀର ନାମ ପଞ୍ଜିକରଣ ହୋଇପାରିବ ଓ ବିକ୍ରୟ ପରେ ପରେ ବନଧନ ବିକାଶ କେନ୍ଦ୍ର ମଣ୍ଡିରୁ ରସିଦ ନେଇପାରିବେ । ଜମାଖାତା ମାଧ୍ୟମରେ ବିକ୍ରୟ ବ୍ୟକ୍ତିଙ୍କ ପାଖକୁ ସିଧାସଳଖ ସରଗୀ ମଞ୍ଜିର ପରିମାଣ ଅନୁସାରେ ଧାର୍ଯ୍ୟ ମୂଲ୍ୟ ତିନିଦିନ ମଧ୍ୟରେ ପଇଠ କରି ଦିଆଯିବ । ମଣ୍ଡିଠାରେ ୨୧ଟି ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟର ସୂଚନା ଫ୍ଲେକ୍ସ ଆକାରରେ ଟଙ୍ଗା ଯାଇଥିଲା ଓ ପରିପତ୍ର ଆକାରରେ ବଣ୍ଟା ଯାଇଥିଲା । ଚକ, ଡିମ୍ବୋ, ଗୁହାଳଚୁଆ, ବଡମନୋହରପୁର, ଲୁଣଝରଣ ଗ୍ରାମରୁ ପ୍ରଥମ ଦିନରେ ସରଗୀ ମଞ୍ଜି ନୂତନ ମଣ୍ଡିଠାରେ କ୍ରୟ କରାଯାଇଥିଲା । ବନଧନ ବିକାଶ କେନ୍ଦ୍ରର କନସଲଟାଣ୍ଟ ଦୀପ୍ତିରଞ୍ଜନ ମହାକୁଡ ରେକର୍ଡ ପତ୍ରରେ ସ୍ୱଚ୍ଛତା ରଖିବା ପାଇଁ ବୁଝାଇଥିଲେ । ସିନ୍ଦୁରଗୌରୀ ବନଧନ ବିକାଶ କେନ୍ଦ୍ରର ସଭାପତି ସବିତା ନାୟକ ସଭା ପରିଚାଳନା କରିଥିଲେ ଓ ସଂପାଦିକା କଳ୍ପନା ନାୟକ ସ୍ୱାଗତ ଜଣାଇଥିଲେ । ସଭାରେ ୬୦ ରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳା ଉପସ୍ଥିତ ଥିଲେ ।

# ଟିଟାନିୟମ ପ୍ଲାଣ୍ଟ ବନ୍ଦ : ଆଲୋଚନା ବୈଠକ ବିଫଳ



ଛତ୍ରପୁର (ଭାସ୍କର ନ୍ୟୁଜ): ଛତ୍ରପୁର ନିକଟରେ ଥିବା ସରାଫ ଏଜେନସି ପ୍ରାଇଭେଟ ଲିମିଟେଡ଼ର ଟିଟାନିୟମ କମ୍ପାନୀ ନଭେମ୍ବର ୫ ତାରିଖରୁ ବନ୍ଦ ରହିଛି । ଏ ନେଇ କାର୍ଯ୍ୟରତ ୧୯୭ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ ନୋଟିସ କରାଯାଇ ଅସ୍ଥାୟୀ ଭାବେ ଛଟେଇ କରାଯାଇଛି । ଟିଟାନିୟମ ପ୍ଲାଣ୍ଟକୁ ପୁନଃ କାର୍ଯ୍ୟକ୍ଷମ କରିବା, ସମସଙ୍କୁ ନିଯୁକ୍ତି, ଅଧା ବଦଳରେ ପୁରା ଦରମା ନେଇ ସୋମବାର ଅନୁଷ୍ଠିତ ତ୍ରିପାକ୍ଷିକ ଆଲୋଚନା ବୈଠକ ହୋଇଥିଲା, ତେବେ ବୈଠକରୁ କୌଣସି ନିଷ୍କର୍ଷ ବାହାରି ପାରି ନଥିବା ଜଣାପଡିଛି , ଉକ୍ତ ବୈଠକରେ ଉପଜିଲ୍ଲାପାଳ ଶିବାଶିଷ ବରାଳ ଅଧ୍ୟକ୍ଷତା କରିଥିଲେ, ରାଜ୍ୟ ସରକାରଙ୍କୁ ନଜଣାଇ ପ୍ଲାଣ୍ଟ ବନ୍ଦ କରିଥିବାରୁ ଶ୍ରମ ବିଭାଗ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ସୂଚନା ଦିଆଯାଇଥିଲା। ୧୩ ଜଣ ମହିଳା ଶ୍ରମିକଙ୍କୁ ସମ୍ପୂର୍ଣ୍ଣ ଭାବେ ଚାକିରୀରୁ ବାହାର କରିଦିଆଯାଇଛି। ତାଙ୍କୁ ମଧ୍ୟ କ୍ଷତିପୂରଣ ଦାବି କରାଯାଇଥିଲା। ଏଥିସହ ପୁରା ଦରମା ଦେବାକୁ ଦାବି ହୋଇଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ କୌଣସି ଉତ୍ତର ଦେଇପାରିନଥିଲେ। ଦୀର୍ଘ ବର୍ଷ ଧରି କମ୍ପାନୀ କ୍ଷତିରେ ଚାଲୁଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଗତ ନଭେମ୍ବର ୫ ତାରିଖରୁ ପ୍ଲାଣ୍ଟକୁ ବନ୍ଦ କରିବା ସହ ସମସ୍ତ କର୍ମଚାରୀଙ୍କୁ ଅସ୍ଥାୟୀ ଭାବେ ଛଟେଇ କରି ରଖିଛନ୍ତି । ଅର୍ଡର ମିଳିବା ପରେ ଓ ପରିସ୍ଥିତି ସୁଧୁରିବା ଲାଗି କମ୍ପାନୀ କର୍ତ୍ତୃପକ୍ଷ ଚେଷ୍ଟା କରୁଥିବା ଉକ୍ତ ନୋଟିସରେ ଦର୍ଶାଯାଇଥିଲା। ତେବେ ଏହି ଅବଧି ପୂରଣ ସହ ୨ ମାସ ବିତିଯାଇଥିଲେ ହେଁ ପ୍ଲାଣ୍ଟ ପୁନଃ କାର୍ଯ୍ୟକ୍ଷମ ହୋଇନି, ବାରମ୍ବାର ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନି । ଏହି ବୈଠକରେ ଲ୍ୟାଣ୍ଡ ଲୁଜର କଲ୍ୟାଣ ସଂଘର ସଭାପତି ଏସ. ଚକ୍ରପାଣି ରେଡ଼ି, ସମ୍ପାଦକ ଲକ୍ଷ୍ମୀ ନାରାୟଣ ମହାରଣା, ଉପସଭାପତି ରାବଣା ସ୍ୱାମୀ, ସିଏଚ.ଦାଶରଥି ରେଡ୍ଡୀ, ବିନୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ହଷ୍ଟେଲ ସୁବିଧା ଦାବିରେ ଆଦିବାସୀ ଛାତ୍ରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଆଦିବାସୀ ଅଧ୍ୟୁଷିତ ଆମ୍ବଝରୀ ହାଇସ୍କୁଲରେ ପଢୁଥିବା ନବମ ଓ ଦଶମ ଶ୍ରେଣୀର ଆଦିବାସୀ ଛାତ୍ରୀମାନେ ସେମାନଙ୍କୁ ହଷ୍ଟେଲ ସୁବିଧା ଯୋଗାଇ ଦେବାକୁ ଦାବି କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଆମ୍ବଝରୀ ହାଇସ୍କୁଲରେ ପ୍ରାଇଭେଟ୍ ହାଇସ୍କୁଲ ହୋଇଥିବା ବେଳେ ବିଦ୍ୟାଳୟର ଆଦିବାସୀ ବାଳିକା ହଷ୍ଟେଲ ନାହିଁ । ବିଦ୍ୟାଳୟ ନିକଟରେ ଆମ୍ବଝରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଆଦିବାସୀ ବାଳିକା ହଷ୍ଟେଲ ରହିଛି । ସେଠାରେ ସେମାନଙ୍କୁ ରହିବା ସୁବିଧା ଯୋଗାଇ ଦେବାକୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

## ଡେରାବିଶ ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା




ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି, ରସାୟନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିକ୍ରମ କୁମାର ମହାନ୍ତି, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି, ମହାବିଦ୍ୟାଳୟର ମୁଖ୍ୟ କିରାଣୀ ପ୍ରଭାକର ବେହେରା, କନିଷ୍ଠ କିରଣୀ କିଶୋର ରଞ୍ଜନ କର ଏବଂ ଲାବୋରୋଟୋରୀ ଆଟେଣ୍ଡାଂଟ କ୍ଷୀରୋଦ ଚନ୍ଦ୍ର ଲେଙ୍କା ଶନିବାର ଦିନ ଅବସର ଗ୍ରହଣ କରିଥିଲେ । ଏହି ଉପଲକ୍ଷେ ମହାବିଦ୍ୟାଳୟ ସଭାଗୃହରେ ଶନିବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ର ଶେଖର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ରହି ବିଦାୟୀ ପ୍ରାଧ୍ୟାପକ ଓ କର୍ମଚାରୀଙ୍କ ମହାବିଦ୍ୟାଳୟ ପ୍ରତି ରହିଥିବା ବିଭିନ୍ନ ଅବଦାନ ସମ୍ପର୍କରେ ନିଜ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅବସର ଗ୍ରହଣ କରିଥିବା ସମସ୍ତ ପ୍ରାଧ୍ୟାପକ ଓ କର୍ମଚାରୀଙ୍କ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ବୃନ୍ଦାବନ ଦାସଙ୍କ ସଂଯୋଜନାରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିବା ବେଳେ ଶେଷରେ ଅଧ୍ୟାପକ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ସନ୍ତରଣ ପ୍ରଶିକ୍ଷଣ ଶିବିର

ଉମରକୋଟ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ସ୍ଥିତ ଏଜିଆର. ପ୍ରତିରକ୍ଷା ଏବଂ ଶାରୀରିକ ଏକାଡେମୀ ଠାରେ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ନବରଙ୍ଗପୁର ପକ୍ଷରୁ ଯୁବପିଢ଼ିମାନଙ୍କ ପାଇଁ ସନ୍ତରଣ ଏବଂ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ପାଣିରେ ବୁଡ଼ି କୌଣସି ପ୍ରାଣହାନୀ ଜନିତ ଦୁର୍ଘଟଣାକୁ ଏଡାଇବା ନିମନ୍ତେ ରାଜ୍ୟ ସରକାରଙ୍କର ଏହି ଅଭିନବ ପ୍ରୟାସ ନିଶ୍ଚିତ ଭାବରେ ଯୁବପିଢ଼ି ମାନଙ୍କ ଉପରେ ପ୍ରଭାବ ପକାଇବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ ।ଏହି ପ୍ରଶିକ୍ଷଣ ଶିବିରରେ ପ୍ରଥମ ପର୍ଯ୍ୟାୟରେ ତା ୨.୬.୨୫ ଠାରୁ ୭.୬.୨୫ ପର୍ଯ୍ୟନ୍ତ ତିରିଶ ଜଣିଆ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହିଭଳି ୧୦ ଗୋଟି ଦଳରେ ମୋଟ ୩୦୦ ଅଂଶଗ୍ରହଣ କାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରକାଶଥାଉ କି ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରେ ପୂର୍ବତନ ଅବସରପ୍ରାପ୍ତ ନୌସେନା ଅଧିକାରୀ ୩୪ ବର୍ଷୀୟ ଯୁବକ ଜି.ଗୋଲ୍ଡ ସ୍ମିଥ, ୨୦୦୮ରୁ ୨୦୨୩ ପର୍ଯ୍ୟନ୍ତ ଭାରତୀୟ ନୌସେନା ରେ କାର୍ଯ୍ୟକରି ଅବସର ଗ୍ରହଣ କଲା ପରେ ଉମରକୋଟ ଠାରେ ନିଜସ୍ୱ ଉଦ୍ୟମ ରେ ଏକ ସନ୍ତରଣ ଜଳାଶୟ ପ୍ରତିଷ୍ଠା କରି ବର୍ତ୍ତମାନ ପର୍ଯ୍ୟନ୍ତ ୧୪୪ ଛାତ୍ର ଛାତ୍ରୀଙ୍କୁ ସନ୍ତରଣ ତାଲିମ ପ୍ରଦାନ କରିଛନ୍ତି । ଏହି ଅବସରରେ ସେନା ବାହିନୀରୁ ସଦ୍ୟ ଅବସର ଗ୍ରହଣ କରିଥିବା ସୁବେଦାର ମେଜର ସୁକାନ୍ତ କୁମାର ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦଙ୍କ ପ୍ରତିନିଧି ରାମ ନାୟକ, ଉମରକୋଟ ପୌରାଧ୍ୟକ୍ଷା ରାଧା ଭାତ୍ରା,ଉପ ଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଗୀତାଞ୍ଜଳି ବେହେରା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜରୁରୀକାଳୀନ ବିଭାଗ ହିମାଂଶୁ ଶେଖର ପଟ୍ଟନାୟକ, ନିର୍ବାହୀ ଅଧିକାରୀ ପୌର ପରିଷଦ ଉମରକୋଟ ଆଲୋକ କୁମାର ଅନୁଗୁଳିଆ, ଝରିଗାଁ ତହସିଲଦାର ସୁମନ୍ତ ପାତ୍ର ଉପସ୍ଥିତ ଥିଲେ।

# ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ବୈଠକ



ବୌଦ୍ଧ(ଭାସ୍କର ନ୍ୟୁଜ):ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଜୁନ ୧୨ ରୁ ୧୮ ତାରିଖ ପର୍ଯ୍ୟନ୍ତ ବୌଦ୍ଧ କଚେରୀ ପଡିଆ ଠାରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ବିକାଶ ମେଳା ଅବସରରେ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା ଓ ପ୍ରସ୍ତୁତି ସମ୍ପର୍କିତ ଆଲୋଚନା କରିଥିଲେ । ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା ଅବସରରେ ପାରମ୍ପରିକ ଖାଦ୍ୟ ଉତ୍ସବ ମଧ୍ୟ ଅନୁଷ୍ଠିତ ହେବ । ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଓରମାସ ଅଧିକାରୀ ଶିବାସିଶ ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ବାଲି ବୋଝେଇ ଟ୍ରାକ୍ଟର ଜବତ: ୨ କୋର୍ଟଚାଲାଣ



ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ): ବେଆଇନ ଭାବେ ବାଲି ଉତ୍ତୋଳନ କରି ପରିବହନ ସମୟରେ ଦୁଇଗୋଟି ଟ୍ରାକ୍ଟରକୁ ବାଲିଚନ୍ଦ୍ରପୁର ପୋଲିସ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ କଳାଶ୍ରୀ ନିକଟରୁ ଜବତ କରି ଥାନାକୁ ନେଇଛି । ଏଥିସହ ଦୁଇଜଣ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ଦୀର୍ଘଦିନ ହେବ ବିରୂପା ନଦୀର ବିଭିନ୍ନ ଗ୍ରାମରୁ ଲେବର ସାହାର୍ଯ୍ୟରେ ବାଲି ଉତ୍ତୋଳନ କାର୍ଯ୍ୟ ଜାରିରହିଛି । ରବିବାର ଦୁଇଗୋଟି ବାଲି ବୋଝେଇ ଟ୍ରାକ୍ଟର ପଟ୍ଟାମୁଣ୍ଡାଇ କେନାଲ ରାସ୍ତାରେ ଯାଉଥିବା ସମୟରେ ପୋଲିସ ପେଟ୍ରୋଲିଂ ଭ୍ୟାନ ଉକ୍ତ ଗାଡ଼ି ଦୁଇଟିକୁ ଥାନାକୁ ନେଇଥିଲେ । ସେଠାରେ ଆବଶ୍ୟକୀୟ କାଗଜପତ୍ର ମଗାଯିବାରୁ ଡ୍ରାଇଭର କିମ୍ବା ମାଲିକ ଦେଇ ପାରିନଥିଲେ। ଗାଡ଼ି ଦୁଇଟିରେ ନମ୍ବର ନଥିବା ଦେଖିବାକୁ ମିଳିଛି। ତେବେ ଉଭୟ ଗାଡ଼ି ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ଥାନା କେଶ ନଂ ୧୪୯/୨୫ ରେ ବଡ଼ ବାଲିକୁଦା ଗ୍ରାମର ମନୋଜ ଦଲେଇ ଏବଂ କେଶ ନଂ ୧୫୦/୨୫ରେ କଳାଶ୍ରୀ ଗୋପାଳପୁର ଗ୍ରାମର ଚନ୍ଦନ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସମରଜିତ୍ ନାୟକ ସୂଚନା ଦେଇଛନ୍ତି ।

# ଯୁଗ୍ମ ଜନଶୁଣାଣି ଶିବିର



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ମାଲକାନଗିରି ଏସ୍‌ପି ବିନୋଦ ପାଟିଲ, ଖଣ୍ଡିୟ ବନ ଅକାରୀ ପ୍ରତାପ କତାପାଲି, ପିଡିଡି ଆରଡିଏ ନରେଶଚନ୍ଦ୍ର ଶବର ପ୍ରମୁଖଙ୍କ ସହ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ସ୍ଥାନରୁ ଲୋକେ ନିଜର ସମସ୍ୟାକୁ ନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ଅନେକ ବ୍ୟକ୍ତିଗତ ସମସ୍ୟା ସହ ବିଭିନ୍ନ ସ୍ଥାନରୁ ସାମୂହିକ ସମସ୍ୟାର ଶୁଣାଣି କରାଯାଇଥିଲା । ୨୭ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସମସ୍ତ ସମସ୍ୟାର ତ୍ୱରିତ ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବେ ବୋଲି କୁହାଯାଇଥିଲା।


## ନିଶାଦ୍ରବ୍ୟ ବିରୁଦ୍ଧରେ ସଚେତନତା ରଥର ଶୁଭାରମ୍ଭ



ନବରଙ୍ଗପୁର (ଭାସ୍କର ନ୍ୟୁଜ): ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବକାରୀ ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ନିଶାଦ୍ରବ୍ୟ ଓ ଅପମିଶ୍ରିତ ବିଷାକ୍ତ ମାଦକଦ୍ରବ୍ୟ ବ୍ୟବହାର ବିରୁଦ୍ଧରେ ସଚେତନତା ଅଭିଯାନ ଅନ୍ତର୍ଗତ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଯୋଗ ଦେଇ ସଚେତନତା ରଥକୁ ଜିଲ୍ଲାରେ ପରିକ୍ରମା ପାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ କୁମାର ସେନ, ଅବକାରୀ ଅଧିକ୍ଷକ ପ୍ରଭାସ କୁମାର ଦାସ,ଆଞ୍ଚଳିକ ପରିବହନ ଅଧିକାରୀ ଜୀତେନ୍ଦ୍ର ଭୋଇ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା,ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଅବକାରୀ ଓ ପୋଲିସ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଜିଲ୍ଲାର ୧୮୯ ପଞ୍ଚାୟତକୁ ଗସ୍ତ କରି ଆମ ସଂକଳ୍ପ - ନିଶା ନୁହେଁ, ଜୀବନକୁ ବାଛିବା ମୂଳମନ୍ତ୍ରର ସଚେତନତା ବାର୍ତ୍ତା ସମ୍ମିଳିତ ସଙ୍ଗୀତ ପରିବେଷଣ ସହ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବ ।ବିଭିନ୍ନ ପ୍ରକାରର ମାଦକଦ୍ରବ୍ୟ ଓ ଡ୍ରଗସ କାରବାର ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଗଞ୍ଜେଇ ଚାଷ ଓ ପରିବହନ, ଅପମିଶ୍ରିତ ବିଷାକ୍ତ ମଦ ବିକ୍ରୟ, ସାଇକୋଟ୍ରପିକ ଡ୍ରଗସ୍ ଭଳି ଘାତକ ନିଶାର ବିକ୍ରି କଲେ ଅବକାରୀ ଆଇନ-୨୦୦୮ ଏବଂ ନାର୍କୋଟିକ ଡ୍ରଗସ ଏଣ୍ଡ ସାଇକୋଟ୍ରପିକ ଆଇନ ୧୯୮୫ ଅନୁଯାୟୀ ସଶ୍ରମ କାରାଦଣ୍ଡ ଓ ଫାଇନ୍‌ର ବ୍ୟବସ୍ଥା ରହିଛି। ଗାଁ ରୁ ସହର ସମ୍ପୂର୍ଣ୍ଣ ଓଡ଼ିଶାକୁ ଘାତକ ନିଶା କବଳରୁ ମୁକ୍ତ କରିବା ପାଇଁ ଏହି ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟାପକ ସଚେତନତା ଅଭିଯାନ ତମାଖୁ ନିରୋଧ ଦିବସ ଗତ ୩୧.୫.୨୦୨୫ ତାରିଖରୁ ଆରମ୍ଭ ହୋଇଯାଇଛି।

## ଖାଲି ଚେକ୍ ଧରାଇ ଠକିଦେଲା ବ୍ଲକ ପ୍ରଶାସନ

କାଳିମେଳା (ଭାସ୍କର ନ୍ୟୁଜ):ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକରେ ବ୍ଲକ ସ୍ତରୀୟ ମାଲ୍ୟବନ୍ତ ବନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଜିଲ୍ଲାର କାଳିମେଳା ବ୍ଲକରେ ମଧ୍ୟ ଏହି ମହୋତ୍ସବ ପାଳିତ ହୋଇଥିଲା । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଆୟୋଜିତ ଏହି ମାଲ୍ୟବନ୍ତ ମହୋତ୍ସବରେ ସୁନାମଧନ୍ୟ ଚଳଚ୍ଚିତ୍ର କଳାକାରଙ୍କୁ ଆଣି ବାହାବା ନେବା ପାଇଁ ଚେଷ୍ଟା କରିଥିଲା ବ୍ଲକ ପ୍ରଶାସନ । ଏହି ମହୋତ୍ସବରେ ସ୍ଥାନୀୟ ଛାତ୍ରଛାତ୍ରୀମାନଙ୍କୁ ନେଇ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ପୁରସ୍କୃତ ମଧ୍ୟ ହୋଇଥିଲେ । ହେଲେ ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମଞ୍ଚରେ ଅତିଥିମାନଙ୍କ ସମ୍ମୁଖରେ ପୁରସ୍କାର ସ୍ୱରୂପ ଅର୍ଥ ଦେବାକୁ ଘୋଷଣା କରାଯାଇଥିଲା । ତେବେ ଦୀର୍ଘ ୬ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ବର୍ତ୍ତମାନ ସୁଧା କୌଣସି ଅର୍ଥ ଦିଆଯାଇ ନଥିବାର ଅଭିଯୋଗ ହୋଇଛି । ଏପରି ଅଭିଯୋଗ କରିଛନ୍ତି ପୁରସ୍କୃତ ହୋଇଥିବା ଜଣେ ୬ଷ୍ଠ ଶ୍ରେଣୀର ଛାତ୍ରୀ ଅଂଜନା ବଡ଼ନାୟକ। ସେ ୬ଷ୍ଠ ଶ୍ରେଣୀରେ ପାଠ ପଢୁଥିବା ବେଳେ ନୃତ୍ୟ ପ୍ରତିଯୋଗିତାରେ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ତାଙ୍କୁ ୭ ହଜାର ଟଙ୍କାର ଏକ ଡମି ଚେକ୍ ଧରାଇ ଦେଇ ପରେ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ବ୍ଲକ କର୍ତ୍ତୃପକ୍ଷ । ତେବେ ଦୀର୍ଘ ୬ ମାସ ବିତିଯାଇଥିଲେ ମଧ୍ୟ ଟଙ୍କାଟିଏ ମିଳିନାହିଁ ବୋଲି ବ୍ଲକ କାର୍ଯ୍ୟାଳୟକୁ ଡମି ଚେକ୍ ଧରି ଛାତ୍ରୀ ଜଣଙ୍କ ଆସିଥିବାର ଦେଖିବାକୁ ମିଳି ମିଳିଥିଲା ।




# ଉଜୁଡି ଗଲାଣି ମୁର୍ଗାଚାଷ



କେନ୍ଦୁଝର(ଭାସ୍କର ନ୍ୟୁଜ): ପତିତ ଜମିକୁ ମୃତ୍ତିକା କ୍ଷୟରୁ ରକ୍ଷା କରିବା ପାଇଁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ମୁର୍ଗାଚାଷ କରାଯାଇଥିଲା । ଏହାଦ୍ୱାରା ଶହ ଶହ ଗରିବ ଦିନ ମଜୁରିଆ ରୋଜଗାରକ୍ଷମ ହେବା ସହ ରାଜସ୍ୱ ଆଦାୟ ମଧ୍ୟ ହୋଇପାରୁଥିଲା । ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଏହି ଚାଷ ୧୯୮୨-୮୩ ମସିହାରୁ ବିଭିନ୍ନ ବ୍ଲକ ଅଞ୍ଚଳରେ କରାଯାଇ ଆସୁଥିଲା । ସପୁରୀ ପଣସ ଗଛ ଭଳି ଦେଖାଯାଉଥିବା ଏହି ଗଛ ଏବେ ଆଉ ଦେଖିବାକୁ ମିଳୁନାହିଁ। ରକ୍ଷଣାବେକ୍ଷଣ ଅଭାବ,ଜଳର ଅଭାବ ସାଙ୍ଗକୁ ଗଛଗୁଡିକ ପୋଡି ଯୋଗୁଁ ଏହା ଏବେ ସଂପୂର୍ଣ୍ଣ ବିଲୁପ୍ତ ହେବାକୁ ବସିଛି। ଏହି ଚାଷ ଘଟଗାଁ ବ୍ଲକରେ ପ୍ରାୟ ୧୦୦ ହେକ୍ଟର ଓ ବାଂଶପାଳ ବ୍ଲକରେ ୨୦୦ ହେକ୍ଟର ଜମିରେ କରାଯାଇଥିଲା । ମୁର୍ଗାଚାଷ ଏକ ଲାଭଜନକ ବ୍ୟବସାୟ । ମୁର୍ଗାଗଛରୁ ଝୋଟ ଓ ଦଉଡି ପ୍ରସ୍ତୁତ ହୋଇଥାଏ । ଏହି ଦଉଡିର ଚାହିଦା ବହୁତ ରହିଛି । ଜଳାଭାବ ଯୋଗୁଁ କେତେକ ଗଛରେ ପତ୍ର ନଥିବା ବେଳେ ନୂତନ ଗଛ ଲଗାଯାଉନାହିଁ । ଅନେକ ସମୟରେ ନିଆଁର ପ୍ରକୋପରେ ଏଗୁଡିକ ପୋଡି ଯାଉଛି । ତେଣୁ ଆଗଭଳି ମୁର୍ଗାପତ୍ର ସଂଗ୍ରହ,ଝୋଟ ପ୍ରସ୍ତୁତ ହୋଇପାରୁନାହିଁ ବୋଲି ଏହି ବ୍ୟବସାୟରେ ସଂପୃକ୍ତ ଥିବା ଲୋକମାନେ ପ୍ରକାଶ କରିଛନ୍ତି । ଜିଲ୍ଲାର ବିଭିନ୍ନ ଅଞ୍ଚଳର ବହୁ ଆଦିବାସୀ ଦୀର୍ଘ ୩୦ବର୍ଷ ଧରି ମୃତ୍ତିକା ସଂରକ୍ଷଣ ବିଭାଗ ଅଧିନରେ ଦୈନିକ ମଜୁରିଆ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ । ମାତ୍ର ଏବେ ମୁର୍ଗା ଚାଷ ସଂପୂର୍ଣ୍ଣ ନଷ୍ଟ ହେବାକୁ ବସି ଥିବାରୁ ଆଗାମୀ ଦିନରେ ଜୀବନଜୀବିକା ନେଇ ଚିନ୍ତିତ ହୋଇ ପଡିଛନ୍ତି । ଆଗରୁ ଶହ ଶହ ଆଦିବାସୀ ମଜୁରିଆ ଭାବେ ଏଠାରେ କାମଧନ୍ଦା ପାଉଥିଲେ । ମୁର୍ଗା ପତ୍ର କାଟିବା,ସେଥିରେ ଝୋଟ ବାହାର କରିବା ଆଦି କାମ କରୁଥିଲେ । କିନ୍ତୁ ଏବେ ଏହି ସଂଖ୍ୟା ହ୍ରାସ ପାଇଥିବା ଜଣାପଡିଛି । ମୁର୍ଗା ଗଛକୁ ପ୍ରକ୍ରିୟାକରଣ ଓ ମୂଲ୍ୟଯୁକ୍ତ କରି ଝୋଟ ବାହାର କରିବା ପାଇଁ କେନ୍ଦୁଝର ଜିଲ୍ଲାର ଚିକିଣିଆ ନିକଟରେ ଏକ ପ୍ରକଳ୍ପ ରହିଥିଲା ତାହା ଏବେ ଅଚଳ ହୋଇପଡିଛି । ଯେଉଁଠି ମୁର୍ଗା ଡାଳକୁ କଟାଯାଇ ଏକ ମେଶିନ୍ ଦ୍ୱାରା ପେସା ଯାଉଥିଲା ଓ ଝୋଟ ବାହାର କରାଯାଉଥିଲା । ଖଦଡ ଓ ବର୍ଜ୍ୟବସ୍ତୁକୁ ଗୋରୁଗାଇ ଖାଉଥିବାବେଳେ ଝୋଟକୁ ଖରାରେ ଶୁଖାଇ ୨୫ କିଗ୍ରା ଓଜନର ବଣ୍ଡଲ ପ୍ରସ୍ତୁତ ପରେ ବିଭାଗ ବାହାରକୁ ପଠାଯାଉଥିଲା । ଏହି ଝୋଟରୁ ଖଟ ବିଭିନ୍ନ ପ୍ରକାରର ପ୍ରସ୍ତୁତ ହୋଇଥାଏ । ଏଥିରୁ ଅଖା,ସାଇକେଲରେ ଲାଗୁଥିବା ଫୁଲ ଆଦି ମଧ୍ୟ ପ୍ରସ୍ତୁତ ହୋଇଥାଏ । ତେବେ ଚିକିଣିଆଠାରେ ସେଭଳି ଅଧିକ ବ୍ୟବସ୍ଥା ନାହିଁ । ଏଣୁ ଏହି ଝୋଟକୁ ଅଧିକ ମୂଲ୍ୟଯୁକ୍ତ କରି ସ୍ୱୟଂ ସହାୟକ ଗୋଷ୍ଠୀ ଅଥବା ଜିଲ୍ଲା ଶିଳ୍ପ ବିଭାଗ ଜରିଆରେ ତାଲିମ ଦେଇ ଏକ ସାମଗ୍ରୀ ପ୍ରସ୍ତୁତ ପ୍ଲାଣ୍ଟ କରାଗଲେ ସରକାର ଲାଭବାନ ହେବା ସହ ଏହି ଅଞ୍ଚଳର ଶହ ଶହ ଗରିବ ଆଦିବାସୀ କାମଧନ୍ଦା ପାଇପାରନ୍ତେ ବୋଲି ସ୍ଥାନୀୟ ଗ୍ରାମବାସୀ ମତବ୍ୟକ୍ତ କରିଛନ୍ତି । ସେହିପରି ଜଙ୍ଗଲ ଓ ପାହାଡ ଘେରା ବାଂଶପାଳ ବ୍ଲକରେ ଆଦିବାସୀମାନେ ଜଙ୍ଗଲ ନଷ୍ଟ କରି ପୋଡୁଚାଷ କରୁଥିବାରୁ ସେଥିରୁ ନିବୃତ୍ତ ରହିବା ପାଇଁ ହିତାଧିକାରୀମାନଙ୍କୁ ବିଭାଗ ପକ୍ଷରୁ ମୁର୍ଗାଚାଷ କରିବାକୁ ସୁବିଧା ଯୋଗାଇ ଦିଆଯାଇଥିଲା । ପାଖାପାଖି ୨୦୦ ହେକ୍ଟର ଜମିରେ ମୁର୍ଗାଚାଷ କରାଯାଇ ହିତାଧିକାରୀଙ୍କୁ ଦିଆଯାଇଥିଲା । ତେବେ ଆବଶ୍ୟକ ମୁତାବକ ସୁବିଧା ନମିଳିବାରୁ ହିତାଧିକାରୀମାନେ ମୁର୍ଗାଚାଷକୁ ଜୀବନଜୀବିକାରେ ସାମିଲ କରିପାରିଲେ ନାହିଁ। ଚାଷ ଠିକ୍ ସମୟରେ ହୋଇ ନପାରିବାରୁ ମୁର୍ଗା ଗଛ ଦୀର୍ଘ ୨୫/୩୦ ବର୍ଷ ହେବ ପଡିରହି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଲା ପରି ପରିସ୍ଥିତି ସୃଷ୍ଟି ହୋଇଛି । ମୁର୍ଗାଚାଷକୁ ଅଧିକ ବ୍ୟାପକ କରାଗଲେ ପତିତ ଜମିରେ ମୃତ୍ତିକାକ୍ଷୟକୁ ରୋକାଯିବା ସହ ସ୍ଥାନୀୟ ଜନସାଧାରଣ କାମଧନ୍ଦା ମିଳିପାରନ୍ତା ବୋଲି ମତପୋଷଣ ହେଉଛି ।

## ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଫଳପ୍ରସୂ ପଦକ୍ଷେପ ଏବଂ ପ୍ରଣୀତ ବିବିଧ ଯୋଜନା ଗୁଡିକର ଉଦ୍ଦେଶ୍ୟ ଓ କାର୍ଯ୍ୟାୟନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ଏବଂ ବହୁବିଧ କଲ୍ୟାଣକାରୀ ଦିଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଚଳିତ ଜୁନ ମାସ ୧୨ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ସାଧାରଣ ସଭା, ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ, ପ୍ରଦର୍ଶନୀ(ବିକାଶ ମେଳା) ଗୋଷ୍ଠୀଗତ ଆଲୋଚନା ଚକ୍ର ତଥା ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ପୂର୍ତ୍ତ ବିଭାଗ, ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ମିଶନ ଶକ୍ତି ବିଭାଗ,ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜଙ୍ଗଲ ଓ ପରିବେଶ ଜଳବାୟୁ ପରିବର୍ତ୍ତନ ବିଭାଗ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ,ବୟନ ହସ୍ତତନ୍ତ ବିଭାଗ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସମାଜ କଲ୍ୟାଣ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଜିଲ୍ଲା ପ୍ରଶାସନ ଓ ଅନ୍ୟ ସମସ୍ତ ବିଭାଗର ମିଳିତ ସହଯୋଗରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସମ୍ପୃକ୍ତ ବିଭାଗୀୟ ସମସ୍ତ ଅଧିକାରୀ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ସଫଳ ରୂପାୟନରେ ପୂର୍ଣ୍ଣ ସହଯୋଗ ରହିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଖଣ୍ଡୀୟ ବନ ଅଧିକାରୀ କଳାହାଣ୍ଡି ( ଉତ୍ତର) କଲାଇ ବନାନ୍,ଖଣ୍ଡିୟ ବନ ଅଧିକାରୀ କଳାହାଣ୍ଡି(ଦକ୍ଷିଣ) ରମେଶ କୁମାର, ଅତିରିକ୍ତ ଜିଲ୍ଲାପାଳ( ସାଧାରଣ) ତନ୍ମୟ କୁମାର ଦରୱାନ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ,ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରବେଶନ) ଅନିମେଶ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମୀନତି ଦାସ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ନୃସିଂହ ଚରଣ ପଟ୍ଟନାୟକ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜି ବୁନ୍ ନିଶା, ପି ଡି, ଡ୍ରୁଡକ୍ଷ ମୁନୀନ୍ଦ୍ର ହୋନାଗା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଙ୍ଗ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

### ପରିବାରର ଆର୍ଥିକ ଦୁର୍ଗତି ବାଧା ସାଜିଲା

## କେରଳରେ ଦାଦନ ଖଟୁଛି ମାଟ୍ରିକ୍ ଟପ୍ପର



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍): ଦଶମ ବୋର୍ଡ ପରୀକ୍ଷାରେ ଏ-୨ ଗ୍ରେଡ୍ ପାଇ ସମଗ୍ର ବ୍ଲକକୁ ଗର୍ବିତ ଓ ଗୌରବାନ୍ୱିତ କରିଛନ୍ତି ଲାଞ୍ଜିଗଡ ବ୍ଲକ ବନ୍ଧପାରୀ ପଞ୍ଚାୟତ ଟିମନବାଡି ଗାଁ ତଥା ବିଶ୍ୱନାଥପୁର ଗୋପବନ୍ଧୁ ହାଇସ୍କୁଲର ଛାତ୍ର ସୂରଜ ନାଗ। ଏଇ କିଛି ଦିନ ତଳେ ଘୋଷିତ ଦଶମ ପରୀକ୍ଷା ଫଳାଫଳରେ ୪୯୮ ମାର୍କ ରଖି ସେ କୃତୀତ୍ୱ ଅର୍ଜନ କରିଛି। ପରୀକ୍ଷାରେ ଏଇ ସଫଳତାକୁ ନେଇ ପରିବାର ଓ ଗାଁ ଲୋକେ, ସ୍କୁଲ କର୍ତ୍ତୃପକ୍ଷ ସମସ୍ତେ ବେଶ ଖୁସି ଜାହିର କରୁଛନ୍ତି। ଏପରିକି ସୂରଜଙ୍କ ସହିତ ଆଉ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଦିଆଯାଇଛି। କିନ୍ତୁ ଏହି ସମ୍ବର୍ଦ୍ଧନା ସଭାରେ ସୂରଜ ନିଜେ ଉପସ୍ଥିତ ହୋଇପାରିନଥିଲା। କାରଣ ତିନିମାସ ହେଲା କେରଳରେ ଦାଦନ ଖଟୁଛି ମେଧାବୀ ଛାତ୍ର ସୂରଜ। ପରିବାରର ଆର୍ଥିକ ଅନଟନ, ଗରିବୀ ତାକୁ ସଜାଇଛି ଜଣେ ଦାଦନ ଶ୍ରମିକ। କେରଳ ରାଜ୍ୟ ଆଲୁଭା ନିକଟସ୍ଥ ଏକ ପଥର କ୍ରସରରେ ସେ ଏବେ ଦିନ ମଜୁରିଆ ଦାଦନ ଶ୍ରମିକ। ଯେଉଁଠି ପାଦ ପାଦରେ ପ୍ରତି ମୁହୂର୍ତ୍ତରେ ବିପଦ ଛକି ବସିଛି। ସେଇ ପଥର କ୍ରସରରେ ମେଧାବୀ ଛାତ୍ର ସୂରଜ ଦାଦନ ଖଟୁଛି। ଅପରପକ୍ଷରେ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପାଇଁ ନିମନ୍ତ୍ରଣ ଦେବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ପରିବାରର ଗରିବୀ ଓ ଅର୍ଥାଭାବ ଜଣେ ମେଧାବୀ ଛାତ୍ରକୁ ଦାଦନ ସଜାଇଛି। ଘରେ ବୁଢା ବାପ-ମାଆ ଓ ଭାଇ ଥିବାବେଳେ ନିଜ ଫର୍ମ ପୂରଣ ଓ ନାମଲେଖା ପାଇଁ ସେ ଟଙ୍କା ଯୋଗାଡ଼ କରିବାକୁ ଦାଦନ ଖଟିବାକୁ ଯାଇଥିବା ତାଙ୍କ ପରିବାର ଲୋକେ ସ୍ୱୀକାର କରିଛନ୍ତି। ତେବେ ଅର୍ଥାଭାବ ଓ ପରିବାରର ଆର୍ଥିକ ଦୁର୍ଗତି ଯୋଗୁଁ ଜଣେ ମେଧାବୀ ଛାତ୍ର ଦାଦନ ଖଟିବାକୁ ବାଧ ହେବା ଘଟଣାକୁ ନେଇ ବିଭିନ୍ନ ମହଲରେ ଚିନ୍ତାବ୍ୟକ୍ତ କରାଯାଇଛି। ଏଣୁ ଦାଦନ ସାଜିଥିବା ମେଧାବୀ ଛାତ୍ରଙ୍କୁ ଉଦ୍ଧାର କରି ଉଚ୍ଚଶିକ୍ଷା ପ୍ରଦାନ ପାଇଁ ସରକାର, ପ୍ରଶାସନ କିମ୍ବା କୌଣସି ଘରୋଇ ଶିକ୍ଷାନୁଷ୍ଠାନ ଆଗେଇ ଆସିବାକୁ ଦାବି ହେଉଛି।

## ସରକାରୀ ଜମି ଚିହ୍ନଟ ନେଇ ତହସିଲଦାରଙ୍କୁ ଦାବିପତ୍ର



କୋକସରା,(ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ମୋଟେର ପଞ୍ଚାୟତ ସଦର ବସଷ୍ଟାଣ୍ଡ ନିକଟରେ ଅନେକ ଲୋକ ସରକାରୀ ଜମି ଜବରଦଖଲ କରି ରଖିଛନ୍ତି। ଏହାକୁ ଉଚ୍ଛେଦ କରିବା ସହ ସରକାରୀ ଜମି ଚିହ୍ନଟ କରିବା ପାଇଁ ନାଏବ ସରପଞ୍ଚ କୋକସରା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୋଟେର ବସଷ୍ଟାଣ୍ଡ ନିକଟରେ ଏକ ଅମୃତଧାର ଓ ଶୌଚାଳୟ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। ବର୍ତ୍ତମାନ ତାହା ଅନୁମୋଦନ ହୋଇଛି। କିନ୍ତୁ ବସଷ୍ଟାଣ୍ଡ ନିକଟରେ ଅନେକ ଲୋକ ସରକାରୀ ଜାଗା ଅକ୍ତିଆର କରିବା ସହ ଦୋକାନ କରିଥିବାରୁ ଶୌଚାଳୟ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇ ପାରୁନାହିଁ। ତେଣୁ ମୋଟେର ଗ୍ରାମର ସରକାରୀ ଜାଗା ଚିହ୍ନଟ କରିବା ପାଇଁ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ନାଏବ ସରପଞ୍ଚ ପଲ୍ଲବୀ ପାଲ ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶୀଘ୍ର ଏହାର ପଦକ୍ଷେପ ନେବା ସହ ଜମି ଚିହ୍ନଟ କରି ପଞ୍ଚାୟତକୁ ହସ୍ତାନ୍ତର କରିବା ନେଇ ଦାବି କରିଥିବା ଜଣାପଡିଛି।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍): ନୂତନ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଉନ୍ନତ କୃଷି ଏବଂ ଏ ସମ୍ପର୍କରେ ରହିଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ତଥ୍ୟ ଓ ସୂଚନା ପ୍ରଦାନ ସହିତ ଏ ଦିଗରେ ବିଜ୍ଞାନର ଉପଯୋଗିତାକୁ ନେଇ ଆଜି ଲାଞ୍ଜିଗଡ ବ୍ଲକ କଦମ୍ବଗୁଡ଼ାସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନର୍ଲା ଜିଲ୍ଲା କୃଷି କାର୍ଯ୍ୟାଳୟ ଓ ଲାଞ୍ଜିଗଡ ବ୍ଲକ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ଜିଲ୍ଲା କୃଷି ଅଧିକାରୀ ଶୁଭେନ୍ଦୁ କର, ସମ୍ମାନିତ ଅତିଥି ଭାବେ କଦମ୍ବଗୁଡା ସରପଞ୍ଚ ସନ୍ତୋଷ ମାଝୀ, ବିଶେଷଜ୍ଞ ଭାବେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ପ୍ରକାଶ ଚନ୍ଦ୍ର ଜେନା, ଭୂପିନ୍ଦ୍ର ଗୀତାଲଧୋରି, କୃଷି ଓ ମୃତ୍ତିକା ବୈଜ୍ଞାନିକ ଶ୍ରଦ୍ଧା ମହାନ୍ତି, ତୁଳସୀ ମାଝୀ, କୃଷି ଇଞ୍ଜିନିୟର କ୍ଷିତୀଶ ବେହେରା ପ୍ରମୁଖ ଯୋଗ ଦେଇ ଚାଷୀମାନଙ୍କ ସହିତ କୃଷି ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏଥିରେ ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଅନନ୍ତ ପଣ୍ଡା, ମତ୍ସ୍ୟ ଅଧିକାରୀ ଦେବବ୍ରତ ନାୟକ, ପ୍ରାଣୀ ସମ୍ପଦ ଅଧିକାରୀ ଡା. ଅମୀୟ କୁମାର ସା, ପ୍ରାଣୀ ନିରୀକ୍ଷକ ପ୍ରଶାନ୍ତ ହରିଜନ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ଦିବ୍ୟ ନାୟକ, ରାକେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଲାଞ୍ଜିଗଡ ବ୍ଲକ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗ୍ରାମ୍ୟ କୃଷି ଅଧିକାରୀ ଭାସ୍କର ମାଝୀ, କୃଷି କାର୍ଯ୍ୟାଳୟ କର୍ମଚାରୀ ଜୟନ୍ତ ଧାଉଁରିଆ, ସୁଭଦ୍ରା ସାହୁ, ପରମାନନ୍ଦ ରଣା ପ୍ରମୁଖ ପରିଚାଳନା କରିଥିଲେ। କୃଷକ ସାଥୀ ଅନଙ୍ଗ ପ୍ରଧାନ, ନେପାଳ ଶବର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ କଦମ୍ବଗୁଡା ପଞ୍ଚାୟତର ବିଭିନ୍ନ ଗାଁରୁ ଦୁଇଶହରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ହୋଇ ସିଧାସଳଖ ଆଲୋଚନାରେ ଭାଗ ନେଇଥିଲେ। ସେହିପରି କମର୍ଦ୍ଧାଠାରେ ମଧ୍ୟ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଚିତ୍ରକଳା କର୍ମଶାଳା ଉଦ୍‌ଯାପିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ କଳାହାଣ୍ଡି ଲେଖକ କଳା ପରିଷଦ ଆନୁକୂଲ୍ୟରେ 'ଇଣ୍ଡିଆନ୍ କ୍ରିଏଟିଭ୍ ଆର୍ଟିଷ୍ଟ ନେଟୱାର୍କ (ଆଇକେନ୍) ଟ୍ରଷ୍ଟ ପକ୍ଷରୁ ଦୀର୍ଘ ୧୨ ଦିନ ଧରି ଚାଲିଥିବା ଛାତ୍ରଛାତ୍ରୀମାନଙ୍କ ଚିତ୍ରକଳା କର୍ମଶାଳାର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ଡ. ଅଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ରୂପସିଙ୍ଗ ରାଉତ, କର୍ମଶାଳାର ଆୟୋଜକ ଲେଖକ କଳାପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୨ତାରିଖ ପୂର୍ବାହ୍ନରେ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ଚିତ୍ରକଳା ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା।ଏଥିରେ କଳାହାଣ୍ଡି କିସ୍ ବିଦ୍ୟାଳୟର ଦୁଷ୍ମନ୍ତ ପଧାନ, ସତ୍ୟସାଇ ସେବା ସମିତିର ପ୍ରତାପ ଚନ୍ଦ୍ର ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆଇକେନ୍ ଟ୍ରଷ୍ଟର ସମ୍ପାଦକ ଅଭିଜିତ ମିଶ୍ର ପରିଚାଳନା କରିଥିବାବେଳେ ଶିଳ୍ପୀ ତରୁଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାଟି ଶିଳ୍ପୀ ସଂଗ୍ରାମ ସରାଫ୍,ମାନସ ରଞ୍ଜନ ପଣ୍ଡା, ଲିଙ୍ଗରାଜ ସାହୁ, ସାମନ୍ତ ସୁନାନୀ,ଅଜିତ ନାଏକ, ମୀନା ବେମାଲ ଓ ମଦନ ରଣା ପ୍ରମୁଖ ଶିଳ୍ପୀଙ୍କ ସହଯୋଗିତାରେ ସଫଳତାର ସହ ଶେଷ ହୋଇଥିଲା।

## ରେଜାଙ୍ଗଲା ସହିଦ ମାଟି କଳସକୁ ଭବ୍ୟ ସ୍ୱାଗତ



କୋକସରା, (ଭାସ୍କର ନ୍ୟୁଜ୍): ୧୯୬୨ ଭାରତ-ଚୀନ୍ ଯୁଦ୍ଧରେ ସହିଦ ହୋଇଥିବା ୧୧୪ ଅହୀର ଯବାନଙ୍କ ବୀରତ୍ୱର ଗାଥା ଜନମାନସରେ ଉପସ୍ଥାପିତ କରିବା ପାଇଁ ଆରମ୍ଭ ହୋଇଛି ରେଜାଙ୍ଗଲା ସହୀଦ ମାଟି କଳସ ଯାତ୍ରା। ରବିବାର କୋକସରାଠାରେ ଏହି କଳସ ଯାତ୍ରାକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରେଜେଙ୍ଗଲାର ପବିତ୍ର ମାଟିକୁ ବହନ କରିଥିବା ଏହି କଳସ ଯାତ୍ରା କଳାହାଣ୍ଡିରେ କେସିଙ୍ଗା ଠାରୁ ଆରମ୍ଭ ହୋଇ କୋକସରା ଠାରେ ସମାପ୍ତ ହୋଇଥିଲା। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ ଓ ଉତ୍କଳ ଯାଦବ ମହାସଭାର ସମ୍ପାଦକ ଗୋବିନ୍ଦ ବନଛୋରଙ୍କ ନେତୃତ୍ୱରେ ଆୟୋଜିତ ରେଜାଙ୍ଗଲା ମାଟି କଳସ ଯାତ୍ରାରେ ରାଷ୍ଟ୍ରୀୟ ସହ ସଂଯୋଜକ କିରଣ ଯାଦବ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ଡ଼ ସଞ୍ଜୟ ଧଙ୍ଗଡାମାଝୀ, ଉତ୍କଳ ଯାଦବ ମହାସଭାର ସମ୍ପାଦକ ତ୍ରିଲୋଚନ ନାଗ, ରାଜ୍ୟ ଯୁବ ସଭାପତି ଅମର କୁମାର ନାଏକ, ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ ଯାଦବ, ଜିଲ୍ଲା ଯୁବ ଯାଦବ ମହାସଭା ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା ଓ ଉପସଭାପତି ସୁନୀଲ କୁମାର ଧଙ୍ଗଡାମାଝୀ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ମହିଳା ଶାଖା ସଭାନେତ୍ରୀ ରଶ୍ମିରେଖା ରାଉତ, କୋକସରା ବ୍ଲକ ଯାଦବ ସମିତି ସଭାପତି ବିନୋଦ ରାଉତ, ସମ୍ପାଦକ ଅଲେଖ ଗୋପାଳ, ବିଦ୍ୟାଧର ଗହୀର, ସୁଦର୍ଶନ ବେହେରା, ଯୋଗେନ୍ଦ୍ର ହଂସ, ମାନସ ରଞ୍ଜନ ବାଗ, ପାର୍ଥ ଗୋପାଳ, ପ୍ରହଲ୍ଲାଦ ଚଣ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶଯୋଗ୍ୟ ଯେ, ୧୯୬୨ ମସିହା ନଭେମ୍ବର ୧୮ରେ ଲଦାଖର ରେଜାଙ୍ଗଲାରେ ହୋଇଥିବା ଭାରତ-ଚୀନ୍ ଲଢେଇରେ ୧୨୦ ଅହୀର (ଯାଦବ) ବୀର ଯବାନ ଚୀନର ପ୍ରାୟ ୩ହଜାର ସୈନିକଙ୍କୁ ମାରିଥିଲେ। ୧୨୦ରୁ ୧୧୪ ଅହୀର ଯବାନ ଦେଶ ପାଇଁ ସହିଦ ହୋଇଯାଇଥିଲେ ଏବଂ ୬ ଜଣ ଗୁରୁତର ଆହତ ହୋଇଥିଲେ। ସେହି ପବିତ୍ର ସହୀଦ ମାଟି କଳସ ବିହାରର ଛପ୍ରାରୁ ବାହାରି ଥିବାବେଳେ ସମଗ୍ର ଭାରତ ପରିକ୍ରମା କରି ନଭେମ୍ବର ୧୮ରେ ନୂଆଦିଲ୍ଲୀରେ ପହଞ୍ଚିବ। ସେନାରେ ଅହୀର ରେଜିମେଣ୍ଟ ଗଠନ ନେଇ ସେଠାରେ ଅଖିଳ ଭାରତ ବର୍ଷିୟ ଯାଦବ ମହାସଭା ପକ୍ଷରୁ ଦାବି ଉପସ୍ଥାପନ କରାଯିବ।

## ରେଳ ବିକାଶ ନେଇ ଆଲୋଚନା



ଜୁନାଗଡ଼,(ଭାସ୍କର ନ୍ୟୁଜ): ଜୁନାଗଡ଼ ଅଞ୍ଚଳରେ ରେଳ ବିକାଶ ନେଇ ରେଳ ଯାତ୍ରୀସଙ୍ଘର ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେ ଜୁନାଗଡ଼ ରେଳଯାତ୍ରୀ ସଂଘର ସଭାପତି ସୁଧାଂଶୁ ଶେଖର ବରାଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଭବାନୀ ଶଙ୍କର ନିଆଲ ଉପସ୍ଥିତ ହୋଇ ଜୁନାଗଡ଼ ଅଞ୍ଚଳରେ ରେଳ ବିକାଶକୁ ନେଇ ଆଲୋକପାତ କରିଥିଲେ । ଜୁନାଗଡ଼ ସଂଘର ସମ୍ପାଦକ ସନ୍ତୋଷ କୁମାର ସିଂ ଦେଓ ଜୁନାଗଡ଼ ଷ୍ଟେସନର ଉନ୍ନତିକରଣ ଓ ବିଭିନ୍ନ ଟ୍ରେନ ଚଳାଚଳ ପାଇଁ ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ସୂଚନା ପ୍ରଦାନ କରିଥିଲେ। ଏଥିରେ ଜୁନାଗଡ଼ ଅଞ୍ଚଳର ରେଳ ବିକାଶ ନେଇ ଜୁନାଗଡ଼ ଷ୍ଟେସନକୁ ଅମୃତ ଭାରତ ଯୋଜନାରେ ସାମିଲ, ଇସ୍ପାତ ଏକ୍ସପ୍ରେସକୁ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ, ବିଜୟବାଡା -ରାୟଗଡା ଟ୍ରେନକୁ ଜୁନାଗଡ଼ ପର୍ଯ୍ୟନ୍ତ ପ୍ରସାରଣ, ଜୁନାଗଡ଼ରୁ ରାୟପୁର ଏବଂ ସମ୍ବଲପୁରକୁ ଏକ୍ସପ୍ରେସ ଟ୍ରେନ, ୨ନମ୍ବର ପ୍ଲାଟଫର୍ମ ଏବଂ ଏହାର ସେଡ ବ୍ୟବସ୍ଥା, ହୀରାଖଣ୍ଡରେ ପେଣ୍ଟ୍ରିକାର ବ୍ୟବସ୍ଥା ପ୍ରଭୃତି ଦାବିଗୁଡିକ ଉପସ୍ଥିତ କର୍ମକର୍ତ୍ତାମାନେ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଚେୟାରମ୍ୟାନ ରଶ୍ମି ରଞ୍ଜନ ନାୟକ, ଜିଲ୍ଲା ଉପସଭାପତି ରାକେଶ କୁମାର ସାହୁ, ପ୍ରଭାତ ଦାସ, ଅମିତ ଅଗ୍ରୱାଲ, କୁଲେ ପାଣିଗ୍ରାହୀ, ନୀଳକଣ୍ଠ ରାଉତ, ଚମ୍ପକ ଅଗ୍ରୱାଲ, ରବିଶଙ୍କର ସୁନାନୀ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ବରିଷ୍ଠ ସଦସ୍ୟ ନରେନ୍ଦ୍ର କ୍ଷିତି ଧନ୍ୟବାଦ ଦେଇଥିଲେ ।


## କନ୍ଧାଗଡ଼-ଝୁଲେନବର ଆରଡ଼ି ରାସ୍ତା ଶୋଚନୀୟ




କୋକସରା,(ଭାସ୍କର ନ୍ୟୁଜ୍): ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା କୋକସରା ବ୍ଲକ୍ ପାତ୍ରବସାରୁ ଝୁଲେନବରକୁ ସଂଯୋଗ କରୁଥିବା ରାସ୍ତା ମରାମତି ଅଭାବ କାରଣରୁ ଶୋଚନୀୟ ହୋଇପଡ଼ିଛି। ଯାହା ଫଳରେ ଲୋକେ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପାତ୍ରବସାଠାରୁ ତିର୍ଥିଆପଡା, କନ୍ଧାଗଡ଼, ନୂଆଗାଁ ଦେଇ ଝୁଲେନବର ପର୍ଯ୍ୟନ୍ତ ଏହି ରାସ୍ତା ସଂଯୋଗ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଦିର୍ଘ ବର୍ଷ ତଳେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ରାସ୍ତା ନିର୍ମାଣ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଥରୁଟିଏ ମଧ୍ୟ ଏହାର ମରାମତି ହୋଇପାରି ନାହିଁ। ଯାହା ଦ୍ୱାରା ରାସ୍ତାର ସ୍ଥାନେ ସ୍ଥାନେ ପିଚୁ ଉଠି ଶୋଚନୀୟ ହୋଇ ପଡ଼ିଛି। ଏମିତି କି ଏହି ରାସ୍ତାର କନ୍ଧାଗଡ଼-ନୂଆଗାଁ ମଝିରେ ଥିବା ବ୍ରିଜର ଉଭୟ ପାର୍ଶ୍ୱରେ ରାସ୍ତା ଖାଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଯାତାୟାତ ବେଳେ ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଉକ୍ତ ରାସ୍ତାଟି ଆମପାଣି ଓ ବରାଡଙ୍ଗା ପଞ୍ଚାୟତକୁ ଯୋଡି ଥିବାବେଳେ ବଣ ପାହାଡ଼ ଘେରା ଝୁଲେନବର, ନୂଆଗାଁ, ଗାଇବନ୍ଧା ଆଦି ଗ୍ରାମର ଲୋକେ ପଞ୍ଚାୟତ କାର୍ଯ୍ୟଳୟ କିମ୍ବା ଅନ୍ୟ କୌଣସି କାମରେ ଯିବାକୁ ହେଲେ ରାସ୍ତା ଖରାପ ଯୋଗୁଁ ଅନେକ ହଟହଟା ହେଉଛନ୍ତି। ଏନେଇ ବିଭିନ୍ନ ସମୟରେ ରାସ୍ତା ମରାମତି ଦିଗରେ ନେତା ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ତେଣୁ ଉକ୍ତ ରାସ୍ତା ମରାମତି ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏନେଇ କୋକସରା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କ ମତାମତ ନେବାରୁ ମରାମତି ପାଇଁ ପ୍ରସ୍ତାବ ଦିଆଯାଇଛି। ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତା ଥିଲେ ମରାମତି ଉପରେ କୌଣସି ସମସ୍ୟା ହେଇନଥାନ୍ତା, ଯଦି ଏସସିଏକେବିକେ ପାଣ୍ଠିରୁ ଜିଲ୍ଲାପାଳ ଅନୁଦାନ ଯୋଗାଇ ଦେବେ ତା'ହେଲେ ଏହି ରାସ୍ତା ମରାମତି ହୋଇପାରିବ ବୋଲି କହିଛନ୍ତି।

## ରାଶିଫଳ


ବୁଧବାର, ୦୪ ଜୁନ୍ ୨୦୨୫



**ମେଷ:** ଆଜି ଶୁଭ ଦିନ ହେବ । ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା । ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ । ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି ।




**ବୃଷ:** ଆଜି ଦିନଟି ଭଲ। ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ । ଏକ ଦୀର୍ଘ ରୋଗରୁ ମୁକ୍ତି ପାଇବାର ସମ୍ଭାବନା ରହିଛି ।



**ମିଥୁନ:** ଆଜି ମିଶ୍ରିତ ଦିନ ହେବ । ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ।




**କର୍କଟ:** ଆଜି ଏକ ସାଧାରଣ ଦିନ ହେବ । ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ ।




**ସିଂହ:** ଆଜି ମିଶ୍ରିତ ଦିନ ହେବ । ବ୍ୟବସାୟରେ ଲାଭ ହେବ । ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନୈରାଶ୍ୟଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନନେବାକୁପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ।




**କନ୍ୟା:** ଆଜି ଶୁଭ ଫଳପ୍ରଦ ଦିନ ହେବ । ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ । ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ ।



**ତୁଳା:** ଆଜି ମିଶ୍ରିତ ଦିନ ହେବ । ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ନଚେତ୍ ଆପଣ ବିବାଦ ଭିତରକୁ ଆସିପାରନ୍ତି।



**ବିଛା:** ଆଜି ଏକ ସାଧାରଣ ଦିନ ହେବ । କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ । ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ ।




**ଧନୁ :** ଆଜି ଏକ ସାଧାରଣ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । କର୍ଣ୍ଣିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ। ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ । ଅତ୍ୟଧିକ ଭାରାକ୍ରାନ୍ତ ହେବା ଆପଣଙ୍କୁ ବ୍ୟସ୍ତ ରଖିବ ।



**ମକର:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।



**କୁମ୍ଭ:** ଆଜି ମିଶ୍ରିତ ଦିନ ହେବ । ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ପରିବାର ସହିତ ସମୟ ଭଲ ବ୍ୟବହାର ହେବ । ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ। ପତି-ପତ୍ନୀ ଏବଂ ପିତାମାତାଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଯତ୍ନ ନେବାକୁ ପଡିବ ।



**ମୀନ:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି । ସ୍ୱାସ୍ଥ୍ୟ ଭଲ ହେବ ।



ଶ୍ରୀମଞ୍ଜ ମିଶ୍ର


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯